# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଜାନୁୟାରୀ ୯/୨୦୨୧ (୧୬ ପୃଷ୍ଠା) | Bhubaneswar, Saturday, January 9/2021 | ★★★★★★

୪୭ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-




**ସ୍ମିଥ୍‌ଙ୍କ ୨୭ତମ ଟେଷ୍ଟ ଶତକ**

ଅଷ୍ଟ୍ରେଲିଆର ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଭାରତ ବିପକ୍ଷରେ ୮ମ ଏବଂ ମୋଟ ଉପରେ ୨୭ ଟେଷ୍ଟ ଶତକ ହାସଲ କରିଛନ୍ତି।

୧୩

୧୪

**ବଲିଉଡ୍ ଡେବ୍ୟୁ ପାଇଁ ସଜ ହେଲେଣି ଶାନୟା**

ସଞ୍ଜୟ କପୁରଙ୍କ ଝିଅ ଶାନୟା ବଲିଉଡ୍‌ରେ ଡେବ୍ୟୁ କରିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଏହା ତାଙ୍କ ଫଟୋ ଶୁଟ୍‌ରୁ ଜଣାପଡୁଛି।



## ୯ ମାସ ପରେ ଘଣ୍ଟା ବାଜିଲା



ଗଞ୍ଜାମ ଜିଲା ବ୍ରହ୍ମପୁର ଗିରିରୋଡ୍ ବାଳିକା ହାଇସ୍କୁଲରେ ଶୁକ୍ରବାର ଦଶମ ଶ୍ରେଣୀର ପାଠପଢ଼ା ପାଇଁ ବଜାଯାଉଛି ଘଣ୍ଟା ।



ଭୁବନେଶ୍ୱର ୟୁନିଟ୍-୨ କ୍ୟାପିଟାଲ ବାଳିକା ହାଇସ୍କୁଲରେ ପ୍ରବେଶ ବେଳେ ଜଣେ ଛାତ୍ରୀଙ୍କୁ ଫୁଲ ଦେଇ ସ୍ୱାଗତ କରୁଛନ୍ତି ପ୍ରଧାନ ଶିକ୍ଷୟିତ୍ରୀ। ( **ରିପୋର୍ଟ: ପୃଷ୍ଠା-୪ ଓ ୧୨**)

# ୪ ମାସର ପୁଅକୁ ବିକି ଆତ୍ମହତ୍ୟା

**ଦାରିଦ୍ର୍ୟର ଦାରୁଣତା**

ମାଲକାନଗିରି,୮।୧ (ସ୍ୱ.ପ୍ର./ଡି.ଏନ୍.ଏ.)

ମୂଲମଜୁରି ମିଳୁ ନ ଥିଲା। ତେଣୁ ୫ ସନ୍ତାନ ସହ ପରିବାରର ୭ଜଣଙ୍କ ପେଟ ପାଇଁ ଦାନା ଯୋଗାଡ଼ କଷ୍ଟକର ହେଉଥିଲା। ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନ ଥିବାବେଳେ ପିଲାଙ୍କ ପ୍ରତିପୋଷଣ ଚିନ୍ତା ଅଥୟ କରିଦେଉଥିଲା। ଶେଷରେ ଅର୍ଥାଭାବର ଶିକାର ବାପା ନିଜ ୪ ମାସର ପୁଅକୁ ଟଙ୍କା କେଇଟାରେ ଅନ୍ୟ ହାତକୁ ଟେକିଦେବାର କଠୋର ନିଷ୍ପତ୍ତି ନେଇଥିଲେ। ହେଲେ ନା ଦାରିଦ୍ର୍ୟ ଦୂର ହେଲା ନା ପୁଅକୁ ବିକିବାର ଦୁଃଖ ସମ୍ଭାଳି ହେଲା। ଏଭଳି ସ୍ଥିତିରେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଦେଲେ ବାପା।

ଦାରିଦ୍ର୍ୟର ଦାରୁଣତାରୁ ଗୁରୁବାର ଏପରି ଘଟଣା ଘଟିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ମାଥିଲି ଥାନା ଅନ୍ତର୍ଗତ ଗୋବିନ୍ଦପାଲି ପଞ୍ଚାୟତର ସପ୍ତଧାରା ଗ୍ରାମରେ। ଏହି ଗ୍ରାମର ସୋମନାଥ ଖିଲ ମୂଲମଜୁରି କରନ୍ତି। ସ୍ତ୍ରୀ କୁନି ଏବଂ ୫ ସନ୍ତାନଙ୍କୁ ନେଇ ତାଙ୍କ ସଂସାର। କିନ୍ତୁ ପୂର୍ବପରି କାମ ମିଳୁ ନ ଥିବାରୁ ପରିବାର ଚଳାଇବା ସୋମନାଥଙ୍କ ପକ୍ଷେ ଆଉ ସମ୍ଭବ ହେଉ ନ ଥିଲା। ଅନେକ ସମୟରେ ପିଲାମାନେ ଭୋକ ଉପାସରେ ରହିବା ତାଙ୍କୁ ବେଶ୍ ବାଧୁଥିଲା। ଶେଷରେ ପରିବାର ଲାଗି କିଛି ଅର୍ଥ ଯୋଗାଡ଼ ଉଦ୍ଦେଶ୍ୟରେ ସେ ୪ ମାସର ଶିଶୁପୁତ୍ର ରାଜାକୁ ବିକ୍ରି କରିଦେଲେ। ମାତ୍ର ଏପରି କର୍ମ ତାଙ୍କୁ ଶାନ୍ତିରେ ରଖାଇଦେଲା ନାହିଁ। ନିଜ ପିତୃତ୍ୱ ଆହ୍ୱାନର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ବାବୁଙ୍କ ବିବାଦ

# କ୍ଷମା ତାଲିକାରେ ରହିପାରନ୍ତି ଟ୍ରମ୍ପ୍

## ଦଙ୍ଗାକାରୀଙ୍କୁ ନିନ୍ଦା, ବାଇଡେନ୍‌ଙ୍କ ଶପଥ ଉତ୍ସବରେ ଯୋଗଦେବେନି

ୱାଶିଂଟନ, ୮।୧(ପି.ଟି.)

ଆମେରିକାର ଗଣତନ୍ତ୍ର ଇତିହାସରେ ବୁଧବାର ରାତିରେ ଏକ କଳଙ୍କିତ ଅଧ୍ୟାୟ ସୃଷ୍ଟି ହୋଇଥିଲା। ନିର୍ବାଚନ ହାରିବା ସତ୍ତ୍ୱେ କ୍ଷମତା ମୋହ ଛାଡ଼ିପାରି ନ ଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୬ ତାରିଖ ରାତିରେ କ୍ୟାପିଟୋଲ ବିଲ୍ଡିଂ (ଆମେରିକୀୟ ସଂସଦ ଭବନ)ରେ କଂଗ୍ରେସର ମିଳିତ ଅଧିବେଶନକୁ ଭଣ୍ଡୁର କରିବାକୁ ଷଡ଼ଯନ୍ତ୍ର କରିଥିଲେ। ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଆନୁଷ୍ଠାନିକ ସ୍ୱୀକୃତି ଦେବା ଲାଗି ସେଠାରେ କଂଗ୍ରେସର ମିଳିତ ବୈଠକ ଚାଲିଥିବାବେଳେ ଟ୍ରମ୍ପଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣରେ ପ୍ରଭାବିତ ହୋଇ ସମର୍ଥକମାନେ କ୍ୟାପିଟୋଲ ବିଲ୍ଡିଂରେ ଧସେଇ ପଶିବା ସହ ଦଙ୍ଗା ସୃଷ୍ଟି କରିଥିଲେ, ଯେଉଁଥିରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ଦୀର୍ଘସମୟ ଧରି ଉକ୍ତ ବିଲ୍ଡିଂ ରଣକ୍ଷେତ୍ରରେ ପରିଣତ ହୋଇଥିଲା। କ୍ୟାପିଟୋଲ ହିଲ୍ ହିଂସା ଘଟଣାକୁ ନେଇ ରାଷ୍ଟ୍ରପତି ଟ୍ରମ୍ପ୍ ସାରା ବିଶ୍ୱରେ ନିନ୍ଦିତ ହେବା ପରେ ନିଜ ଭାବମୂର୍ତ୍ତି ସୁଧାରିବା ପାଇଁ ଉଦ୍ୟମ କରିଛନ୍ତି। ହିଂସା ସୃଷ୍ଟି କରିଥିବା



ଡୋନାଲ୍ଡ ଟ୍ରମ୍ପ୍

ନିଜ ସମର୍ଥକମାନଙ୍କୁ ଟ୍ରମ୍ପ୍ ନିନ୍ଦା କରିଛନ୍ତି। ହିଂସାକାରୀମାନେ ଆମେରିକାର ପ୍ରତିନିଧିତ୍ୱ କରୁନାହାନ୍ତି। ନବନିର୍ବାଚିତ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଓ ସୁରୁଖୁରୁରେ କ୍ଷମତା ହସ୍ତାନ୍ତର କରିବାକୁ ଟ୍ରମ୍ପ୍ ପ୍ରତିଶ୍ରୁତି ଦେଇଛନ୍ତି। ହେଲେ ଶପଥ ଗ୍ରହଣ ଉତ୍ସବରେ ସେ ଯୋଗଦେବେନି ବୋଲି ଜଣାପଡ଼ିଛି।

ଟ୍ରମ୍ପ୍ ତାଙ୍କ ଶାସନର ଶେଷ ଦିନରେ କେତେଜଣଙ୍କୁ କ୍ଷମା ଦେବା ଲାଗି ପ୍ରସ୍ତୁତ ହେଉଛନ୍ତି। ଏହି ତାଲିକାରେ ହ୍ୱାଇଟ୍ ହାଉସ୍‌ର ବରିଷ୍ଠ ଅଧିକାରୀ, ପରିବାର ସଦସ୍ୟ, ବିଶିଷ୍ଟ ରାପର ରହିଛନ୍ତି। ଏପରିକି ଉକ୍ତ କ୍ଷମା ତାଲିକାରେ ଟ୍ରମ୍ପ୍ ନିଜକୁ ମଧ୍ୟ ସାମିଲ କରିପାରନ୍ତି ବୋଲି ତାଙ୍କ ଘନିଷ୍ଠ ମହଲରୁ ଜଣାପଡିଛି। ରାଷ୍ଟ୍ରପତି ଟ୍ରମ୍ପ୍ ୧୯ ତାରିଖରେ ଏହି କ୍ଷମା ଘୋଷଣା କରିବା ଆଶା କରାଯାଉଛି। ଟ୍ରମ୍ପଙ୍କ ଏଭଳି ପ୍ରସ୍ତାବ ଉପରେ ବରିଷ୍ଠ ଉପଦେଷ୍ଟା ଓ ହ୍ୱାଇଟ୍ ହାଉସ ଆଇନ ପରାମର୍ଶଦାତା ଅନୁଧ୍ୟାନ କରୁଛନ୍ତି। ତେବେ ଜଣେ ରାଷ୍ଟ୍ରପତିଙ୍କର ନିଜକୁ କ୍ଷମା ଦେବାର କ୍ଷମତା ଅଛି କି ବୋଲି ପ୍ରଶ୍ନ ଉଠୁଛି। ସେ ଆଇନଗତ ବିବାଦ ସୃଷ୍ଟି ମାଧ୍ୟମରେ କ୍ଷମତା ଦଖଲ କରିବାକୁ ଉଦ୍ୟମ ☞ପୃଷ୍ଠା-୪

### ରାଷ୍ଟ୍ରପତିଙ୍କ ବିରୋଧରେ ଆସିପାରେ ମହାଭିଯୋଗ

କ୍ୟାପିଟୋଲ ହିଂସା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଯଦି ତାଙ୍କ କ୍ୟାବିନେଟ ବହିଷ୍କାର ନ କରେ ତେବେ ତାଙ୍କ ବିରୋଧରେ ତୁରନ୍ତ ମହାଭିଯୋଗ ପ୍ରସ୍ତାବ ଆଣିବା ଉପରେ ଶୁକ୍ରବାର ଡେମୋକ୍ରାଟ ସଦସ୍ୟମାନେ ବିଚାର କରୁଛନ୍ତି। ହାଉସ୍ ସ୍ପିକର ନାନ୍ସି ପେଲୋସି ଗୁରୁବାର ରାତିରେ ତାଙ୍କ ନେତୃତ୍ୱ ଟିମ୍ ସହ ମଧ୍ୟ ମହାଭିଯୋଗର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ବିଧାନର ୨୫ତମ ସଂଶୋଧନ ଧାରା ୪ ଅନୁଯାୟୀ ରାଷ୍ଟ୍ରପତିଙ୍କୁ ତାଙ୍କ ନିଜ କ୍ୟାବିନେଟ ବହିଷ୍କାର କରିପାରିବ। ତେଣୁ ଉପରାଷ୍ଟ୍ରପତି ମାଇକ୍ ପେନ୍ସ ଏବଂ ଅନ୍ୟ ଅଧିକାରୀମାନେ ଯଦି ଏ ଦିଗରେ ପଦକ୍ଷେପ ନ ନିଅନ୍ତି ତେବେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ କାର୍ଯ୍ୟାନୁଷ୍ଠାନ ନେବାକୁ ଚାହିଁବ ବୋଲି ଗୁରୁବାର ଘୋଷଣା କରାଯାଇଥିଲା। ଟ୍ରମ୍ପ୍‌ଙ୍କ କାର୍ଯ୍ୟକାଳ ଦୁଇ ସପ୍ତାହରୁ କମ୍ ଥିବାବେଳେ ତାଙ୍କୁ ବହିଷ୍କାର କରିବା ଲାଗି ଆଇନ ପ୍ରଣେତା ଓ ପ୍ରଶାସନର କେତେକ ଅଧିକାରୀ ବିଚାର ବିମର୍ଶ ଚଳାଇଥିବା ଜଣାପଡ଼ିଛି।

# ଡିଜିପି ଅଫିସ ଘେରିଲା ଭାଜପା



ମନ୍ତ୍ରୀ ପ୍ରତାପ ଜେନାଙ୍କ ବହିଷ୍କାର ଓ ସମସ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ଭାଜପା ପକ୍ଷରୁ ଶୁକ୍ରବାର କଟକ ଡିଜିପି ଅଫିସ୍ ଘେରାଉ କରାଯାଇଛି।

**ମାହାଙ୍ଗା ଡବଲ ମର୍ଡର ଘଟଣା**

- ପୋଲିସ-ଭାଜପା କର୍ମୀ ଧସ୍ତାଧସ୍ତି
- ଜଣେ ଡିଆଇଜି ର୍‍ୟାଙ୍କର ଅଫିସରଙ୍କୁ ତଦନ୍ତ ଦାୟିତ୍ୱ
- ୧୦ ଦିନ ଭିତରେ ତଦନ୍ତ କରିବାକୁ ଡିଜିପିଙ୍କ ପ୍ରତିଶ୍ରୁତି

କଟକ ଅଫିସ, ୮।୧

କଟକ ଜିଲା ମାହାଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ଭାଜପା ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ଗତ ୨ ତାରିଖରେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡକୁ ନେଇ ଭାଜପା ପୂର୍ବରୁ ରାଜ୍ୟର ସମସ୍ତ ଏସ୍‌ପି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲାବେଳେ ଶୁକ୍ରବାର କଟକସ୍ଥିତ ଡିଜିପି ଅଫିସ ଘେରାଉ କରିଥିଲା। ଭାଜପାର ୨୦ରୁ ଊର୍ଦ୍ଧ୍ୱ ନେତୃବୃନ୍ଦ କାର୍ଯ୍ୟାଳୟ ଭିତରେ ଡିଜିପିଙ୍କ ସହ ଦୀର୍ଘ ସମୟ ଧରି ଆଲୋଚନା କରୁଥିବାବେଳେ ବାହାରେ ଅପ୍ରିତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ବାହାରେ ଭାଜପା କର୍ମୀ ଓ ପୋଲିସ କର୍ମଚାରୀ ଠେଲାପେଲା ହେବା ସହ ଧସ୍ତାଧସ୍ତି ହୋଇଥିଲେ। ମାହାଙ୍ଗା ଡବଲ ମର୍ଡର ଘଟଣାରେ ଆଇନ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟ ଯେଉଁମାନଙ୍କ ନାଁରେ ଏତଲା ଦିଆଯାଇଛି, ତୁରନ୍ତ ସମସ୍ତଙ୍କୁ ଗିରଫ କରିବା ପାଇଁ ଭାଜପା ନେତାମାନେ ଦାବି କରିଥିଲେ। ଏନେଇ ଡିଜିପି ଅସହାୟ ପ୍ରକାଶ କରିଥିଲେ ବୋଲି ଭାଜପା ☞ପୃଷ୍ଠା-୪

# ଡଲ୍‌ଫିନ୍‌କୁ ପିଟି ମାରିଦେଲେ

- ହତ୍ୟା ବେଳର ଭିଡିଓ ଶୁଟିଂ
- ଭାଇରାଲ ପରେ ୩ ଗିରଫ

ଲକ୍ଷ୍ନୌ, ୮।୧

ପ୍ରକୃତିକୁ ବିପଦ ମୁହଁକୁ ଠେଲିଚାଲିଥିବା ମଣିଷ ପୁଣି ବର୍ବରତାର ସୀମା ଟପିଛି। ଜାତୀୟ ଜଳଜୀବ ମାନ୍ୟତା ପାଇଥିବା ଏକ ଗାଞ୍ଜେଟିକ୍ ରିଭର ଡଲଫିନକୁ ପିଟିପିଟି ହତ୍ୟା କରାଯାଇଛି। ଏଥି ସହ ଏହି ଦୃଶ୍ୟର ଭିଡିଓ କରିଛନ୍ତି ଅଭିଯୁକ୍ତ। ଉତ୍ତରପ୍ରଦେଶ ରାଜ୍ୟ ପ୍ରତାପଗଡ ଜିଲାରେ ଏଭଳି ଅମାନବୀୟ ଘଟଣା ସାମ୍ନାକୁ ଆସିବା ପରେ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ପାଟଣାଗଡ ପୋଲିସ କହିଛି। ପ୍ରାଣୀ ପ୍ରେମୀଙ୍କ ସମେତ ସମସ୍ତ ମହଲରେ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଘଟଣାଟି ଡିସେମ୍ବର ୩୧ରେ ଘଟିଥିବା ଜଣାପଡିଛି।

ଭିଡିଓରେ ଦେଖିବାକୁ ମିଳିଛି, ଏକ ଗାଁ ଦେଇ ଯାଇଥିବା କେନାଲର ଗଭୀର ଜଳରେ ଜାଲ ପକାଇ



ଡଲ୍‌ଫିନ୍‌କୁ ଯୁବକମାନେ ପିଟୁଛନ୍ତି।

କେତେଜଣ ପ୍ରଥମେ ଡଲ୍‌ଫିନକୁ ଧରିଥିଲେ। ପରେ ସେମାନଙ୍କ ମଧ୍ୟରୁ କେତେଜଣ କୁରାଢ଼ି ଓ ଠେଙ୍ଗା ଧରି ଡଲ୍‌ଫିନ୍‌କୁ ଆକ୍ରମଣ କରି ଚାଲିଥିଲେ। ଏପରିକି ଜଣେ ଏକ ଧାରୁଆ ଅସ୍ତ୍ର ଧରି ଏହାର ଶରୀରରେ ଉପରେ ଘଷି ଚାଲିଥିଲେ। କେନାଲରେ ରକ୍ତ ଜୁଡୁବୁଡୁ ହୋଇ ପଡିଥିବାବେଳେ ଏହାର ମୁହଁକୁ ଧରି ଲୋକେ ଘୋଷାଡି ଆଣିଥିଲେ। ନିକଟରେ କେହି ଡଲ୍‌ଫିନକୁ ଅକାରଣରେ କାହିଁକି ମାରୁଛ ବୋଲି ପାଟି କରୁଥିଲେ ହେଁ ଅଭିଯୁକ୍ତମାନେ କଥା ନ ଶୁଣି ଆକ୍ରମଣ କରିବାରେ ଲାଗିଥିଲେ। ☞ପୃଷ୍ଠା-୪



## ପଶ୍ଚିମବଙ୍ଗରେ ପ୍ରାର୍ଥୀ ଦେବ ଏଚ୍‌ଏଏମ୍

ପଶ୍ଚିମବଙ୍ଗରେ ଚଳିତ ବର୍ଷ ହେବାକୁ ଥିବା ନିର୍ବାଚନରେ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଜିତେନ ରାମ ମାଞ୍ଝିଙ୍କ ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା(ଏଚ୍‌ଏଏମ୍) ପ୍ରାର୍ଥୀ ଦେବ। ମମତାଙ୍କ ଗଡ଼ରେ ଏହି ଦଳ ୨୬ଟି ଆସନରେ ଲଢ଼ିବ ବୋଲି ଜଣାଯାଇଛି। ଅପରପକ୍ଷେ ଏଚଏଏମ୍ ଅନ୍ୟ ଦଳ ସହ ମେଣ୍ଟରେ ସାମିଲ ହୋଇପାରେ ବୋଲି ମଧ କଳ୍ପନାଜଳ୍ପନା ପ୍ରକାଶ ପାଇଛି।



## ସଂକ୍ଷେପରେ

### କ୍ୟାପିଟୋଲ ହିଂସା ମୃତ୍ୟୁ ସଂଖ୍ୟା ୫କୁ ବୃଦ୍ଧି

**ୱାଶିଂଟନ, ୮।୧:** କ୍ୟାପିଟୋଲ ହିଂସା ବେଳେ ଗୁରୁତର ଆହତ ହୋଇଥିବା ଜଣେ ପୋଲିସ ଅଫିସରଙ୍କର ମୃତ୍ୟୁ ଘଟିଛି। ଫଳରେ ଦଙ୍ଗା ମୃତ୍ୟୁସଂଖ୍ୟା ୫ରେ ପହଞ୍ଚିଛି। ବିକ୍ଷୋଭକାରୀଙ୍କୁ ଠେଲି ବାହାର କରିବାକୁ ଉଦ୍ୟମ ଚଳାଇଥିବା ପୋଲିସ ଅଫିସର ବ୍ରିଆନ୍ ଡି. ସିକ୍‌ନିକ ଆହତ ହୋଇଥିଲେ। ସେ ଡିଭିଜନ ଅଫିସକୁ ଫେରିବା ପରେ ମୂର୍ଚ୍ଛା ଯାଇଥିଲେ। ବ୍ରିଆନଙ୍କ ମୃତ୍ୟୁର ତଦନ୍ତ ହେବ। ବୁଧବାର ରାତିର ହିଂସାକାଣ୍ଡରେ ଜଣେ ମହିଳାଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଥିଲା।

### ହିଂସାବେଳେ ତ୍ରିରଙ୍ଗା ଧରିଥିବା ବ୍ୟକ୍ତି କେରଳୀ


ଭିନ୍‌ସେଣ୍ଟ ଜାଭିଅର ପାଲାଥିଙ୍ଗଲ

**କୋଚି, ୮।୧:** ଆମେରିକାର କ୍ୟାପିଟୋଲ ହିଲ୍ ବାହାରେ ବୁଧବାର ବିକ୍ଷୋଭ ବେଳେ କେତେଜଣ ତ୍ରିରଙ୍ଗା ଉଡ଼ାଉଥିବା ଦେଖାଯାଇଥିଲା। ସେମାନଙ୍କର ନେତୃତ୍ୱ ନେଇଥିଲେ ଜଣେ କେରଳୀ। ତାଙ୍କ ନାଁ ଭିନ୍‌ସେଣ୍ଟ ଜାଭିଅର ପାଲାଥିଙ୍ଗଲ ଓ ଘର କୋଚିର ଚାମ୍ବକ୍କରାରେ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ପ୍ରତି ଭାରତୀୟ-ଆମେରିକୀୟଙ୍କ ସମର୍ଥନକୁ ପ୍ରଦର୍ଶନ କରିବା ସହ ସେ ଜାତୀୟ ପତାକା ଉଡ଼ାଇଥିଲେ। ତେବେ ସେ କ୍ୟାପିଟୋଲ ବିଲ୍ଡିଂ ଭିତରର ହିଂସା ସହ ସମ୍ପୃକ୍ତ ନ ଥିବା କହିଛନ୍ତି। ପାଲାଥିଙ୍ଗଲ୍ ଭିର୍ଜିନିଆର ରିପବ୍ଲିକାନ ପାର୍ଟି ରାଜ୍ୟ ସେଣ୍ଟ୍ରାଲ କମିଟି ସଦସ୍ୟ ଅଛନ୍ତି।

### ବଦାଉଁ ଗଣବଳାତ୍କାର: ମୁଖ୍ୟ ଅଭିଯୁକ୍ତ ଗିରଫ

**ବଦାଉଁ, ୮।୧:** ଉତ୍ତରପ୍ରଦେଶର ବଦାଉଁ ଗଣବଳାତ୍କାର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ମନ୍ଦିର ମହନ୍ତ ସତ୍ୟାନନ୍ଦଙ୍କୁ ପୋଲିସ ଗୁରୁବାର ବିଳମ୍ବିତ ରାତିରେ ଗିରଫ କରିଛି। ସେ ଜଙ୍ଗଲ ଅଞ୍ଚଳରେ ଜଣେ ଶିଷ୍ୟଙ୍କ ଘରେ ଲୁଚିଥିବାବେଳେ ପୋଲିସ ତାଙ୍କୁ ଧରିଆଣି ରାତିସାରା ଜେରା କରିଥିଲା। ଜଣେ ୫୦ ବର୍ଷୀୟ ଅଙ୍ଗନୱାଡ଼ି କର୍ମୀଙ୍କୁ ମନ୍ଦିର ପରିସରରେ ସେ ଓ ଦୁଇ ସହଯୋଗୀ ଗଣବଳାତ୍କାର କରିବା ପରେ ହତ୍ୟା କରି ଫିଙ୍ଗିଦେଇଥିଲେ। ପୂର୍ବରୁ ଦୁଇ ସହଯୋଗୀ ଗିରଫ ହୋଇଥିବାବେଳେ ମହନ୍ତ ୫ ଦିନ ହେଲା ଫେରାର ଥିଲେ। ଗଣବଳାତ୍କାର ହତ୍ୟା ଘଟଣାର ୩ ଦିନ ପରେ ଉକ୍ତ ଜିଲାରେ ଆଉ ଏକ ବଳାତ୍କାର ଘଟଣା ଘଟିଯାଇଛି। ଜଣେ ୧୫ ବର୍ଷୀୟାଙ୍କୁ ତାଙ୍କ ପଡ଼ୋଶୀ ବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ବୀର ପାଲ୍‌ଙ୍କୁ ଗିରଫ କରାଯାଇଛି।

### ବାଧତାମୂଳକ କ୍ୱାରାଣ୍ଟାଇନରେ ରହିବେ ବ୍ରିଟେନ ଫେରନ୍ତା

**ନୂଆଦିଲ୍ଲୀ, ୮।୧:** ବ୍ରିଟେନ ଫେରନ୍ତାଙ୍କ ପାଇଁ ନିୟମ କଡ଼ାକଡ଼ି କରିଛନ୍ତି ଦିଲ୍ଲୀ ସରକାର। ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ଏୟାରପୋର୍ଟରେ ପହଞ୍ଚୁଥିବା ଯାତ୍ରୀଙ୍କ କରୋନା ଟେଷ୍ଟ ରିପୋର୍ଟ ନେଗେଟିଭ୍ ଆସିଲେ ବି ସେମାନେ ୭ ଦିନ କ୍ୱାରାଣ୍ଟାଇନ ରହିବା ବାଧତାମୂଳକ ବୋଲି ସରକାର ନିର୍ଦ୍ଦେଶାନାମା ଜାରି କରିଛନ୍ତି। ଜାନୁୟାରୀ ୧୪ ପର୍ଯ୍ୟନ୍ତ ଏହି ନିୟମ ଲାଗୁ ହେବାକୁ ଥିବାବେଳେ ଆବଶ୍ୟକ ପଡ଼ିଲେ ପରେ ଏହାର ଅବଧି ବଢ଼ାଯିବ ବୋଲି ମୁଖ୍ୟ ସଚିବ ବିଜୟ ଦେବ କହିଛନ୍ତି।

# ୧୧ରେ ମୁଖ୍ୟମନ୍ତ୍ରୀମାନଙ୍କୁ ଭେଟିବେ ମୋଦି

**ନୂଆଦିଲ୍ଲୀ, ୮।୧:** ଚଳିତ ମାସ ଶେଷ ଭାଗରେ ଦେଶରେ କୋଭିଡ୍ ଟିକାକରଣ ଆରମ୍ଭ ହେବାକୁ ଥିବାବେଳେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତା ୧୧ ତାରିଖ ସୋମବାର ସବୁ ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କ ସହ ଭର୍ଚୁଆଲ ବୈଠକ କରିବେ। ଭାରତର ଔଷଧ ନିୟନ୍ତ୍ରକ



ସିରମ୍ ଇନ୍‌ଷ୍ଟିଚ୍ୟୁଟର କୋଭିଶିଲ୍ଡ ଏବଂ ଭାରତ ବାୟୋଟେକ୍‌ର କୋଭାକ୍ସିନ୍‌କୁ ଜରୁରୀ ବ୍ୟବହାର ପାଇଁ ମଞ୍ଜୁରୀ ଦେଇସାରିଥିବାରୁ ଖୁବ୍‌ଶୀଘ୍ର ଟିକାକରଣ ଆରମ୍ଭ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଟିକାକରଣର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା ହେବ ବୋଲି ଜଣାପଡିଛି।

# ଟିକା ପରିବହନ ଲାଗି ଗାଇଡ୍‌ଲାଇନ

**ନୂଆଦିଲ୍ଲୀ, ୮।୧(ପି.ଟି.):** କୋଭିଡ୍ ଟିକା ପରିବହନ ଯୋଜନାରେ ଥିବା ସମସ୍ତ ବିମାନ ଅପରେଟରଙ୍କ ପାଇଁ ବିମାନ ଚଳାଚଳ ମହାନିର୍ଦ୍ଦେଶକ (ଡିଜିସିଏ) ଶୁକ୍ରବାର ଗାଇଡ୍‌ଲାଇନ ଜାରି କରିଛନ୍ତି। ଏହି ଟିକାକୁ ଡ୍ରାଏ ଆଇସ୍‌ରେ ପ୍ୟାକ୍ କରି ଦେଶର ବିଭିନ୍ନ ସ୍ଥାନକୁ ନେବାକୁ ହେବ। ବିମାନର ଯାତ୍ରୀ କ୍ୟାବିନରେ ନେଲାବେଳେ ସମ୍ଭାବ୍ୟ ପରିବହନ ଜନିତ ବିପଦର ମୁକାବିଲା ଲାଗି




କର୍ମଚାରୀମାନେ ତାଲିମ ନେବା ଆବଶ୍ୟକ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ସ୍ୱାଭାବିକ୍ ବାୟୁମଣ୍ଡଳୀୟ ଚାପରେ ଡ୍ରାଏ ଆଇସ୍ କାର୍ବନ ଡାଇଅକ୍ସାଇଡ୍‌କୁ ବିଯୁକ୍ତ ୭୮ ଡିଗ୍ରୀ ସେଲ୍‌ସିୟସ ତାପମାତ୍ରାରେ ପହଞ୍ଚାଇପାରିବ। ସେଥିପାଇଁ ଏହାକୁ 'ବିପଜ୍ଜନକ ସାମଗ୍ରୀ' ତାଲିକାରେ ସାମିଲ କରାଯାଇଛି। ସମ୍ଭାବ୍ୟ ବିପଦର ମୁକାବିଲା ପାଇଁ କ୍ୟାବିନରେ ଯଥେଷ୍ଟ ସଂଖ୍ୟାରେ କାର୍ବନ ଡାଇଅକ୍ସାଇଡ୍ ଡିଟେକ୍ଟର ରଖିବାକୁ ଡିଜିସିଏ କହିଛି।

# ଆଇନ ପ୍ରତ୍ୟାହାରକୁ କେନ୍ଦ୍ରର ନା

ନୂଆଦିଲ୍ଲୀ, ୮।୧

- ଅଷ୍ଟମ ପର୍ଯ୍ୟାୟ ଆଲୋଚନା ବିଫଳ
- ୧୫ରେ ପୁଣି କୃଷକ-କେନ୍ଦ୍ର ବୈଠକ

କେନ୍ଦ୍ରର କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନ ଦେଢ଼ ମାସ ହେଲା ଜାରି ରହିଥିବାବେଳେ ଶୁକ୍ରବାର ସରକାର ଓ କୃଷକ ସଂଗଠନ ମଧ୍ୟରେ ଅଷ୍ଟମ ପର୍ଯ୍ୟାୟ ଆଲୋଚନା ବିନା ନିଷ୍କର୍ଷରେ ଶେଷ ହୋଇଛି। କୃଷି ଆଇନ ପ୍ରତ୍ୟାହାର ହେବନି ବୋଲି ସରକାର ସ୍ପଷ୍ଟ କରିଦେଇଛନ୍ତି। ଆଇନ ପ୍ରତ୍ୟାହାର ଦାବିରେ ଚାଷୀ ନେତାମାନେ ଅଟଳ ରହିବାରୁ ଆନ୍ଦୋଳନ ଜନିତ ଅଚଳାବସ୍ଥା ଦୂର କରିବା ଲାଗି କୌଣସି ସମାଧାନ ସୂତ୍ର ବାହାରି ପାରିଲାନି ବୋଲି ବୈଠକ ଶେଷରେ କେନ୍ଦ୍ର କୃଷିମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର କହିଛନ୍ତି।

ସରକାର ୩ ବିବାଦୀୟ ଆଇନ ପ୍ରତ୍ୟାହାର କଲା ପରେ ସେମାନେ ଆନ୍ଦୋଳନ ସ୍ଥଳରୁ ଘରକୁ ଫେରିବେ ବୋଲି ଚାଷୀ ନେତାମାନେ ରୋକଠୋକ୍ ଶୁଣାଇଥିଲେ। ତେବେ ସରକାର ଆଇନ ପ୍ରତ୍ୟାହାର କରିବାକୁ ମନା କରିବା ସହ ଏହାର କେତେକ ଧାରାରେ ସଂଶୋଧନ କରିବାକୁ ଚାହାନ୍ତି ବୋଲି କହିଥିଲେ। ଦେଶର


ନୂଆଦିଲ୍ଲୀର ବିଜ୍ଞାନଭବନରେ ଶୁକ୍ରବାର ସରକାରଙ୍କ ସହ ଆଲୋଚନାରେ ଭାଗ ନେଇଥିବା କୃଷକ ସଂଗଠନ ନେତା।

ଅଧିକାଂଶ ସଂଗଠନ କୃଷି ସଂସ୍କାରକୁ ସମର୍ଥନ କରୁଥିବାରୁ ଆଇନ ପ୍ରତ୍ୟାହାର ହେବନି ବୋଲି ତୋମାର କହିଛନ୍ତି।

ନୂଆଦିଲ୍ଲୀର ବିଜ୍ଞାନ ଭବନରେ ଅନୁଷ୍ଠିତ ଏହି ବୈଠକରେ କୃଷିମନ୍ତ୍ରୀ ତୋମାରଙ୍କ ସମେତ ରେଲୱେ ଓ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ ଏବଂ ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ତଥା ପଞ୍ଜାବ ଏମ୍‌ପି ସୋମ ପ୍ରକାଶ ଏବଂ ଚାଷୀ ସଂଗଠନରୁ ୪୧ ଜଣ ପ୍ରତିନିଧି ଯୋଗଦେଇଥିଲେ। ଦୁଇଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଆଲୋଚନା ସତ୍ତ୍ୱେ କୌଣସି ନିଷ୍ପତ୍ତି ହୋଇପାରି ନ ଥିଲା। ୧୫ ତାରିଖରେ ପରବର୍ତ୍ତୀ ପର୍ଯ୍ୟାୟ ବୈଠକ କରିବାକୁ ସ୍ଥିର ହୋଇଛି। ସେଦିନ କୃଷକ ନେତାମାନେ ବିକଳ୍ପ ପ୍ରସଙ୍ଗରେ ଆଲୋଚନା କରିବା ନେଇ ସରକାର ଆଶାବାଦୀ ଅଛନ୍ତି।

ଆନ୍ଦୋଳନକୁ ନେଇ ସୁପ୍ରିମକୋର୍ଟରେ ପିଟିଶନର ବିଚାର ଚାଲିଥିବାବେଳେ ଚାଷୀମାନଙ୍କୁ ଅଦାଲତ ଯିବା ଲାଗି ସରକାର ପ୍ରସ୍ତାବ ଦେଲେ କି ବୋଲି ପ୍ରଶ୍ନ ହେବାରୁ ତୋମାର ମନା କରିଥିଲେ। ତେବେ ସୁପ୍ରିମକୋର୍ଟ ଯେଉଁ ନିଷ୍ପତ୍ତି ନେବେ ସରକାର ତାହାକୁ ମାନିନେବେ ବୋଲି ସେ କହିଥିଲେ। ସୁପ୍ରିମକୋର୍ଟରେ ୧୧ ତାରିଖରେ କୃଷି ଆଇନ ଉପରେ ଶୁଣାଣି ଥିବାରୁ ୧୫ ତାରିଖରେ ପରବର୍ତ୍ତୀ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିଲା।

କେନ୍ଦ୍ର ଓ କୃଷକ ସଂଗଠନ ମଧ୍ୟରେ ୮ ଥର ଆଲୋଚନା ବିଫଳ ହେଲାଣି। ସରକାର ସମାଧାନ ଚାହୁଁ ନ ଥିବା କୃଷକ ନେତାମାନେ କହିଛନ୍ତି। ବୈଠକର ଘଣ୍ଟାଏ ପରେ ୩ ମନ୍ତ୍ରୀ ବାହାରକୁ ଯାଇ ପରସ୍ପର ମଧ୍ୟରେ ଆଲୋଚନା କରିଥିଲେ। କୃଷକ ସଂଗଠନ ନେତାମାନେ 'ଜିତେଙ୍ଗେ ୟା ମରେଙ୍ଗେ' ଲେଖାଥିବା କାଗଜ ଧରି ନୀରବରେ ବସି ରହିଥିଲେ। ସେମାନେ ମଧ୍ୟାହ୍ନ ଭୋଜନ କରିବାକୁ ଯାଇ ନ ଥିଲେ। ବୈଠକ ପୂର୍ବରୁ ତୋମାର ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କୁ ଭେଟିଥିଲେ। ଏହା ପୂର୍ବରୁ ଜାନୁୟାରୀ ୪ରେ ଅନୁଷ୍ଠିତ ସପ୍ତମ ପର୍ଯ୍ୟାୟ ଆଲୋଚନା ମଧ୍ୟ ଅନୁରୂପ ଭାବେ ବିନା ନିଷ୍କର୍ଷରେ ଶେଷ ହୋଇଥିଲା।

## ମଇଁଷି ଚୋରି ସନ୍ଦେହରେ ପିଟି ହତ୍ୟା

ପାଟନା, ୮।୧

ଦେଶରେ ଭିଡ଼ହିଂସା ବଢ଼ିବାରେ ଲାଗିଛି। ଛୋଟଛୋଟ କଥାକୁ ନେଇ ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କୁ ପିଟି ମାରି ଦେଉଛନ୍ତି। ବିହାରର ପୂର୍ଣ୍ଣିଆ ଜିଲାରେ ମଇଁଷି ଚୋରି ସନ୍ଦେହରେ ୩ ଜଣଙ୍କୁ ଗାଁ ଲୋକେ ନିସ୍ତୁକ ମାଡ଼ ମାରିଥିଲେ। ସେମାନଙ୍କ ମାଡ଼ରେ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ଜଣକର ଆଖି ନଷ୍ଟ ହୋଇଯାଇଛି। ମୃତକ ଶ୍ୟାମଦେବ ଯାଦବଙ୍କ ଘର ଅରାରିଆ ବୋଲି ପୋଲିସ କହିଛି। ୩ ଜଣ ମଦ୍ୟପ ୨ଟି ମଇଁଷି ଚୋରି କରିବାକୁ ଉଦ୍ୟମ ଚଳାଇଥିବାବେଳେ ଧରାପଡ଼ିଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଉତ୍ତ୍ୟକ୍ତ ଲୋକେ ନିର୍ଦ୍ଦୟ ଭାବରେ ପିଟିବାରୁ ଘଟଣାସ୍ଥଳରେ ଜଣକର ମୃତ୍ୟୁ ଘଟିଥିଲା। ପୋଲିସ କୌଣସି ପ୍ରକାରେ ଦୁଇ ଆହତଙ୍କୁ ସେଠାରୁ ହସ୍ପିଟାଲ ନେଇଯାଇଥିଲା ବୋଲି କହିଛି। ମନୋଜ ଯାଦବ ସବୁଦିନ ପାଇଁ ଦୃଷ୍ଟିଶକ୍ତି ହରାଇପାରନ୍ତି ବୋଲି ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଲିଞ୍ଚିଂ ଘଟଣାର ଅପରାଧୀଙ୍କୁ ଚିହ୍ନଟ କରାଯାଇଛି ଓ ସେମାନଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଷ୍ଟେଶନ ହାଉସ୍ ଅଫିସର ସନ୍ତୋଷ କୁମାର ଝା କହିଛନ୍ତି।

# ଲଖ୍‌ଭିଙ୍କୁ ୧୫ ବର୍ଷ ଜେଲ

**ଲାହୋର, ୮।୧:** ଆତଙ୍କବାଦୀଙ୍କୁ ସହଯୋଗ ଓ ପାଣ୍ଠି ଯୋଗାଣ ଅପରାଧରେ ୨୬/୧୧ ମୁମ୍ବାଇ ଆକ୍ରମଣର ମାଷ୍ଟରମାଇଣ୍ଡ ଜାକିଉର ରେହମାନ ଲଖ୍‌ଭିଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି ପାକିସ୍ତାନ କୋର୍ଟ। ଏଥିସହ ୩ ମାମଲାରେ ୧୫ ବର୍ଷ ଜେଲ ଦଣ୍ଡ ସହ ୧ ଲକ୍ଷ ଟଙ୍କା ଲେଖାଏ ଜରିମାନା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜରିମାନା ନ ଭରିଲେ ୩ ମାସ ଲେଖାଏ ଅଧିକ ସମୟ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ କହିଛନ୍ତି। ଲଖ୍‌ଭିଙ୍କୁ ପଞ୍ଜାବର ଆତଙ୍କବାଦୀ ବିରୋଧୀ ବିଭାଗ(ସିଟିଡି) ଗତ ଶନିବାର ଗିରଫ କରିଥିଲା। ଲଖ୍‌ଭି ୨୦୦୮ ରେ ହାଫିଜ ସଇଦଙ୍କ ସହ ମିଶି ୨୬/୧୧ ଆକ୍ରମଣ ଷଡଯନ୍ତ୍ର କରିଥିଲେ। ଏହି ଘଟଣାରେ ଲଖ୍‌ଭିଙ୍କୁ ଗିରଫ କରାଯାଇଥିଲେ ହେଁ ୨୦୧୫ରେ ସେ ଜାମିନ୍‌ରେ ମୁକୁଳି ଯାଇଥିଲେ। ସେହି ବର୍ଷ ଜାତିସଂଘ ସୁରକ୍ଷା ପରିଷଦ ରିଜୋଲ୍ୟୁଶନ ଅନୁଯାୟୀ ଆତଙ୍କବାଦୀ ସଂଗଠନ ଲଶ୍କର-ଏ-ତାଇବାର କମାଣ୍ଡର ଲଖ୍‌ଭିଙ୍କୁ ବିଶ୍ୱ ଆତଙ୍କବାଦୀ ଘୋଷଣା କରାଯାଇଥିଲା। ଭାରତ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପାକିସ୍ତାନର ଏହି କାର୍ଯ୍ୟାନୁଷ୍ଠାନ ହାସ୍ୟାସ୍ପଦ ବୋଲି କୁହାଯାଇଛି। ଆସନ୍ତା ଫେବୃୟାରୀରେ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ବୈଠକ ଥିବାରୁ ପାକିସ୍ତାନ ଏପରି ନାଟକ କରୁଛି।

**୨୬/୧୧ ଆକ୍ରମଣର ମାଷ୍ଟରମାଇଣ୍ଡ**



# ଜାନୁୟାରୀ ଶେଷ ସୁଦ୍ଧା ସମ୍ପତ୍ତି ତାଲିକା ଦିଅ

ନୂଆଦିଲ୍ଲୀ, ୮।୧(ପି.ଟି.)

**ଆଇଏଏସ୍ ଅଫିସରଙ୍କୁ ସରକାରଙ୍କ ନିର୍ଦ୍ଦେଶ**

ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଫିସରମାନେ ଜାନୁୟାରୀ ୩୧ ସୁଦ୍ଧା ସେମାନଙ୍କର ସ୍ଥାବର ସମ୍ପତ୍ତି ତାଲିକା ଦାଖଲ କରିବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। ସମ୍ପତ୍ତି ତାଲିକା ଦାଖଲ ନ କଲେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି।

ଆଇଏଏସ୍ ଅଫିସରମାନେ ସେମାନଙ୍କ ସ୍ଥାବର ସମ୍ପତ୍ତି ତାଲିକାରେ ପୈତୃକ ସମ୍ପତ୍ତି, ନିଜ ମାଲିକାନାରେ ଥିବା, ଲିଜ୍ କିମ୍ବା ବନ୍ଧକରେ ହାସଲ କରିଥିବା, ନିଜ ନାଁରେ, ପରିବାରର କୌଣସି ସଦସ୍ୟଙ୍କ ନାଁରେ ଓ ଅନ୍ୟ କାହା ନାଁରେ ରଖିଥିବା ସମ୍ପତ୍ତିର ବିବରଣୀ ଦେବେ। ତାଲିକା ଦାଖଲରେ ସୁବିଧା ପାଇଁ ମନ୍ତ୍ରଣାଳୟ ପକ୍ଷରୁ ଅନ୍‌ଲାଇନ ଫାଇଲିଂ ଅଫ୍ ଇମୁଭେବଲ୍ ପ୍ରପର୍ଟି ରିଟର୍ନ୍ସ (ଆଇପିଆର୍) ୨୦୧୭ରୁ ଆରମ୍ଭ ହୋଇଛି।

**ପାକିସ୍ତାନକୁ ତଥ୍ୟ ବିକ୍ରି**

# ପୂର୍ବତନ ସେନା ଅଧିକାରୀ ଗିରଫ

ମିରଟ୍, ୮।୧

ପାକିସ୍ତାନ ପାଇଁ ଗୁପ୍ତଚରଗିରି କରୁଥିବା ଭାରତୀୟ ସେନାର ଜଣେ ଅବସରପ୍ରାପ୍ତ ଅଧିକାରୀ ସୌରଭ ଶର୍ମାଙ୍କୁ ଉତ୍ତରପ୍ରଦେଶର ହାପୁଡ ଜିଲାରୁ ଗିରଫ କରାଯାଇଛି। ପାକିସ୍ତାନର ଗୁପ୍ତଚର ଏଜେନ୍ସି ଆଇଏସଆଇକୁ ଦେଶର ଆଭ୍ୟନ୍ତରୀଣ କାର୍ଯ୍ୟକଳାପ ସହ ଜଡିତ ସୂଚନା ସେ ଲିକ୍ କରୁଥିଲେ ବୋଲି ଅଭିଯୋଗ ରହିଛି। ଏହି କାମ ପାଇଁ ଆଇଏସ୍ଆଇ ତାଙ୍କ ସ୍ତ୍ରୀ ପୂଜା ଶର୍ମାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ ବୋଲି ଜଣାପଡିଛି। ଗତ ନଭେମ୍ବରରେ ମିଲିଟାରୀ ଇଣ୍ଟେଲିଜେନ୍ସ ଶର୍ମାଙ୍କ ଏହି କାର୍ଯ୍ୟରେ ସମ୍ପୃକ୍ତି ଥିବା ନେଇ ସୂଚନା ପାଇଥିଲା। ଡିସେମ୍ବର ଆରମ୍ଭରେ ୟୁପି ଆଣ୍ଟି ଟେରରିଜିମ୍ ସ୍କ୍ୱାଡ (ଏଟିଏସ୍)କୁ ତଥ୍ୟ ମିଳିବା ପରେ ପରେ ମିଳିତ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତ ୨୦୧୩ ରେ ସେନାରେ ଯୋଗ ଦେଇଥିଲେ। ପୂର୍ବରୁ ମଧ୍ୟ ଏଟିଏସ୍ ତାଙ୍କ ଉପରେ ସନ୍ଦେହ କରି ପଚରାଉଚରା କରିଥିଲା। ହେଲେ କୌଣସି ପ୍ରମାଣ ନ ମିଳିବାରୁ ତାଙ୍କୁ ଛାଡ଼ି ଦିଆଯାଇଥିଲା। ଶର୍ମା ୨୦୧୪ରେ ଫେସ୍‌ବୁକ୍ ଯୋଗେ ଜଣେ ମହିଳାଙ୍କ ସହ ଯୋଗାଯୋଗରେ ରହିଥିଲେ।



ସୌରଭ ଶର୍ମା

ମହିଳା ଜଣକ ନିଜକୁ ଡିଫେନ୍ସ ଜର୍ନାଲିଷ୍ଟ ବୋଲି କହିଥିଲେ। ୨୦୧୬ରେ ଟଙ୍କା ବଦଳରେ ସେ ସମ୍ପୃକ୍ତା ପାକିସ୍ତାନୀ ଏଜେଣ୍ଟଙ୍କୁ ଭାରତର ଆଭ୍ୟନ୍ତରୀଣ ତଥ୍ୟ ଦେଇଥିଲେ ବୋଲି ତଦନ୍ତକାରୀ ଅଧିକାରୀଙ୍କ ଆଗରେ ମାନିଛନ୍ତି। ଅଭିଯୁକ୍ତଙ୍କ ମୋବାଇଲରୁ ମଧ୍ୟ ଏ ସଂକ୍ରାନ୍ତରେ ଅନେକ ପ୍ରମାଣ ମିଳିଥିବା ଏଟିଏସ୍ ପକ୍ଷରୁ କୁହାଯାଇଛି। ଜୁନ୍ ୨୦୨୦ରେ ଶର୍ମା ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ଦର୍ଶାଇ କାର୍ଯ୍ୟରୁ ଅବ୍ୟାହତି ନେଇଥିଲେ।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୮,୮୮,୬୧,୨୫୭ | ୧୯,୧୩,୩୯୨ | ୬,୩୮,୦୫,୭୬୭ |
| ଭାରତ | ୧,୦୪,୩୦,୩୩୦ | ୧,୫୦,୮୦୦ | ୧,୦୦,୫୩,୨୭୦ |
| ଓଡ଼ିଶା | ୩,୩୧,୩୯୬ | ୧୮୯୦(+୫୩) | ୩,୨୭,୫୩୪ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ପ୍ରମାଣ ନଷ୍ଟର ଡେମୋ ଦେଖାଇଲେ ୭ମ ଅଭିଯୁକ୍ତ

**ନିଶ୍ଚିନ୍ତକୋଇଲି, ୮।୧(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ବ୍ଲକରେ ଡବଲ ମର୍ଡର ଘଟଣାକୁ ନେଇ ବିରୋଧୀ କଂଗ୍ରେସ ଓ ଭାଜପା ତୁମ୍ଭିତୋଫାନ କରିଥିବାବେଳେ ଗ୍ରାମାଞ୍ଚଳ ପୋଲିସ ଅଦ୍ୟାବଧି ୭ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି। ଘଟଣାରେ ସ୍ଥାନୀୟ ବିଧାୟକ ତଥା ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କୁ ମିଶାଇ ଆହୁରି ୬ଜଣ ଅଭିଯୁକ୍ତ ଅଛନ୍ତି। ଗୁରୁବାର ଗିରଫ ହୋଇଥିବା ଝଁକୁଟି ଗ୍ରାମର ଉମେଶ ଖଟୁଆ (୨୫) ନିଜର ରକ୍ତଭିଜା ପୋଷାକକୁ କିପରି ପୋଡ଼ି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିଲେ ସେନେଇ ଶୁକ୍ରବାର ମାହାଙ୍ଗା ଥାନା ପୋଲିସକୁ ଡେମୋ ଦେଖାଇଛନ୍ତି। ପରେ ଉମେଶଙ୍କୁ ପୋଲିସ ସାଲେପୁର ଜେଏମ୍ଏଫ୍ସି କୋର୍ଟରେ ହାଜର କରାଇଥିଲା। ସୂଚନାଥାଉ କି, ମାହାଙ୍ଗା ଥାନା ଅଧୀନ ନୃତାଙ୍ଗସ୍ଥିତ ଝଁକୁଟି ନିକଟରେ ଗତ ୨ ତାରିଖ ରାତିରେ ସାଲେପୁର ଭାଜପା ପ୍ରଭାରୀ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା କରାଯାଇଥିଲା। କୁଳମଣିଙ୍କ ପୁଅ ରମାକାନ୍ତଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ୧୩ ଜଣଙ୍କ ନାମରେ ୫/୨୧ ନମ୍ବରରେ ମାମଲା ରୁଜୁ କରିଛି। ଗ୍ରାମାଞ୍ଚଳ ଏସ୍ପି ପ୍ରଦ୍ୟୁମ୍ନ କୁମାର ଜେନା କୁହନ୍ତି, ପୋଲିସ ଆକ୍ସନ ମୁଡ୍ରେ ରହି ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ୫ ସ୍ୱତନ୍ତ୍ର ଟିମ୍ ମାମଲାର ପର୍ଦ୍ଦାଫାଶ ପାଇଁ ପ୍ରୟାସ ଜାରି ରଖିଛି। ଖୁବ୍ଶୀଘ୍ର ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ।

**ମାହାଙ୍ଗା ଡବଲ ମର୍ଡର ଘଟଣା**

### ମାହାଙ୍ଗାରେ ପିସିସି ସଭାପତି

ଡବଲ ମର୍ଡର ଘଟଣାରେ ଗୁରୁବାର ଭାଜପାର ଓଡ଼ିଶା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ ମାହାଙ୍ଗା ଆସିଥିଲେ। ଶୁକ୍ରବାର ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ମାହାଙ୍ଗା ପରିଦର୍ଶନ କରିଥିଲେ। ଏହାକୁ ନେଇ ରାଜନୈତିକ ପାଣିପାଗ ବେଶ ସରଗରମ ହୋଇଛି। ମାହାଙ୍ଗାରେ ଦୁଇ ଭାଜପା ନେତାଙ୍କୁ ହତ୍ୟା କରାଯାଇଥିଲେ ହେଁ କଂଗ୍ରେସ କୁଳମଣିଙ୍କ ପାଇଁ ଏହି ଘଟଣାକୁ ଗୁରୁତର ସହ ନେଇଛି। କାରଣ କୁଳମଣି ଦୀର୍ଘଦିନ କଂଗ୍ରେସର ଆଗଧାଡ଼ିର ନେତା ଥିବାବେଳେ ଏବେ ଭାଜପାର ନେତୃତ୍ୱ ନେଉଥିଲେ। ପିସିସି ସଭାପତି ପଟ୍ଟନାୟକ କୁଳମଣିଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ମାହାଙ୍ଗାରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ଆଗାମୀ ପିଢ଼ି ପାଇଁ ଶୁଭଙ୍କର ନୁହେଁ ବୋଲି ପ୍ରକାଶ କରିଥିଲେ। ସେ ପୋଲିସର ତଦନ୍ତ ଉପରେ ପ୍ରଶ୍ନ ଉଠାଇବା ସହ ଆଗାମୀ ଦିନରେ କଂଗ୍ରେସର ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତାଙ୍କ ସହ ଜଟଣୀ ବିଧାୟକ ସୁରେଶ ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଧରଣୀଧର ନାୟକଙ୍କ ସମେତ ବହୁ କଂଗ୍ରେସ ନେତା ମାହାଙ୍ଗା ଆସିଥିଲେ।

### ଆଇନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହକୁ ନିନ୍ଦା

ଡବଲ ମର୍ଡର ଘଟଣାରେ ବିରୋଧୀ ଦଳ ଶସ୍ତା ରାଜନୀତି କରୁଥିବା କୁହାଯାଉଛି। ଘଟଣାରେ ମୁଖ୍ୟ ଅଭିଯୁକ୍ତ ପଞ୍ଚାନନ ସେଠୀ ଓ ତାଙ୍କ ୬ ସହଯୋଗୀଙ୍କୁ ପୋଲିସ ଗିରଫ କରିସାରିଥିବାବେଳେ ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ପାଇଁ ଉଦ୍ୟମ ଜାରି ରଖିଛି। ତେବେ ବିରୋଧୀ ଦଳ ତଦନ୍ତକୁ ଦିଗଭ୍ରଷ୍ଟ କରିବା ଏବଂ ଶସ୍ତା ଲୋକପ୍ରିୟତା ପାଇଁ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ଏହି ମାମଲାରେ ଛନ୍ଦିବାକୁ ପ୍ରୟାସ କରୁଛନ୍ତି। ମନ୍ତ୍ରୀଙ୍କ ବିରୋଧରେ ଚକ୍ରାନ୍ତକୁ ସାଲେପୁର ବାର ଆସୋସିଏଶନର ସଭାପତି ଦୀପକ ମହାନ୍ତି, ନିଶ୍ଚିନ୍ତକୋଇଲି ଆଇନଜୀବୀ ସଂଘର ଆଇନଜୀବୀ ଭିକାରୀ ସେଠୀ, ବିନୋଦ ଚୌଧୁରୀ, ଅଶୋକ ସାହୁଙ୍କ ସମେତ ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ସଭାପତି ପ୍ରମୋଦ ପଣ୍ଡା, ସମ୍ପାଦକ ଜୀବନାନନ୍ଦ ଦାଶ, ବରିଷ୍ଠ ନାଗରିକ ବୈଷ୍ଣବ ପରିଡ଼ା, କ୍ଷୀରୋଦ କୁମାର ପଣ୍ଡା, ପୁରୁଷୋତ୍ତମ ସାହୁ , ଦେବେନ୍ଦ୍ର ସାହୁ, ରାୟଗୁରୁ ବିଜୟ ମିଶ୍ର ପ୍ରମୁଖ ନିନ୍ଦା କରିଛନ୍ତି।

### କୁଳମଣି, ତାଙ୍କ ପୁଅଙ୍କ ନାଁରେ ୧୯ ମାମଲା

କୁଳମଣିଙ୍କ ହତ୍ୟା ମାମଲାକୁ ନେଇ ମାହାଙ୍ଗାରେ କିଛିଦିନ ହେବ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ପ୍ରତିବାଦ କରୁଥିବାବେଳେ କୁଳମଣି ଓ ତାଙ୍କ ପୁଅଙ୍କ ନାମରେ ଥିବା ୧୯ଟି ମାମଲାକୁ ନେଇ ବିଜେଡି ମହଲରେ ବେଶ ଚର୍ଚ୍ଚା ହୋଇଛି। କୁଳମଣିଙ୍କ ନାମରେ ହତ୍ୟା, ହତ୍ୟା ଉଦ୍ୟମ, ଜାଲିଆତି ଓ ବିସ୍ଫୋରଣ କରିବା ଭଳି ସଙ୍ଗିନ ମାମଲା ରହିଛି। କୁଳମଣିଙ୍କ ପୁଅ ରଣଜିତ ଓ ରମାକାନ୍ତଙ୍କ ନାମରେ ସାଲେପୁର କୋର୍ଟ ଓ ମାହାଙ୍ଗା ଥାନାରେ ୯ଟି ସଙ୍ଗିନ ମାମଲା ଥିବା ଜଣାପଡ଼ିଛି।

### ଦଳ ଛାଡ଼ିଲେ କୁଳମଣିଙ୍କ ସହଯୋଗୀ

କୁଳମଣିଙ୍କ ଏକାନ୍ତ ସହଯୋଗୀ କୁହାଯାଉଥିବା ଭାଜପା ନେତା ତଥା ଆନ୍ଦପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ରାମଚନ୍ଦ୍ର ଦଳରୁ ଇସ୍ତଫା ଦେଇଥିଲେ। ସେ ତାଙ୍କ ଇସ୍ତଫା ପତ୍ର କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରାଙ୍କୁ ପ୍ରଦାନ କରିଥିବା ପ୍ରକାଶ କରିଛନ୍ତି। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ଦୀପ ଜଳାଇ ପ୍ରତିବାଦ କରିବା ବିରୋଧୀ ଦଳ ଭୂମିକା ନୁହେଁ। ବିଜେଡି କିମ୍ବା ଅନ୍ୟ ଦଳରେ ଯୋଗଦେବେ କି ବୋଲି ପଚରାଯିବାରୁ ରାମଚନ୍ଦ୍ର କହିଥିଲେ ଯେ, ବର୍ତ୍ତମାନ ସେ ଏ ସମ୍ପର୍କରେ କୌଣସି ନିଷ୍ପତ୍ତି ନେଇନାହାନ୍ତି।



ଶୁକ୍ରବାର ସିନେମା ହଲ୍ ଖୋଲିବା ପରେ ଭୁବନେଶ୍ୱର କେଶରୀ ହଲ୍ରେ କୋଭିଡ୍ କଟକଣା ମଧ୍ୟରେ ଦର୍ଶକମାନେ ଫିଲ୍ମ ଦେଖୁଛନ୍ତି।




# ଅଡୁଆରେ ଧର୍ମଶାଳା ବିଧାୟକ, ଯନ୍ତ୍ରୀ

**କେଲୁଅ ନଦୀବନ୍ଧ ଭଙ୍ଗା ଘଟଣାର ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦେଲେ ଲୋକାୟୁକ୍ତ ଅଧକ୍ଷ**



**ଯାଜପୁର ଅଫିସ, ୮।୧**

ଯାଜପୁର ଜିଲାରେ ଗତ ଅଗଷ୍ଟରେ ହୋଇଥିବା ତିନିଦିନିଆ ଲଗାଣ ବର୍ଷା ଯୋଗୁ ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ବନ୍ୟା ପରିସ୍ଥିତି ଗମ୍ଭୀର ହୋଇଥିଲା। ଏହି ସମୟରେ କେଲୁଅ ନଦୀବନ୍ଧର ବାମପାର୍ଶ୍ୱରେ ଘାଇ ସୃଷ୍ଟି ହୋଇଥିଲା। ଏଥିଯୋଗୁ ୫ ନମ୍ବର ଜାତୀୟ ରାଜପଥର ଗୋକର୍ଣ୍ଣେଶ୍ୱରରୁ ମାଖିପଡ଼ା ପର୍ଯ୍ୟନ୍ତ ଶତାଧିକ ହେକ୍ଟର ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିଲା। ହେଲେ ନଦୀବନ୍ଧକୁ ବିସ୍ଫୋରଣ କରି ଉଡ଼ାଇ ଦିଆଯିବାରୁ ଘାଇ ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଥିଲା। ନିମ୍ନମାନର ନିର୍ମାଣକୁ ଘୋଡ଼ାଇବାକୁ ଯାଇ ବନ୍ୟା ଆଳରେ ନଦୀବନ୍ଧକୁ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ହୋଇଥିଲା। ଏନେଇ ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଲୋକାୟୁକ୍ତରେ ଅଭିଯୋଗ କରିବା ପରେ ଏକ ମାମଲା (ଏଲ୍ୱାଇ-୧୦୨୭/୨୦୨୦) ରୁଜୁହୋଇଥିଲା। ଶୁକ୍ରବାର ଲୋକାୟୁକ୍ତ ଅଧ୍ୟକ୍ଷ ଜଷ୍ଟିସ ଅଜିତ ସିଂ ଏହାର ବିଚାର କରି ଅଭିଯୋଗର ଭିଜିଲାନ୍ସ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘାଇ ସୃଷ୍ଟିରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ଜଳସେଚନ ବିଭାଗ ଜାରକା ଡିଭିଜନର କନିଷ୍ଠ ଯନ୍ତ୍ରୀ ନରେନ ଜେନାଙ୍କ ଭୂମିକା ଉପରେ ତଦନ୍ତ କରିବାକୁ ରାୟରେ ନିର୍ଦ୍ଦେଶ ହୋଇଛି। ଏହାବାଦ ନିମ୍ନମାନର ନଦୀବନ୍ଧ ନିର୍ମାଣ ଯୋଗୁ ଘାଇ ସୃଷ୍ଟି ଏବଂ ସରକାରୀ ଅଧିକାରୀଙ୍କ ଆତ୍ମସାତ୍ ଅଭିଯୋଗ ଉପରେ ମଧ୍ୟ ତଦନ୍ତ କରିବାକୁ ରାୟରେ କୁହାଯାଇଛି। ଏହି ପ୍ରାରମ୍ଭିକ ତଦନ୍ତ ଭିଜିଲାନ୍ସ ବିଭାଗର ଏସ୍ପି କିମ୍ବା ଏଏସ୍ପି ପାହ୍ୟା ଅଧିକାରୀଙ୍କ ଦ୍ୱାରା କରିବାକୁ ନିର୍ଦ୍ଦେଶ ହୋଇଛି। ନିର୍ଦ୍ଦେଶର ୨ ମାସ ମଧ୍ୟରେ ତଥା ୧୨।୩।୨୦୨୧ ସୁଦ୍ଧା ତଦନ୍ତ ରିପୋର୍ଟ ଲୋକାୟୁକ୍ତଙ୍କ ପାଖରେ ଦାଖଲ କରିବାକୁ କୁହାଯାଇଛି। ତେଣୁ ଲୋକାୟୁକ୍ତ ସମ୍ପାଦକ ଏହି ଅଭିଯୋଗ ସମ୍ପର୍କିତ କାଗଜପତ୍ର ଭିଜିଲାନ୍ସ ନିର୍ଦ୍ଦେଶକଙ୍କୁ ବନ୍ଦ ଲଫାପାରେ ଦେବାକୁ ଦର୍ଶାଯାଇଛି।

**୨ ମାସ ମଧ୍ୟରେ ରିପୋର୍ଟ ଦାଖଲ ହେବ**

ଅଭିଯୋଗ ଅନୁସାରେ ଗୋକର୍ଣ୍ଣେଶ୍ୱରରୁ ମାଖିପଡ଼ା ନଦୀବନ୍ଧର ଉନ୍ନତୀକରଣ ପାଇଁ ୫।୨।୨୦୧୪ରେ ଜଳସେଚନ ବିଭାଗରୁ ନିର୍ମାଣ ବିଭାଗକୁ ହସ୍ତାନ୍ତର କରାଯାଇଥିଲା। ଏହାପରେ ନିର୍ମାଣ ବିଭାଗ ପକ୍ଷରୁ ୨୧.୯୯ କୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀବନ୍ଧର ଉନ୍ନତୀକରଣ ଓ ଚଉଡା ହୋଇଥିଲା। ହେଲେ ଠିକାଦାରଙ୍କଠାରୁ ବିଧାୟକ ଓ କନିଷ୍ଠଯନ୍ତ୍ରୀ ବିପୁଳ ଅର୍ଥ ଆଦାୟ କରିଥିବାରୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିଲା। ଏହାକୁ ଲୁଚାଇବାକୁ ଯାଇ ଦୁର୍ବୃତ୍ତଙ୍କ ଦ୍ୱାରା ଘାଇ କରାଯାଇଛି ବୋଲି ଲୋକାୟୁକ୍ତରେ ଅଭିଯୋଗ ହୋଇଥିଲା। ଏପରି କି ମନୁଷ୍ୟକୃତ ଘାଇ ସୃଷ୍ଟି ନେଇ ଧର୍ମଶାଳା ଥାନାରେ ଜଳସେଚନ ବିଭାଗ ପକ୍ଷରୁ ଏକ ଏତଲା ଦିଆଯାଇଥିଲା ଏବଂ ଅଭିଯୋଗ ଅନୁସାରେ ପୋଲିସ ଆଇପିସି ଦଫା ୪୨୭/୪୩୭ ଅନୁଯାୟୀ ଅଜ୍ଞାତ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଥିଲା।

# ନକଲି ଚେକ୍ରେ ବ୍ୟାଙ୍କରୁ ୨.୮୭ କୋଟି ଠକେଇ

## କନ୍ଷ୍ଟ୍ରକ୍ସନ କମ୍ପାନୀ ମାଲିକଙ୍କୁ ଗିରଫ କଲା ଇଓଡବ୍ଲ୍ୟୁ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ନକଲି ଚେକ୍ରେ ବ୍ୟାଙ୍କରୁ ୨.୮୭ କୋଟି ଟଙ୍କା ଉଠାଇ ନେଇଥିବା ଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ସେ ହେଲେ ରାଉରକେଲାର ବିଏମ୍ପି ଆଣ୍ଡ ସନ୍ସ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ର ମୁଖ୍ୟ ବି. ମୂର୍ତ୍ତି ପିଲାଇ। ବ୍ୟାଙ୍କ ଅଫ୍ ଇଣ୍ଡିଆ ରାଉରକେଲା ଶାଖାର ମୁଖ୍ୟ ପରିଚାଳକ ଅଞ୍ଜନି କୁମାର ସିଂ ଆଜାଦଙ୍କ ଲିଖିତ ଅଭିଯୋଗକ୍ରମେ ଇଓଡବ୍ଲ୍ୟୁ ପୂର୍ବରୁ ମାମଲା (ନଂ.୧/୨୦) ରୁଜୁ କରି ତଦନ୍ତ କରୁଥିଲା। ଶୁକ୍ରବାର ଅଭିଯୁକ୍ତ ବି. ମୂର୍ତ୍ତିଙ୍କୁ ଗିରଫ କରି ପଚରାଉଚରା ପରେ ରାଉରକେଲା ପାନପୋଷ ଏସ୍ଡିଜେଏମ୍ କୋର୍ଟକୁ ଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ମୁତାବକ, ବି. ମୂର୍ତ୍ତିଙ୍କର ବ୍ୟାଙ୍କ ଅଫ୍ ଇଣ୍ଡିଆ ରାଉରକେଲା ଶାଖାରେ କ୍ୟାଶ୍ କ୍ରେଡିଟ୍ ଆକାଉଣ୍ଟ ରହିଛି। ସେ ନିଜର ବ୍ୟକ୍ତିଗତ ଫାଇଦା ପାଇଁ କର୍ଣାଟକ ରାଜ୍ୟ ସମବାୟ ମାର୍କେଟିଂ ଫେଡେରେଶନ ଲିମିଟେଡ୍ ନାମରେ ୨.୮୭ କୋଟି ଟଙ୍କାର ଏକ ନକଲି ଚେକ୍ ପ୍ରସ୍ତୁତ କରିଥିଲେ। ଗତ ନଭେମ୍ବର ୩ରେ ଉକ୍ତ ନକଲି ଚେକ୍ ନଂ.୩୮୩୦୫୪ ଜମା କରି ବ୍ୟାଙ୍କ ଅଫ୍ ଇଣ୍ଡିଆରୁ ୨.୮୭ କୋଟି ଟଙ୍କା ହାତେଇଥିଲେ। ଉକ୍ତଦିନ ନିଜ ନାମରେ ରହିଥିବା ଅନ୍ୟ ବ୍ୟାଙ୍କ ଆକାଉଣ୍ଟକୁ ୨. ୬କୋଟି ଓ ସମ୍ପର୍କୀୟଙ୍କ ନାମରେ ଥିବା ଆକାଉଣ୍ଟକୁ ଅବଶିଷ୍ଟ ଟଙ୍କା ଟ୍ରାନ୍ସଫର କରିଥିଲେ। ମାତ୍ର ପରେ ବେଙ୍ଗାଲୁର ଏଲ୍ସିବି ଶାଖା ସୂଚିତ କରିଥିଲା ଯେ, କର୍ଣାଟକ ରାଜ୍ୟ ସମବାୟ ମାର୍କେଟିଂ ଫେଡେରେଶନ ଅଧୀନରେ ଓରିଜନାଲ ଚେକ୍ ନଂ. ୩୮୩୦୫୪ ରହିଛି। ଏହାପରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ରାଉରକେଲା ଶାଖା ପକ୍ଷରୁ ଯାଞ୍ଚପରେ ସମାନ ନମ୍ବରରେ ନକଲି ଚେକ୍ ସହ ଦସ୍ତଖତ ଜାଲିଆତି କରି ଉକ୍ତ ଟଙ୍କା ଉଠାଯାଇଥିବା ଜଣାପଡ଼ିଥିଲା। ଏହାପରେ ବ୍ୟାଙ୍କ ମୁଖ୍ୟ ପରିଚାଳକ ସିଂ କ୍ରାଇମବ୍ରାଞ୍ଚରେ ଲିଖିତ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ଅଭିଯୁକ୍ତଙ୍କୁ ଗିରଫ କରିବା ପରେ ଏବେ ଅଧିକ ତଦନ୍ତ ଜାରି ରଖିଥିବା ସୂଚନା ଦେଇଛି।

# ୫ ହାଇସ୍କୁଲ କର୍ମଚାରୀଙ୍କ ଦରମା ବନ୍ଦ

- କୋଭିଡ୍ ଗାଇଡ୍ଲାଇନ ଉଲ୍ଲଂଘନ
- ବିଦ୍ୟାଳୟ ଖୋଲୁ ଖୋଲୁ କାର୍ଯ୍ୟାନୁଷ୍ଠାନ

**ପାଟଣା/କେନ୍ଦୁଝର,୮।୧(ସ୍ୱ. ପ୍ର):** ଦୀର୍ଘ ମାସ ପରେ ଶୁକ୍ରବାର ୧୦ମ ଶ୍ରେଣୀ ପିଲାଙ୍କ ପାଇଁ ହାଇସ୍କୁଲ ଖୋଲିଛି। ମାତ୍ର ବିଦ୍ୟାଳୟ ଆରମ୍ଭରୁ କୋଭିଡ୍ ଗାଇଡ୍ଲାଇନ ଉଲ୍ଲଂଘନ କାରଣରୁ କେନ୍ଦୁଝର ଜିଲା ଶିକ୍ଷାଅଧିକାରୀ ସଂଗ୍ରାମ ସାହୁ ୫ ହାଇସ୍କୁଲ କର୍ମଚାରୀଙ୍କ ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ପାଟଣା ବ୍ଲକ ଅଧୀନ ୪ ଓ ସଦର ବ୍ଲକ ଅଧୀନ ଗୋଟିଏ ହାଇସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ ଏଭଳି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଶିକ୍ଷାଧିକାରୀ ସାହୁ କହିଛନ୍ତି। କଟକଣା ଉଲ୍ଲଂଘନ କରିଥିବା ହାଇସ୍କୁଲଗୁଡ଼ିକ ହେଲା ଖିରେଇଟାଙ୍ଗିରି ଉଚ୍ଚ ବିଦ୍ୟାଳୟ, ଯମୁନା ପଶିର ବିଶୋଇପାଟ ଉଚ୍ଚ ବିଦ୍ୟାଳୟ, ଡେଣୁଆର ଝାଲମଣି ହାଇସ୍କୁଲ, ବଲାଣିପଶିର ପି.ଏମ୍.ବି ହାଇସ୍କୁଲ ଓ ସଦର ବ୍ଲକ ଅଧୀନ ଝାଡ଼ବେଲଦା ହାଇସ୍କୁଲ। ଜିଲା ଶିକ୍ଷାଅଧିକାରୀ ସାହୁ ଓ ଡିପିସି ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଜିଲାର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ବେଳେ ଉକ୍ତ ବିଦ୍ୟାଳୟଗୁଡ଼ିକର ପରିବେଶ ସଫାସୁତରା ନ ଥିବା, ଅଭିଭାବକଙ୍କ ଅଣ୍ଡର ଟେକିଙ୍ଗ ସଂଗ୍ରହ କରାଯାଇ ନ ଥିବା ଓ ସାନିଟାଇଜର ବ୍ୟବହାର କରାଯାଉ ନ ଥିବା ଦେଖିବାକୁ ପାଇଥିଲେ ବୋଲି ସୂଚନା ଦେଇଛନ୍ତି।

# ଅଭିଭାବକଙ୍କ ଜିଦ୍, ସାନିଟାଇଜ୍ ହେଲା ସ୍କୁଲ

**ପାତ୍ରପୁର,୮।୧(ଡି.ଏନ୍.ଏ.)**

କରୋନା କଟକଣା ଯୋଗୁ ଦୀର୍ଘଦିନ ଧରି ବନ୍ଦ ଥିବା ସ୍କୁଲ ଶୁକ୍ରବାର ଖୋଲିଛି। ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ପରାଙ୍କୁଶ ବିଦ୍ୟାପୀଠକୁ ୮୩ଜଣ ଦଶମ ଶ୍ରେଣୀ ଛାତ୍ରୀଛାତ୍ର ସକାଳ ୧୦ଟାରେ ଆସିଥିଲେ। ସେମାନଙ୍କ ସହ କେତେଜଣ ଅଭିଭାବକ ମଧ୍ୟ ଆସିଥିଲେ। ସ୍କୁଲ ପରିସର ସାନିଟାଇଜ୍ କରିବାକୁ ଅଭିଭାବକମାନେ ଜିଦ୍ ଧରିଥିଲେ। କରୋନାବେଳେ ରାଜ୍ୟ ବାହାରୁ ଆସିଥିବା ଶ୍ରମିକଙ୍କୁ ଏଠାରେ ରଖାଯାଇଥିବାରୁ ସାନିଟାଇଜ୍ ନହେଲେ ଆମ ପିଲାମାନଙ୍କୁ ଛାଡିବୁନାହିଁ ବୋଲି ଅଡି ବସିଥିଲେ।

**ପ୍ରଥମ ଦିନର କ୍ଲାସ୍ ବାତିଲ**

ଏନେଇ ସ୍କୁଲ ପ୍ରଶାସନ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ପାଢ଼ୀ ଓ ବିଡ଼ିଓ ପ୍ରକାଶ ଚନ୍ଦ୍ର ଦାସଙ୍କୁ ଅବଗତ କରାଇଥିଲେ। ବିଡ଼ିଓ ଓ ବିଇଓ ପହଞ୍ଚି ଅଭିଭାବକଙ୍କୁ ବୁଝାଇଥିଲେ ମଧ୍ୟ ସେମାନେ ନ ମାନି ପିଲାଙ୍କୁ ନେଇ ଘରକୁ ଫେରିଯିବାକୁ ବାହାରିଥିଲେ। ପରେ ପାତ୍ରପୁର ଅଗ୍ନିଶମ ବାହିନି ପହଞ୍ଚି ଶ୍ରେଣୀଗୃହ ସାନିଟାଇଜ୍ କରିଥିଲା। ମାତ୍ର ଡେସ୍କ, ବେଞ୍ଚରେ ବିଶୋଧିତ ପାଣି ପଡି ଓଦା ହୋଇଯିବାରୁ ଛାତ୍ରୀଛାତ୍ରମାନେ କ୍ଲାସ ନକରି ଘରକୁ ଫେରିଯାଇଥିଲେ।

# ୧୧୦ ସ୍ଥାନରେ ଦ୍ୱିତୀୟ ପର୍ଯ୍ୟାୟ ଡ୍ରାଏ ରନ୍ ସରିଲା

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

କରୋନା ଟିକାକରଣ ପୂର୍ବରୁ ଦ୍ୱିତୀୟ ପର୍ଯ୍ୟାୟ ଡ୍ରାଏ ରନ୍ ଶୁକ୍ରବାର ରାଜ୍ୟର ୧୧୦ ସ୍ଥାନରେ ଶେଷ ହୋଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ମେଡିକାଲ କଲେଜ ସମେତ ୧୧ ଘରୋଇ ହସ୍ପିଟାଲରେ ଏହି ପର୍ଯ୍ୟାୟ ଡ୍ରାଏ ରନ୍ ହୋଇଛି। ପ୍ରତି ସ୍ଥାନରେ ୨୫ ଜଣଙ୍କୁ 'ଡମି' ଟିକା ଦିଆଯାଇଛି। ସହର ହେଉ କି ଗାଁ, ଟିକାକରଣରେ ଉପୁଜୁଥିବା ଅସୁବିଧା ସବୁ ଏଥିରୁ ଜଣାପଡୁଛି। ଟିକା ନେବାର ୩୦ ମିନିଟ୍ ଭିତରେ ଯଦି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ, ତେବେ ତୁରନ୍ତ ଚିକିତ୍ସା କରିବା ପାଇଁ ଟିକାଗ୍ରହୀତାଙ୍କୁ ନିରୀକ୍ଷଣ କକ୍ଷରେ ରଖାଯିବ। ସେଥିରେ ସମସ୍ତ ଜୀବନ ରକ୍ଷାକାରୀ ଔଷଧ ମହଜୁଦ ରହିଛି। କେନ୍ଦ୍ରରୁ ଖୁବ୍ଶୀଘ୍ର ଟିକା ଆସିବ ବୋଲି ନିର୍ଦ୍ଦେଶକ କହିଛନ୍ତି। ସେପଟେ ଡିଏମ୍ଇଟି ଡା. ସିବିକେ ମହାନ୍ତି କହିଛନ୍ତି, ଟିକାର ଉଦ୍ଦେଶ୍ୟ ମହତ। ଗବେଷଣାରୁ ଜଣାପଡ଼ିଛି ଏହି ଟିକାର କିଛି ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ତେଣୁ ଟିକା ନେବାରେ ସଙ୍କୋଚ ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହାଛଡ଼ା ଆହୁରି ମଧ୍ୟ ସେ କହିଛନ୍ତି ଯେ, ସବୁ ଔଷଧ ଓ ଟିକାର କିଛି ପ୍ରତିକ୍ରିୟା ଥାଏ। ଜରୁରୀ ବ୍ୟବହାର ପାଇଁ କରୋନା ଟିକା ଖୁବ୍ କମ୍ ଦିନ ଭିତରେ ବାହାରିଛି। ଏହି ଟିକା କାମ କରିବ ଓ ଫଳପ୍ରଦ ହେବ। ଟିକା ନ ନେଲେ ଆମେ ବିପଦରେ ରହିବା। ପର୍ଯ୍ୟାୟକ୍ରମେ ସମସ୍ତଙ୍କୁ କରୋନା ଟିକା ଦିଆଯିବ। ପ୍ରଥମ ପର୍ଯ୍ୟାୟ ପାଇଁ ୨୧ ଲକ୍ଷ ସିରିଞ୍ଜ ଯଥେଷ୍ଟ ବୋଲି ସେ ସୂଚନା ଦେଇଛନ୍ତି। ଟିକାକରଣ ସମୟରେ ଯେମିତି କିଛି ଅସୁବିଧା ନ ହେଉ, ସେଥିପାଇଁ ଦ୍ୱିତୀୟଥର ଟିକାର ଡ୍ରାଏ ରନ୍ କରାଯାଇଛି ବୋଲି ଡିଏମ୍ଇଟି କହିଛନ୍ତି।



ୟୁନିଟ୍-୪ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଟିକାକରଣ ସ୍ଥଳରେ ଡମି ଟିକା ଦିଆଯାଉଛି।

**ଟିକା ନେବାରେ ସଙ୍କୋଚ ନ କରିବାକୁ ଡିଏମ୍ଇଟିଙ୍କ ପରାମର୍ଶ**



## ସୁଭାଷ ବୋଷଙ୍କ ଝିଆରୀ ଚିତ୍ରା ଘୋଷଙ୍କ ପରଲୋକ



କୋଲକାତା, ୮।୧: ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଝିଆରୀ ତଥା ଶରତ ଚନ୍ଦ୍ର ବୋଷଙ୍କ ସାନଝିଅ ଚିତ୍ରା ଘୋଷଙ୍କର ୯୦ ବର୍ଷ ବୟସରେ କୋଲକାତାରେ ପରଲୋକ ହୋଇଯାଇଛି। ଶିକ୍ଷା ଓ ଗୋଷ୍ଠୀ ସେବା କ୍ଷେତ୍ରକୁ ପ୍ରଫେସର ଚିତ୍ରାଙ୍କର ବିଶେଷ ଅବଦାନ ଥିଲା। ସେ ଓପନ୍ ପ୍ଲାଟ୍‌ଫର୍ମ ଫର ନେତାଜୀ ନାମକ ଅନୁଷ୍ଠାନର ଅଧ୍ୟକ୍ଷା ଥିଲେ। ଲେଡ଼ି ବ୍ରାବର୍ନ କଲେଜ ରାଜନୀତି ବିଜ୍ଞାନ ମୁଖ୍ୟ ଭାବେ କାର୍ଯ୍ୟ କରିଥିବା ପ୍ରଫେସର ଚିତ୍ରା କୋଲକାତା ଏବଂ ଜାଦବପୁର ବିଶ୍ୱବିଦ୍ୟାଳୟରେ ଭିଜିଟିଂ ପ୍ରଫେସର ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଝୁମୁରି
ପରିବାରବର୍ଗ



ସମୃଦ୍ଧି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଖୋଲିଲା ସ୍କୁଲ

- ସ୍କୁଲ୍ ବୁଲି ସ୍ଥିତି ପରଖିଲେ ଗଣଶିକ୍ଷାମନ୍ତ୍ରୀ
- ଆଜିଠାରୁ ପୂର୍ଣ୍ଣକାଳୀନ ପାଠପଢ଼ା ଚାଲିବ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଦୀର୍ଘ ୯ମାସରୁ ଊର୍ଦ୍ଧ୍ୱ ବନ୍ଦ ରହିବା ପରେ ଶୁକ୍ରବାରଠାରୁ ସାରା ରାଜ୍ୟରେ ସ୍କୁଲ୍ ଖୋଲିଛି। ସରକାରଙ୍କ ଘୋଷଣା ଅନୁସାରେ, କୋଭିଡ୍ କଟକଣା ମଧ୍ୟରେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ସ୍କୁଲ୍ ଯିବାକୁ ସୁଯୋଗ ମିଳିଛି। ପ୍ରଥମ ଦିନରୁ ହିଁ ପାଠପଢ଼ାକୁ ନେଇ ପିଲାଙ୍କ ମଧ୍ୟରେ ଉତ୍କଣ୍ଠା ବଢ଼ିଛି। ସେପଟେ ସବୁଠି ପିଲାଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ହାଇସ୍କୁଲ୍ ଓ ହାୟର ସେକେଣ୍ଡାରୀ ସ୍କୁଲ୍ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ସ୍କୁଲ ଖୋଲିବା ପୂର୍ବରୁ ପାନୀୟ ଜଳ, ଶୌଚାଳୟ ପ୍ରସ୍ତୁତ ରଖାଯାଇଥିଲା। ପୂରା କ୍ୟାମ୍ପସ୍‌କୁ ମଧ୍ୟ ବିଶୋଧନ କରାଯାଇଥିଲା। ସାମାଜିକ ଦୂରତା ପାଳନ କରି ସିଟିଂ ଆରେଞ୍ଜମେଣ୍ଟ ହୋଇଥିଲା। ଛାତ୍ରୀଛାତ୍ର ଅଭିଭାବକଙ୍କ ସହମତିପତ୍ର ସହ ସ୍କୁଲରେ ପ୍ରବେଶ କରିଥିଲେ। କେତେକ ସ୍କୁଲ୍‌ରେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଫୁଲ ଓ ଚାଉଳ ପକାଇ ସ୍ୱାଗତ କରିଥିବାବେଳେ ଆଉ କେଉଁଠି ଗୋଲାପ ଫୁଲ ଓ ଚକୋଲେଟ୍ ଦେଇ ପିଲାଙ୍କ ମୁହଁରେ ହସ ବାଣ୍ଟିଥିଲେ। ତେବେ ସଂକ୍ରମଣ ରୋକିବା ପାଇଁ ସାନିଟାଇଜର, ହ୍ୟାଣ୍ଡ୍ ୱାଶ୍ ମହଜୁଦ ରଖାଯାଇଥିଲା। ଛାତ୍ରୀଛାତ୍ରଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇ ଶ୍ରେଣୀଗୃହକୁ ପ୍ରବେଶ ଅନୁମତି ମିଳିଥିଲା। ସ୍କୁଲରେ ଥରେ ପ୍ରବେଶ ପରେ କାହାକୁ ବାହାରକୁ ଛଡ଼ାଯାଇ ନ ଥିଲା। ନିର୍ଦ୍ଧାରିତ ସମୟରେ ଘଣ୍ଟା ବାଜିବାକ୍ଷଣି ପାଠପଢ଼ା ଆରମ୍ଭ ହୋଇଥିଲା। ସ୍କୁଲ ଛୁଟି ହେବା ପରେ ପୁଣି ଥରେ ଶ୍ରେଣୀଗୃହକୁ ସାନିଟାଇଜ୍ କରାଯାଇଛି। ଶାନ୍ତ ରହିଥିବା ସ୍କୁଲ୍ କ୍ୟାମ୍ପସ୍ ପୁଣି ଚଳଚଞ୍ଚଳ ହୋଇଉଠିଛି।

ସ୍କୁଲ୍ ଖୋଲିବା ପରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଭୁବନେଶ୍ୱରର କେତେକ ସ୍କୁଲ ପରିଦର୍ଶନ କରି ସ୍ଥିତି ପରଖିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ପିଲାମାନେ ଆଗ୍ରହର ସହ ସ୍କୁଲ ଖୋଲିବାକୁ ଅପେକ୍ଷା କରିଥିଲେ। ଏହାଛଡ଼ା ଅଭିଭାବକଙ୍କ ଯାହା ଏସ୍‌ଓପି ଥିଲା, ତାକୁ ଦୃଷ୍ଟିରେ ରଖି ଆମେ କାହାକୁ ସ୍କୁଲ ବା କଲେଜକୁ ଆସିବା ପାଇଁ ବାଧ କରିନାହୁଁ। ତେଣୁ ଯେଉଁମାନେ ସ୍କୁଲ ଆସିବେ, ସେମାନଙ୍କୁ ଅଭିଭାବକଙ୍କ ସହମତି ଆଣିବାକୁ କୁହାଯାଇଥିଲା। ପ୍ରଥମ ଦିନରେ ମଧ୍ୟ ଯେଉଁ ପିଲାମାନେ ସ୍କୁଲ ଆସିଛନ୍ତି, ସେମାନେ ସାମାଜିକ ଦୂରତା ଅବଲମ୍ବନ କରି ଧାଡ଼ିରେ ଛିଡ଼ା ହୋଇ କାଉଣ୍ଟରରେ ଅଭିଭାବକଙ୍କ ସହମତିପତ୍ର ଦାଖଲ କରିଛନ୍ତି। ଶନିବାରଠାରୁ ଶ୍ରେଣୀଗୃହ ପାଠପଢ଼ା ପୂର୍ଣ୍ଣମାତ୍ରାରେ ଚାଲିବ। ଅନଲାଇନରେ ଯେଉଁ ପାଠପଢ଼ା ହୋଇଥିଲା, ସେହି କୋର୍ସକୁ ପୁଣିଥରେ ଅଫ୍‌ଲାଇନ୍‌ରେ ଆରମ୍ଭ କରାଯିବ। ସମସ୍ତ କୋର୍ସକୁ ୧୦୦ ଦିନ ଭିତରେ ସାରିବାକୁ ଲକ୍ଷ୍ୟ ରଖିଛୁ। ଏହାଛଡ଼ା ପ୍ରତି ରବିବାର ମଧ୍ୟ କ୍ଲାସ୍ ହେବ। ନୋଡାଲ ଅଫିସରମାନେ ସବୁ ଜିଲାକୁ କ୍ଷେତ୍ର ପରିଦର୍ଶନରେ ଯାଇଛନ୍ତି। ସ୍କୁଲ ଓ କଲେଜରେ କ'ଣ ସବୁ ଅଭାବ ରହିଛି, ସେସବୁର ତଦାରଖ କରିବେ। ପିଲାଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ ସରକାରଙ୍କ ପକ୍ଷରୁ ଜାରି ଏସ୍‌ଓପିକୁ ସମସ୍ତେ କଡ଼ାକଡ଼ି ଭାବେ ପାଳନ କରିଛନ୍ତି। ଯେଉଁଠି ଏସ୍‌ଓପି ପାଳନ କରିବାରେ ଢିଲା ପରିଲକ୍ଷିତ ହେବ ସେଠାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, କରୋନା ପାଇଁ ମାର୍ଚ୍ଚ ୧୭ରୁ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିଲା। ପିଲାଙ୍କ ପାଠପଢ଼ାକୁ ଗୁରୁତ୍ୱ ଦେଇ ବିଦ୍ୟାଳୟ ଓ ଗଣଶିକ୍ଷ ବିଭାଗ ଅନ୍‌ଲାଇନ୍ ଶିକ୍ଷା ପ୍ରଦାନ କରୁଥିଲା। କିନ୍ତୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲା ବାର୍ଷିକ ପରୀକ୍ଷା ସହ ବିଭିନ୍ନ ସର୍ବଭାରତୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଗଣଶିକ୍ଷା ବିଭାଗ ସ୍କୁଲ ଖୋଲିବାକୁ ନିଷ୍ପତ୍ତି ନେଇଥିଲା। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଏପ୍ରିଲ ୨୬ ପର୍ଯ୍ୟନ୍ତ ଓ ଦ୍ୱାଦଶ ଶ୍ରେଣୀ ପିଲାଙ୍କ ପାଇଁ ଏପ୍ରିଲ ୨୮ ପର୍ଯ୍ୟନ୍ତ କ୍ଲାସ୍ ଚାଲିବ।

## ପ୍ରଥମ ପୃଷ୍ଠାରୁ...

### ଡିଜିପି ଅଫିସ ...

ପକ୍ଷରୁ କୁହାଯାଇଛି। ଆଗାମୀ ଦଶଦିନ ମଧ୍ୟରେ ଜଣେ ଡିଆଇଜି ର୍‍ୟାଙ୍କ୍‌ର ଅଫିସର ଉକ୍ତ ଘଟଣାର ତଦନ୍ତ କରି ରିପୋର୍ଟ ଦେବେ ବୋଲି ଡିଜିପି ଅଭୟ ପ୍ରତିଶ୍ରୁତି ଦେଇଛନ୍ତି।

ଶୁକ୍ରବାର ପୂର୍ବାହ୍ନରେ କଟକ ମାତାମଠଠାରୁ ଶତାଧିକ ଭାଜପା କର୍ମୀ ବିରାଟ ଶୋଭାଯାତ୍ରାରେ ବାହାରି ଡିଜିପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ କଟକ ଜିଲା ସଭାପତି ପ୍ରକାଶ ବେହେରାଙ୍କ ପୌରୋହିତ୍ୟରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମାହାଙ୍ଗା ଡବଲ୍ ମର୍ଡର ଘଟଣାର ଉପଯୁକ୍ତ ତଦନ୍ତ ହେବା ସହ ସେମାନଙ୍କ ପରିବାରକୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଭାଜପା ଲଢେଇ ଜାରି ରଖିବ ବୋଲି ସଭାରେ ମତପ୍ରକାଶ ପାଇଥିଲା। ଏହି ଡବଲ ମର୍ଡର ଘଟଣାରେ ଆଇନମନ୍ତ୍ରୀ ପ୍ରତାପ ଜେନାଙ୍କ ସମେତ ୧୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଛି। ତେଣୁ ନୈତିକତା ଦୃଷ୍ଟିରୁ ମନ୍ତ୍ରୀପଦରୁ ତାଙ୍କୁ ବହିଷ୍କାର କରାଯିବା ସହିତ ଏତଲାରେ ଉଲ୍ଲେଖ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି ବକ୍ତାମାନେ ଦାବି କରିଥିଲେ। ଏହି ହତ୍ୟା ପଛରେ ଶାସକ ଦଳର ଲୋକଙ୍କ ସହିତ ସ୍ଥାନୀୟ ଅତିରିକ୍ତ ଏସ୍‌ପିଙ୍କ ସମ୍ପୃକ୍ତି ରହିଛି। ପୋଲିସ ସରକାରଙ୍କ ଗୁଣ୍ଡାଭଳି ଆଚରଣ କରୁଛି ବୋଲି ଭାଜପା ଅଭିଯୋଗ କରିଛି।

୨୦୧୭ରୁ ଏପର୍ଯ୍ୟନ୍ତ ରାଜ୍ୟରେ ୧୫ଟି ରାଜନୈତିକ ହତ୍ୟାକାଣ୍ଡ ଘଟିଛି। ୧୫ ଜଣ ଭାଜପା ନେତା ଓ କର୍ମୀଙ୍କୁ ହତ୍ୟା କରାଯାଇଛି। ହେଲେ ପୋଲିସ ଅଧିକାଂଶ ମାମଲାରେ ଚାର୍ଜଶିଟ୍ ଦାଖଲ କରିନାହିଁ। ଏ ନେଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ପୂର୍ବରୁ ଡିଜିପି ଅଭୟଙ୍କୁ ଏକ ଚିଠି ଲେଖିଥିଲେ। ଏବେ କୁଳମଣି ଓ ଦିବ୍ୟସିଂହଙ୍କୁ ହତ୍ୟା କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଉ ବୋଲି ଏମ୍‌ପି ଷଡଙ୍ଗୀ ସଭାରେ ଦାବି କରିଥିଲେ। ନାରୀ ନିର୍ଯାତନା କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ଓ ଚାଇଲ୍ଡ ପର୍ନୋଗ୍ରାଫିରେ ପ୍ରଥମ ବୋଲି ଏମ୍‌ପି ଷଡଙ୍ଗୀ କହିଛନ୍ତି। ସମଗ୍ର ରାଜ୍ୟରେ ଏବେ ହାଜତମୃତ୍ୟୁଠାରୁ ଆରମ୍ଭ କରି ଶିଶୁ ନିଖୋଜ ଓ ଅପହରଣ, ବଳାତ୍କାର, ହତ୍ୟା, ନୟାଗଡ ନାବାଳିକାଙ୍କୁ ନ୍ୟାୟ ପ୍ରଦାନରେ ଚଞ୍ଚକତା, ଚୋରି, ଡକାୟତି, ରାହାଜାନି, ନିଶା ଓ ବେଆଇନ ବନ୍ଧୁକ କାରବାର ଏବଂ ବଟି ଆଦାୟ ଭଳି ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇଛି। ଏ କ୍ଷେତ୍ରରେ ପୋଲିସ ସ୍ଥାଣୁ ପାଲଟି ଯାଇଛି ବୋଲି ଭାଜପା ନେତୃବୃନ୍ଦମାନେ କହିଥିଲେ।

ଆନ୍ଦୋଳନକାରୀମାନେ ଡିଜିପି ଅଫିସ ଘେରାଉ କରିବା ପରେ ୨୦ରୁ ଊର୍ଦ୍ଧ୍ୱ ନେତୃବୃନ୍ଦ ଡିଜିପିଙ୍କୁ ସାକ୍ଷାତ କରିଥିଲେ। ଡିଜିପିଙ୍କୁ ସ୍ମାରକପତ୍ର ଦେବା ସହ ପ୍ରାୟ ୩ ଘଣ୍ଟା କାଳ ଆଲୋଚନା କରିଥିଲେ। ଏହି ଘେରାଉରେ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବିଜୟପାଲ ସିଂହ ତୋମାର, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାଶିଷ ଆଚାର୍ଯ୍ୟ, ଭାଜପା ରାଜ୍ୟ ଉପସଭାପତି ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ପୂର୍ବତନ ମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ, ରାଜ୍ୟ ଉପସଭାପତି ଭୃଗୁ ବକ୍ସି ପାତ୍ର, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଅମର ନାୟକ,ଗୌତମ ରାୟ, ରାଜ୍ୟ ଯୁବମୋର୍ଚ୍ଚା ସଂଯୋଜକ ଦେବାଶିଷ ରାୟ, ରାଜ୍ୟ ଅନୁସୂଚିତ ଜାତି ସଭାପତି ବିଭୁ ପ୍ରସାଦ ତରାଇ, ପୂର୍ବତନ ମନ୍ତ୍ରୀ ସୁରମା ପାଢୀ, ବିଧାୟକ ଜୟନ୍ତ ଷଡଙ୍ଗୀ, ପ୍ରକାଶ ସୋରେନ୍, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ ଦାସ, ସୁଦୀପ୍ତ ରାୟ, ଅନୁ ଚୌଧୁରୀ, ରାଜ୍ୟ ସମ୍ପାଦିକା ପିଙ୍କି ପ୍ରଧାନ, ନୟନ କିଶୋର ମହାନ୍ତି, ସଂଖ୍ୟାଲଘୁ ସେଲ୍‌ର ମୁଖ୍ୟ ସିକନ୍ଦର ଅଲ୍ଲି, ଲଲାଟେନ୍ଦୁ ଦାସ, ବାବୁ ସିଂହ ପ୍ରମୁଖ ଯୋଗଦେଇଥିଲେ।

### ଡଲ୍‌ଫିନ୍‌କୁ ପିଟି ...

ଏହି ସମସ୍ତ ଘଟଣାର ଭିଡିଓ ସୋସିଆଲ ମିଡିଆକୁ ଆସିବା ପରେ ଚାରି ଆଡୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୋଲିସ ସେମାନଙ୍କ ମଧ୍ୟରୁ ୩ ଜଣଙ୍କୁ ଚିହ୍ନଟ କରି ଗିରଫ କରିଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ର ଧାରା ୯/୫୧ ଅନୁଯାୟୀ ମାମଲା ରୁଜୁ ହୋଇଛି।

ଜାନୁୟାରୀ ୨ରେ ଆଇଏଫ୍‌ଏସ୍ ଅଧିକାରୀ ରମେଶ ପାଣ୍ଡେ ଭିଡିଓର ଲିଙ୍କ ଏବଂ ଫଟୋ ଟୁଇଟରରେ ଶେୟାର କରି ଘଟଣାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ସ୍ଥାନୀୟ ଲୋକେ ଡଲଫିନ୍‌କୁ ଦେଖିବା ପରେ ତାହା ସେମାନଙ୍କ ପାଇଁ ବିପଦପୂର୍ଣ୍ଣ ବୋଲି ଆଶଙ୍କା କରିଥିଲେ। ସଚେତନତା ଅଭାବରୁ ଏଭଳି ଘଟିଥିବା ପାଣ୍ଡେ କହିଛନ୍ତି। ଗତ ଅଗଷ୍ଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ତନ୍ୟପାୟୀ ଜଳଚର ପ୍ରାଣୀ ସଂରକ୍ଷଣ ପାଇଁ ପ୍ରୋଜେକ୍ଟ ଡଲଫିନ୍ ଘୋଷଣା କରିଥିଲେ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଠିଆ ମୁହଁରେ ଚମ;
ଘରେ ଓପାସ, ବାହାରେ ଢମ
ବାଜୁଥାଏ ଢମ ଢମ !**

ଘରର ଆର୍ଥିକ ସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହେବାରେ କାଣିଚାଏ ହେଳା କରି ନ ଥାନ୍ତି। ବେଶ ପରିପାଟି ହୋଇ ଚିକ୍କଣିଆ କଥା କହି ନିଜର ବଡ଼ଲୋକି ବା ବଡ଼ପଣିଆ ଜାହିର କରିଥାନ୍ତି। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମାଛ ଭିତରେ ଇଲିଶି ରାଣୀ,
ମଜା ମାରିନିଏ ବେସର ପାଣି।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଇଲିଶି ମାଛ ସମସ୍ତ ଜାତିଆ ମାଛଙ୍କ ମଧ୍ୟରେ ସୁସ୍ୱାଦ। ଇଲିଶି ମାଛକୁ ବେସର ପକେଇ ରାନ୍ଧିଲେ ଖୁବ୍ ସ୍ୱାଦିଷ୍ଟ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢ଼ମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**

ଆଜି କୌଣସି ବନ୍ଧୁଙ୍କୁ ଦେଖିବା ପାଇଁ ମନ ଛଟପଟ ହେବ। କର୍ମକ୍ଷେତ୍ରରେ ଲଘୁକ୍ରୋଧ ଓ କଠୋର ବାକ୍ୟାଳାପରୁ ହାତ ମୁଠାରୁ ସୁଯୋଗ ଖସିଯିବ। ପ୍ରଶାସନ, ସଭାସମିତି, ନିର୍ମାଣ, ଆଇନ ତଥା ପ୍ରକାଶନ କ୍ଷେତ୍ରରେ ଶୁଭଫଳ ପାଇବେ। ପାରିବାରିକ କ୍ଷେତ୍ରରେ ସହମତି ଓ ସରଳ ବୁଝାମଣା ହେତୁ ଶୃଙ୍ଖଳିତ ରହିବ।

**ବୃଷ**

ପାରିବାରିକ ଅସ୍ଥିରତା ଲାଗିରହିବା କାରଣରୁ ମନରେ ସରସତା ରହିବ ନାହିଁ। ବିଶେଷ ପରିଶ୍ରମ ଓ ଅନିଦ୍ରାଜନିତ ସ୍ନାୟବିକ ଦୁର୍ବଳତା ଅନୁଭବ କରିପାରନ୍ତି। ନିର୍ମାଣ, ଶିଳ୍ପ ଓ ବାଣିଜ୍ୟରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ଆଲୋଚନାର ଶେଷ ପର୍ଯ୍ୟାୟରେ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

**ମିଥୁନ**

ଅନ୍ୟମାନଙ୍କ ସହ ସମ୍ପର୍କ ସ୍ଥାପନକୁ ପରିବାରରେ ବିରୋଧାଭାସ ସୃଷ୍ଟିହେବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହଯୋଗିତା ହେତୁ ମାନସିକ ସ୍ଥିତି ଠିକ୍ ରହିବ। ଆଗାମୀ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି। ସଭାସମିତି କିମ୍ବା ଆଲୋଚନା, ତର୍କ ବିତର୍କରେ ମଧ୍ୟସ୍ଥତା କରି ଓ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ।

**କର୍କଟ**

ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଅର୍ଥାଭାବ ହେବ। ପରକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି। ଭ୍ରାତୃବର୍ଗ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ବିବାଦୀୟ ଘଟଣାରେ ନିଜେ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁମାନେ ଠିକ ଖବର ଦେବାରେ ହେଳା କରିପାରନ୍ତି, ଯାହା କି ଆପଣଙ୍କ ଉଦ୍‌ବେଗକୁ ବୃଦ୍ଧିକରିବ।

**ସିଂହ**

ଆଜି କର୍ମାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିବେ। ପଛକଥା ନ ଭାବି ଏହି ସମୟର ପରିସ୍ଥିତିକୁ ସାମନା କରିବାକୁ ଚେଷ୍ଟା କଲେ ଉପକୃତ ହେବେ। କଳା, ସଙ୍ଗୀତ, କ୍ରୀଡା ଓ ଚଳଚ୍ଚିତ୍ର ତଥା ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ। କର୍ମକ୍ଷେତ୍ରର ସମସ୍ୟାକୁ ସହକର୍ମୀଙ୍କୁ ଜଣାଇଲେ ଉପକୃତ ହେବେ।

**କନ୍ୟା**

ପରିବାର ଓ କର୍ମକ୍ଷେତ୍ରର ଅସଜଡା କାମକୁ ଆଜି ହିଁ ସଜାଡି ନେବା ପାଇଁ ଚେଷ୍ଟା କରିବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରି ସଫଳତା ପାଇପାରନ୍ତି। ପୂ-ନାମାକ୍ଷର ବ୍ୟକ୍ତିଙ୍କର ଅଟକି ରହିଥିବା କାମ ସକାଶେ ଦୁର୍ଭାବନା ବଢ଼ିଚାଲିବ। ଆତ୍ମୀୟ ସ୍ୱଜନମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି।

**ତୁଳା**

କର୍ମାରମ୍ଭରେ ସଂକଟରେ ସମ୍ମୁଖୀନ ହେଲେ ହେଁ ଯୁକ୍ତି ଯୁକ୍ତ କଥା କହି କାମ ହାସଲ କରିବେ। ଦୀର୍ଘ ଦିନରୁ ଭାବୁଥିବା କୌଣସି ଦ୍ରବ୍ୟଲାଭରୁ ଖୁସି ହେବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ସଭାସମିତି, ଚୁକ୍ତିପତ୍ର, ଫାଇଲ୍ କାମ, ସଂଗଠନ, ରାଜନୀତି ଓ ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ଅର୍ଜନ କରିବେ।

**ବିଛା**

ନିର୍ଦ୍ଦିଷ୍ଟ ସମୟରେ କାମଟି ପୂର୍ଣ୍ଣାଙ୍ଗ ନ ହେଲେ ମଧ୍ୟ କିଛି ଅଂଶରେ ଆଗକୁ ବଢି ଚାଲିବ। ପୁଅର ସ୍ୱାସ୍ଥ୍ୟ ସେତେଟା ଭଲ ରହୁ ନ ଥିବା କାରଣରୁ ଚିନ୍ତିତ ରହିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡିପାରେ। ସଭାସମିତି, ଜମିଜମା ଏବଂ ପିଲାଙ୍କ କଥା ନେଇ ମାନସିକ ସ୍ଥିତି ବିପନ୍ନ ହେବ।

**ଧନୁ**

ବନ୍ଧୁଙ୍କ ପରାମର୍ଶରେ ନୂଆ କାମ ହାତକୁ ନେବେ। ଏଣେ ଅଫିସ୍ କାମରେ କିମ୍ବା ଆନୁଷ୍ଠାନିକ କ୍ଷେତ୍ରରେ ବିଭିନ୍ନ ଯୋଜନାର ପରିକଳ୍ପନା କରିବେ। ଅପ୍ରିୟ ସତ୍ୟ ଭାଷଣରୁ ଦୂରେଇ ନ ରହିଲେ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟିର ହେତୁ ସ୍ୱରୂପ ହେବ। ସନ୍ତାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ହେବେ।

**ମକର**

ଆଜି ଖର୍ଚ୍ଚ ପରିମାଣ ବଢିଯିବ। ଦାମ୍ପତ୍ୟ ଜୀବନରେ ସହନଶୀଳତା ଗୁଣର ଅଭାବ ଅଶାନ୍ତିର କାରଣ ହେବ। ଆଲୋଚନାରେ, ସଭା ସମିତିରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟ, ନିର୍ମାଣ, କଚେରି ମାମଲା ପ୍ରଭୃତି ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

**କୁମ୍ଭ**

ପଦସ୍ଥବ୍ୟକ୍ତିଙ୍କ ସହାୟତାରେ ଅଭିଳାଷ ସମୟାନ୍ତରେ ପୂରଣ ହୋଇଯିବ। ଆଜି ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ। ଶ-ନାମାକ୍ଷର ବ୍ୟକ୍ତିଙ୍କ ବିଶେଷ ଭ୍ରମଣ ହେତୁକ କ୍ଲାନ୍ତି ଓ ଅବସାଦ ଦେଖାଦେଇପାରେ। ଅଫିସ୍‌ରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ମୀନ**

ଆରୋଗ୍ୟଲାଭ କରିବା ସହ ନିଜ ଲୋକଙ୍କୁ ଅତି ନିକଟରେ ପାଇ ସବୁ ଦୁଃଖ ଶୋକ ଭୁଲି ଯିବେ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି। ପୂର୍ବରାଗକୁ ସ୍ମରଣ କରି ଗୁପ୍ତ ଶତ୍ରୁ କେହି ଅସୁବିଧାରେ ପକାଇପାରନ୍ତି।

ଆଜି ପୌଷ କୃଷ୍ଣପକ୍ଷର ସର୍ବସମ୍ମତ ସଫଳା ଏକାଦଶୀ ଶନିବାର, ଜାନୁୟାରୀ ୯ ତାରିଖ, ପ୍ରବାସୀ ଭାରତୀୟ ଦିବସ, ରାଶିନକ୍ଷତ୍ର- ବିଶାଖା/ବିଛା। ଦିବା ଘ.୧୨.୩୨ମି. ଗତେ ଅନୁରାଧା ନକ୍ଷତ୍ର। ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୭ମି. ଗତେ ଘ.୦୭.୧୦ମି. ମଧ୍ୟେ, ଘ.୦୭.୫୪ମି. ଗତେ ଘ.୧୦.୦୪ମି. ମଧ୍ୟେ, ଘ.୧୨.୧୫ମି. ଗତେ ଘ.୦୩.୦୯ମି. ମଧ୍ୟେ, ଘ.୦୩.୫୩ମି. ଗତେ ଘ.୦୫.୨୦ମି. ମଧ୍ୟେ ଅମୃତବେଳା। ଦିବା ଘ.୦୯.୧୦ମି. ଗତେ ଘ.୧୦.୩୨ମି. ମଧ୍ୟେ ରାହୁକାଳ।

## ପ୍ରଥମ ପୃଷ୍ଠାରୁ...

### ୪ ମାସର ପୁଅକୁ ...

ସମ୍ମୁଖୀନ ହୋଇ ନ ପାରି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି ସୋମନାଥ। ଖବରପାଇ ଗୋବିନ୍ଦପାଲି ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି। ଏଣେ ସୋମନାଥଙ୍କ ମୃତ୍ୟୁ ପରେ ସ୍ତ୍ରୀ କୁନି ୪ ପିଲାଙ୍କୁ ଧରି ବେସାହାରା ହୋଇପଡ଼ିଛନ୍ତି। କେମିତି ଘର ଚଳିବ ସେଇ ଚିନ୍ତାରେ ତାଙ୍କ ଆଖିରୁ ଲୁହ ଶୁଖୁନି।

### କ୍ଷମା ତାଲିକାରେ ...

କରିଥିଲେ, ଯାହା ପୂର୍ବରୁ କୌଣସି ରାଷ୍ଟ୍ରପତି କରି ନ ଥିଲେ। ନିଜକୁ କ୍ଷମା ଦେବା ଏକ ବଡ଼ ରାଜନୈତିକ ଉତ୍ତରଦାୟିତ୍ୱ ସାବ୍ୟସ୍ତ ହୋଇପାରେ ବୋଲି କୁହାଯାଉଛି।

ଆମେରିକା ଆଇନ ଶୃଙ୍ଖଳାର ଦେଶ ହୋଇ ରହିଛି ଓ ସବୁବେଳେ ରହିବ ବୋଲି ଟ୍ରମ୍ପ ଏକ ଭିଡିଓ ବାର୍ତ୍ତାରେ କହିଛନ୍ତି। ହିଂସା, ଅରାଜକତା ଓ ଅଶାନ୍ତିକୁ ନେଇ ସବୁ ଆମେରିକୀୟଙ୍କ ଭଳି ସେ କ୍ଷୁବ୍ଧ ହେବା ସହ କ୍ୟାପିଟୋଲ ବିଲ୍ଡିଂର ସୁରକ୍ଷା ପାଇଁ ତୁରନ୍ତ ଜାତୀୟ ସୁରକ୍ଷାଗାର୍ଡ଼ ଓ ସଂଘୀୟ ଆଇନ ପ୍ରବର୍ତ୍ତନକାରୀଙ୍କୁ ପଠାଇଥିଲେ। ଏଥିସହିତ ବେଆଇନ ଭାବେ ବିଲ୍ଡିଂରେ ପ୍ରବେଶ କରିଥିବା ଅଧିକାରୀମାନଙ୍କୁ ବହିଷ୍କାର କରାଯାଇଥିବା ଭିଡିଓ ବାର୍ତ୍ତାରେ ଟ୍ରମ୍ପ କହିଛନ୍ତି।

## ଆଜିର ମନ୍ତବ୍ୟ

"କେନ୍ଦ୍ର ସରକାର କୃଷି ଆଇନ ପ୍ରତ୍ୟାହାର ନ କରି ଆନ୍ଦୋଳନକାରୀ ଚାଷୀଙ୍କୁ ଥକାଇ ଦେବାକୁ ଚେଷ୍ଟା କରୁଛନ୍ତି।

**-ରଣଦୀପ ସୁରଜେୱାଲା, କଂଗ୍ରେସ ମୁଖ୍ୟ ମୁଖପାତ୍ର**


# classifieds

**Everyday 0674-2580101, 2549302**



## SALE

**2000 square feet gharabadi plot for immediate sale in Puri-Konark marine drive near blue plash water park. In covered campus, electricity and boundary wall, immediate construction. Contact: 8320959120/ 9937079628.** D-19494

Doctor's Colony with facilities 1st time in Bhubaneswar book a individual house near Rasulgarh, Bhubaneswar. Price 1.10 crore. Doctor's only contact: 8260595320. D-70086

ଭୁବନେଶ୍ୱର ପାଖାପାଖି ବାଲିଅନ୍ତା କୁରୁଣ୍ଡିରେ ଘରବାରି ପ୍ଲଟ୍ ମିଳୁଅଛି। **(Bank finance available) 9439902721, 9090432721.** D-70143

**3000sft. plot for immediate sale at Jagamara (near ITER College) & 2900sft. plot sale at Jharpada, Bhubaneswar, buyers contact- DEEPAK- 9937329999.** D-69958

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/- ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70146

ଭୁବନେଶ୍ୱର ପାହାଳ **NH side** ଘରବାରି **yellowzone fully developed demarcated** ବାସୋପଯୋଗୀ **plot road, electricity** ଥାଇ ତୁରନ୍ତ ଘର କରନ୍ତୁ। **PUJA- 6371970725.** D-70145

**Tankapani road Sai** ମନ୍ଦିର ନିକଟରେ **demarcated, developed gharabari plot** କିଣନ୍ତୁ। **7008492511.** D-69359

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ, ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। **9437287595, 7978747764.** D-19454

ଭୁବନେଶ୍ୱର ସୁନ୍ଦରପଦା **Xavier University back side**ରେ ଘରବାରି ପ୍ଲଟ୍ ମିଳୁଅଛି। **7848882166.** D-70142

Only 2Nos. of premium duplex 7BHK left near KIIT Jagannath Mandir 1.15 crore negotiable. 9937095445. D-69600

କଟକ ନନ୍ଦନକାନନ ମଧ୍ୟରେ ସ୍ଥିତିବାନ ପ୍ଲଟ୍ ବର୍ଗଫୁଟ ୪୯୯/-ରେ ମିଳୁଛି। **9776862716, 7008068622.** D-69358

ପିପିଲି ବଜାରରେ ସଙ୍ଗେସଙ୍ଗେ ଘର କରିବା ପାଇଁ ପ୍ଲଟ୍ କିଣନ୍ତୁ। **8249776268, 8327774136.** D-69360

ଭୁବନେଶ୍ୱର ଷ୍ଟେସନ ବଜାର ଚିନ୍ତାମଣିଶ୍ୱର ମନ୍ଦିର ପାଖରେ **3ଟି residential plot** ବିକ୍ରିହେବ। **9937366406.** D-70407

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

3BHK flat 1600sqft. (2017 possession) Patia, opposite RTO-2, 1km KIIT Square @72lac, including all. 7978584549 (No Broker). D-70084

**Ready to move Duplex for sale at DHPL Villa One Kalarahanga. Contact: 9937059891.** D-19506

ଭୁବନେଶ୍ୱର ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ ତୁରନ୍ତ ଘର କଲାଭଳି ବାସଉପଯୋଗୀ ଜାଗା **30' road, electric** ସୁବିଧା ଥାଇ **@ 9,00,000** ମିଳୁଛି। **9777566675.** D-70149



**Commercial space for rent. 2nd floor, 1850sft at KIIT's Square, Patia. 9861041397.** D-69956



Monalisa massage club : All types body massage with hiprofile smart lady rooms service available 9708545108. D-19493

**Newly open full body massage Saikrupa Panchakarma and Spa. Contact: 8984068077.** D-19492

Revitalize your self with our ayurvedic massage and refreshment, Call: 7381239385. D-70082

Newly open full body massage ladies and gents. 9337349409. D-70406

Experience full body massage with expert therapists. Call: 7377048581. D-70083

Swarna SPA newly open positively health benefits with expert therapist. 9556978408. D-70080

Rejuvenate and Ayurvedic full body massage by smart therapist. 9348123330. D-70081

Refreshing your mind & body with best therapy at Lotus SPA. 8018234866. D-70405

Newly open SPA offer @788/-, positively health benefits, Jaydevbihar. 8114970372. D-19466

## LOST

I Rajendra Panda, S/o- Late Dilip Kumar Panda, At- Amajor, Bandigaon, Dist- Kalahandi have lost the Patta bearing Khata No. 171/3102, Plot No. 1098/5338, Mouza- Junagarh while I was engaged in marketing at Junagarh. D-69830

## AFFIDAVIT

By virtue of an affidavit before notary public Junagarh I Rupesh Kumar Joshi S/o Keshablal Joshi, At/PO Chakuli, PS Junagarh, Kalahandi declare that in land record khata no. 215,216, Mouza Chakuli my name is Chandiprasad Joshi & Rupesh Kumar Joshi is same person. D-19508

I Rashmita Rautaray W/o Baidhar Rautaray R/o Village: Karabar, District: Nayagarh have changed my name from Rasmita Mohanty to Rashmita Rautaray for all future purposes. D-69670

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୯ ଜାନୁୟାରୀ, ୨୦୨୧



## ଜାନୁୟାରୀରୁ ତାତିଲାଣି ଦୁଇଦିନ ଘନକୁହୁଡ଼ି

**ଭୁବନେଶ୍ୱର, ୮।୧(ବ୍ୟୁରୋ):** ରାଜ୍ୟରେ ହଠାତ୍ ପାଗରେ ପରିବର୍ତ୍ତନ ହୋଇଛି। ଶୀତ ଏକ ପ୍ରକାର ଗାଏବ ହୋଇଯାଇଛି। ପାରଦ ଉପରମୁହାଁ ହୋଇଛି। ରାତ୍ରିର ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ସେଲ୍‌ସିୟସ ଉପରେ ରହୁଥିବା ବେଳେ ଦିନର ତାପମାତ୍ରା ୩୫ ଡିଗ୍ରୀ ପାଖାପାଖି ରହୁଛି। ଜାନୁୟାରୀ ପ୍ରଥମ ସପ୍ତାହରୁ ତାତି ଯେପରି ଉଗ୍ର ରୂପ ଧାରଣ କଲାଣି ମାର୍ଚ୍ଚ ବେଳକୁ ପରିସ୍ଥିତି ଅସମ୍ଭାଳ ହେବା ଆଶଙ୍କା ପ୍ରକାଶ ପାଇଛି। ଆସନ୍ତା ୧୫ ତାରିଖ ବେଳକୁ ଶୀତ ସାମାନ୍ୟ ବଢ଼ିବା ସମ୍ଭାବନା ରହିଛି। ତେବେ ସେହି ଶୀତ ବେଶିଦିନ ରହିବ ନାହିଁ। ଜାନୁୟାରୀ ଶେଷ ସପ୍ତାହ ବେଳକୁ ତାତି ବଢ଼ିବ। ଶୀତ କମି ଯାଇଥିବା ବେଳେ ଆସନ୍ତା ଦୁଇଦିନ କୁହୁଡ଼ି ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

| ପିକ୍‌ନିକ୍ ସ୍ପଟ୍ |

## ତିନି ନଦୀର ସଙ୍ଗମସ୍ଥଳ
# ମୀନାଝୋଲା




ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ଉପାନ୍ତ ରାୟଗଡ଼ା ଜିଲା। ପାହାଡ଼, ଜଙ୍ଗଲ, ନଦୀ, ଝରଣା, ଆଦିବାସୀ ସଂସ୍କୃତି ଏବଂ ବିଭିନ୍ନ ମନ୍ଦିର ଜିଲାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଠାରେ ରହିଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳ ତଥା ପିକ୍‌ନିକ୍ ସ୍ପଟ୍‌ଗୁଡ଼ିକ ଜିଲା, ରାଜ୍ୟ, ଦେଶ ସମେତ ବିଦେଶୀ ପର୍ଯ୍ୟଟକଙ୍କୁ ମଧ୍ୟ ବେଶ୍ ଆକୃଷ୍ଟ କରିଥାଏ। ଏହା ମଧ୍ୟରେ ଅନ୍ୟତମ ହେଲା ଜିଲାର ଚନ୍ଦ୍ରପୁର ବ୍ଲକ୍ ହନୁମନ୍ତପୁର ପଞ୍ଚାୟତରେ ରହିଥିବା ପ୍ରସିଦ୍ଧ ତଥା ପୁରାତନ ଶୈବପୀଠ ମୀନାଝୋଲା।

ଚିରସ୍ରୋତା ବଂଶଧାରା, ଫଳଫଳିଆ ଏବଂ ଚାଉଳଧୁଆ ନଦୀର ଏହି ସଙ୍ଗମସ୍ଥଳ ତ୍ରିବେଣୀର ଭ୍ରମ ସୃଷ୍ଟି କରିଥାଏ। ସେହିପରି ତିନି ନଦୀର ୧୦୦ମିଟର ତଳେ ପଥର ଗୁମ୍ଫା ମଧ୍ୟରେ ଲୁଚି ରହିଥିବା ମୀନ ଆକୃତିର ପଥର ଶିବଲିଙ୍ଗ ଏଠାକାର ପ୍ରମୁଖ ଆକର୍ଷଣ। ସବୁଜ ବନାନୀ, ନଦୀର କୁଳୁକୁଳୁ ନାଦ ଏବଂ ଟାଙ୍ଗୀ ଫୁଲର ବାସ୍ନା ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। ଶିବଲିଙ୍ଗ ଦର୍ଶନ ପାଇଁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥାଏ। ବିଶେଷକରି ଶିବରାତ୍ରି, କାର୍ତ୍ତିକ ଓ ଶ୍ରାବଣ ସୋମବାର ଏବଂ ନୂଆ ବର୍ଷରେ ପିକ୍‌ନିକ୍ ପାଇଁ ଏଠାକୁ ପର୍ଯ୍ୟଟକଙ୍କ ଧାଡ଼ି ଲାଗିଥାଏ। ତେବେ ବର୍ଷାଦିନରେ ନଦୀରେ ପାଣି ଅଧିକ ଯୋଗୁ ଶିବଲିଙ୍ଗ ଦର୍ଶନ ସମ୍ଭବ ହୋଇ ନ ଥାଏ। ତେଣୁ ଡିସେମ୍ବରରୁ ମେ'ମାସ ପର୍ଯ୍ୟନ୍ତ ଏଠାରେ ଭିଡ଼ ଜମିଥାଏ। ମୀନାଝୋଲାକୁ ଯିବାପାଇଁ ପୂର୍ବରୁ ଭଲ ରାସ୍ତା ନ ଥିଲା। ଏବେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନଦୀ ତଳ ପର୍ଯ୍ୟନ୍ତ ପିଚୁରାସ୍ତା ନିର୍ମାଣ ହୋଇସାରିଛି। ବ୍ଲକ୍ ପ୍ରଶାସନ ପକ୍ଷରୁ ପୀଠକୁ ଯିବାକୁ ୭୨ଟି ସିମେଣ୍ଟ ପାହାଚ କରାଯାଇଛି। କରୋନା କଟକଣା ଯୋଗୁ ପର୍ଯ୍ୟଟନସ୍ଥଳଗୁଡ଼ିକ ଲୋକଙ୍କ ପାଇଁ ବନ୍ଦ ରହିଥିଲା। ଏବେ ସ୍ଥିତିରେ ସାମାନ୍ୟ ସୁଧାର ଆସିଛି। ତେଣୁ ପିକ୍‌ନିକ୍ ଋତୁରେ ମୀନାଝୋଲା ପୁଣି ଚଳଚଞ୍ଚଳ ହୋଇଉଠିଛି। ଆଗକୁ ଶିବରାତ୍ରି ରହିଥିବାରୁ ବ୍ଲକ୍ ପ୍ରଶାସନ ପକ୍ଷରୁ ବିଭିନ୍ନ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

### କେମିତି ଯିବେ

ରାୟଗଡ଼ା ସହରରୁ ୧୨୫ କି.ମି. ଦୂରରେ ରହିଛି ମୀନାଝୋଲା। ରାୟଗଡ଼ାଠାରୁ ମୁନିଗୁଡ଼ା ପର୍ଯ୍ୟନ୍ତ ଟ୍ରେନ୍ ସୁବିଧା ରହିଛି। ସେଠାରୁ ବସ୍ କିମ୍ବା ଟ୍ୟାକ୍ସି ଯୋଗେ ହନୁମନ୍ତପୁର ଯାଇ ପୁଣି ଟ୍ୟାକ୍ସି, ଅଟୋରିକ୍ସା ନେଇ ମୀନାଝୋଲାକୁ ଯାଇପାରିବେ। ସେହିପରି ରାୟଗଡ଼ାରୁ ସିଧାସଳଖ ବସ୍ କିମ୍ବା ଟ୍ୟାକ୍ସିରେ ଗୁଡ଼ାରି ଭାୟା ସିରିଗୁଡ଼ା ଦେଇ ମଧ୍ୟ ମୀନାଝୋଲାରେ ପହଞ୍ଚିପାରିବେ।

**– ରିପୋର୍ଟ: ବିଜୟ ପ୍ରସାଦ ଉଲାକା, ଚନ୍ଦ୍ରପୁର, ରାୟଗଡ଼ା**

## ୬୬୦ ମିଲିୟନ ଟନ୍ ଉତ୍ତୋଳନ ଲକ୍ଷ୍ୟଧାର୍ଯ୍ୟ

ତାଳଚେର,୮।୧(ନି.ପ୍ର.)

ଦେଶରେ ସର୍ବାଧିକ କୋଇଲା ଉତ୍ପାଦନ କରୁଥିବା କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ଚଳିତ ଆର୍ଥିକ ବର୍ଷ ଶେଷସୁଦ୍ଧା ୬୬୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରିଛି। କମ୍ପାନୀ ଗତ ଡିସେମ୍ବର ଶେଷ ସୁଦ୍ଧା ୪୦୫ ମିଲିୟନ ଟନ୍ ଉତ୍ତୋଳନ କରିବାରେ ସକ୍ଷମ ହୋଇଥିବା ଏହାର ଅଧ୍ୟକ୍ଷ ପ୍ରମୋଦ କୁମାର ଅଗ୍ରୱାଲ ଶୁକ୍ରବାର ଅନୁଗୋଳ ଜିଲା ତାଳଚେର କୋଲ୍‌ଫିଲ୍ଡ୍ସ ଗସ୍ତ ଅବସରରେ ସୂଚନା ଦେଇଛନ୍ତି।

ଏକ ଦିନିକିଆ ଗସ୍ତରେ ତାଳଚେର ଆସିଥିବା ଅଧ୍ୟକ୍ଷ ଅଗ୍ରୱାଲ ଲିଙ୍ଗରାଜ ଓ ଭୁବନେଶ୍ୱରୀ କୋଇଲା ଖଣି ପରିଦର୍ଶନ କରିବା ସହ ବିଭିନ୍ନ ସିଏଚ୍‌ପି ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ୨୦୨୦-୨୧ରେ କୋଲ୍ ଇଣ୍ଡିଆ ୬୫୦ ମିଲିୟନ ଟନ୍ ଉତ୍ପାଦନ ଅତିକ୍ରମ କରିବାର ଲକ୍ଷ୍ୟ ରଖିଛି। ଡିସେମ୍ବର ଶେଷ ସୁଦ୍ଧା କୋଲ୍ ଇଣ୍ଡିଆ ଉତ୍ତୋଳନ



ଏମ୍‌ସିଏଲ୍‌ର କୋଇଲା ଖଣି ପରିଦର୍ଶନ କରୁଛନ୍ତି ସିଆଇଏଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ଅଗ୍ରୱାଲ।

କରିଥିବା ୪୦୫ ମିଲିୟନ ଟନ୍ କୋଇଲା ମଧ୍ୟରୁ ଏମ୍‌ସିଏଲ୍ ୧୦୧.୮ ମିଲିୟନ ଟନ୍ ଉତ୍ତୋଳନ କରିବାରେ ସକ୍ଷମ ହୋଇଛି। କୋଇଲା ଉତ୍ପାଦନ ଓ ପରିବହନ କ୍ଷେତ୍ରରେ ଏମ୍‌ସିଏଲ୍ ଖୁବ୍ ଭଲ କାମ କରିଛି। ଏହି ଗସ୍ତବେଳେ ଏମ୍‌ସିଏଲ୍ ସିଏମ୍‌ଡି ପି.କେ. ସିହ୍ନା, ଡାଇରେକ୍ଟର ଟେକ୍ନିକାଲ ଓ.ପି. ସିଂହ, ନିର୍ଦ୍ଦେଶକ କୋହଭ ରାଓ ପ୍ରମୁଖ ଉପସ୍ଥିତ ଥିଲେ।




# ଛାତ୍ରଙ୍କ ନାର୍କୋ ଟେଷ୍ଟ ଆବେଦନ ଖାରଜ

ନୟାଗଡ ଅଫିସ,୮।୧

ନୟାଗଡ ସଦର ଥାନା ଯଦୁପୁରର ବହୁଚର୍ଚ୍ଚିତ ପରୀ ହତ୍ୟା ଘଟଣାରେ ଅଭିଯୁକ୍ତ ନାବାଳକ କଲେଜ ଛାତ୍ରଙ୍କ ନାର୍କୋ ଆନାଲିସିସ୍ ଟେଷ୍ଟ ହେବନାହିଁ। ନାବାଳକଙ୍କ ସହମତି ନ ମିଳିବା ପରେ ଶୁକ୍ରବାର ନୟାଗଡ଼ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ (କିଶୋର ନ୍ୟାୟ ପରିଷଦ) ନାର୍କୋ ଆନାଲିସିସ୍ ଟେଷ୍ଟ ଆବେଦନକୁ ଖାରଜ କରି ଦେଇଛନ୍ତି। ଫଳରେ କ୍ରାଇମବ୍ରାଞ୍ଚର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି)କୁ ପୁଣି ଝଟକା ଲାଗିଛି। ଅନ୍ୟପକ୍ଷରେ ନାବାଳକଙ୍କଠାରୁ ଜବତ ମୋବାଇଲ ଫୋନ୍, ସିମ କାର୍ଡ ଓ ମେମୋରୀ କାର୍ଡ କୋଲକାତାର ସେଣ୍ଟ୍ରାଲ ଫରେନସିକ୍ ଲାବରେଟୋରି(ସିଏଫ୍‌ଏଲ୍)କୁ ଯାଞ୍ଚ ପାଇଁ ପଠାଯିବ। ସେହିପରି ପରୀର ମୃତଦେହ ଜବତ ହୋଇଥିବା ବସ୍ତାରେ ବନ୍ଧା ଯାଇଥିବା ତାର ପରି ଅନୁରୂପ ଏକ ତାରକୁ ଛାତ୍ର ଘରୁ ଏସ୍‌ଆଇଟି ଉଦ୍ଧାର କରିଥିଲା। ଅଖାରେ ବନ୍ଧା ହୋଇଥିବା ତାରର ଏହା ଅଂଶ ବୋଲି ସନ୍ଦେହ କରାଯାଉଛି। ମୃତଦେହ ମିଳିଥିବା ଅଖାର ତାର ସହ ଛାତ୍ରଙ୍କ ଘରୁ ଜବତ ତାର ମଧ୍ୟ ଫରେନସିକ୍ ଲାବରେଟୋରିକୁ ଯାଞ୍ଚ ପାଇଁ ଯିବାକୁ ଅନୁରୂପ ଅନୁମତି ମିଳିଛି। ମୋବାଇଲ ଫୋନ୍ ଉପକରଣ ଓ ତାରକୁ ସିଏଫ୍‌ଏଲ୍‌କୁ ପଠାଇବା ଲାଗି ଏସ୍‌ଆଇଟି ପକ୍ଷରୁ ଗୁରୁବାର ଆବେଦନ ହୋଇଥିଲା। ଏହାକୁ ଛାତ୍ର ବିରୋଧ କରିଥିଲେ ମଧ୍ୟ ବୋର୍ଡ ଅନୁମତି ଦେଇଛନ୍ତି। ଅନ୍ୟପକ୍ଷରେ ଛାତ୍ରଙ୍କ ବ୍ରେନ୍ ମ୍ୟାପିଂ ପାଇଁ ଏସ୍‌ଆଇଟି ପକ୍ଷରୁ ଶୁକ୍ରବାର ପୁଣି ବୋର୍ଡରେ ଆବେଦନ ହୋଇଛି। ଏହାର ଶୁଣାଣି ଆସନ୍ତା ୧୩ ତାରିଖରେ ହେବ ବୋଲି ସରକାରୀ ଓକିଲ ବଳଭଦ୍ର ମହାନ୍ତି କହିଛନ୍ତି।

ନାର୍କୋ ଆନାଲିସିସ୍ ଟେଷ୍ଟ ପାଇଁ କ୍ରାଇମବ୍ରାଞ୍ଚ ଏସ୍‌ଆଇଟି ପକ୍ଷରୁ ନୟାଗଡ ପୋକ୍‌ସୋ କୋର୍ଟରେ ଗତ ୪ ତାରିଖରେ ଆବେଦନ ହୋଇଥିଲା। ୫ ତାରିଖରେ କୋର୍ଟ ଆବେଦନର ଶୁଣାଣି କରିଥିଲେ। ଜନ୍ମପ୍ରମାଣପତ୍ର ଓ ମାଟ୍ରିକ ସାର୍ଟିଫିକେଟର ବୟସକୁ ଆଧାର କରି ଅଭିଯୁକ୍ତ ଛାତ୍ର ଜଣେ ନାବାଳକ ବୋଲି ବିଚାରପତି ରାୟ ଶୁଣାଇବା ସହ ମାମଲାକୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପରେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିଷ ବୋର୍ଡରେ ହାଜର କରାଯାଇଥିଲା। ବୋର୍ଡ ନାବଳକଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ପଠାଇଥିଲେ। ୮ ତାରିଖରେ ବୋର୍ଡରେ ନାର୍କୋ ଆନାଲିସିସ୍ ଟେଷ୍ଟ ଆବେଦନର ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଥିଲା। ବୋର୍ଡ ପକ୍ଷରୁ ଶୁକ୍ରବାର ନାବାଳକ ଅଭିଯୁକ୍ତଙ୍କୁ ଟେଷ୍ଟ ପାଇଁ ସହମତି ଦେବାକୁ ପଚରାଯାଇଥିଲା। କିନ୍ତୁ ସେ ଲିଖିତ ଭାବେ ଉକ୍ତ ଟେଷ୍ଟ ପାଇଁ ଅସହମତି ପ୍ରକାଶ କରିଥିଲେ। ସୁପ୍ରିମ୍‌କୋର୍ଟଙ୍କର ଗାଇଡ୍‌ଲାଇନ ଅନୁସାରେ ସହମତି ବିନା ନାର୍କୋ ଆନାଲିସିସ୍ ଟେଷ୍ଟ କରାଯାଇ ପାରିବ ନାହିଁ।

### ପରୀ ହତ୍ୟାକାଣ୍ଡ



- ଜବତ ମୋବାଇଲ ଓ ତାର ପରୀକ୍ଷଣ ପାଇଁ କୋଲକାତା ଯିବ
- ବ୍ରେନ୍ ମ୍ୟାପିଂ ପାଇଁ ଏସ୍‌ଆଇଟିର ଆବେଦନ

## ମଡର୍ନା ଟିକାକୁ ବ୍ରିଟେନର ମଞ୍ଜୁରୀ




ଲଣ୍ଡନ, ୮।୧

ଆମେରିକାର ମଡର୍ନା କମ୍ପାନୀ ପ୍ରସ୍ତୁତ କୋଭିଡ୍ ଟିକାକୁ ଜରୁରୀ ବ୍ୟବହାର ଲାଗି ବ୍ରିଟେନ ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ବ୍ରିଟେନର ଅନୁମୋଦନ ଲାଭ କରିବାରେ ଏହା ତୃତୀୟ ଟିକା। ପୂର୍ବରୁ ଫାଇଜର-ବାୟୋଏନ୍‌ଟେକ୍ ପ୍ରସ୍ତୁତ ଟିକା ଏବଂ ପରେ ଅକ୍ସଫୋର୍ଡ ୟୁନିଭର୍ସିଟି ଦ୍ୱାରା ବିକଶିତ ଓ ଅଷ୍ଟ୍ରାଜେନିକା ପ୍ରସ୍ତୁତ ଟିକାକୁ ମଞ୍ଜୁରୀ ମିଳିଥିଲା। ଗୁରୁତର କରୋନା ସଂକ୍ରମଣରୁ ମଡର୍ନା ଟିକା ପାଖାପାଖି ୯୫ ପ୍ରତିଶତ ସୁରକ୍ଷା ଦେଇପାରିବ। ତେବେ ଏହାକୁ ପରିବହନ ଓ ଗଚ୍ଛିତ ରଖିବା ଲାଗି ବିୟୁକ୍ତ ୨୦ ଡିଗ୍ରୀ ତାପମାତ୍ରା ଆବଶ୍ୟକ। ବ୍ରିଟେନ ୭୦ ଲକ୍ଷ ମଡର୍ନା ଟିକା ପାଇଁ ଅର୍ଡର କରିଥିବାବେଳେ ଏହା ପହଞ୍ଚିବା ଲାଗି କିଛି ସପ୍ତାହ ଲାଗିବ ବୋଲି କୁହାଯାଉଛି।

## ଆଜିଠାରୁ ବଟାନିକାଲ ଗାର୍ଡେନରେ ବଣଭୋଜି

ବାରଙ୍ଗ,୮।୧(ଡି.ଏନ୍.ଏ.)




ପ୍ରାଣୀ ଉଦ୍ୟାନ ନନ୍ଦନକାନନ ପାର୍ଶ୍ୱରେ ଥିବା ବଟାନିକାଲ ଗାର୍ଡେନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କୁ ଏଥର ବଣଭୋଜି କରିବାକୁ ସୁଯୋଗ ଦିଆଯିବ। ଏଥିପାଇଁ ନନ୍ଦନକାନନ କର୍ତ୍ତୃପକ୍ଷ ଶନିବାରଠାରୁ ଏହି ସୁଯୋଗ ପର୍ଯ୍ୟଟକ ପାଇପାରିବେ ବୋଲି ପ୍ରକାଶ କରିଛନ୍ତି। କୋଭିଡ୍ ପାଇଁ ୮ମାସ ନନ୍ଦନକାନନ ବନ୍ଦ ରହିଥିଲା। ଅକ୍ଟୋବର ୪ରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନ ପର୍ଯ୍ୟଟକଙ୍କ ପାଇଁ ଖୋଲିଛି। କିନ୍ତୁ ବଟାନିକାଲ ଗାର୍ଡେନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏଠାରେ ଭୋଜିର ସୁବିଧା ନ ପାଇ ନିରାଶରେ ଫେରୁଥିଲେ। କରୋନାକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ କେବଳ ବଟାନିକାଲ ଗାର୍ଡେନ ବୁଲିବାର ସୁଯୋଗ ଦେଇଥିବାବେଳେ ଭୋଜି ପାଇଁ ଅନୁମତି ଦେଇ ନ ଥିଲେ। ତେବେ ଏବେ କରୋନା ସଂକ୍ରମିତ ସଂଖ୍ୟା କମୁଥିବାରୁ ଶନିବାରଠାରୁ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକମାନେ ଭୋଜି କରିବାର ସୁଯୋଗ ପାଇପାରିବା ସହ ବଣଭୋଜିର ମଜା ଉଠାଇପାରିବେ ବୋଲି ଉପନିର୍ଦ୍ଦେଶକ ବିମଳ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି।

## ଜାନୁୟାରୀ ଶେଷ ପର୍ଯ୍ୟନ୍ତ ପୂର୍ବଭଳି କୋର୍ଟ ଚାଲିବ

କଟକ ଅଫିସ, ୮।୧

ଜାନୁୟାରୀ ଶେଷ ପର୍ଯ୍ୟନ୍ତ ହାଇକୋର୍ଟ ପୂର୍ବଭଳି ଚାଲିବ। ଅର୍ଥାତ୍ ଏହି ସମୟ ମଧ୍ୟରେ କୋର୍ଟ ସାଧାରଣ ଭାବେ କାର୍ଯ୍ୟ କରିବ ନାହିଁ। ହାଇକୋର୍ଟ ପକ୍ଷରୁ ଅନୁଷ୍ଠିତ ଫୁଲ୍‌କୋର୍ଟରେ ଏହି ନିଷ୍ପତ୍ତି ନିଆଯାଇଛି। ସେହିପରି ନିମ୍ନ ଅଦାଲତ ଏବଂ ଟ୍ରିବ୍ୟୁନାଲ ମଧ୍ୟ ପୂର୍ବପରି କାର୍ଯ୍ୟ କରିବ। ସୂଚନାଯୋଗ୍ୟ, କରୋନା ସଂକ୍ରମଣ ପରେ ହାଇକୋର୍ଟ କଟକଣା ମଧ୍ୟରେ ଚାଲି ଆସୁଛି। ଭର୍ଚୁଆଲ୍‌ରେ ବିଭିନ୍ନ ମାମଲାର ଶୁଣାଣି କରାଯାଉଛି। ଆଇନଜୀବୀମାନେ ଘରୁ ରହି ମାମଲା ପରିଚାଳନା କରୁଛନ୍ତି।

## ମାଓବାଦୀ କ୍ୟାମ୍ପ ଠାବ, ସାମଗ୍ରୀ ଜବତ

ଫୁଲବାଣୀ ଅଫିସ, ୮।୧

### ଯବାନଙ୍କ ଉପରକୁ ଗ୍ରେନେଡ ଫିଙ୍ଗିଲେ

କନ୍ଧମାଳ ଜିଲାର କେତେକ ଜଙ୍ଗଲ ଅଞ୍ଚଳରେ ମାଓବାଦୀ ସେମାନଙ୍କ ଗତିବିଧି ଜାରି ରଖିଛନ୍ତି। ଅନେକ ସମୟରେ ଯବାନ ଏବଂ ମାଓବାଦୀ ମୁହାଁମୁହିଁ ହେଉଛନ୍ତି। ଗୁରୁବାର ଚକାପାଦ ଥାନା ଲେଙ୍ଗେରିମୁଣ୍ଡା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ଅଞ୍ଚଳରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଯବାନଙ୍କ ଉପରକୁ ମାଓବାଦୀ ଗ୍ରେନେଡ ଫିଙ୍ଗିଥିଲେ। ହେଲେ ଏଥିରେ କାହାର କିଛି କ୍ଷତି ହୋଇନାହିଁ। ଗୁଳି ବିନିମୟ ପରେ ସର୍ଚ୍ଚ ଅପରେଶନ ହୋଇଥିଲା। ସେଠାରୁ ଡିଟୋନେଟର, ହ୍ୟାଣ୍ଡ ଗ୍ରେନେଡ, ବିସ୍ଫୋରକ, ବିଦ୍ୟୁତ୍ ସରଞ୍ଜାମ, ଔଷଧ, ବ୍ୟାଟେରି, ଲିଫ୍‌ଲେଟ ଆଦି ମିଳିଛି। ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ ବୋଲି ଏସ୍‌ପି ଭିନୀତ ଅଗ୍ରୱାଲ ଶୁକ୍ରବାର ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ଲେଙ୍ଗେରିମୁଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀ କ୍ୟାମ୍ପ କରିଥିବା ସୂଚନା ମିଳିଥିଲା। ତେଣୁ ଉକ୍ତ ଅଞ୍ଚଳରେ ଏସ୍‌ଓଜି ଯବାନ ଏବଂ ଜିଲା ଭଲ୍ୟୁଣ୍ଟାରି ଫୋର୍ସ ପକ୍ଷରୁ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଥିଲା। ମାଓବାଦୀ ପ୍ରଥମେ ଗ୍ରେନେଡ ଫିଙ୍ଗିଥିଲେ। ଯବାନମାନେ ତୁରନ୍ତ ପୋଜିଶନ ନେଇ ସେମାନଙ୍କୁ ଆତ୍ମସମର୍ପଣ କରିବାକୁ କହିଥିଲେ। ହେଲେ ସେମାନେ କିଛି ନ ଶୁଣି ଗୁଳିଚାଳନା କରିଥିଲେ। ଯବାନମାନେ ପାଲଟା ଗୁଳି ଚଳାଇଥିଲେ। ପରେ ଘଞ୍ଚ ଜଙ୍ଗଲର ସୁଯୋଗ ନେଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ସେଠାରେ ୧୫ରୁ ୨୦ ମାଓବାଦୀ ଥିବା ଅନୁମାନ କରାଯାଉଛି। ମାଓବାଦୀମାନେ ଓଡ଼ିଶା ଷ୍ଟେଟ କ୍ୟାଡରର ଥିଲେ। ବର୍ତ୍ତମାନ ସୁଦ୍ଧା ସେମାନେ କେଉଁ ଗ୍ରୁପ୍‌ର ତାହା ଚିହ୍ନଟ କରଯାଇ ନାହିଁ ବୋଲି ଏସ୍‌ପି କହିଛନ୍ତି।

## ଭୂମିକମ୍ପ, ପ୍ରଚଣ୍ଡ ଶବ୍ଦରେ ଲୋକେ ଭୟଭୀତ

ଦାରିଙ୍ଗବାଡି/ଜି.ଉଦୟଗିରି/ଭଞ୍ଜନଗର/,୮।୧(ଡି.ଏନ୍.ଏ.)

କନ୍ଧମାଳ ଜିଲା ଦାରିଙ୍ଗବାଡି, ଜି. ଉଦୟଗିରି, ବାଲିଗୁଡା, ରାଇକିଆ ସମେତ ଗଞ୍ଜାମର ଭଞ୍ଜନଗର ଓ ଗଜପତି ଜିଲା ମୋହନା ବ୍ଲକର କେତେକ ଅଞ୍ଚଳରେ ଶୁକ୍ରବାର ରାତି ପ୍ରାୟ ୯ଟା ୪୫ରେ ଭୂମିକମ୍ପ ଅନୁଭୂତ ହୋଇଛି। ଲୋକମାନେ ଭୟରେ ଘରୁ ପଦାକୁ ଚାଲିଆସିଥିଲେ। ପୁନର୍ବାର କମ୍ପନ ଆଶଙ୍କାରେ ବହୁ ସମୟ ଧରି ବାହାରେ ରହିଥିବା ଦେଖିବାକୁ ମିଳିଥିଲା। ଦାରିଙ୍ଗବାଡି ଅଞ୍ଚଳରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। କ୍ଷୟକ୍ଷତିର ସୂଚନା ମିଳି ନଥିବାବେଳେ କଣ୍ଟେଇପଲ୍ଲୀରୁ ଭଞ୍ଜନଗର ୩୩କେଭି ଫିଡର୍‌ରେ ତ୍ରୁଟି ଯୋଗୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଥିବା ଜଣାପଡିଛି।

## ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ମୃତ

କାଳିଆପାଣି/ଭୁବନ, ୮।୧(ଡି.ଏନ.ଏ.)

ଯାଜପୁର ଜିଲା କାଳିଆପାଣି ଥାନା ଖୁଣ୍ଟାପଶି ଗ୍ରାମ ଜଙ୍ଗଲ ନିକଟରେ ଗୁରୁବାର ବିଳମ୍ବିତ ରାତ୍ରିରେ ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା ଭୁବନ ଥାନା କୁନିନ୍ଦା ଗ୍ରାମର ଗୋବିନ୍ଦ ବେହେରା(୫୫)। କାଳିଆପାଣି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଗୁଳିକାଣ୍ଡ ସମ୍ପର୍କରେ ପୋଲିସକୁ କୌଣସି ସୂଚନା ମିଳିନାହିଁ।

କୁନିନ୍ଦା ଗ୍ରାମର ଗୋବିନ୍ଦ, ଚହଲି ସେଠୀଙ୍କ ମଇଁଷି ହଳ ୩ଦିନ ହେଲା ହଜିଯାଇଥିଲା। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିବା ସତ୍ତ୍ୱେ ସେମାନଙ୍କ ପତ୍ତା ମିଳି ନ ଥିଲା। କାଳିଆପାଣି ଥାନା ଚିଙ୍ଗୁଡ଼ିପାଳ ପଞ୍ଚାୟତର ଖୁଣ୍ଟାପଶି ଆଡ଼କୁ ମଇଁଷି ଚାଲିଯାଇଥିବା ଭାବି ସମସ୍ତେ ଗୁରୁବାର ରାତିରେ ଯାଇଥିଲେ। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ଖୋଜାଖୋଜି କରି ନିରାଶ ହେବା ପରେ ଚିଙ୍ଗୁଡ଼ିପାଳ ରାସ୍ତାରେ ଫେରୁଥିଲେ। ଅଚାନକ ଗୋବିନ୍ଦଙ୍କ ଦେହରେ ଗୁଳି ବାଜିଥିଲା। ଏଥିରେ ଭୟଭୀତ ଚହଲି ଗୋବିନ୍ଦାଙ୍କ ଘରକୁ ଫୋନ୍ କରିଥିଲେ। ଗୋବିନ୍ଦଙ୍କ ପୁଅ ପହଞ୍ଚି ଗୁରୁତର ବାପାଙ୍କୁ ଭୁବନ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପହଞ୍ଚିବା ବେଳକୁ ଗୋବିନ୍ଦଙ୍କ ମୃତ୍ୟୁ ହୋଇଯାଇଥିଲା। ଗୋବିନ୍ଦଙ୍କ ସାନପୁଅ ମାନସଙ୍କ ଲିଖିତ ଅଭିଯୋଗକ୍ରମେ କାଳିଆପାଣି ଥାନାରେ ଏକ ମାମଲା ରୁଜୁ ହୋଇଛି। ତେବେ କିଏ ଏବଂ କାହିଁକି ଗୁଳିମାଡ଼ କଲା ତାହା ସ୍ପଷ୍ଟ ହୋଇନାହିଁ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ ଦେଖିଲେ କୁଳପତି



ସିହାଠାରେ ଉତ୍କଳ ବିଶ୍ୱବିଦ୍ୟାଳୟର ଗ୍ରାମୀଣ କ୍ୟାମ୍ପସ ସମୀକ୍ଷା କରୁଛନ୍ତି କୁଳପତି ଓ ବିଧାୟକ।

ଚଣ୍ଡିଖୋଲ, ୮।୧(ଡ଼ି.ଏନ.ଏ)

ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ସିହାଠାରେ ନିର୍ମାଣ ଚାଲିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ଗ୍ରାମୀଣ କ୍ୟାମ୍ପସ ପରିସରରେ ଶୁକ୍ରବାର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ କ୍ଷେତ୍ର ପରିଦର୍ଶନ କରି ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ୨୦୧୭ ଜୁଲାଇ ୩୧ରେ ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ବିଶ୍ୱବିଦ୍ୟାଳୟ କୁଳପତି ଗ୍ରାମୀଣ କ୍ୟାମ୍ପସର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି କାର୍ଯ୍ୟ ୨୦୨୨ ସୁଦ୍ଧା ସରିବାକୁ ଲକ୍ଷ୍ୟ ରଖାଯାଇଥିଲା। ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ନେଇ କ୍ଷେତ୍ର ପରିଦର୍ଶନ ସମୟରେ କୁଳପତି ଜାଣିବାକୁ ପାଇଥିଲେ। କିପରି କାମ ତ୍ୱରାନିତ କରାଯିବ ସେଥିନେଇ ଏକ ସମୀକ୍ଷା ବୈଠକ ଚଣ୍ଡିଖୋଲଠାରେ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଛାତ୍ରାବାସ, ଶ୍ରେଣୀ କକ୍ଷ, ପ୍ରଶାସନିକ ଗୃହ ଓ ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ଦେଖିବା ସହିତ ଏହାକୁ ଯଥାଶୀଘ୍ର ସାରିବା ପାଇଁ ଠିକା କମ୍ପାନୀକୁ ପରାମର୍ଶ ଦେଇଥିଲେ।

ପ୍ରଫେସର ଆଚାର୍ଯ୍ୟ କହିଛନ୍ତି, କୌଶଳଭିତ୍ତିକ ପାଠ୍ୟକ୍ରମ ଜରିଆରେ ଏହି ଅଞ୍ଚଳର ବିକାଶ ଆଣିବା ପାଇଁ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିବଦ୍ଧ ଅଟେ। ଯଥାଶୀଘ୍ର ଏଠାକାର ବିଦ୍ୟାର୍ଥୀଙ୍କ ନିମନ୍ତେ ହଷ୍ଟେଲ ସୁବିଧା କରିବା ପାଇଁ ଆମେ ପ୍ରୟାସ କରୁଛୁ। ଏହି ସମୀକ୍ଷା ବୈଠକରେ ଉତ୍କଳ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଅଭୟ କୁମାର ନାୟକ, ନିର୍ଦ୍ଦେଶକ ପ୍ରଫେସର ଏ.ଏ.ଖାନ୍, ଅର୍ଥ ନିୟନ୍ତ୍ରକ ସୁରେନ୍ଦ୍ର କୁମାର ସାହୁ, ପ୍ରଫେସର ଜଗ୍ନେଶ୍ୱର ଦଣ୍ଡପାତଙ୍କ ସମେତ ଉତ୍କଳ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ଆମ୍ବାର ଅଧ୍ୟକ୍ଷ ନିରଞ୍ଜନ ସେନାପତି, ଯୁବନେତା ଗଣେଶ୍ୱର ବରାଳ, ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଳିକ, ବାବା ଭୈରବାନନ୍ଦ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. କେଦାରନାଥ ଦାଶ, ଜିଲା ପରିଷଦ ସଭ୍ୟା ବିନୋଦିନୀ ସାହୁ, ସରପଞ୍ଚ ଯଯାତି କେଶରୀ ରାଉତ, ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ସରକାରଙ୍କୁ ସିସିଆଇର ପ୍ରଶଂସା

ଭୁବନେଶ୍ୱର, ୮।୧(ବ୍ୟୁରୋ)

ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବା ଓ ପ୍ରକଳ୍ପଗୁଡିକୁ କାର୍ଯ୍ୟକରିବାରେ ରାଜ୍ୟ ସରକାରଙ୍କ କାର୍ଯ୍ୟକଳାପକୁ କେନ୍ଦ୍ର କ୍ୟାବିନେଟ କମିଟି ଇନଭେଷ୍ଟମେଣ୍ଟ (ସିସିଆଇ)ର ପ୍ରୋଜେକ୍ଟ ମନିଟରିଂ ଗ୍ରୁପ ପ୍ରଶଂସା କରିଛି। ଶୁକ୍ରବାର ଡିପାର୍ଟମେଣ୍ଟ ଫର୍ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ୍ ଇଣ୍ଟରନାଲ ଟ୍ରେଡ୍ (ଡିପିଆଇଆଇଟି) ମନ୍ତ୍ରଣାଳୟ ସଚିବ ଗୁରୁ ପ୍ରସାଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ କମିଟି ବୈଠକରେ ଅନେକ ପ୍ରକଳ୍ପ ସମ୍ପର୍କିତ ଆନ୍ତଃ ରାଜ୍ୟ ସମସ୍ୟା ସମାଧାନ କରାଯାଇଛି। ବୈଠକରେ ୨୬,୬୨୦ କୋଟି ଟଙ୍କାର ୮ଟି ପ୍ରକଳ୍ପର ସମୀକ୍ଷା କରାଯାଇଥିଲା। ସେଥିରେ ୪ଟି ରେଳ ପ୍ରକଳ୍ପ ଥିବା ବେଳେ ୨ଟି ଜାତୀୟ ରାଜପଥ, ଗୋଟିଏ ଶକ୍ତି ଓ ଗୋଟିଏ ତୈଳ ଓ ଗ୍ୟାସ୍ ପ୍ରକଳ୍ପ ଅନ୍ତର୍ଭୁକ୍ତ। ପରିବେଶ ଅନୁମତି, କ୍ଷତିପୂରଣ ବନୀକରଣ, କ୍ଷତିପୂରଣ ପ୍ରଦାନ ଆଦି ଅନେକ ବିଷୟର ସମାଧାନ କରାଯାଇଛି। ଏହି ଆଲୋଚନା ସଫଳ ହୋଇଛି ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଗୋଟି ଗୋଟି କରି ପ୍ରକଳ୍ପଗୁଡିକର ସମୀକ୍ଷା କରାଯାଇଛି। ପ୍ରତ୍ୟେକ ପ୍ରକଳ୍ପ ପାଇଁ ସମୟ ଧାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ଓ ଅନ୍ୟାନ୍ୟ ଅଧିକାରୀ ଯୋଗ ଦେଇଥିଲେ।

ବାହାର ଜଗତରେ ଘୁରି ବୁଲୁଥିବା ଉଡନ୍ତା ଶକ୍ତିଗୁଡିକ ହାତରେ ନିଜକୁ ଛାଡି ଦିଅନାହିଁ। କୌଣସି କାମ ପାଇଁ ତରବର ଥିଲେ ମଧ୍ୟ, କିଛି ସମୟ ପଛକୁ ହଟିଯାଅ। ଦେଖି ଆଶ୍ଚର୍ଯ୍ୟ ହେବ ଯେ ତୁମ କାମଟି କେତେ ଶୀଘ୍ର ଓ କେତେ ସାଫଲ୍ୟମଣ୍ଡିତ ହୋଇଛି। –ଶ୍ରୀମା

# ବାବୁଙ୍କ ବିବାଦ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କର୍ଣ୍ଣାଟକର ପ୍ରଥମ ମହିଳା ଗୃହ ସଚିବ ଥିଲେ ଆଇପିଏସ୍ ଅଧିକାରୀ ଡି.ରୁପା। ଏବେ ତାଙ୍କୁ କର୍ଣ୍ଣାଟକ ରାଜ୍ୟ ହସ୍ତଶିଳ୍ପ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଭାବେ ବଦଳି କରାଯାଇଛି। ରାଜ୍ୟର ଆଉ ଜଣେ ଆଇପିଏସ୍ ଅଧିକାରୀ ହେମନ୍ତ ନିମ୍ବଲକରଙ୍କ ସହ ସହ ଜଣାଶୁଣା ବା ଚର୍ଚ୍ଚିତ ବିବାଦକୁ କେନ୍ଦ୍ରକରି ରୁପାଙ୍କୁ ଏଭଳି ବଦଳି କରାଯିବା ସହ ନିମ୍ବଲକରଙ୍କୁ ମଧ୍ୟ ବଦଳି କରାଯାଇଛି। ଆଭ୍ୟନ୍ତରୀଣ ସୁରକ୍ଷା ବିଭାଗକୁ ବଦଳି ହେବା ପୂର୍ବରୁ ନିମ୍ବଲକର ବେଙ୍ଗାଲୁରୁରେ ଯୁଗ୍ମ କମିଶନର (ପ୍ରଶାସନ) ଥିଲେ। ସିସିଟିଭି କିଣାକୁ ନେଇ ଟେଣ୍ଡର୍ ପ୍ରକ୍ରିୟା ଉପରେ କର୍ଣ୍ଣାଟକର ଏହି ଦୁଇ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ଦେଖାଦେଇଥିବା ବିବାଦ ସେବାରେ ଥିବା ତୀବ୍ର ବିରୋଧ ଭାବକୁ ପଦାକୁ ଆଣିଛି। ନିର୍ଭୟ ଯୋଜନାରେ ୬୧୯ କୋଟି ଟଙ୍କାର ବେଙ୍ଗାଲୁରୁ ସେଫ୍ ସିଟି ପ୍ରୋଜେକ୍ଟର ଟେଣ୍ଡର ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ରୁପା ଅଭିଯୋଗ କରିବା ପରେ ଏହି ଦୁଇ ଆଇପିଏସ୍ ଅଧିକାରୀ ଲଢେଇରେ ମାତିଗଲେ। ଅନ୍ୟପକ୍ଷରେ ଡି.ରୁପା ତାଙ୍କ ଅଧିକାର ବାହାରେ ଟେଣ୍ଡର୍ ପ୍ରକ୍ରିୟାରେ ଅଯଥା ହସ୍ତକ୍ଷେପ କରୁଥିବା ଦର୍ଶାଇ ନିମ୍ବଲକର ମଧ୍ୟ ତାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ରୁପା ରାଜ୍ୟ ମୁଖ୍ୟ ଶାସନ ସଚିବ ଟି.ଏମ୍.ବିଜୟଭାସ୍କରଙ୍କ ନିକଟକୁ ନିମ୍ବଲକରଙ୍କ ବିରୋଧରେ ବି ଲେଖିଥିଲେ। ନିମ୍ବଲକର ବେଙ୍ଗାଲୁରୁ ସେଫ୍ ସିଟି ପ୍ରୋଜେକ୍ଟରେ ଏକ ଘରୋଇ କମ୍ପାନୀକୁ ସମର୍ଥନ କରୁଥିଲେ ଏବଂ ତାଙ୍କ ବିରୋଧର ତଦନ୍ତ କରାଯିବା ଲାଗି ଏଥିରେ ରୁପା ଦାବି କରିଥିଲେ। ନିମ୍ବଲକର ପ୍ରତି ଅଭିଯୋଗ ଆଣିବା ପରେ ଗୃହ ବିଭାଗ ରୁପାଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଥିବାବେଳେ ନିମ୍ବଲକରଙ୍କ ବିରୋଧରେ ତଦନ୍ତ କରିବାକୁ ଆଗପଛ ହେଉଛି। ସୂତ୍ରରୁ ପ୍ରକାଶ ଯେ, ବହୁ କୋଟି ଟଙ୍କାର ପ୍ରୋଜେକ୍ଟର ଟେଣ୍ଡର୍ ପ୍ରକ୍ରିୟାରେ ହସ୍ତକ୍ଷେପ କରିଥିବା ଅଭିଯୋଗରେ ରୁପାଙ୍କ ଉପରେ ମୁଖ୍ୟ ଶାସନ ସଚିବ ତଦନ୍ତ କରୁଥିବା ରିପୋର୍ଟ ଗଣମାଧ୍ୟମରେ ପ୍ରକାଶ ପାଇଲା ପରେ ରୁପା ମୁଖ୍ୟ ଶାସନ ସଚିବଙ୍କୁ ବି ଲେଖି ଜଣାଇଥିଲେ। ନିମ୍ବଲକର କର୍ଣ୍ଣାଟକ ମୁଖ୍ୟ ସଚିବଙ୍କୁ ଲେଖିଥିବା ଅଭିଯୋଗ ସହ ମିଡିଆ ରିପୋର୍ଟର ବିଷୟବସ୍ତୁ ପ୍ରାୟତଃ ସମାନ ଥିଲା। ଦୁଇଜଣଙ୍କ ଅଭିଯୋଗ ମିଳିବା ପରେ ସରକାର ଏବେ ଏହି ବିଷୟ ଉପରେ ତଦନ୍ତ ଆରମ୍ଭ କରିଛନ୍ତି।

### ଖେମ୍‌କା ସହଜେ ଛାଡ଼ନ୍ତିନି

ହରିୟାଣା ଆଇଏଏସ୍ ଅଧିକାରୀ ଏବଂ ହୁଇସିଲ ବ୍ଲୋୟର ଅଶୋକ ଖେମ୍‌କା ତାଙ୍କ ମୂଳ ଆଦର୍ଶକୁ କେବେ ବି ଛାଡନ୍ତି ନାହିଁ। ସେ ରାଜ୍ୟର ପ୍ରତ୍ନତତ୍ତ୍ୱ ବିଭାଗର ଏବେ ପ୍ରମୁଖ ସଚିବ ରହିଛନ୍ତି। ଅବିଶ୍ରାନ୍ତ କାର୍ଯ୍ୟ କରି ଆସୁଥିବା ଖେମ୍‌କା ଏକ ମାମଲାକୁ ଆଗକୁ ବଢ଼ାଇବା ଜାରି ରଖିଛନ୍ତି ଯାହା ତାଙ୍କୁ ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆଣିଛି। ଗତବର୍ଷ ସୂଚନା ଅଧିକାର ଆଇନରେ ଖେମ୍‌କା ରାଜ୍ୟ ସୂଚନା କମିଶନଙ୍କୁ ତଥ୍ୟ ପାଇଁ ଆବେଦନ କରିଥିଲେ। ଏଥିରେ କଂଗ୍ରେସ ସରକାର ସମୟରେ ଗୁରୁଗାଁଓରେ ଜମି ହେରଫେର ଉପରେ ତଦନ୍ତ କମିଶନଙ୍କ ତଦନ୍ତ ସଂକ୍ରାନ୍ତୀୟ ତଥ୍ୟ ଜାଣିବାକୁ ସେ ଚାହିଁଥିଲେ। ଏଥିରେ କଂଗ୍ରେସର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଜ୍ୱାଇଁଙ୍କ ତଥାକଥିତ ଭୂମିକା ସମ୍ପର୍କିତ ତଥ୍ୟ ବି ସାମିଲ ଥିଲା। ସେ ଚାହୁଁଥିବା ସବିଶେଷ ତଥ୍ୟ ତାଙ୍କୁ ଯୋଗାଇ ଦିଆଯାଇ ନ ଥିବା ସୂଚନା କମିଶନଙ୍କୁ ଜଣାଇଥିଲେ। କମିଶନ ଏବେ ମୁଖ୍ୟ ଶାସନ ସଚିବ(ରାଜନୈତିକ ବିଭାଗ) ଏବଂ ଟାଉନ ଓ କଣ୍ଟ୍ରି ପ୍ଲାନିଂ ଡିପାର୍ଟମେଣ୍ଟକୁ ନୋଟିସ ଜାରି କରି ଖେମ୍‌କାଙ୍କ ଆବେଦନ ଉପରେ ସେମାନେ କ'ଣ ଉତ୍ତର ଦେଇଛନ୍ତି ସେ ସମ୍ପର୍କରେ ସେମାନଙ୍କ ପ୍ରତିକ୍ରିୟା ଦେବାକୁ ନୋଟିସ ଜାରି କରିଛନ୍ତି। ସୂତ୍ରରୁ ଜଣାପଡିଛି ଯେ, ଖେମ୍‌କା ମାଗିଥିବା ତଥ୍ୟ ଯୋଗାଇ ଦେବାରେ ଯେଉଁମାନେ ବିଫଳ ହୋଇଛନ୍ତି ସେମାନଙ୍କ ବିରୋଧରେ ସୂଚନା ଅଧିକାର ଆଇନ୍‌ର ଧାରା ୨୦ରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଖେମ୍‌କା ଚାହିଁଛନ୍ତି। ଏ କ୍ଷେତ୍ରରେ କିଛି ତଥ୍ୟ ଲୁଚାଯାଇଥିବା ସେ ଦାବି କରିଛନ୍ତି।

### ନିର୍ଦ୍ଦେଶକୁ ଅମାନ୍ୟ

ଜମ୍ମୁ-କଶ୍ମୀର କ୍ୟାଡର୍‌ର ଅନେକ ଆଇଏଏସ୍ ଅଧିକାରୀ ଅନ୍‌ଲାଇନରେ ସେମାନଙ୍କ ଇମୋଭେବଲ ପ୍ରପର୍ଟି ରିଟର୍ନ(ଆଇପିଆର୍) ବା ଅଚଳ ସମ୍ପତ୍ତିର ବିବରଣୀ ଦେବାର ସରକାରୀ ନିର୍ଦ୍ଦେଶକୁ ଖୋଲାଖୋଲି ଭାବେ ଅମାନ୍ୟ କରିବା ଘଟଣାକୁ ଗମ୍ଭୀରତାର ସହ ନେଇଛନ୍ତି। ଏହା ପାଳନ ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ। ସୂତ୍ରରୁ ଜଣାପଡିଛି ଯେ, ଅନ୍‌ଲାଇନରେ ଆଇପିଆର୍ ଦେବା ପ୍ରକ୍ରିୟା ୨୦୧୭ରେ ଆରମ୍ଭ କରାଯାଇଥିଲା। ଏବକାର ଏହି ନିୟମରେ ବାବୁମାନେ ଏହାକୁ ଅନ୍‌ଲାଇନରେ ଦେବା ଅନିବାର୍ଯ୍ୟ। କିନ୍ତୁ ଡିପାର୍ଟମେଣ୍ଟ ଅଫ୍ ପର୍ସନାଲ ଆଣ୍ଡ ଟ୍ରେନିଂ( ଡିଓପିଟି) ବା କାର୍ମିକ ଓ ପ୍ରଶିକ୍ଷଣ ବିଭାଗ ଏବଂ ଜେନେରାଲ ଆଡମିନିଷ୍ଟ୍ରେଶନ ଡିପାର୍ଟମେଣ୍ଟ (ଜିଏଡି) ବା ସାଧାରଣ ପ୍ରଶାସନ ବିଭାଗର ବିଫଳତା ଯୋଗୁ ୨୦୧୭ରୁ ବାରମ୍ବାର ନିର୍ଦ୍ଦେଶ ଜାରି କରାଯାଉଥିଲେ ମଧ୍ୟ ଅନେକ ଆଇଏଏସ୍ ଅଧିକାରୀ ଏହାକୁ ପାଳନ କରୁନାହାନ୍ତି। ଏବେ ଜଣାପଡିଛି ଯେ,ଜିଏଡିର କମିଶନର ସେକ୍ରେଟାରୀ ମନୋଜ କୁମାର ଦ୍ୱିବେଦୀ ଚିଠି ଜାରି କରି ଦର୍ଶାଇଛନ୍ତି ଯେ,ଏହି ନିର୍ଦ୍ଦେଶ ପାଳନ କରିବାରେ ବିଫଳତା ହିଁ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପର୍ଯ୍ୟାପ୍ତ କାରଣ ହେବ। ଚିଠି ମାଧ୍ୟମରେ ଆଇଏଏସ୍ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମାନିବାକୁ ପରାମର୍ଶ ଦିଆଯାଇଛି ଏବଂ ସାମ୍ନା କରିବାକୁ ଥିବା ପରିଣାମ ସମ୍ପର୍କରେ ସ୍ପଷ୍ଟ କରାଯାଇଛି। ଏଣିକି ଦୋଷୀଙ୍କୁ ଆଉ ଅଧିକ ସୁଯୋଗ ଦିଆଯିବ ନାହିଁ ବୋଲି ସରକାର ସ୍ପଷ୍ଟ ନିଷ୍ପତ୍ତି ଗ୍ରହଣ କରିସାରିଛନ୍ତି।

Email: dilipcherian@gmail.com

# ନୂଆ ଭାରତ ପାଇଁ ନୂଆ ସଂସଦ



ଅର୍ଜୁନ ରାମ ମେଘୱାଲ

ଜାନୁୟାରୀ ମାସ ଆରମ୍ଭ ହେବା ସହ ଏକବିଂଶ ଶତାବ୍ଦୀର ଏକୋଇଶତମ ବର୍ଷରେ ଆମେ ପ୍ରବେଶ କରିଛେ। ଏହା ଭାରତର ବିକାଶ ଦୃଷ୍ଟିରୁ ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଯେ ଏହା ଏକବିଂଶ ଶତାବ୍ଦୀର ନେତୃତ୍ୱ ନେଇପାରିବ। ତେଣୁ ଏହାର ନାଗରିକମାନଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବା ନିମନ୍ତେ ରାଷ୍ଟ୍ର ଏବେ ଏକ ବ୍ୟାପକ ସଂସ୍କାର ପଥର ଯାତ୍ରୀ। ଗତ ଶତାବ୍ଦୀର ଏହି ଦଶନ୍ଧିରେ ଦେଶରେ ଅନେକ ଐତିହାସିକ ଘଟଣା ଘଟିଥିଲା ଏବଂ ବହୁ ଜାତୀୟ ଲକ୍ଷ୍ୟ ହାସଲ କରାଯାଇପାରିଥିଲା। ତେଣୁ ଏହି ନୂତନ ଦଶନ୍ଧିରେ ଭବିଷ୍ୟଧର୍ମୀ ଯୋଜନା ମାଧ୍ୟମରେ ଆମେ ଦେଶକୁ ବିକାଶ ପଥରେ ଅନେକ ଦୂର ପର୍ଯ୍ୟନ୍ତ ଆଗେଇ ନେଇପାରିବା। ନୂତନ ଭାବେ ଉଦ୍‌ଘାଟିତ ସଂସଦ ଭବନ ଏହାର ଏକ ଉଦାହରଣ ଭାବେ ଗ୍ରହଣ କରାଯାଇପାରେ ; ଯାହା କି ଦେଶର ବିକାଶ ଯାତ୍ରାର ପଥକୁ ପ୍ରଶସ୍ତ କରିବାରେ ସହାୟକ ହୋଇଛି।

ମଣ୍ଟେଗୁ – ଚେମ୍‌ସ୍‌ଫୋର୍ଡ ସଂସ୍କାର ଫଳରେ ଭାରତ ସରକାର ଆଇନ ୧୯୧୯ ପ୍ରଣୀତ ହୋଇଥିଲା ଏବଂ ଏହାର ପରିଣାମ ସ୍ୱରୂପ ଭାରତୀୟମାନେ ଶାସନ ବ୍ୟବସ୍ଥାରେ ଅଂଶଗ୍ରହଣ କରିଥିଲେ। ଏହି ଆଇନ ଅନୁସାରେ ୧୯୨୧ ମସିହାରେ ପ୍ରଥମ ଥର ଲାଗି ଜନ ପ୍ରତିନିଧିମାନେ ନିର୍ବାଚିତ ହୋଇଥିଲେ। ସେମାନଙ୍କୁ ଉପଯୁକ୍ତ ଭାବେ ଶାସନ ବ୍ୟବସ୍ଥାରେ ସାମିଲ କରିବାର ଆବଶ୍ୟକତା ଅନୁଭୂତ ହୋଇଥିଲା ଏବଂ କେନ୍ଦ୍ରୀୟ ପ୍ରତିନିଧି ସଭା ବର୍ତ୍ତମାନର ଦିଲ୍ଲୀ ବିଧାନସଭା ପରିସରରେ କାର୍ଯ୍ୟ କରିବା ଆରମ୍ଭ କରିଥିଲା।

ଆଜକୁ ଶହେ ବର୍ଷ ପୂର୍ବେ, ଏଭଳି ସଂସ୍କାରର ପରିଣାମ ସ୍ୱରୂପ ଦ୍ୱିସଦନ ବିଶିଷ୍ଟ ପ୍ରତିନିଧି ସଭା ସୃଷ୍ଟି ହୋଇଥିଲା। ଏଡୱିନ୍ ଲୁଟିଏନ ଏବଂ ହର୍ବଟ ବାକର ବର୍ତ୍ତମାନର ସଂସଦ ଭବନର ନିର୍ମାଣ ପ୍ଲାନ ପ୍ରସ୍ତୁତ କରିଥିଲେ ; ଯେଉଁଥିରେ ସେତେବେଳର ଜନପ୍ରତିନିଧିମାନଙ୍କୁ ଉପଯୁକ୍ତ ଭାବେ କାର୍ଯ୍ୟ କରିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା। ୧୯୨୧ ମସିହାଠାରୁ ଆରମ୍ଭ କରି ସମଗ୍ର ସଂସଦ ଭବନ ନିର୍ମିତ ହେବା ସକାଶେ ଛଅ ବର୍ଷ ସମୟ ଲାଗିଥିଲା। ପ୍ରଥମ ଲୋକ ସଭାରେ ୪୮୯ଟି ଆସନ ଥିଲା ଏବଂ ପ୍ରତ୍ୟେକ ସାଂସଦ ହାରାହାରି ୭ ଲକ୍ଷ ନାଗରିକଙ୍କୁ ପ୍ରତିନିଧିତ୍ୱ କରୁଥିଲେ। ସେତେବେଳେ ରାଜଧାନୀ ଦିଲ୍ଲୀର ଜନସଂଖ୍ୟା ମାତ୍ର ୧୩ରୁ ୧୪ ଲକ୍ଷ ମଧ୍ୟରେ ଥିଲା, ଯାହା ଆଜି ୨.୫ କୋଟିରୁ ଅଧିକ ହୋଇସାରିଛି। ୧୯୫୧ ମସିହାରେ ଦେଶର ମୋଟ ଜନସଂଖ୍ୟା ୩୬.୧ କୋଟିରୁ ବୃଦ୍ଧି ପାଇ ଏବେ ତାହା ୧୩୫ କୋଟିରୁ ଅଧିକ ହୋଇଛି। ସେହିଭଳି ସେମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ଏବେ ସାଂସଦମାନଙ୍କୁ ଦୈନନ୍ଦିନ କାର୍ଯ୍ୟ ପରିଚାଳନା କରିବା ସହ ସେମାନଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରୁ ହିଁ ବିଭିନ୍ନ ପ୍ରକାର ବିକାଶମୂଳକ କାର୍ଯ୍ୟକ୍ରମ ଓ ଯୋଜନାର ମନିଟରିଂ କରୁଛନ୍ତି। ବିଭିନ୍ନ ବିଭାଗ ସହିତ ସେମାନଙ୍କର ଉପଯୁକ୍ତ ସହଯୋଗ ସ୍ଥାପନ ନିମନ୍ତେ ଏବଂ ଜାତୀୟ ରାଜଧାନୀରେ ଜନସେବା କାର୍ଯ୍ୟ ସୁଗମତା ସୁନିଶ୍ଚିତ କରିବା ଲାଗି ଆବଶ୍ୟକ ଆନୁଷ୍ଠାନିକ ତଥା ଭିତ୍ତିଭୂମି ନିର୍ମାଣର ଆବଶ୍ୟକତା ଅନେକ ଦିନୁ ଅନୁଭୂତ ହୋଇ ଆସୁଥିଲା।

ସଂସଦ ଭବନ ନିମନ୍ତେ ଏକ ନୂତନ ସୌଧ ନିର୍ମାଣ ଚିନ୍ତାଧାରା ଆଜିକାର ନୁହେଁ; ଦୁଇଜଣ ପୂର୍ବତନ ବାଚସ୍ପତି ଏହାର ଆବଶ୍ୟକତା ସମ୍ପର୍କରେ ପୂର୍ବରୁ ଉଲ୍ଲେଖ କରିଥିଲେ। ୧୯୨୭ ମସିହାରେ ବର୍ତ୍ତମାନର ସଂସଦ ଭବନ ପୂର୍ଣ୍ଣ ରୂପରେ କାର୍ଯ୍ୟକାରୀ ହେବା ଦିନଠାରୁ ସଂସଦୀୟ ଅଧିକାରୀ ଓ କର୍ମଚାରୀ, ନିରାପତ୍ତା କର୍ମୀ, ଗଣମାଧ୍ୟମ ଭିଜିଟର ଏବଂ ସଂସଦୀୟ କାର୍ଯ୍ୟ ଅନେକ ଗୁଣରେ ବୃଦ୍ଧି ପାଇଛି। ସଂସଦୀୟ ଅଧିକାରୀ ଓ କର୍ମଚାରୀ, ନିରାପତ୍ତା କର୍ମୀ, ଗଣମାଧ୍ୟମ ପ୍ରତିନିଧି ଏବଂ ସଂସଦୀୟ କାର୍ଯ୍ୟ ୧୯୨୭ ମସିହାରେ ବର୍ତ୍ତମାନର ସଂସଦ ଭବନ କାର୍ଯ୍ୟ କରିବା ଦିନଠାରୁ ଯଥେଷ୍ଟ ମାତ୍ରାରେ ବୃଦ୍ଧି ପାଇଛି। ସଂସଦର ମିଳିତ ଅଧିବେଶନ ବେଳେ, କେନ୍ଦ୍ରୀୟ ହଲ୍ ଅତି ମାତ୍ରାରେ ଜନାକୀର୍ଣ୍ଣ ହୋଇପଡ଼ିଥାଏ ଏବଂ କେତେକ ସଦସ୍ୟଙ୍କୁ ତ ବିଶେଷ ଭାବେ ପକାଯାଇଥିବା ଅତିରିକ୍ତ ଆସନରେ ହିଁ ବସିବାକୁ ପଡ଼ିଥାଏ। ପୁଣି ଏଥିରେ ଢାଞ୍ଚାଗତ ମରାମତି, ପରିବର୍ତ୍ତନ ଏବଂ ସଂସ୍କାର ଆଣିବାକୁ ଅନେକ ସମସ୍ୟା ଓ ସୀମା ରହିଛି। କାରଣ ଏହା ଏକ ଗ୍ରେଡ୍-ଏ ଶ୍ରେଣୀୟ ଐତିହ୍ୟ ସୌଧ। ସର୍ବୋପରି ବର୍ତ୍ତମାନର ସଂସଦ ଭବନରେ ଅନେକ ନିରାପତ୍ତା ଜନିତ ଦୁର୍ବଳତା ଯଥା– ଭୂକମ୍ପ ନିରୋଧୀ ବ୍ୟବସ୍ଥା, ଷ୍ଟାଣ୍ଡାର୍ଡ ଅଗ୍ନିନିରୋଧକ ବ୍ୟବସ୍ଥା ଏବଂ ସୀମିତ କାର୍ଯ୍ୟାଳୟ ପରିସର ଆଦି ରହିଛି। ୨୦୧୨ ମସିହାରେ, ତତ୍କାଳୀନ ଲୋକ ସଭା ବାଚସ୍ପତି ମୀରା କୁମାର ନୂତନ ସଂସଦ ଭବନ ପାଇଁ ଥିବା ପ୍ରସ୍ତାବକୁ ମଞ୍ଜୁର କରିଥିଲେ ଏବଂ ଏଥିପାଇଁ ସେ ଦର୍ଶାଇଥିଲେ ଯେ, ଏହି ପୁରୁଣା ସୌଧକୁ ମାତ୍ରାଧିକ ଭାବେ ଉପଯୋଗ କରାଯାଇସାରିଛି। ସେହିଭଳି ୨୦୧୬ ମସିହାରେ ସେତେବେଳର ବାଚସ୍ପତି ସୁମିତ୍ରା ମହାଜନ ପ୍ରସ୍ତାବ ଦେଇଥିଲେ ଯେ, ସହରାଞ୍ଚଳ ବିକାଶ ମନ୍ତ୍ରଣାଳୟ ନୂତନ ସଂସଦ ଭବନ ନିର୍ମାଣ ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ଇତି ମଧ୍ୟରେ ରାଜ୍ୟ ସଭା ଉପାଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ, ଲୋକ ସଭା ବାଚସ୍ପତି ଓମ୍ ବିରଲା ଏବଂ ସହରାଞ୍ଚଳ ବିକାଶ ମନ୍ତ୍ରୀ ହରଦୀପ ସିଂହ ପୁରୀ ଅନେକ ସାଂସଦ ତଥା ସମ୍ପୃକ୍ତ ଅଂଶୀଦାରଙ୍କଠାରୁ ପ୍ରସ୍ତାବିତ ନୂତନ ସଂସଦ ଭବନ ଏବଂ ଏହି ମହତ୍ତ୍ୱାକାଂକ୍ଷୀ କେନ୍ଦ୍ରୀୟ ସୌଧ ପ୍ରକଳ୍ପ ନିମନ୍ତେ ସେମାନଙ୍କର ମତାମତ ସଂଗ୍ରହ କରିଛନ୍ତି।

ଭାରତ ସମ୍ବିଧାନର ଧାରା ୮୧ ଅନୁସାରେ ସଂସଦୀୟ କ୍ଷେତ୍ରଗୁଡ଼ିକର ପୁନର୍ଗଠନ ନିମନ୍ତେ ପ୍ରାବଧାନ ରହିଛି। ଶେଷ ଥର ପାଇଁ ସଂସଦୀୟ କ୍ଷେତ୍ରଗୁଡ଼ିକର ପୁନର୍ଗଠନ ୧୯୭୧ ମସିହାର ଜନଗଣନା ରିପୋର୍ଟ ଆଧାରରେ କରାଯାଇଥିଲା ଏବଂ ତଦନୁସାରେ ରାଜ୍ୟୱାରି ଯେଉଁ ଆସନ ଆବଣ୍ଟନ କରାଯାଇଥିଲା ୧୯୨୬ ମସିହାରେ ତାହା ବୃଦ୍ଧି ପାଇବା ସୁନିଶ୍ଚିତ। ପରିଣାମତଃ ସାଂସଦଙ୍କ ସଂଖ୍ୟା ବୃଦ୍ଧି ପାଇବା ମଧ୍ୟ ସ୍ୱାଭାବିକ, ଯାହା କି ଜନ ପ୍ରତିନିଧିମାନଙ୍କୁ ସଂସଦରେ ଉପଯୁକ୍ତ ଭାବେ ସ୍ଥାନ ପ୍ରଦାନ କରିବା ନିମନ୍ତେ ଥିବା ଆବଶ୍ୟକତାକୁ ବୃଦ୍ଧି କରିବ ଏବଂ ଏହା ପୂରଣ କରିବାର ଜରୁରୀ ଆବଶ୍ୟକତା ରହିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରା ଏହା ଯେ ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ହିଁ ନୂତନ ସଂସଦ ଭବନ ରାଷ୍ଟ୍ରକୁ ସମର୍ପିତ କରାଯିବ। ଏହା ରାଷ୍ଟ୍ରର ଆତ୍ମନିର୍ଭର ଭାରତ ମହତ୍ତ୍ୱାକାଂକ୍ଷାକୁ ମଧ୍ୟ ସାକାର କରିବ। ଏହି କେନ୍ଦ୍ରୀୟ ପରିସର ପ୍ରକଳ୍ପ ଅଧୀନରେ ନୂତନ ସଂସଦ ଭବନର ନିଜସ୍ୱ ସୌଧ ଏଭଳି ଭାବେ ନିର୍ମିତ ହେବ, ଯାହା ଦେଶର ସାଂସ୍କୃତିକ ବିବିଧତାକୁ ଦୃଢ଼ତାର ସହିତ ପ୍ରତିପାଦିତ କରିବା ସହିତ ଏକ ଭାରତ ଶ୍ରେଷ୍ଠ ଭାରତର ମନୋଭାବକୁ ମଧ୍ୟ ପ୍ରମାଣିତ କରିବ। ରାଜସ୍ଥାନର ଲାଲ ଧୋଲପୁର ପ୍ରସ୍ତର ନବ ଭାରତର ଗଣତନ୍ତ୍ରର ଏହି ସର୍ବୋଚ୍ଚ ମନ୍ଦିର ନିର୍ମାଣ ପାଇଁ ସାଧନ ତଥା ସୌନ୍ଦର୍ଯ୍ୟ ଯୋଗାଇବ। ଏହି ବ୍ୟାପକ ସ୍ଥାନ, ଶକ୍ତି ସମୃଦ୍ଧ, ସବୁଜିମାଭରା, ସୁଗମ୍ୟ ଓ ପ୍ରଯୁକ୍ତି ଅନୁକୂଳ ସୌଧରେ ୧୨୨୪ ଜଣ ସାଂସଦଙ୍କ ପାଇଁ ଆସନ ବ୍ୟବସ୍ଥା କରାଯିବ। ଏହି ସୌଧଟିରେ ସଂସଦ ସହିତ ବିଭିନ୍ନ ସରକାରୀ ବିଭାଗର ନିକଟତା ଯୋଗୁ ସରକାର ପ୍ରତିବର୍ଷ ପ୍ରାୟ ୧୦୦୦ କୋଟି ଟଙ୍କାର ରାଜସ୍ୱ ସଞ୍ଚୟ କରିପାରିବେ।

ଭାରତ ସଦାବେଳେ ଗଣତାନ୍ତ୍ରିକ ମୂଲ୍ୟବୋଧରେ ବିଶ୍ୱାସ ରଖିଆସିଛି ଏବଂ ଆମର ସାଂସ୍କୃତିକ ଭାବନାରେ ଗଣତାନ୍ତ୍ରିକ ପ୍ରକ୍ରିୟାର ବେଶ୍ ଉନ୍ନତ ଅନୁଭବ ରହିଛି। ଏହା ୧୨ଶ ଶତାବ୍ଦୀର ଭଗବାନ ବିଶ୍ୱେଶ୍ୱରଙ୍କ ଅନୁଭବ ମଣ୍ଡପ ହୋଇଥାଉ ଅଥବା ଷଷ୍ଠ ଶତାବ୍ଦୀର ବୌଦ୍ଧଧର୍ମ, ଯାହା କି ଗଣତାନ୍ତ୍ରିକ ମୂଲ୍ୟବୋଧର ମୂଳ ଧାରାରେ ସହାବସ୍ଥାନ ନିମନ୍ତେ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଥିଲା, ତାହା ହୋଇଥାଉ, ସଦାବେଳେ ଆମେ ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ଭାବନା ସମଗ୍ର ବିଶ୍ୱକୁ ପ୍ରଦର୍ଶନ କରିଆସିଛୁ। ଡକ୍ଟର ଭୀମରାଓ ଆମ୍ବେଦକର ଏହି କଥାକୁ ଅତି ସୁନ୍ଦର ଓ ସରଳ ଭାବେ ସମ୍ବିଧାନ ସଭାରେ ଆଲୋଚନା ବେଳେ ବ୍ୟକ୍ତ କରିଛନ୍ତି। ସ୍ୱାଧୀନତା ପ୍ରାପ୍ତିର ୨୫ ବର୍ଷ ମଧ୍ୟରେ ଆମେରିକାର ବର୍ତ୍ତମାନର ସଂସଦୀୟ ସୌଧ ନିର୍ମାଣ କରାଯାଇଥିଲା। ଅଷ୍ଟ୍ରେଲିଆ ଓ ବ୍ରାଜିଲ ଉପନିବେଶବାଦୀ ଶାସନ ବ୍ୟବସ୍ଥାର ଅବସାନ ପରେ ସେମାନଙ୍କର ନୂତନ ସଂସଦ ଭବନକୁ ଦେଶବାସୀଙ୍କୁ ଉତ୍ସର୍ଗ କରିଥିଲେ। ତେଣୁ ଆମେ ମଧ୍ୟ ଏହିଭଳି ଏକ ଐତିହାସିକ ଦାୟିତ୍ୱକୁ ବହନ କରି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ରର ମନ୍ଦିର ଭାବେ ଆମର ସ୍ୱାଧୀନୋତ୍ତର ଏବଂ ଜନତାଙ୍କ ସଂସଦକୁ ଦେଶବାସୀଙ୍କୁ ଉପହାର ଦେଇପାରିବା। ଏହି ଗୌରବୋଜ୍ଜ୍ୱଳ ପ୍ରକଳ୍ପ ରାଷ୍ଟ୍ରର ଗଣତାନ୍ତ୍ରିକ ପରମ୍ପରାର ଜୟଯାତ୍ରାକୁ ପ୍ରଦର୍ଶିତ କରିବା ସହ ଭାରତକୁ ବାସ୍ତବରେ ଗଣତନ୍ତ୍ରର ଜନନୀ ରୂପେ ଉପସ୍ଥାପନ କରିବ।

ଏକବିଂଶ ଶତାବ୍ଦୀର ଆହ୍ୱାନଗୁଡିକ ବିଂଶ ଅଥବା ଊନବିଂଶ ଶତାବ୍ଦୀର ଶାସନ ବ୍ୟବସ୍ଥା ଦ୍ୱାରା ଅଧିକ ମାତ୍ରାରେ ପ୍ରଭାବିତ ହେଉଛି। ଏଥିରେ ସକାରାତ୍ମକ ସଂଶୋଧନର ପର୍ଯ୍ୟାପ୍ତ ଆବଶ୍ୟକତା ରହିଛି। ସେଥିପାଇଁ ସକଳ ପ୍ରକାର ସୁଚିନ୍ତିତ ପଦ୍ଧତିକୁ ଆପଣାଇବାର ଅବସର ମଧ୍ୟ ରହିଛି। ରାଷ୍ଟ୍ର ଏବେ ଜ୍ଞାନ ଓ ଅର୍ଥନୈତିକ ମହାଶକ୍ତିରେ ପରିଣତ ହେବାକୁ ନିର୍ଣ୍ଣାୟକ ଭୂମିକା ଗ୍ରହଣ ଦିଗରେ ଆଗକୁ ଅଗ୍ରସର ହୋଇଚାଲିଛି। ସେଥିରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ନିମନ୍ତେ ସଂସ୍କାର, କାର୍ଯ୍ୟାନ୍ୱୟନ ଏବଂ ପରିବର୍ତ୍ତନର ଆବଶ୍ୟକତା ରହିଛି। ଏହି କେନ୍ଦ୍ରୀୟ ସୌଧ ପ୍ରକଳ୍ପ ନିମନ୍ତେ ମାନ୍ୟବର ସୁପ୍ରିମ କୋର୍ଟ ସରକାରଙ୍କୁ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି, ଯାହା କି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ଗ୍ରହଣ କରାଯାଇପାରେ। ସରକାର ଏକଥା ସ୍ପଷ୍ଟ କରିଛନ୍ତି ଯେ ଏହି ନୂତନ ସଂସଦ ଭବନ ନିର୍ମାଣ ପ୍ରକ୍ରିୟାରେ ସରକାର ସର୍ବୋଚ୍ଚ ମାନଦଣ୍ଡ ବଳବତ୍ତର ରଖିବା ସହ ପରିବେଶ ସୁରକ୍ଷାଜନିତ ସକଳ ପ୍ରକାର ଉଦ୍‌ବେଗ ପ୍ରତି ଯତ୍ନଶୀଳ ରହିବେ।

ଆଜି ଏହି ପ୍ରକଳ୍ପର ସମସ୍ତ ଅଂଶୀଦାର ନିଜ ନିଜ ଅଧିକାର ଓ କର୍ତ୍ତବ୍ୟର ପୁନଃସମୀକ୍ଷା କରିବା ଆବଶ୍ୟକ। ବ୍ୟକ୍ତିଗତ ଚିନ୍ତାଧାରାକୁ ସମୂହ କଲ୍ୟାଣ ନିମନ୍ତେ ସମନ୍ୱିତ କରନ୍ତୁ। ଏହି ସମନ୍ୱିତ ତଥା ଜାତୀୟତାର ଲକ୍ଷ୍ୟ ହାସଲ ପ୍ରୟାସକୁ ସୁଦୃଢ଼ କରିବା ଦ୍ୱାରା ଆମର ଗଣତାନ୍ତ୍ରିକ ଗରିମା ଅଧିକ ମଜଭୁତ ହୋଇପାରିବ। ନୂତନ ସଂସଦ ଭବନ ନିର୍ମିତ ହେଲେ ତାହା ଆତ୍ମନିର୍ଭର ଭାରତର ସଙ୍କେତ ଭାବେ କାର୍ଯ୍ୟ କରିବ ଏବଂ ତାହା ହେବ ଦେଶ ସ୍ୱାଧୀନତା ପ୍ରାପ୍ତିର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ଭାରତୀୟ ଗଣତନ୍ତ୍ର ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି। ଏହା ଆମମାନଙ୍କୁ ରାଷ୍ଟ୍ରୀୟ ହିତକୁ ମନରେ ସର୍ବାଧିକ ମାନ୍ୟତା ପ୍ରଦାନର ଭାବନା ନିମନ୍ତେ ପ୍ରେରିତ କରିବ। ଭାରତର ସାମଗ୍ରିକ ସମୃଦ୍ଧି ନିମନ୍ତେ ଦେଶର ପ୍ରତ୍ୟେକ ନାଗରିକଙ୍କ ସକ୍ରିୟ ସହଯୋଗର ଆବଶ୍ୟକତା ରହିଛି, ଯାହା ଗଣତନ୍ତ୍ରର ଏହି ସର୍ବୋଚ୍ଚ ମନ୍ଦିରରେ ପ୍ରତିଫଳିତ ହେବ।

କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ଭାରୀ ଶିଳ୍ପ ଓ ସରକାରୀ ଉଦ୍ୟୋଗ ରାଷ୍ଟ୍ରମନ୍ତ୍ରୀ

# ଗୋଇନ୍ଦା ବିଫଳତା ଓ ସୁରକ୍ଷା



ଡ. ଚିନ୍ତାମଣି ପଣ୍ଡା

କତିପୟ ସମ୍ବେଦନଶୀଳ ସାମ୍ପ୍ରତିକ ଘଟଣାବଳୀର ଅନୁଶୀଳନ କଲେ ଆମର ଗୋଇନ୍ଦା ସୂଚନା ବ୍ୟବସ୍ଥା କେତେ ଦୁର୍ବଳ ତାହା ସ୍ପଷ୍ଟଭାବେ ପ୍ରତୀୟମାନ ହୁଏ। ଦେଶ ଓ ଦଶର ହିତସାଧନ ଏବଂ ସୁରକ୍ଷା ନିମନ୍ତେ ଗୁପ୍ତସୂଚନାର ସଂଗ୍ରହ ତଥା ସରବରାହ ନିହାତି ଅପରିହାର୍ଯ୍ୟ। ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱର ସୁରକ୍ଷା ତଥା ଆଭ୍ୟନ୍ତରୀଣ ସମସ୍ୟାର ସମାଧାନ ନିମନ୍ତେ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ ପାଇଁ ଗୋଇନ୍ଦା ସୂଚନାର ଆବଶ୍ୟକତା ଉପଲବ୍ଧ ହୋଇଥାଏ। ସୀମାରେ ଚାଇନାର ବିସ୍ତାରବାଦୀ ନୀତି ହେଉ କିମ୍ବା ପାକିସ୍ତାନର ଆତଙ୍କବାଦ, ଏ ସବୁର ମୁକାବିଲା ପାଇଁ ନୀତି ନିର୍ଦ୍ଧାରଣ ବ୍ୟବସ୍ଥା ଗୁପ୍ତ ସୂଚନା ଉପରେ ନିର୍ଭରଶୀଳ। ଆମେ ଦେଶ ଭିତରେ ମାଓବାଦୀଙ୍କର ଗତିବିଧିକୁ ଠଉରାଇ ନ ପାରିବା ହେତୁ ଅନେକ ଧନଜୀବନ ହାନି ଘଟୁଛି। ଚନ୍ଦ୍ରପୃଷ୍ଠରେ ଜଳ ସନ୍ଧାନ କରିବାକୁ ଅହରହ ଉଦ୍ୟତ ଆମର ଗବେଷଣା ଅଥଚ ପୃଥିବୀ ପୃଷ୍ଠରେ ଲ୍ୟାଣ୍ଡମାଇନଟିଏ ଠାବକରି ନ ପାରିବାରୁ ଅକାରଣରେ ବୀର ଯବାନଙ୍କର ପ୍ରାଣପାତ ଘଟୁଛି। ଏହା ଯେ କେବଳ ଆମର ଧନଜୀବନ ହାନି କରୁଛି ତାହାନୁହେଁ, ବିଶ୍ୱ ଆଗରେ ଆମର ଦୁର୍ବଳ ଗୋଇନ୍ଦା ବ୍ୟବସ୍ଥା ତଥା ବିଡମ୍ବିତ ପଦକ୍ଷେପକୁ ପଦାରେ ପକାଉଛି।

ନିଶା ବେପାରୀଟିଏ ସୁଦୂର ବାଂଲାଦେଶରୁ ଆସି ଓଡ଼ିଶାରେ ଧରାପଡ଼ି ଦୀର୍ଘ ୧୪ବର୍ଷ ଜେଲ ଦଣ୍ଡ ଭୋଗି ସାରିବା ପରେ ବି ପୋଲିସ ହେପାଜତରେ ଥାଇ ପୁନଶ୍ଚ ନିଶାସାମ୍ରାଜ୍ୟ ବିସ୍ତାର କରିପାରୁଛି, ତାହା ପୁଣି ଅକ୍ଲେଶରେ କେବଳ ଫୋନ ମାଧ୍ୟମରେ। ଏଥକୁ ଆମକୁ ସଫେଇ ମିଳୁଛି ଯେ ପରିସ୍ରା କି ଝାଡା ଯିବାବେଳେ ହୁଏତ ସେ କାରବାରର ଯୋଗସୂତ୍ର କରିଥାଇ ପାରେ। ଏହାଠୁ ବଳି ହାସ୍ୟାସ୍ପଦ କଥା କିଛି ଅଛି କି? ତିନିତିନିଥର ତଲାସୀ କରିସାରିବା ପରେ ବି ଅପରାଧୀଙ୍କ ଘରର ନିଭୃତ କନ୍ଦରରୁ ଚୋରା ବନ୍ଧୁକ ସହିତ ଅମାପ ଗୁଳି ଜବତ ହେବା ଯେତିକି ଆଶ୍ଚର୍ଯ୍ୟର ବିଷୟ ତତୋଧିକ ପରିତାପର ବିଷୟ ମଧ୍ୟ। ତେବେ ଏଇଠି ପ୍ରଶ୍ନ ଉଠେ, ସୁଦୂର ତାମିଲନାଡୁରୁ କାର ଭିତରେ ବହୁ ପରିମାଣର ଚୋରା ସୁନା ଆସୁଥିବାର ସୂଚନା ପାଇ ତାହାକୁ ପୋଲିସ ଜବତ କରିପାରୁଥିବା ବେଳେ ନିଜ ରାଜ୍ୟରେ ବିଫଳ କାହିଁକି? କେତେବେଳେ ଆମେ ଫଳ କି ପନିପରିବା ଟ୍ରକ ଭିତରେ ହେଉ କିମ୍ବା ଆମ୍ବୁଲାନ୍ସର ପି.ପି.ଇ. କିଟ୍ ଭିତର ଦେଇ ଚୋରାରେ ଚାଲାଣ ହେଉଥିବା ଗଞ୍ଜେଇକୁ ଧରିପାରୁଥିବା ବେଳେ ହଜାର ହଜାର ହେକ୍ଟର ଗଞ୍ଜେଇ ଚାଷକୁ ଠିକ୍ ସମୟରେ ଠଉରାଇ ପାରୁନାହେଁ। ଅନ୍ୟ ଏକ ଚମକପ୍ରଦ ଘଟଣା କ୍ରମରେ ପାଠକ ବାପ-ପୁଅଙ୍କ ଅନେକ ଦିନର କଳାକାରନାମା ଧୀରେ ଧୀରେ ଲୋକଲୋଚନକୁ ଆସୁଥିବା ବେଳେ ସର୍ବସାଧାରଣଙ୍କ ଅର୍ଥ ଲୁଟି କୋଭିଡ୍ ନିୟନ୍ତ୍ରଣ ପାଇଁ ତାଙ୍କର ବଦାନ୍ୟତାକୁ ଆମେ ଗ୍ରହଣ କରୁଛେ। ବିଭିନ୍ନ ଫନ୍ଦିଫିକର କରି ସ୍ପଷ୍ଟ ଦିବାଲୋକରେ ଜନତାଙ୍କୁ ଚୂନ ଲଗାଇଥିବା ଆମ ମତରେ ସର୍ବଶ୍ରେଷ୍ଠ ଗୋଇନ୍ଦା ବିଫଳତା। ଏପରି ହେବା ଦ୍ୱାରା ପୋଲିସ ଉପରୁ ଜନସାଧାରଣଙ୍କ ଆସ୍ଥା ତୁଟିଯିବା ସ୍ୱାଭାବିକ ନୁହେଁ କି?

ରାଜା ମହାରାଜାମାନଙ୍କ ଅମଳରୁ ଏ ପ୍ରକାରର ଗୁପ୍ତଚର ବ୍ୟବସ୍ଥା ପ୍ରଚଳିତ। ଏପରି କି ପୋଲିସର ଗତିବିଧି ଉପରେ ନଜର ରଖିବାରେ ମାଓବାଦୀମାନେ ମଧ୍ୟ ଏହି ବ୍ୟବସ୍ଥା ଆପଣାଇଛନ୍ତି। ରୁଷିଆ, ଚାଇନା, ଆମେରିକା ପରି ଦେଶଗୁଡ଼ିକ ଅନ୍ୟ ଦେଶରୁ ଆଭ୍ୟନ୍ତରୀଣ ସୂଚନା ସଂଗ୍ରହ ପାଇଁ ଗୁପ୍ତଚର ନିୟୋଜିତ କରୁଥିବା ବେଳେ ଆମେ ନିଜର ସୁରକ୍ଷା ଲାଗି ଏହା କରି ନ ପାରିବା ଆତ୍ମଶ୍ଲାଘାର ବିଷୟ ନୁହେଁ କି? ଏହା ବ୍ୟକ୍ତି ଚରିତ୍ର ଉପରେ ନିର୍ଭରଶୀଳ। ସଚ୍ଚୋଟତା, ନିଷ୍ଠା, ଦେଶପ୍ରେମ ଯଦି ଧୀରେ ଧୀରେ ଲୋକଚରିତ୍ରରୁ ମିଳେଇ ଯିବ ତେବେ ଏପରି ଅରାଜକତା ପରିସ୍ଥିତି ସୃଷ୍ଟି ହେବା ଅନିବାର୍ଯ୍ୟ। ମନ ଓ ବିବେକର ଅହରହ ସଂଗ୍ରାମ ଭିତରେ ବିବେକର ଜିତାପଟ ହେଲେ ତାହା ବ୍ୟକ୍ତି ଚରିତ୍ରରେ ଫୁଟିଉଠେ ; ଯେମିତି ନିର୍ମୂଳି ଲଟାଟିଏ ଆମ୍ବଗଛରେ ମାଡ଼ି ଧୀରେ ଧୀରେ ତା'ର ଫଳ ଧାରଣ କ୍ଷମତାର ହ୍ରାସ ଘଟାଇଥାଏ। ଠିକ ସେହିପରି ବ୍ୟକ୍ତି ଚରିତ୍ରଟି ସ୍ୱାର୍ଥଲତାରେ କବଳିତ ହୋଇଗଲେ ତା'ର ଅସ୍ମିତା, ନିଷ୍ଠା, ସଚ୍ଚୋଟତା, ଦେଶଭକ୍ତି ସବୁ ଲୋପ ପାଇଯାଏ। ଅର୍ଥ ଲାଳସାର ପରଳଭିତରୁ ସେ ଭଲ ମନ୍ଦର ଫରକ ବାରି ପାରେନା। ତେଣୁ ତା'ର ନାକତଳେ ଘଟି ଯାଉଥିବା ଅପରାଧକୁ ସେ ଠଉରାଇ ପାରେନାହିଁ କିମ୍ବା ଦେଖି ନ ଦେଖିଲା ପରି ହୁଏ। ପ୍ରକାରାନ୍ତରେ ଏହା ଦେଶ ଓ ସମାଜର କ୍ଷତି ସାଧନ କରିଥାଏ। ତେଣୁ ବ୍ୟକ୍ତିଟି ଯେଉଁ ପଦପଦବୀରେ ଥାଉନା କାହିଁକି ସ୍ୱାର୍ଥ ବିଜଡିତ ମନଟି ତା'ର ପ୍ରତି ମୁହୂର୍ତ୍ତରେ ତାକୁ କର୍ତ୍ତବ୍ୟ ପଥରୁ ବିଚ୍ୟୁତ କରିଥାଏ ; ଯେଉଁଥିପାଇଁ ସେ ଦେଶର ସୁରକ୍ଷା ସମ୍ବନ୍ଧିତ ଗୁପ୍ତଦଲିଲ ସବୁ କିଛି ଅର୍ଥ ବା ନାରୀ ଲୋଭରେ ଶତ୍ରୁ ହାତରେ ଟେକି ଦେବାକୁ ପଛାଏ ନାହିଁ। ସେଥିପାଇଁ କେବଳ କତିପୟ କର୍ମଚାରୀ ଚୋରକୁ ପାତାଳ ଗହ୍ୱରରୁ ଧରି ପାରୁଥିବା ବେଳେ ଆଉ ଥୋକେ ଚୋରକୁ ଚିହ୍ନିପାରନ୍ତି ନାହିଁ। ଅତଏବ ସଚ୍ଚୋଟ ତଥା କର୍ତ୍ତବ୍ୟନିଷ୍ଠ କର୍ମଚାରୀଙ୍କୁ ଗୋଇନ୍ଦା ସୂଚନା ସଂଗ୍ରହ ପାଇଁ ନିଯୁକ୍ତି ଦିଆଗଲେ ଆମେ ଅଚିରେ ବଡ଼ ବଡ଼ ଦୁର୍ଘଟଣା ମାନ ଏଡ଼ାଇଯିବା ଲାଗି ସତର୍କତାମୂଳକ ବ୍ୟବସ୍ଥା ଗ୍ରହଣ କରିପାରିବା ଓ ତତ୍ ସଙ୍ଗେ ସଙ୍ଗେ ଦେଶ ତଥା ସମାଜକୁ ଉପଯୁକ୍ତ ସୁରକ୍ଷା ଦେଇପାରିବା।

ପ୍ରାଧ୍ୟାପକ, କୃଷି ମହାବିଦ୍ୟାଳୟ, ଭୁବନେଶ୍ୱର
ମୋ: ୯୪୩୭୧୮୫୧୭୫

## ଏଇ ଭାରତରେ

ଶ୍ରୀନଗରର ଡାଲ୍ ହ୍ରଦରେ ରହି ନୌକା ଚଳାଇ ପେଟ ପୋଷୁଥିବା ତାରିକ ଅହମ୍ମଦ ପାଟଲୋ କୋଭିଡ୍ ସଂକ୍ରମିତ ହେବା ପରେ ତାଙ୍କ ମନୋବଳ ହରାଇ ନାହାନ୍ତି, ବରଂ ସୁସ୍ଥ ହେବା ପରେ ରୋଗୀମାନଙ୍କ ପାଇଁ ତାଙ୍କ ନୌକାକୁ ଏକ ଆମ୍ବୁଲାନ୍ସ କରିଦେଇଛନ୍ତି। କୋଭିଡ ସଂକ୍ରମିତ ହେବା ପରେ ସେ ହସ୍ପିଟାଲ ଯିବାରେ ଭୋଗିଥିବା ସମସ୍ୟା ଯେପରି ଆଉ କାହା ଭାଗ୍ୟରେ ନଆସୁ , ତାହା ଚିନ୍ତା କରି ସେ ଏଭଳି ଆମ୍ବୁଲାନ୍ସର ବ୍ୟବସ୍ଥା କରିଛନ୍ତି। ଶ୍ରୀନଗରସ୍ଥିତ 'ସତ୍ୟରେଖା ଟ୍ରଷ୍ଟ'ର ପ୍ରତିଷ୍ଠାତା ଡ.ନିବେଦିତା ପି.ହରନ ତାଙ୍କୁ ଏଥିପାଇଁ ସହଯୋଗ କରିଛନ୍ତି। ସେଠାକାର ଲୋକମାନେ ସମ୍ମୁଖୀନ ହୋଇଥିବା ସମସ୍ୟାଗୁଡ଼ିକୁ ଦୃଷ୍ଟିରେ ରଖି ସେ ଏହି ସେବା ଆରମ୍ଭ କରିଛନ୍ତି ଓ ରୋଗୀମାନଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା ବି ତା'ମଧ୍ୟରେ ରଖିଛନ୍ତି। କେବଳ କୋଭିଡ ରୋଗୀ ଯିବା ଲାଗି ନୁହେଁ ଅନ୍ୟ ରୋଗୀମାନେ ବି ଏଥିରେ ନେଉଛନ୍ତି। ଏହି ଆମ୍ବୁଲାନ୍ସରେ ପ୍ରାୟ ୧୨ ଜଣ ଯିବାର ସୁବିଧା ଅଛି।

## ୨୫ ବର୍ଷ ତଳର ଧରିତ୍ରୀ

### ୯ ଜାନୁୟାରୀ ୧୯୯୬

- ଜାଇରେର ରାଜଧାନୀ କିନ୍‌ସାସାର ବଜାରରେ ଏକ ରୁଷ୍ ନିର୍ମିତ ବିମାନ ଖସିପଡ଼ିବା ଫଳରେ ୨୦୫ ଯାତ୍ରୀ ମୃତ।
- ମହାରାଷ୍ଟ୍ରର ଉପକୂଳବର୍ତ୍ତୀ ଜିଲା ରତ୍ନଗିରିରେ ଆମେରିକୀୟ କମ୍ପାନୀ ଏନ୍‌ରୋନ୍ ଡେଭ୍‌ଲପ୍‌ମେଣ୍ଟ କର୍ପୋରେସନ ସହାୟତାରେ ନିର୍ମାଣଧୀନ ଡାଭୋଲ ପ୍ରକଳ୍ପକୁ ମହାରାଷ୍ଟ୍ର ସରକାରଙ୍କ ସ୍ୱୀକୃତି।

## ଚିରନ୍ତନୀ

ଆସ ମୋର ଦିବସ କ୍ରୀଡ଼ା
ଆମ ଗୋ ମୋର ସାନ୍ଧ୍ୟ ବ୍ରୀଡ଼ା
ଶ୍ରାବଣ ଘନ ନିଶୀଥ ପୀଡ଼ା-ବ୍ୟଞ୍ଜନା
ଆସ ଗୋ ଉଷା-ପ୍ରତୀଚୀ-ଭାଲ-ରଞ୍ଜନା।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | | 4 | | | B | C | | | | 2 | | A | |
| | | 5 | 7 | | | 6 | | E | | C | | D | | |
| | C | | B | E | | | 0 | | | | | | | |
| | | B | | | | | 3 | | E | | D | 9 | 1 | |
| | 1 | | | | | | | 4 | | | | | 8 | |
| | | 1 | | | 8 | | B | 0 | | 6 | | | | |
| | 6 | 0 | E | | 1 | 8 | | | 9 | | | A | | |
| 4 | | 9 | 2 | | C | A | 1 | | | | | | | 8 |
| C | | D | 9 | | | 4 | | | 1 | | | | 2 | |
| | | | 6 | | 3 | | | | | | C | 4 | 7 | |
| 3 | | A | | | | 2 | | | | | | | | |
| 2 | | | | | 0 | | 9 | A | | | | | | |
| | | | | 5 | | | | 1 | | | 3 | | 6 | |
| | | | | 7 | | 3 | E | 6 | | | 8 | | | 2 |
| 9 | 5 | | A | 8 | B | | | C | | | | 7 | 0 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | D | E | 2 | 8 | B | 9 | A | 3 | 5 | 1 | 6 | 0 | C | 4 |
| 0 | C | A | 5 | 6 | 4 | B | 1 | E | 8 | 9 | D | 2 | 7 | 3 |
| 2 | 4 | 5 | 9 | 0 | 1 | 8 | C | 6 | 3 | 7 | E | D | B | A |
| 1 | 8 | B | 7 | A | 3 | D | 0 | 5 | 4 | 2 | C | E | 9 | 6 |
| 3 | 9 | 6 | E | C | D | 4 | 2 | 7 | B | 0 | A | 8 | 5 | 1 |
| 4 | 0 | 2 | 3 | B | 5 | A | 8 | D | C | 6 | 1 | 9 | E | 7 |
| A | 7 | 9 | 8 | D | 0 | E | 6 | B | 2 | 4 | 5 | 3 | 1 | C |
| C | 5 | D | 6 | 1 | 9 | 2 | 3 | 4 | A | E | 7 | B | 8 | 0 |
| 6 | 1 | 8 | A | 2 | E | C | 7 | 9 | 0 | 3 | B | 5 | 4 | D |
| E | B | 3 | C | 4 | 7 | 1 | 5 | 0 | D | 8 | 9 | A | 6 | 2 |
| B | 2 | 7 | 0 | 5 | 8 | 6 | 4 | 1 | 9 | D | 3 | C | A | E |
| 8 | 6 | 0 | 1 | 9 | C | 3 | E | A | 7 | 5 | 2 | 4 | D | B |
| D | 3 | C | 4 | 7 | 6 | 5 | B | 8 | E | A | 0 | 1 | 2 | 9 |
| 5 | A | 1 | D | E | 2 | 0 | 9 | C | 6 | B | 4 | 7 | 3 | 8 |
| 9 | E | 4 | B | 3 | A | 7 | D | 2 | 1 | C | 8 | 6 | 0 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସାବରଙ୍ଗ ପୋଷ୍ଟ ଅଫିସରେ ଅବ୍ୟବସ୍ଥା

ମହାଶୟ,

ସାବରଙ୍ଗ ପୋଷ୍ଟ ଅଫିସ ବହୁଦିନର ପୁରୁଣା । ଏହା ଏ ଅଞ୍ଚଳର କେନ୍ଦ୍ରସ୍ଥଳ ହୋଇଥିବାରୁ ବହୁ ଲୋକଙ୍କର ପୋଷ୍ଟ ଅଫିସରେ ସମାଗମ ହୋଇଥାଏ । ନୂଆ ଆକାଉଣ୍ଟ ଖୋଲିବା, ଟଙ୍କା ଜମା ଓ ଉଠାଣ କରିବା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ପୋଷ୍ଟ ଅଫିସକୁ ଆସି ସେମାନେ ଅଯଥାରେ ହଇରାଣ ହେଉଛନ୍ତି । ଜାଣିଶୁଣି ଲିଙ୍କ୍ ଥିଲେ ମଧ୍ୟ 'ଲିଙ୍କ୍ ନାହିଁ' ବୋଲି କହି ଲୋକଙ୍କୁ ଭୁଆଁ ବୁଲାଯାଉଛି। ଖୋଦ୍ ସୁପରିଣ୍ଟେଣ୍ଡେଣ୍ଟ ଅଫିସ ପରିଦର୍ଶନ ସମୟରେ ଏହି ସମସ୍ୟା ଦୂର କରିବା ଲାଗି ତାଗିଦ କଲେ ମଧ୍ୟ ତାହା ଏଯାବତ ସୁଧୁରିନାହିଁ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ସମସ୍ୟା ଦୂର କଲେ ସାଧାରଣ ଲୋକେ ଉପକୃତ ହୁଅନ୍ତେ ।

-ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**୧୪ ମାଓବାଦୀଙ୍କ ଆତ୍ମସମର୍ପଣ**

**ମାଲକାନଗିରି(ସ୍ୱ.ପ୍ର.):** ଭୁଶୁଡ଼ୁଛି ଲାଲଗଡ଼ର ଦୁର୍ଗ। ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲା କିରାଣ୍ଡୁଲ ଥାନା ପୋଲିସ ନିକଟରେ ଶୁକ୍ରବାର ୧୪ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ଜଣଙ୍କ ନାମରେ ୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ରହିଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ମଲାଙ୍ଗିରି ଏରିଆ ମାଓବାଦୀ ସଙ୍ଗଠନର ସଦସ୍ୟ ବୋଲି ଜଣାପଡିଛି। ସରକାରଙ୍କ ଆତ୍ମସମର୍ପଣ ଥଇଥାନ ନୀତିରେ ଆକର୍ଷିତ ହୋଇ ସେମାନେ ଆତ୍ମସମର୍ପଣ କରିଥିବା କହିଛନ୍ତି। ସୂଚନାଯୋଗ୍ୟ ୬ ମାସ ମଧ୍ୟରେ ୬୩ ହାର୍ଡକୋର ମାଓବାଦୀଙ୍କ ସମେତ ୨୪୦ ଆତ୍ମସମର୍ପଣ କଲେଣି।

## ସଂକ୍ଷେପରେ

### ଲାଞ୍ଚ ନେଇ ଧରାପଡ଼ିଲେ ଜିଲା ଶ୍ରମ ଅଧିକାରୀ

**ତରବୋଡ଼, ୮।୧ (ଡି.ଏନ.ଏ.):** ନୂଆପଡ଼ା ଜିଲା ଖରିଆର ରୋଡସ୍ଥିତ ଅଫିସରେ ଜଣେ ବ୍ୟକ୍ତିଙ୍କଠାରୁ ଲେବର କାର୍ଡ କରାଇ ଦେବା ପାଇଁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ଜିଲା ଶ୍ରମ ଅଧିକାରୀ ଶରତ କୁମାର ପାଣିଗ୍ରାହୀ ଭିଜିଲାନ୍ସ ହାତରେ ଧରାପଡିଛନ୍ତି। ନୂଆପଡା ଜିଲା ବୋଡେନ ଥାନା ପଲସଦା ଗାଁର ଶ୍ରୀନିବାସ ବେହେରା ୨୦୦ ଜଣଙ୍କ ଲେବର କାର୍ଡ କରାଇବା ପାଇଁ ଜିଲା ଶ୍ରମ ଅଧିକାରୀ ପାଣିଗ୍ରାହୀଙ୍କୁ କହିଥିଲେ। କାର୍ଡ ପ୍ରତି ସରକାରୀ ଦର ୭୦ ଟଙ୍କା ହିସାବରେ ୧୪ ହଜାର ଟଙ୍କା ଡିପୋଜିଟ କରିବା କଥା। କିନ୍ତୁ ଜିଲା ଶ୍ରମ ଅଧିକାରୀ ତାଙ୍କୁ ୪୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶୁକ୍ରବାର ଅଫିସରେ ୪୦ ହଜାର ଲାଞ୍ଚ ଟଙ୍କା ଗ୍ରହଣ କରୁଥିଲେ। ଏହି ସମୟରେ ପୂର୍ବରୁ ଜଗିରହିଥିବା ଭବାନୀପାଟଣା ଭିଜିଲାନ୍ସ ଡିଏସ୍‌ପି ସତ୍ୟବାନ ମହାନନ୍ଦଙ୍କ ନେତୃତ୍ୱରେ ଏକ ଟିମ୍ ତାଙ୍କୁ ଗିରଫ କରି ୪୦ ହଜାର ଟଙ୍କା ଜବତ କରିଥିଲା।

### ମଙ୍ଗୋଲିଆ ମନ୍ତ୍ରୀଙ୍କ ସହ ଧର୍ମେନ୍ଦ୍ରଙ୍କ ଆଲୋଚନା

**ଭୁବନେଶ୍ୱର,୮।୧(ବ୍ୟୁରୋ):** କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ମଙ୍ଗୋଲିଆର ଖଣି ଓ ଭାରି ଶିଳ୍ପ ମନ୍ତ୍ରୀ ଜି. ୟଣ୍ଡନ, ଭାରତ-ମଙ୍ଗୋଲିଆ ଜଏଣ୍ଟ କମିଟି ଅଫ୍ କର୍ପୋରେଶନ ଉପାଧ୍ୟକ୍ଷ ଏଲ୍.ଓ. ଅର୍ଡନଙ୍କ ସହ ଭିଡିଓ କନ୍‌ଫରେନ୍ସରେ ଆଲୋଚନା କରିଛନ୍ତି। ହାଇଡ୍ରୋକାର୍ବନ ଏବଂ ଇସ୍ପାତ୍ କ୍ଷେତ୍ର ଉପରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବା ନେଇ ମିଳିତ ସମୀକ୍ଷା କରାଯାଇଛି। ଭାରତ ସରକାରଙ୍କ ଗ୍ରୀନ୍ ଫିଲ୍ଡ ମଙ୍ଗୋଲ ବିଶୋଧନାଗାର ପ୍ରକଳ୍ପ କାର୍ଯ୍ୟକ୍ଷମ କରିବାରେ ଏବଂ ମଙ୍ଗୋଲିଆର ସାଇଁସନ୍ଦଠାରେ ନିର୍ମାଣଧୀନ ରିଫାଇନାରୀର ଅଶୋଧିତ ତୈଳ ପାଇପ୍‌ଲାଇନ ପ୍ରତିଷ୍ଠାରେ ସହାୟତା କରିଥିବାରୁ ଉଭୟଙ୍କୁ ଧର୍ମେନ୍ଦ୍ର କୃତଜ୍ଞତା ଜଣାଇଥିଲେ। ବିଶୋଧନାଗାର ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପୂର୍ବରୁ ପାଇପଲାଇନ ନିର୍ମାଣ ଶେଷ କରିବାକୁ ଧର୍ମେନ୍ଦ୍ର ସହଯୋଗ ଲୋଡ଼ିଛନ୍ତି। ମଙ୍ଗୋଲିଆର ଖଣି, କୋଇଲା ଏବଂ ଇସ୍ପାତ କ୍ଷେତ୍ରରେ ସେଠାକାର କମ୍ପାନୀଙ୍କ ସହଯୋଗ ଉପରେ ଗୁରୁତ୍ୱାରୋପ କରାଯାଉଛି। ମଙ୍ଗୋଲିଆର ପ୍ରଥମ ତୈଳ ବିଶୋଧନାଗାର ପ୍ରକଳ୍ପ ନିର୍ଦ୍ଧାରିତ ସମୟ ସୁଦ୍ଧା ଶେଷ କରିବା ପାଇଁ ଭାରତ ସରକାର ପ୍ରତିଶ୍ରୁତିବଦ୍ଧ ଥିବା ଧର୍ମେନ୍ଦ୍ର ମତବ୍ୟକ୍ତ କରିଛନ୍ତି।

# ଜାତୀୟ ଚିଲିକା ପକ୍ଷୀ ଉତ୍ସବ ଆରମ୍ଭ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ତୃତୀୟ ଜାତୀୟ ଚିଲିକା ପକ୍ଷୀ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ତିନିଦିନ ଚାଲିବାକୁ ଥିବା ଏହି ଉତ୍ସବକୁ ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ସଫଳତା କାମନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ଓ ସଂରକ୍ଷଣ ନେଇ ବ୍ୟାପକ ଜନସଚେତନତାର ପ୍ରସାର ଏହି ଉତ୍ସବ ପାଳନର ମୂଳ ଲକ୍ଷ୍ୟ। ଜୈବ ବିବିଧତାରେ ପରିପୂର୍ଣ୍ଣ ଓ ସମୃଦ୍ଧ ଚିଲିକା ହ୍ରଦକୁ ଶୀତଋତୁରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ବିଦେଶାଗତ ପକ୍ଷୀ ଆସିଥାନ୍ତି। ସେଥିପାଇଁ ଚିଲିକାର ମଙ୍ଗଳାଯୋଡ଼ି ଓ ନଳବଣକୁ ଏସିଆର ପକ୍ଷୀ ଭୂସ୍ୱର୍ଗ କୁହାଯାଏ। ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ପକ୍ଷୀ ବିଶେଷଜ୍ଞ, ପକ୍ଷୀପ୍ରେମୀ, ଫଟୋଗ୍ରାଫର ଓ ପର୍ଯ୍ୟଟକମାନେ ଏହି ପକ୍ଷୀ ଉତ୍ସବରେ ସାମିଲ ହୋଇ ପକ୍ଷୀଙ୍କ ସମାଗମକୁ ମନଭରି ଉପଭୋଗ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଲୋକସେବା ଭବନସ୍ଥିତ କନ୍‌ଭେନଶନ ସେଣ୍ଟରରେ ଆୟୋଜିତ ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଯୋଗଦେଇ କହିଲେ, ଚିଲିକା ହ୍ରଦ କେବଳ ଆମ ରାଜ୍ୟ କାହିଁକି, ସାରା ବିଶ୍ୱର ଆର୍ଦ୍ରଭୂମିଗୁଡ଼ିକ ମଧ୍ୟରେ ସ୍ୱତନ୍ତ୍ର। ଏହା ଓଡ଼ିଶା ପର୍ଯ୍ୟଟନର ଆତ୍ମା। ବିଦେଶାଗତ ପକ୍ଷୀଙ୍କ ବୃହତ୍ତମ ଆଶ୍ରୟସ୍ଥଳ ଭାବେ ଏସିଆ ଉପମହାଦେଶରେ ଚିଲିକା ସୁଖ୍ୟାତି ବହନ କରିଛି। ଶୀତଦିନରେ ସୁଦୂର ସାଇବେରିଆଠାରୁ ଆରମ୍ଭ କରି ସାରା ପୃଥିବୀର କୋଣ ଅନୁକୋଣରୁ ପ୍ରାୟ ୧୯୦ ପ୍ରଜାତିର ୧୨ ଲକ୍ଷରୁ ଊର୍ଦ୍ଧ୍ୱ ପକ୍ଷୀ ମଙ୍ଗଳାଯୋଡ଼ିକୁ ଆସିବା ଚିଲିକାର ଅନନ୍ୟ ବିଶେଷତ୍ୱ। ଅନ୍ୟତମ ସମ୍ମାନିତ ଅତିଥି ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଲେ, ଜାତୀୟ ଚିଲିକା ପକ୍ଷୀ ଉତ୍ସବକୁ ପକ୍ଷୀପ୍ରେମୀ ପର୍ଯ୍ୟଟକମାନେ ଅଧିକରୁ ଅଧିକ ସଂଖ୍ୟାରେ ଆସିଲେ ସେମାନେ ରାଜ୍ୟ ପାଇଁ ପର୍ଯ୍ୟଟନ ରାଷ୍ଟ୍ରଦୂତ ରୂପେ ସାବ୍ୟସ୍ତ ହେବେ। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଲେ, କୋଭିଡ୍ କଟକଣା ସତ୍ତ୍ୱେ ଓଡ଼ିଶା ସମେତ ମୋଟ ୯ ରାଜ୍ୟର ୫୫ଜଣ ପକ୍ଷୀପ୍ରେମୀ ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ନାମ ପଞ୍ଜୀକରଣ କରିବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ମୋନା ଶର୍ମା ପରିବେଶ ପର୍ଯ୍ୟଟନ ଦୃଷ୍ଟିରୁ ଓଡ଼ିଶା ବାସ୍ତବରେ ଭାରତର ସ୍ୱର୍ଗ ବୋଲି କହିଥିଲେ।



ଲୋକସେବା ଭବନଠାରେ ଚିଲିକା ଉତ୍ସବର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟମାନେ ଫଟୋଚିତ୍ର ପ୍ରଦର୍ଶନୀକୁ ବୁଲି ଦେଖୁଛନ୍ତି।



- **ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ**
- **ଯୋଗଦେଇଛନ୍ତି ୯ ରାଜ୍ୟର ୫୫ ପକ୍ଷୀପ୍ରେମୀ**

ଏହି ଅବସରରେ ଚିଲିକା ଉପରେ ଏକ ଭିଡିଓ ଫିଲ୍ମ ପ୍ରଦର୍ଶିତ ହୋଇଥିଲା। ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପିସିସିଏଫ୍(ୱାଇଲ୍ଡଲାଇଫ୍) ହରିଶଙ୍କର ଉପାଧ୍ୟାୟ ଓ ପର୍ଯ୍ୟଟନ ବିଭାଗ ତରଫରୁ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ପ୍ରକୃତି ଓ ପରିବେଶ ପର୍ଯ୍ୟଟନର ଉତ୍କର୍ଷ ସାଧନ ଉଦ୍ଦେଶ୍ୟରେ ଏକ ବୁଝାମଣା ପତ୍ରରେ ସ୍ୱାକ୍ଷର କରିଥିଲେ। ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ଅଜିତ ପଟ୍ଟନାୟକ ଓ ମୁମ୍ବାଇ ନାଚୁରାଲ ହିଷ୍ଟ୍ରୀ ସୋସାଇଟିର ଡ. ଏସ୍. ବାଲଚନ୍ଦ୍ରନ୍‌ଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଓ ହରିଶଙ୍କର ଉପାଧ୍ୟାୟ ଉତ୍ସବ ସମ୍ପର୍କରେ କହିଥିଲେ। ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ସ୍ୱାଗତ ଭାଷଣ ଓ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଧନ୍ୟବାଦ ଦେଇଥିଲେ।

# ଓଡ଼ିଶାରେ ବାର୍ଡ ଫ୍ଲୁ ନାହିଁ

**ପ୍ରାଣୀ ସମ୍ପଦ ବିଭାଗ ଭୟଭୀତ ନ ହେବାକୁ ପରାମର୍ଶ**

**ଭୁବନେଶ୍ୱର, ୮।୧(ବ୍ୟୁରୋ):** ରାଜ୍ୟରେ ଏ ପର୍ଯ୍ୟନ୍ତ ୧୨ ହଜାର ୧୫୮ ନମୁନା ପରୀକ୍ଷା କରାଯାଇଛି। ଏଥିରେ ବାର୍ଡ ଫ୍ଲୁର କୌଣସି ସଙ୍କେତ ନାହିଁ। ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ଯେ କୌଣସି ପରିସ୍ଥିତିର ସମାଧାନ ପାଇଁ ତତ୍ପର ଅଛନ୍ତି। ଶୁକ୍ରବାର ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜାରି କରି ଏଭଳି ସୂଚନା ଦିଆଯାଇଛି। ଓଡ଼ିଶାରେ ବାର୍ଡ ଫ୍ଲୁ ନାହିଁ। ବିଭିନ୍ନ ଅଞ୍ଚଳରୁ ପକ୍ଷୀମାନଙ୍କର ରକ୍ତ, ଲାଳ, ନାଜାଲ ସ୍ୱାବ୍, କ୍ଲୋଆକାଲ ସ୍ୱାବ୍ ଓ ଖାଦ୍ୟ ନମୁନା ସଂଗ୍ରହ ସହ ପରୀକ୍ଷା କରାଯାଉଛି। ରାଜ୍ୟସ୍ତରରେ ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନ, ଆଞ୍ଚଳିକ ସ୍ତରରେ ରୋଗ ନିରୀକ୍ଷଣ ପରୀକ୍ଷାଗାର ତଥା ପ୍ରାଣୀରୋଗ ନିରୂପଣ ପରୀକ୍ଷାଗାରଗୁଡ଼ିକୁ ପୂର୍ଣ୍ଣ କ୍ଷମତା ସହ ନମୁନା ପରୀକ୍ଷଣ କଡ଼ାକଡ଼ି କରାଯାଉଛି। ଜନସାଧାରଣ ଭୟଭୀତ ନ ହୋଇ କୁକୁଡ଼ା ମାଂସ ଓ ଅଣ୍ଡାକୁ ଭଲ ଭାବେ ସିଝାଇ ଖାଇବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟସ୍ତରରେ ଖୋଲାଯାଇଥିବା ନିୟନ୍ତ୍ରଣ କକ୍ଷକୁ ଫୋନ କରି (୦୬୭୧-୨୪୧୪୩୧୦) କିମ୍ବା ହ୍ୱାଟ୍ସଆପ୍ ନମ୍ବର ୭୨୦୫୫୯୮୧୨୫କୁ ଜନସାଧାରଣ ସୂଚନା ଦେଇ ପାରିବେ। ଏଠାରେ ସୂଚନାଯୋଗ୍ୟ ରାଜସ୍ଥାନ, କେରଳ, ହିମାଚଳ ପ୍ରଦେଶ ଏବଂ ମଧ୍ୟପ୍ରଦେଶରେ ବାର୍ଡ ଫ୍ଲୁ ଦେଖାଦେଇଛି। ଗୁରୁବାର ଖୋର୍ଦ୍ଧା ଜିଲାର ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରଣା ପଞ୍ଚାୟତର ଗୋବିନ୍ଦପୁର ଗ୍ରାମରେ ୧୨୦ କୁକୁଡ଼ାଙ୍କ ମୃତ୍ୟୁ ହୋଇଥିଲା। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ ମୃତ ପକ୍ଷୀଙ୍କ ନମୁନା ସଂଗ୍ରହ କରାଯାଇଥିଲା। ମୃତ କୁକୁଡ଼ା ମଧ୍ୟରୁ ୫ଟିକୁ ପରୀକ୍ଷଣ ନିମନ୍ତେ ଫୁଲନଖରା ସ୍ଥିତ ପ୍ରାଣୀରୋଗ ଗବେଷଣା ପ୍ରତିଷ୍ଠାନକୁ ପଠାଯାଇଥିଲା। ତେବେ କୌଣସି ନମୁନାରେ ବାର୍ଡ ଫ୍ଲୁର ଲକ୍ଷଣ ନ ଥିବା ବିଭାଗ ପକ୍ଷରୁ କୁହାଯାଇଛି।

## ବିପର୍ଯ୍ୟୟ ପରିଚାଳନାରେ ଭିନ୍ନକ୍ଷମଙ୍କୁ ସାମିଲ କର

**ଭୁବନେଶ୍ୱର, ୮।୧(ବ୍ୟୁରୋ):** ପ୍ରାକୃତିକ ବିପର୍ଯ୍ୟୟ ବେଳେ ଭିନ୍ନକ୍ଷମ ବ୍ୟକ୍ତିମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ବିପତ୍ତି ବେଳେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ନେଇ ବିପର୍ଯ୍ୟୟ ପରିଚାଳନା କୌଶଳ ବିଷୟରେ ସେମାନଙ୍କୁ ଅବଗତ କରାଇବାକୁ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ(ଏସ୍‌ଏସ୍‌ଇପିଡି) ନିର୍ଦ୍ଦେଶକ ଭାରତୀ ହରିଚନ୍ଦନ ସମସ୍ତ ଜିଲାପାଳଙ୍କୁ ଏ ନେଇ ଚିଠି ଲେଖିଛନ୍ତି। ଭିନ୍ନକ୍ଷମ ସୁରକ୍ଷା ଆଇନ-୨୦୧୬ ଅନୁଯାୟୀ ରାଜ୍ୟ ସରକାର ଏବଂ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଭିନ୍ନକ୍ଷମମାନଙ୍କର ସୁରକ୍ଷାକୁ ନିଶ୍ଚିତ କରିବାକୁ ବ୍ୟବସ୍ଥା ରହିଛି।

URGENT REQUIRED
1. Civil Er.(Dip./B.Tech.)- 5 Nos.
2. Auto Cadd- 02 Nos.
3. Matric to Graduate- 20 Nos.
Contact:
9556880775
7873563668

ନିଯୁକ୍ତି ନିଯୁକ୍ତି ନିଯୁକ୍ତି
ଆବଶ୍ୟକ ପ୍ରାର୍ଥୀମାନଙ୍କୁ Nursing Assistance ଶିକ୍ଷା ପ୍ରଦାନ ସହ ମାଗଣା ନିଯୁକ୍ତି।
ଯୋଗ୍ୟତା– ୮ମରୁ ଊର୍ଦ୍ଧ୍ୱ
ଫର୍ମଫିଲପ୍-ଜାନୁୟାରୀ ୧୧ ଠାରୁ ଫେବୃୟାରୀ ୧୫
ଯୋଗାଯୋଗ– 7751841577, 7894397909, 7978011023

# ନୂତନ କୁଳପତି ନିଯୁକ୍ତିକୁ ନେଇ ଉଠିଲା ପ୍ରଶ୍ନ

**ଅଭିଯୋଗ ଆଣିଲେ ପୂର୍ବତନ କୁଳପତି, ଶିକ୍ଷାବିତ୍**

**ଭୁବନେଶ୍ୱର,୮।୧(ବ୍ୟୁରୋ)**

ରାଜ୍ୟରେ ୬ ବିଶ୍ୱବିଦ୍ୟାଳୟରେ ନୂତନ କୁଳପତି ନିଯୁକ୍ତି ହୋଇଛନ୍ତି। ତେବେ ନୂତନ କୁଳପତି ଚୟନ ପ୍ରକ୍ରିୟାକୁ ନେଇ ବିଭିନ୍ନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତିମାନେ ପ୍ରଶ୍ନ ଉଠାଇଛନ୍ତି। ଶୁକ୍ରବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିନାୟକ ରଥ, ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଶିବ ପ୍ରସାଦ ରଥ ଓ ପ୍ରଫୁଲ୍ଲ ମିଶ୍ର, ଓୟୁଏଟିର ପୂର୍ବତନ କୁଳପତି ସୁରେନ୍ଦ୍ରନାଥ ପଶୁପାଳକ, ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ପୂର୍ବତନ ସମ୍ପାଦକ ହେମେନ୍ଦ୍ର ନାରାୟଣ ଦାସ, ଉଚ୍ଚ ଶିକ୍ଷା ବିଭାଗର ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ ଡ. ଅମୀୟ ମହାନ୍ତି ପ୍ରମୁଖ କୁଳପତି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କୁଳପତି ଚୟନ ପାଇଁ ସର୍ଚ୍ଚ କମିଟି ଯେଉଁମାନଙ୍କ ନାମ ସୁପାରିସ କରିଥାନ୍ତି, ସେମାନଙ୍କୁ କୁଳାଧିପତି ଆଲୋଚନା ଲାଗି ନିର୍ଦ୍ଦିଷ୍ଟ ସମୟ ଦେଇଥାନ୍ତି। ସେମାନେ ବ୍ୟକ୍ତିଗତ ଭାବେ କୁଳାଧିପତିଙ୍କୁ ଭେଟନ୍ତି। କିନ୍ତୁ ଚଳିତଥର ସମସ୍ତ ପ୍ରାର୍ଥୀଙ୍କୁ ଏକାସାଙ୍ଗେ ରାଜଭବନକୁ ଡକାହେଲା। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ସେମାନଙ୍କୁ ସେମିତି ବସେଇ ରଖାହେଲା। ଦିନ ଗୋଟାଏବେଳେ ରାଜ୍ୟପାଳଙ୍କ ସଚିବ ଆସି ସମସ୍ତଙ୍କୁ ଗୋଟିଏ ଲେଖାଏ ପେପର ଦେଇଥିଲେ ଓ ବିଶ୍ୱବିଦ୍ୟାଳୟ ସହ କୌଣସି ସମ୍ପର୍କ ନ ଥିବା ୪ ଅବାନ୍ତର ପ୍ରଶ୍ନ ଦେଲେ। ସେହି ସମୟରେ ସେମାନଙ୍କୁ ଜଗିବା ପାଇଁ ଜଣେ ନିରୀକ୍ଷକଙ୍କୁ ମଧ୍ୟ ନିଯୁକ୍ତ କରାହେଲା। ଏହା ଏକ ଅପମାନ ସଦୃଶ। ସେ ପ୍ରଶ୍ନ କିଏ ପ୍ରସ୍ତୁତ କଲା ଓ କିଏ ମୂଲ୍ୟାୟନ କଲା ତାହା ପ୍ରଶ୍ନବାଚୀ। ଏହାଦ୍ୱାରା ବିଶ୍ୱବିଦ୍ୟାଳୟର ସ୍ୱାଧୀନତା ଅବକ୍ଷୟ ହେଉଛି। ବିଶ୍ୱବିଦ୍ୟାଳୟରେ ଚୟନ ପ୍ରକ୍ରିୟାରେ ରାଜ୍ୟ ସରକାରଙ୍କ କୌଣସି ଭୂମିକା ରହିବା କଥା ନୁହେଁ। କିନ୍ତୁ ଏବେ ପ୍ରଶାସନିକ ଚକ୍ରାନ୍ତ ହୋଇଛି। ନୂତନ ଶିକ୍ଷା ନୀତିରେ ପରିବର୍ତ୍ତନ ଆବଶ୍ୟକ ବୋଲ ସେମାନେ ମତ ଦେଇଛନ୍ତି।

## ଦୁଇ ଆଇପିଏସ୍ ଅଫିସରଙ୍କ ବଦଳି

**ଭୁବନେଶ୍ୱର, ୮।୧(ବ୍ୟୁରୋ):** ରାଜ୍ୟ ସରକାର ଶୁକ୍ରବାର ଦୁଇଜଣ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ଅଦଳବଦଳ କରିଛନ୍ତି। ଏ ନେଇ ଶୁକ୍ରବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଗୃହ ବିଭାଗର ଓଏସ୍‌ଡି ଥିବା ୧୯୮୬ ବ୍ୟାଚ ଆଇପିଏସ୍ ଅଫିସର ବିଜୟ କୁମାର ଶର୍ମାଙ୍କୁ ପ୍ରିଣ୍ଟିଂ ଷ୍ଟେଶନେରି ଆଣ୍ଡ ପବ୍ଲିକେଶନ ନିର୍ଦ୍ଦେଶକ ଭାବେ ବଦଳି କରାଯାଇଥିବା ବେଳେ ଆଇଜି ଗ୍ରେଡ୍‌କୁ ପଦୋନ୍ନତି ପରେ ୨୦୦୩ ବ୍ୟାଚ୍ ଆଇପିଏସ୍ ହିମାଂଶୁ ଲାଲଙ୍କୁ ପ୍ରିଜନ ଆଣ୍ଡ କରେକ୍ସନାଲ ସର୍ଭିସର ଆଇଜି ଭାବେ ନିଯୁକ୍ତି ଦିଆଯାଇଛି। କେନ୍ଦ୍ରୀୟ ଡେପୁଟେଶନରୁ ଫେରିବା ପରେ ଗତ ସପ୍ତାହରେ ତାଙ୍କୁ ଡିଆଇଜିରୁ ଆଇଜିକୁ ପଦୋନ୍ନତି ଦିଆଯାଇଥିଲା।

ହଜିଯାଇଥିବା ଦସ୍ତାବିଜ ବିଜ୍ଞପ୍ତି
ଏତଦ୍ୱାରା ଆମ୍ଭେ ଏଲ୍‌ଆଇସିଏଚ୍‌ଏଫ୍‌ଏଲ୍, ପ୍ଲଟ୍ ନଂ.୯ ପ୍ରଥମ ମହଲା ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ତରଫରୁ ଜଣାଉଅଛୁ ଶ୍ରୀ ଅନୀଲ କୁମାର ବିଶୋଇ, ପିତା- ବୁଲୁ ବିଶୋଇଙ୍କ ଭୂ ସମ୍ପତ୍ତି ପ୍ଲଟ୍ ନଂ.୨୬୬୩, ଖାତା ନଂ.୪୨୬/୩୫୧, ଏ୦.୦୫ ଡେ., ମୌଜା-ଗଦାଧରପୁର, ତହସିଲ- ତିଗିରିଆ, ଜିଲ୍ଲା-କଟକ ଗୃହ ଉନ୍ନତୀକରଣ ଋଣ ଆବେଦନ କରିଛନ୍ତି।
କିନ୍ତୁ ୧୪।୦୩।୨୦୧୭ ତାରିଖରେ ରାମଚନ୍ଦ୍ର ବିଶୋଇ ଓ ଅନ୍ୟମାନଙ୍କ ସହ ବୁଲୁ ବିଶୋଇଙ୍କ ମଧ୍ୟରେ ସମ୍ପାଦିତ ମୂଳ ଅସଲି ଦଲିଲ୍ ନଂ.୧୦୪୮୧୭୦୦୦୮ ଦସ୍ତାବିଜ ନିଜ ବାସସ୍ଥାନରୁ ଅଦାଲତକୁ ଏକ ବାଇକ୍ ଯୋଗେ ତା୧୭।୦୮।୨୦୨୦ରିଖରେ ଆସୁଥିବା ବେଳେ ହଜିଯାଇଛି। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏହି ବିଜ୍ଞପ୍ତି ଦିଆଯାଉଛି ଯେ ଯଦି କୌଣସି ବ୍ୟକ୍ତିଙ୍କର ହଜିଯାଇଥିବା ଦସ୍ତାବିଜ୍ କିମ୍ବା ଉପରୋକ୍ତ ସମ୍ପତ୍ତି ଉପରେ କୌଣସି ଅଧିକାର, ଅଂଶୀଦାର ସ୍ୱାର୍ଥ ରହିଥାଏ, ତେବେ ଏଲ୍‌ଆଇସିଏଚ୍‌ଏଫ୍‌ଏଲ୍, ପ୍ଲଟ୍ ନଂ.୯, ପ୍ରଥମ ମହଲା, ଡିଷ୍ଟ୍ରିକ୍ଟ ସେଣ୍ଟର ନିକଟରେ ଏହି ବିଜ୍ଞପ୍ତି ପ୍ରକାଶନଠାରୁ ୧୫ ଦିନ ମଧ୍ୟରେ ଆପତ୍ତି କରିବାକୁ ପଡିବ। ଅନ୍ୟଥା ଏହି ଅବଧି ପରେ ଉକ୍ତ ସମ୍ପତ୍ତି ବାବଦୀୟ ଆଇନଗତ ଶକ୍ତି ହରାଇବ ଏବଂ ଏଲ୍‌ଆଇସିଏଚ୍‌ଏଫ୍‌ଏଲ୍ କୌଣସି ଆପତ୍ତି ଅଭିଯୋଗ ପାଇ ଦାୟୀ ରହିବେ ନାହିଁ।
ଯୋଗାଯୋଗ ଠିକଣା- ଏଲ୍‌ଆଇସିଏଚ୍‌ଏଫ୍‌ଏଲ୍, ପ୍ଲଟ୍ ନଂ.୯, ପ୍ରଥମ ମହଲା, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
ଏନ୍.ସି. ପଟ୍ଟନାୟକ, ଓକିଲ
ମୋ-୯୮୫୩୩୧୧୮୯

See Career Appointment on every Wednesday & Saturday

REQUIRED ACCOUNTANT
Having good knowledge on Internet, MS-Office and Tally-ERP 9.
Address: 40F, Mancheswar Ind. Estate, Mancheswar, Bhubaneswar-10.
Email: LhcppL_bbsr@rediffmail.com
Only Whatsapp on 9937327922

WANTED IBR CERTIFIED BOILER OPERATOR FOR A PLYWOOD FACTORY IN VISAKHAPATNAM.
ATTRACTIVE SALARY + FOOD + ACCOMMODATION WILL BE PROVIDED TO THE DESERVING CANDIDATE
PLEASE CONTACT
9010156222 / 9704558090
OR MAIL YOUR RESUME TO :
msridharrajesh@gmail.com

JOBS IN AIRPORT
(PERMANENT JOB) ରେ ଡାଇରେକ୍ଟ ଭର୍ତ୍ତି
Air Hostess, Ground Staffs, Supervisors, Checkers, Loaders, Drivers, Guards & Helpers
Quali : ୨୦ ପଢ଼ିଥିବା + Graduate
Salary : 25000/- to 75000 + Bonus + Cab (ରହିବା + ଖାଇବା Free)
9354094396, 9318478223

# ଡମ୍ପିଂୟାର୍ଡ ସମସ୍ୟା ସୁଧାରିବ 'ମୋ ଖତ'

**ଭୁବନେଶ୍ୱର,୮।୧(ବ୍ୟୁରୋ)**

ଭୁବନେଶ୍ୱରରେ ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଜୈବିକ ସାର 'ମୋ ଖତ' ବିକ୍ରୟ ନିମନ୍ତେ କିଓସ୍କୋର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ କହିଛନ୍ତି, ବର୍ତ୍ତମାନ ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ଥିବା ମାଇକ୍ରୋ କମ୍ପୋଷ୍ଟ ସେଣ୍ଟର (ଏମ୍‌ସିସି)ଗୁଡ଼ିକରୁ ବାହାରୁଥିବା ଜୈବିକ ଖତ ବଜାରରେ ଉପଲବ୍ଧ ହେବ। ଏହାଦ୍ୱାରା ଡମ୍ପିଂୟାର୍ଡ ସମସ୍ୟାର ସମାଧାନ ହେବ। ପର୍ଯ୍ୟାୟକ୍ରମେ ଏହି କାର୍ଯ୍ୟକ୍ରମ ରାଜ୍ୟର ଅନ୍ୟ ସହରାଞ୍ଚଳଗୁଡିକରେ ଆରମ୍ଭ ହେବ। 'ମୋ ଖତ' ପ୍ରସ୍ତୁତିରେ ଭୁବନେଶ୍ୱର ନାଗରିକମାନଙ୍କ ଯଥେଷ୍ଟ ଯୋଗଦାନ ରହିଛି। ବର୍ଜ୍ୟର ବିଜ୍ଞାନସମ୍ମତ ପରିଚାଳନାକୁ ପ୍ରମାଣିତ କରିବାରେ ସେମାନେ ନିଜର କର୍ତ୍ତବ୍ୟ ସମ୍ପାଦନ କରିଛନ୍ତି, ଯାହାକୁ ମୁଖ୍ୟ ଶାସନ ସଚିବ ପ୍ରଶଂସା କରିଛନ୍ତି। 'ମୋ ଖତ' ଜୈବିକ ସାର ୫ କି.ଗ୍ରା. ପ୍ୟାକେଟ୍‌କୁ ୧୨୫ ଟଙ୍କାରେ ବିକ୍ରୟ କରାଯିବ। ବିକ୍ରୟ କେନ୍ଦ୍ର ଏସ୍‌ଏଚ୍‌ଜିର ଦାୟିତ୍ୱରେ ରହିବ। ବିଭିନ୍ନ ବିଭାଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ସାର ଯୋଗାଇ ଦିଆଯିବ। ଏଥିରୁ ପ୍ରାପ୍ତ ଅର୍ଥ ଏମ୍‌ସିସିକୁ ସ୍ୱୟଂଚାଳିତ କରିବାରେ ବିନିଯୋଗ ହେବ। ଏହି ବିକ୍ରୟ କେନ୍ଦ୍ର ଦିନ ୧୦ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲା ରହିବ। ବିଏମ୍‌ସିର କର୍ମକର୍ତ୍ତାମାନେ ପରିଚାଳନାଗତ ଆବଶ୍ୟକ ସହଯୋଗ କରିବେ। ସ୍ଥିରୀକୃତ ନିୟମ ଅନୁସାରେ ଏହି ବିକ୍ରୟ କେନ୍ଦ୍ରର ନଥି ତଦାରଖ କରାଯିବ। ସୂଚନାଯୋଗ୍ୟ, ବିଏମ୍‌ସିରେ ୪୩ ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର(ଏମ୍‌ସିସି) ଏବଂ ୧୧ ମ୍ୟାଟେରିଆଲ ରିକଭରି ଫ୍ୟାସିଲିଟି ସେଣ୍ଟର ରହିଛି। ସ୍ଥାନୀୟ ଏସ୍‌ଏଚ୍‌ଜି ସଦସ୍ୟମାନେ ସ୍ୱଚ୍ଛସାଥୀ ଭାବେ କାର୍ଯ୍ୟ କରୁଛନ୍ତି। ୬୭ ସ୍ୱେଚ୍ଛାସେବୀ ଏହାର ପରିଚାଳନାରେ ସହଯୋଗ କରୁଛନ୍ତି।

ଏସ୍.ଇ. ରେଳପଥ ଟେଣ୍ଡର
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଟି-ସିକେପି-ଓଟି-୦୧-୨୦୨୧, ତାରିଖ: ୦୭।୦୧।୨୦୨୧। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ ସିଗ୍‌ନାଲ୍ ଏବଂ ଟେଲିକମ୍ ଇଞ୍ଜିନିୟର/ସିଓ, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁରଙ୍କ ଦ୍ୱାରା ଟେଣ୍ଡର ନଂ. ଏସ୍‌ଟି-ସିକେପି-ଓଟି-୦୧-୨୦୨୧ ବାବଦରେ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି ଯାହା ତା୨୯।୦୧।୨୦୨୧ ରିଖ ୧୫.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ ହୋଇଛି। ଏହି ଟେଣ୍ଡର ପାଇଁ ମାନୁଆଲ୍ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। କାର୍ଯ୍ୟର ନାମ: ସିଏସ୍‌ଏଲ୍ ବୃଦ୍ଧି କରିବା ପାଇଁ ବରସୁଆଁ ୟାର୍ଡର ରିମଡେଲିଂ ନିମନ୍ତେ ଏସ୍ ଆଣ୍ଡ ଟି କାର୍ଯ୍ୟ। ଟେଣ୍ଡର ମୂଲ୍ୟ: ₹୨୯,୦୮,୮୨୯.୦୬। ଇଏମ୍‌ଡି: ₹୫୮,୨୦୦/-। ସମାପ୍ତି ଅବଧି: ୬ ମାସ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରମାନଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍‌ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ନିହାତି ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ସମସ୍ତ ଟେଣ୍ଡରଦାତାଙ୍କୁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ। (PR-474)

The Odisha Small Industries Corporation Ltd.
( A Government of Odisha Undertaking) )
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1
TENDER CALL NOTICE
Ref No. 182 Dt.07.01.2021
The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for the work "Construction of Smart Park under Unnati scheme Rayagada". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/modifications will appear in OSIC Ltd. website www.osicltd.in only.
MANAGING DIRECTOR

# ୫ ଘଣ୍ଟା ଟ୍ରେନ ଚଳାଚଳ ବ୍ୟାହତ

**ସମ୍ବଲପୁର/ ରେଙ୍ଗାଲି, ୮।୧ (ବ୍ୟୁରୋ/ ଡି.ଏନ.ଏ)**

- **ଧାନବାଦ- ଏଲେପି ଟ୍ରେନ ରହଣି ଦାବି**
- **ରେଲୱେ ପକ୍ଷରୁ ଯୋଗାଇ ଦିଆଗଲା ବସ୍**

ସମ୍ବଲପୁର ଜିଲା ରେଙ୍ଗାଲି ଷ୍ଟେଶନରେ ଧାନବାଦ- ଏଲେପି ଏକ୍ସପ୍ରେସ ରହଣି ଦାବି ନେଇ ରେଙ୍ଗାଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ପୂର୍ବ ଘୋଷଣା ମୁତାବକ ଶୁକ୍ରବାର ରେଳରୋକୋ କରାଯାଇଥିଲା। ଏଥିସହ ରେଙ୍ଗାଲି ଅଞ୍ଚଳର ସରକାରୀ ଅଫିସ ଓ ଦୋକାନ ବଜାରଗୁଡିକ ବନ୍ଦ ରହିଥିଲା। ଷ୍ଟେସନରେ ରେଳରୋକୋ ଯୋଗୁ ଦୀର୍ଘ ୫ଘଣ୍ଟା ଧରି ଟ୍ରେନ ଚଳାଚଳ ବ୍ୟାହତ ହୋଇଥିଲା। ରାଉରକେଲା- ଭୁବନେଶ୍ୱର ଇଣ୍ଟରସିଟି ୫ ଘଣ୍ଟା ଧରି ରେଙ୍ଗାଲି ଷ୍ଟେଶନରେ ଅଟକି ରହିଥିଲା। ଫଳରେ ଟ୍ରେନ ଯାତ୍ରୀମାନେ ବାହାରକୁ ଆସି ହୋ ହଲ୍ଲା କରିଥିଲେ। ଯାତ୍ରା କରୁଥିବା ବୃଦ୍ଧ, ମହିଳା, ଛାତ୍ରୀଛାତ୍ର, ରୋଗୀ ଓ ଛୋଟ ପିଲାମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଟ୍ରେନ ଡେରି ହେଲେ ମଧ ଭୁବନେଶ୍ୱର ନେବାକୁ ଯାତ୍ରୀମାନେ ଦାବି କରିଥିଲେ। ରେଙ୍ଗାଲି ଷ୍ଟେଶନ ମାଷ୍ଟର ଅଫିସ ସମ୍ମୁଖରେ ପାଟିତୁଣ୍ଡ କରି ଅସନ୍ତୋଷ ପ୍ରକାଶ କରିଥିଲେ। ରେଳ ବିଭାଗ ପକ୍ଷରୁ ସେମାନଙ୍କୁ ୨ଟି ବସ ଯୋଗେ ଭୁବନେଶ୍ୱର ପଠାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ପରେ ରାଉରକେଲା ଇଣ୍ଟରସିଟି ଟ୍ରେନ ପୁଣି ରାଉରକେଲା ଫେରି ଯାଇଥିବା ଜଣାପଡିଛି। ୧୮୪ ଯାତ୍ରୀ ନିଜସ୍ୱ ସୁବିଧାରେ ଗନ୍ତବ୍ୟ ସ୍ଥଳକୁ ଯାତ୍ରା କରିଥିଲେ। ରେଳବିଭାଗ ପକ୍ଷରୁ କେତେଜଣ ଯାତ୍ରୀଙ୍କୁ ଟିକେଟ ବାବଦ ଅର୍ଥ ଫେରସ୍ତ ଦିଆଯାଇଥିବା ବେଳେ ସମସ୍ତଙ୍କୁ ଜଳଖିଆ ଦେବାର ବ୍ୟବସ୍ଥା ହୋଇଥିଲା। ଆନ୍ଦୋଳନ ସ୍ଥଳକୁ ତହସିଲଦାର ସୁନୀଲ ମେହେର ଓ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଆସି ଆଲୋଚନା କରିଥିଲେ। ହେଲେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ବିଫଳ ହୋଇଥିଲା। ପରେ ପୋଲିସ ପହଁଚି ବଳପୂର୍ବକ ଆନ୍ଦୋଳନକାରୀଙ୍କୁ ଉଠାଇ ସେମାନଙ୍କ ନାଁରେ ମାମଲା ରୁଜୁ କରିଛି। ଆନ୍ଦୋଳନରେ କ୍ରିୟାନୁଷ୍ଠାନ କମିଟିର ଆବାହକ ଅନ୍ତର୍ଯ୍ୟାମୀ ପାଣି, ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ, ରେଙ୍ଗାଲି ବିଧାୟକ ତଥା ଭାଜପା ରାଜ୍ୟ ଉପସଭାପତି ନାଉରୀ ନାୟକ, କୁଚିଣ୍ଡା ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ରେଙ୍ଗାଲି ବ୍ଲକ ବିଜେଡି ସଭାପତି ଅଶୋକ ଗୁରୁ ପ୍ରମୁଖ ସାମିଲ ହୋଇଥିଲେ।



ରେଳ ଷ୍ଟେଶନରେ ଆନ୍ଦୋଳନକାରୀମାନେ।

OFFICE OF THE NOTIFIED AREA COUNCIL, BALUGAON
Balugaon, Khordha, Odisha, PIN-752030
Phone No.06756-250501
Email ID: eonac.balugaon2013@gmail.com
No.33/Dt.08.01.2021
EXPRESSION OF INTEREST
Expression of interest on sealed covers are invited from the intending architect/consultancy firms for preparation of DPR for "Construction of Model Crematorium near Balugaon College under Balugaon NAC". The last dae & time of receipt of EOI document is dt.20.01.2021 upto 11.30 A.M. and the same will be opened on the same day i.e. on dt.20.01.2021 at 12.30 P.M. and onwards in presence of participant or their representatives. They are requested to quote the consultancy fees on percentage basis of the project cost. They are requested to submit the copy of registration certificate, valid GST, PAN, Aadhaar and past experience along with EOI. Successful bidders have to submit the DPR within 15 days from the date of execution of agreement. Payment will be made in phased manner after completion of technical sanction and administrative approval from competent authority. The authority reserve the right to reject any or all the EOI without assigning any reason thereof.
Sd./- Executive Officer
Balugaon NAC

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ
ଆକାଶ ଶୋଭା ବିଲ୍‌ଡିଂ
ପଣ୍ଡିତ ଜବାହରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ପତ୍ର ସଂଖ୍ୟା 22991/ଭୁ.ଉ.କ., ଭୁବନେଶ୍ୱର ତା28.12.20ରିଖ
CPM-I-191/82
ସୂଚନା
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ପ୍ରଥମ ପର୍ଯ୍ୟାୟ ଗୃହ ପ୍ରକଳ୍ପ ଅନ୍ତର୍ଗତ ଗୃହ ନଂ. MIG-I-G-9/4କୁ ଶ୍ରୀ ଭୂପେନ୍ଦ୍ର କୁମାର ରାଠୋଡ, ପିତା- ମାଞ୍ଜି ଜେଠ ରାଠୋଡ, ଗ୍ରାମ - 6/D ମାନବିକାଶ, ପୋ.ଅ.- କଲେଜ ସ୍କୋୟାର, ଥାନା- ମଙ୍ଗଳାବାଗ, ଜିଲ୍ଲା- କଟକଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ଭୂପେନ୍ଦ୍ର କୁମାର ରାଠୋଡ ଗତ ତା୧୮।୦୪।୨୦୧୮ରିଖରେ ମୃତ୍ୟୁବରଣ କରିଅଛନ୍ତି। ଆବଣ୍ଟନଗ୍ରାହୀଙ୍କ ମୃତ୍ୟୁ ଅନ୍ତେ ସ୍ତ୍ରୀ ପ୍ରଭା ବି ରାଠୋଡ ଓ ପୁତ୍ର ଶ୍ରୀ ନିଖିଲ ରାଠୋଡ ଉକ୍ତ ଗୃହକୁ ଉତ୍ତରାଧିକାରୀ ସୂତ୍ରେ ସେମାନଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଅଛନ୍ତି।
ଏଣୁ ଉକ୍ତ ପ୍ରକଳ୍ପ ଗୃହର ଉତ୍ତରାଧିକାରୀ ସୂତ୍ରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ୧୫ ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।
ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ, ଭୁବନେଶ୍ୱର

**ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୦ହଜାର ଦେଲେ ସାମାଜିକ କର୍ମୀ**

ଭୁବନେଶ୍ୱର,୮।୧(ବ୍ୟୁରୋ):ବ୍ରହ୍ମଗିରି ବ୍ଲକ୍ ଆଞ୍ଚପଡ଼ା ପଞ୍ଚାୟତ ବଳଭଦ୍ର ପାଟଣା ଗ୍ରାମର ଆନନ୍ଦଶ୍ୟାମ ବଂଶୀଧର ବିଶ୍ୱାଳ ନିଜସ୍ୱ ଉପାର୍ଜିତ ୫୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସ ବର୍ମାଙ୍କ ଜରିଆରେ ପ୍ରଦାନ କରିଛନ୍ତି । ବିଶ୍ୱାଳଙ୍କ ଏଭଳି ସାଧୁ ଉଦ୍ୟମକୁ ପ୍ରଶଂସା କରିବା ସହିତ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶ୍ୱାଳ ବ୍ରହ୍ମପୁର ଅଞ୍ଚଳର ଜଣେ ବିଶିଷ୍ଟ ସାମାଜିକ କର୍ମୀ ଓ ଭଗବତପ୍ରେମୀ ଭାବେ ଜଣାଶୁଣା ।

## ସଂକ୍ଷେପରେ

### ପୃଥକ୍ ଦୁର୍ଘଟଣା: ଜଣେ ମୃତ, ବାଇକ୍ ଭାଙ୍ଗିଲା

ବାରଙ୍ଗ,୮।୧(ଡି.ଏନ୍.ଏ.)- ବାରଙ୍ଗ ଥାନା ଅଞ୍ଚଳରେ ଶୁକ୍ରବାର ପୃଥକ ଭାବେ ଦୁଇଟି ଦୁର୍ଘଟଣା ଘଟି ଜଣେ ଯୁବକଙ୍କ ମୃତ୍ୟହୋଇଥିବା ବେଳେ ଅନ୍ୟଟିରେ ଅଳ୍ପକେ ୨ଜଣ ବର୍ତ୍ତିଯାଇଛନ୍ତି। ତ୍ରିଶୂଳିଆ ଛକ ନିକଟରେ ଶୁକ୍ରବାର ସକାଳେ ଏକ ଟାଟା ଏସିଇ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଏହି ଥାନା ଅଧୀନ ବିଦ୍ୟାଧରପୁର ଗ୍ରାମର କୈଳାସ ପ୍ରଧାନ। କୈଳାସ ସାଇକେଲରେ ତ୍ରିଶୂଳିଆକୁ ଆସୁଥିବାବେଳେ ପଛରୁ ଆସୁଥିବା ନଂ. ଓଆର୦୫-ଏଏ-୫୩୪୮ ବିଶିଷ୍ଟ ଟାଟାଏସିଇ ଗାଡ଼ି ଧକ୍କା ଦେଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ପୋଲିସ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁର୍ଘଟଣା ପରେ ଗାଡ଼ି ଡ୍ରାଇଭର ଫେରାର ଥିବାବେଳେ ପୋଲିସ ଗାଡ଼ିକୁ ଜବତ କରିଛି। ସେହିଭଳି ଗୋଡିସାହି ବଜାରରେ କେତେଜଣ ଲୋକ ରାସ୍ତାକଡରେ ଛିଡାହୋଇ ଚା ପିଉଥିବାବେଳେ ଏକ ମୋରମ ବୋଝେଇ ହାଇୱା ଭାରସାମ୍ୟ ହରାଇ ଦ୍ରୁତଗତିରେ ଆସି ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଏଥିରେ ବାଇକ୍‌ଟି ଭାଙ୍ଗିଯାଇଥିଲେ ମଧ ପାଖରେ ଛିଡ଼ାହୋଇଥିବା ଦୁଇଜଣ ବ୍ୟକ୍ତି ବର୍ତ୍ତିଯାଇଥିଲେ।

### ବିଦ୍ୟାପୀଠକୁ ସାନିଟାଇଜର ମେଶିନ ପ୍ରଦାନ

କଟକ ସଦର,୮।୧(ଡି.ଏନ୍.ଏ.) : କଟକ ସଦର ବ୍ଲକ ଅଧୀନ ସିଦ୍ଧେଶ୍ୱରପୁରସ୍ଥିତ ଗୋପାଳ ସ୍ମୃତି ବିଦ୍ୟାପୀଠକୁ କନ୍ଦରପୁର ସରପଞ୍ଚ ପ୍ରଫୁଲ୍ଲ କୁମାର ଭୋଇ ଏକ ସ୍ୱୟଂଚାଳିତ ସାନିଟାଇଜର ମେଶିନ ପ୍ରଦାନ କରିଛନ୍ତି। ଶୁକ୍ରବାର ଦଶମ ପିଲାଙ୍କ ପାଠପଢା ଆରମ୍ଭ ହୋଇଥିବାରୁ ୯୭ ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି ଏଭଳି କରାଯାଇଛି ବୋଲି ଭୋଇ କହିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସାହୁ, ଶିକ୍ଷକ ସର୍ବେଶ୍ୱର ସାମନ୍ତରାୟ, ନିହାର ରଞ୍ଜନ ନାୟକ ଓ ହରିଶ୍ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ମା'ତାରିଣୀ ମନ୍ଦିର ପରିଚାଳନା କମିଟିର ବନ୍ଧୁମିଳନ

ଚୌଦ୍ୱାର, ୮।୧(ଡି.ଏନ୍.ଏ.): ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୮ନଂ. ୱାର୍ଡ ଓଟିଏମ୍ କଲୋନୀସ୍ଥିତ ମା'ତାରିଣୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ଶିଶୁ ସଦନ ମୁଖ୍ୟ ଦାମୋଦର ସାହୁ ଓ ଇମ୍ଫାର ଲୋକ ସମ୍ପର୍କ ଅଧିକାରୀ ଧ୍ରୁବ ଚରଣ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୧୦୦ରୁ ଊର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ଅସହାୟଙ୍କୁ କମ୍ବଳ ବଣ୍ଟନ କରିଥିଲେ। କମିଟି ସଭାପତି ବିରଞ୍ଚି ନାରାୟଣ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରବୀନ୍ଦ୍ର ପ୍ରଧାନ, ଅଭିରାମ ଭୂୟାଁ, ରାମଚନ୍ଦ୍ର ଭଦ୍ରା, ରାଜେନ୍ଦ୍ର ପ୍ରଧାନ, ରାଜକିଶୋର ସାମନ୍ତରାୟ, ରାଜା ଭଦ୍ରା, କମଳାକାନ୍ତ ନାୟକ ଉପସ୍ଥିତ ଥିଲେ ।

### ଧାନମଣ୍ଡି ଉଦ୍‌ଘାଟିତ

ସାଲେପୁର,୮।୧(ଡି.ଏନ୍.ଏ.)- ସାଲେପୁର ବ୍ଲକ ଅନ୍ତର୍ଗତ ଶିଶୁଆ ସେବା ସମବାୟ ସମିତି ପକ୍ଷରୁ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବ୍ଲକ ଆତ୍ମା ସଭାପତି ଦିଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଯୋଗଦେଇ ଧାନ କ୍ରୟରେ ଯେପରି ଚାଷୀ ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ। ଜିଲା ପରିଷଦ ସଭ୍ୟ ଚିତରଞ୍ଜନ ମହାନ୍ତି, ରଜନୀକାନ୍ତ ଦାଶ, ମହେନ୍ଦ୍ର କୁମାର ଦାଶ, ଚୌଧୁରୀ ବିବେକାନନ୍ଦ କର, ଜୟ ପ୍ରକାଶ ନାୟକ, ଜୟରାମ ବେହେରା ଓ ବିଶ୍ୱଜିତ୍ ଭୂଷଣ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।

# ରାତିଅଧରେ ଧାରଣାସ୍ଥଳରୁ ଅନ୍ୟ ଅଭିଯୁକ୍ତ ଉଭାନ

ଭୁବନେଶ୍ୱର,୮।୧(ବ୍ୟୁରୋ):

କୋଭିଡ୍୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ଆନ୍ଦୋଳନ ପଛରେ ଏକ ର୍ୟାକେଟ୍ ସକ୍ରିୟ ଥିବା ଜାଣିବା ପରେ କମିଶନରେଟ୍ ପୋଲିସ ଗୁରୁବାର ଧାରଣାସ୍ଥଳରୁ ୩ଜଣ ଯୁବକଙ୍କୁ ଗିରଫ କରିଥିଲା। ଧାରଣାରେ ସାମିଲ୍ ହେବାକୁ ସେମାନେ ପ୍ରବର୍ତ୍ତାଇବା ସହ ସ୍ଥାୟୀ ଚାକିରି ଦେବାକୁ କହି ଟଙ୍କା ଆଦାୟ କରୁଥିବା ନେଇ ପୋଲିସ ପ୍ରମାଣ ପାଇବା ପରେ ଏହି ପଦକ୍ଷେପ ନେଇଥିଲା। ତେବେ ଏହି ଗିରଫଦାରୀ ପରେ ଏଥିରେ ସମ୍ପୃକ୍ତ ଥିବା ଅନ୍ୟ କେତେଜଣ ଅଭିଯୁକ୍ତ ବିଳମ୍ବିତ ରାତିରେ ଉକ୍ତ ଧାରଣାସ୍ଥଳ ଛାଡି ଉଭାନ ହୋଇଥିଲେ। ଶୁକ୍ରବାର ପୋଲିସ ସେମାନଙ୍କୁ ଗିରଫ କରିବା ପାଇଁ ଧାରଣାସ୍ଥଳକୁ ଯାଇଥିଲେ ମଧ ସେମାନେ ନ ଥିଲେ ବୋଲି ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ କହିଛନ୍ତି। ସେମାନଙ୍କୁ ଧରିବା ପାଇଁ ଏକ ପୋଲିସ ଟିମ୍ ଗଞ୍ଜାମ ସମେତ ଅନ୍ୟ ଜିଲାରେ ଚଢ଼ାଉ କରିବ। ଆବଶ୍ୟକସ୍ଥଳେ ଗିରଫ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣି ଜେରା କରାଯିବ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, କୋଭିଡ୍ ମୁକାବିଲା ପାଇଁ ରାଜ୍ୟ ସରକାର ଏହି ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦେଇଥିଲେ। କରୋନା ସ୍ଥିତି ସୁଧୁରିବା ପରେ ସେମାନଙ୍କୁ ଛଟେଇ କରାଯାଇଛି। ପୁନଃ ଚାକିରି ସହ ସ୍ଥାୟୀ ଦାବି କରି ସେମାନେ ଦୀର୍ଘଦିନ ହେବ ଲୋୟର ପିଏମ୍‌ଜିରେ ଧାରଣାରେ ବସିଛନ୍ତି। ଏହା ପଛରେ ଏକ ର୍ୟାକେଟ କାର୍ଯ୍ୟ କରୁଥିବା ନେଇ କମିଶନରେଟ ପୋଲିସକୁ ଏକ ଅଡିଓ କ୍ଲିପ୍ ମିଳିଥିଲା। ଦୁଇଜଣଙ୍କ ମଧ୍ୟରେ ହୋଇଥିବା ଉକ୍ତ ବାର୍ତ୍ତାଳାପରେ ଧାରଣା ପାଇଁ ଟଙ୍କା ଆଦାୟ କରାଯାଉଥିବା ଜଣାପଡିଥିଲା। ଧାରଣାରେ ବସିଲେ ସ୍ଥାୟୀ ଚାକିରି ମିଳିବ ଓ ଏଥିପାଇଁ ଜଣ ପିଛା ୧୫ ହଜାର ଲେଖାଏ ଆଦାୟ କରିବାକୁ କୁହାଯାଉଥିଲା। ଅଭିଯୁକ୍ତମାନେ ୩୫୦୦ ସ୍ୱାସ୍ଥ୍ୟକର୍ମୀଙ୍କୁ ଟାର୍ଗେଟ୍ କରିଥିଲେ ଓ ସେମାନଙ୍କ ନିକଟରୁ ଅତି କମ୍‌ରେ ୧କୋଟି ଟଙ୍କା ଆଦାୟ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିବା ପରେ କ୍ୟାପିଟାଲ ଥାନା ପୋଲିସ ନିଜଆଡୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ର୍ୟାକେଟ୍ ପଛରେ କେତେଜଣ ରାଜନେତା ଓ ଅନ୍ୟମାନଙ୍କ ସମ୍ପୃକ୍ତି ଥିବା ପୋଲିସ ପ୍ରମାଣ ପାଇବା ସହ ୩ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

## ଧାରଣାରୁ କ୍ଷାନ୍ତ ରହିବାକୁ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ

ଭୁବନେଶ୍ୱର, ୮।୧(ବ୍ୟୁରୋ)

ଛଟେଇ ହୋଇଥିବା କୋଭିଡ୍-୧୯ ସିସିଏଚ୍ ନିଯୁକ୍ତିପ୍ରାପ୍ତ ମହିଳା ସ୍ୱାସ୍ଥ୍ୟକର୍ମୀମାନେ ଦୀର୍ଘଦିନ ହେବ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଆନ୍ଦୋଳନ ଜାରି ରଖିଛନ୍ତି। ସ୍ଥାୟୀ ନିଯୁକ୍ତି ଦାବିରେ ଅଟଳ ଅଛନ୍ତି ଆନ୍ଦୋଳନକାରୀ। ତେବେ ଆନ୍ଦେଳାଳନରୁ ଉଠିବା ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିବେଦନ କରିଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, କୋଭିଡ୍-୧୯ର ମୁକାବିଲା ନିମନ୍ତେ ଯେଉଁ ଏଏନ୍‌ଏମ୍ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯାଇଥିଲା, ସେମାନେ ନିଜ ଚାକିରି ସମ୍ପର୍କରେ ସମ୍ପୂର୍ଣ୍ଣ ରୂପେ ଅବଗତ ଥିଲେ। ଏହା ସତ୍ତ୍ୱେ ଅକାରଣରେ ସେମାନେ ବିଗତ କିଛିଦିନ ଧରି ଧାରଣାରେ ବସିଛନ୍ତି। ଅନ୍ୟପକ୍ଷରେ ପୁନଃ ନିଯୁକ୍ତି ଦେବାର

**ବେଆଇନ ଅର୍ଥ ଆଦାୟକାରୀଙ୍କଠାରୁ ଦୂରେଇ ରହିବାକୁ ନିବେଦନ**

ପ୍ରଲୋଭନ ଦେଖାଇ ସେମାନଙ୍କଠାରୁ ଅର୍ଥ ଆଦାୟ କରାଯାଉଥିବା ବିଭାଗର ନଜରକୁ ଆସିଛି। ଏହିପରି ବେଆଇନ ଅର୍ଥ ଆଦାୟ କରୁଥିବା ୩ଜଣ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି। କୌଣସି ପରିସ୍ଥିତିରେ ବି ଏହି ଏଏନ୍‌ଏମ୍ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ପୁନଃ ନିଯୁକ୍ତି ଦେବା ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯୋଜନା ନାହିଁ। ତେଣୁ ସେମାନେ ଏଭଳି ଅର୍ଥ ଆଦାୟ କରୁଥିବା ବ୍ୟକ୍ତିଙ୍କ ଚକ୍ରାନ୍ତର ଶିକାର ନ ହୋଇ ସେମାନଙ୍କଠାରୁ ଦୂରେଇ ରହିବା ସହ ଧାରଣାରୁ କ୍ଷାନ୍ତ ହୁଅନ୍ତୁ ବୋଲି ସ୍ୱାସ୍ଥ୍ୟ ବିଭାଗ ସେମାନଙ୍କୁ ପରାମର୍ଶ ଦେଇଛି।

## କୋଭିଡ୍ କଟକଣାରେ ଖୋଲିଲା ଓଡ଼ିଶା ଆଦର୍ଶ ବିଦ୍ୟାଳୟ



ଆଦର୍ଶ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ସାମାଜିକ ଦୂରତ୍ୱ ରଖି ଯାଉଛନ୍ତି ।

ଭୁବନେଶ୍ୱର, ୮।୧(ବ୍ୟୁରୋ)

କୋଭିଡ୍ କଟକଣା ଓ ସରକାରଙ୍କ ପକ୍ଷରୁ ଜାରି ଗାଇଡ୍‌ଲାଇନ୍‌କୁ ପାଳନ କରି ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଦଶମ ଶ୍ରେଣୀ ଥିବା ୧୬୦ଟି ଓ ଦ୍ୱାଦଶ ଶ୍ରେଣୀ ଥିବା ୩୦ଟି ବିଦ୍ୟାଳୟ ଏବଂ ୧୦ ମଡେଲ୍ ଆଦର୍ଶ ବିଦ୍ୟାଳୟ ଶୁକ୍ରବାରଠାରୁ ଖୋଲିଛି। ଅଭିଭାବକଙ୍କ ଅନୁମୋଦନ ଓ ସହଯୋଗରେ ଦୀର୍ଘ ୯ ମାସ ପରେ ଛାତ୍ରୀଛାତ୍ର ବିଦ୍ୟାଳୟକୁ ଆସି ବେଶ୍ ଖୁସି ଅନୁଭବ କରିଛନ୍ତି। ପ୍ରଥମ ଦିନରେ ୭୦% ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶ୍ରେଣୀଗୃହରେ ପାଠପଢ଼ା ଆରମ୍ଭ ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ କୋଭିଡ୍ ଗାଇଡ୍‌ଲାଇନ୍ ନେଇ ପିଲାଙ୍କୁ ସଚେତନ କରାଇଥିଲେ। ଏହାପୂର୍ବରୁ ଅର୍ଥାତ୍ ଗୁରୁବାର ଆଦର୍ଶ ବିଦ୍ୟାଳୟ ସଙ୍ଗଠନର ଉପଦେଷ୍ଟା ତଥା କାର୍ଯ୍ୟକାରୀ ସଭାପତି ଡ. ବିଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଯୋଗଦେଇ ଶ୍ରେଣୀଗୃହର ପାଠପଢ଼ା, ସମସ୍ତ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରିଚାଳନାକୁ ଗୁରୁତ୍ୱ ଦେବା ସହ ୧୦୦ ଦିନ ମଧ୍ୟରେ ସମସ୍ତ ଶିକ୍ଷାଭିତ୍ତିକ ସନ୍ଦେହକୁ ଦୂର କରିବା ଉପରେ ଆଲୋକପାତ କରିଥିଲେ।

## ଅନ୍‌ଲାଇନ୍ ଅଟୋ ଚାଳକ ସଂଘର ଘେରାଉ



ଏୟାରପୋର୍ଟ ନିକଟ ବିଜୁ ପଟ୍ଟନାୟକ ଛକରେ ଅଟୋଚାଳକମାନେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

ଭୁବନେଶ୍ୱର,୮।୧(ବ୍ୟୁରୋ):

ଏୟାରପୋର୍ଟ ଭିତରକୁ ଅନ୍‌ଲାଇନ ଅଟୋ ଚାଳକଙ୍କୁ ବିରୋଧ ସହ ଆକ୍ରମଣ ହୋଇଛି। ଏହି ଘଟଣାକୁ ନେଇ ବୁଧବାର ଏୟାରପୋର୍ଟ ପ୍ରବେଶ ପଥରେ ଉତ୍ତେଜନା ପ୍ରକାଶ ପାଇଥିବାବେଳେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଗୁରୁବାର ଅନ୍‌ଲାଇନ ଅଟୋ ଚାଳକ ସଂଘ ପକ୍ଷରୁ ଏୟାରପୋର୍ଟ ଛକରେ ବିକ୍ଷୋଭ ସହ ଥାନା ଘେରାଉ କରାଯାଇଥିଲା। ୫ଶହରୁ ଊର୍ଦ୍ଧ୍ୱ ଅଟୋ ଚାଳକ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ତଳେ ନାନା ନାରାବାଜି ଦେଇଥିଲେ। ଥାନା ଅଧିକାରୀ ଉମାକାନ୍ତ ପ୍ରଧାନ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

**ବିମାନ ବନ୍ଦରକୁ ଯାତ୍ରୀ ନେବାବେଳେ ଆକ୍ରମଣ**

ସୂଚନ ମୁତାବକ, ସରୋଜ କୁମାର ରାଉତ ଅଟୋ ଚଲାନ୍ତି। ଅନ୍‌ଲାଇନ୍ ମାଧ୍ୟମରେ ଭଡ଼ା କରନ୍ତି। ଅଟୋ କମ୍ ଦାମରେ ଭଡା କରୁଥିବାରୁ ଅଫ୍‌ଲାଇନ ଚାଳକ ସଂଘ ସେମାନଙ୍କୁ ବିରୋଧ କରି ଆସୁଥିଲେ। ବୁଧବାର ରାତିରେ ଅନ୍‌ଲାଇନରେ ଭଡା ପାଇବା ପରେ ସରୋଜ ଏୟାରପୋର୍ଟକୁ ଯାଉଥିଲେ। ପ୍ରବେଶ ପଥରେ ବିଜୁ ନାମକ ଜଣେ ଯୁବକଙ୍କ ସହ ଝଗଡା ହୋଇଥିଲା। ଏୟାରପୋର୍ଟକୁ ସରୋଜ ଯିବାକୁ ମନା କରିବା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ବିଜୁ ଗାଳି ଗୁଲଜ କରି ସରୋଜଙ୍କ ଅଟୋ ଚାବି ଛଡାଇ ନେଇ ମାଡ଼ ମାରିଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

## ଧାନମଣ୍ଡି ବୁଲି ଦେଖିଲେ ଭାଜପା ଓଡ଼ିଶା ସହ ପ୍ରଭାରୀ

ବାଲିଅନ୍ତା,୮।୧(ଡି. ଏନ୍.ଏ.)

ବିବାଦୀୟ କୃଷି ଆଇନ ପ୍ରତ୍ୟାହାର ପାଇଁ ଦିଲୀରେ ଚାଷୀଙ୍କ ଆନ୍ଦୋଳନ ଚାଲିଥିବାବେଳେ ରାଜ୍ୟ ଭାଜପାର ଓଡ଼ିଶା ପାଇଁ ନିଯୁକ୍ତ ସହ-ପ୍ରଭାରୀ ବିଜୟ ପାଲ ସିଂହ ତୋମାର ବାଲିଅନ୍ତା ବ୍ଲକକୁ ଗସ୍ତରେ ଆସି ବିଭିନ୍ନ ଧାନମଣ୍ଡି ବୁଲିବା ସହ ଚାଷୀଙ୍କୁ ଭେଟିଛନ୍ତି। ଜୟଦେବ ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ କାକରୁଦ୍ରପୁର ସେବା ସମବାୟ ସମିତି ପରିସରରେ ଏକ କୃଷକ ବୈଠକ ପଞ୍ଚାୟତରେ ଆୟୋଜିତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଯୋଗଦେଇ ତୋମାର ଧାନମଣ୍ଡିକୁ ବୁଲି ଦେଖିବା ସହ ଚାଷୀଙ୍କୁ ଭେଟି କେନ୍ଦ୍ର ସରକାରଙ୍କ ନୂତନ କୃଷି ଆଇନ ଉପରେ ବୁଝାଇଥିଲେ। ସେ ଧାନକିଣାରେ ନାନା ଅବ୍ୟବସ୍ଥାକୁ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। କୃଷି କ୍ଷେତ୍ରରେ ଦଲାଲୀ ବ୍ୟବସ୍ଥା ହଟାଇ ପ୍ରଧାନମନ୍ତ୍ରୀ ମୋଦି କୃଷକଙ୍କୁ ସମ୍ମାନ ଦେବାକୁ ଚାହାନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି, ବରିଷ୍ଠ ନେତା କନକ ବର୍ଦ୍ଧନ ସିଂହଦେଓ, ଗୋଲକ ମହାପାତ୍ର, ମହେଶ ସାହୁ, ଟଙ୍କଧର ତ୍ରିପାଠୀ, ବସନ୍ତ ନାୟକ, ଦିଲୀପ ସ୍ୱାଇଁ, ନରେନ୍ଦ୍ର ନାୟକ, ଶିବ ବାରିକ, ତାପସ ଜେନା, ମାଗୁଣୀ ସେଠି, ସନ୍ତୋଷ କୁଣ୍ଡ ପ୍ରମୁଖ ଯୋଗଦେଇଥିଲେ।

## ଶିବତୀର୍ଥ ମଠ ଭଙ୍ଗାଯିବା ଘଟଣା, ଥାନାରେ ଏତଲା

ପୁରୁଣା ଭୁବନେଶ୍ୱର, ୮।୧(ଡି.ଏନ୍.ଏ.):

ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରର ଉତ୍ତରଦ୍ୱାର ପାର୍ଶ୍ୱରେ ଥିବା ପ୍ରାଚୀନ ଶିବତୀର୍ଥ ମଠକୁ ବୁଧବାର ବିଳମ୍ବିତ ରାତିରେ ମିଳିତ ଉଚ୍ଛେଦ ଟିମ୍ ଭାଙ୍ଗି ମାଟିରେ ମିଶେଇ ଦେଇଥିଲା। ମଠ ଭଙ୍ଗାଯିବା ପରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ମଠରେ ଥିବା ବହୁ ପୁରାତନ ମୂଲ୍ୟବାନ ମୂର୍ତ୍ତି ଏବଂ ଶାଳଗ୍ରାମମାନ ଚୋରି ହେବା ନେଇ ଶୁକ୍ରବାର ଏକାମ୍ର ଜନଜାଗରଣ ମଞ୍ଚ ପକ୍ଷରୁ ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି। ତାହାର ଅନୁସନ୍ଧାନ ସହ ଦୋଷୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି।

## ଦୁର୍ଘଟଣା ପରେ ରାସ୍ତାରୋକୋ

ବାଲିଅନ୍ତା,୮।୧(ଡି. ଏନ୍.ଏ.)

ବାଲିଅନ୍ତା ଥାନା ଅଧୀନ ପ୍ରତାପରୁଦ୍ରପୁର-ଅଡ଼ଶପୁର ରାସ୍ତାର ଫିରିଫିରା ଗ୍ରାମ ନିକଟରେ ଏକ ବାଲି ବୋଝେଇ ହାଇୱା ସହ ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ବାଇକ୍ ଚାଳକ ବାଲିପାଟଣା ଥାନା ଅଧୀନ ପୋଲଝାରୀ ଗ୍ରାମର ଅରୁଣ ଜେନା ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଟକ ବଡ଼ ମେଡିକାଲ ପଠାଇଥିଲେ। ଏହାସହ ହାଇୱାର ଚକା ଲିକ୍ କରିବା ସହ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ପ୍ରାୟ ୪ ଘଣ୍ଟା ଧରି ଅଡ଼ଶପୁରରୁ ଭୁବନେଶ୍ୱର ସଂଯୋଗ ରାସ୍ତା ଯାତାୟାତ ବନ୍ଦ ରହିଥିଲା। ଖବରପାଇ ଥାନାଧିକାରୀ ପ୍ରଦୀପ କୁମାର ରାଉତ ଓ ସ୍ଥାନୀୟ ସରପଞ୍ଚ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

ସୂଚନାଯୋଗ୍ୟ, ଅରୁଣ ଏକ ବାଇକ୍ ଯୋଗେ ଅଡ଼ଶପୁର ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଆସୁଥିବା ଏକ ବାଲି ବୋଝେଇ ହାଇୱା ତାଙ୍କୁ ଧକ୍କା ଦେଇ ପ୍ରାୟ ୧୫ ଫୁଟ ଆଗକୁ ଘୋଷାଡ଼ି ନେଇଥିଲା। ଫଳରେ ଅରୁଣ ବାଇକ୍‌ରୁ ଛିଟିକି ଗୁରୁତର ହୋଇଥିଲେ। ତେବେ ଦୁର୍ଘଟଣାପରେ ହାଇୱା ଡ୍ରାଇଭର ଫେରାର ହୋଇଯାଇଥିଲେ। ଗାଡ଼ି ମାଲିକ ଆସି କ୍ଷତିପୂରଣ ଦେବାକୁ ସ୍ଥାନୀୟ ଲୋକେ ଅଡ଼ି ବସିଥିଲେ। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ଏ ନେଇ ମାମଲା ରୁଜୁ ହୋଇ ନାହିଁ।

## ନୂଆ ହୋଲ୍ଡିଂ ଟ୍ୟାକ୍ସ ନିୟମ ଜନବିରୋଧୀ: କଂଗ୍ରେସ

ଭୁବନେଶ୍ୱର, ୮।୧(ବ୍ୟୁରୋ):

କରୋନା ସମୟରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆଦାୟ କରାଯାଉଥିବା ବର୍ଦ୍ଧିତ ସମ୍ପତ୍ତି କର (ହୋଲ୍ଡିଂ ଟ୍ୟାକ୍ସ) ଆଦାୟକୁ କଂଗ୍ରେସ ତୀବ୍ର ବିରୋଧ କରିଛି। ୨୦୦୩ରେ ଓଡ଼ିଶା ମ୍ୟୁନିସିପାଲଟି କର୍ପୋରେଶନ ଆକ୍ଟ ଅନୁମୋଦିତ ହୋଇଥିଲା। ତଦନୁଯାୟୀ ବିଏମ୍‌ସି ଅଞ୍ଚଳବାସୀଙ୍କଠାରୁ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ କରୁଥିଲା। କୋଭିଡ୍ ସମୟରେ ସହରାଞ୍ଚଳବାସୀ, ବସ୍ତିବାସିନ୍ଦା ଏବଂ ବ୍ୟବସାୟିକ ପ୍ରତିଷ୍ଠାନଠାରୁ ୧୦ରୁ ୧୫ ଗୁଣା କର ଆଦାୟ କରାଯିବାକୁ ନିୟମ ଲାଗୁ କରାଯାଇଛି, ଯାହା ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆଇନ ଅନୁଯାୟୀ ହୋଇ ନ ଥିବା କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି। ଏଭଳି ଏକ ଜନବିରୋଧୀ ନିଷ୍ପତ୍ତି କିଭଳି ନିଆଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଲେ, ନୂତନ ନିୟମ ଅନୁଯାୟୀ ବିଏମ୍‌ସି ଅଞ୍ଚଳରେ ଘରଦ୍ୱାର କରି ରହୁଥିବା ଲୋକଙ୍କଠାରୁ ବହୁଗୁଣା ଅଧିକ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ କରାଯାଉଛି। ଏଥିଲାଗି ନୋଟିସ ମଧ ଦିଆଯାଉଛି। ବିଏମ୍‌ସିର ବାକି ପଡ଼ିଥିବା ୧୧ କୋଟିରୁ ଅଧିକ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ କରିବାରେ କେହି ତତ୍ପରତା ଦେଖା ନ ଥିବାବେଳେ ନୂତନ ନିୟମ ଅନୁଯାୟୀ ଅଧିକାରୀମାନେ ୧୦ରୁ ୧୫ଗୁଣା ଅଧିକ ହୋଲ୍‌ଡିଂ ଟ୍ୟାକ୍ସ ଆଦାୟ କରିବା ନିନ୍ଦନୀୟ ବୋଲି ସେ କହିଛନ୍ତି।

## ୧୦ଦଫା ଦାବି ନେଇ ପଞ୍ଚାୟତବାସୀଙ୍କ ସହ ସରପଞ୍ଚଙ୍କ ଆଲୋଚନା

ବାଲକାଟୀ,୮।୧(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପଶାସନ ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଦର୍ଶାଇ ଅଞ୍ଚଳବାସୀ ସରପଞ୍ଚଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏହାର ଉତ୍ତର ରଖିବା ପାଇଁ ୧୦ଦିନ ସମୟ ଦେଇଥିଲେ। ସରପଞ୍ଚ ଭାଗ୍ୟଧର ନନ୍ଦୀ ଶୁକ୍ରବାର ଏନେଇ ପଞ୍ଚାୟତବାସୀଙ୍କ ସହ ଆଲୋଚନା କରିଥିଲେ। ସୂଚନା ଅନୁଯାୟୀ, ପଞ୍ଚାୟତରେ ଗୋଦାମ ଗୃହକୁ ସରପଞ୍ଚ ଅନ୍ୟ ଭଡ଼ା ସୂତ୍ରରେ ଦେବା, ପଞ୍ଚାୟତରେ ନିର୍ମିତ ବ୍ୟବସାୟିକ ଗୃହକୁ ବ୍ୟବସାୟୀଙ୍କୁ ଦେବାରେ ଅନିୟମିତତା କରିବା, କରୋନା ମୁକାବିଲା ପାଇଁ ଆସିଥିବା ଟଙ୍କାର ହିସାବ ଦେବା, ମେଡିକାଲ ସଂଲଗ୍ନ ଜମିକୁ ସରପଞ୍ଚ ନିଜ ପରିବାରଙ୍କ ନାମରେ ହାତେଇବା ଭଳି ୧୦ ଅଭିଯୋଗ କରି ପଞ୍ଚାୟତବାସୀ ଉତ୍ତର ରଖିବାକୁ ୧୦ଦିନ ଦେଇଥିଲେ। ଏଥିଲାଗି ସରପଞ୍ଚ ଶୁକ୍ରବାର ପଞ୍ଚାୟତରେ ସମସ୍ତ ଜନତାଙ୍କୁ ଡକାଇ ଜନଶୁଣାଣି କରିବା ସହ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ। ଏପରିକି ସ୍ୱାସ୍ଥ୍ୟକେନ୍ଦ୍ର ସଂଲଗ୍ନ ଜମିକୁ ହାତେଇବା ଅଭିଯୋଗକୁ ସରପଞ୍ଚ ଖଣ୍ଡନ କରିଥିଲେ। ପରେ ଜନଶୁଣାଣିରେ ସ୍ଥାନୀୟ ଯୁବକମାନଙ୍କୁ ଅଭିଯୋଗ କରିବାର ସୁଯୋଗ ନ ପାଇ ଅସନ୍ତୋଷ ବ୍ୟକ୍ତ କରି ହୋହଲ୍ଲା କରିଥିଲେ। ପରେ ପୋଲିସ ହସ୍ତକ୍ଷେପ କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। କାର୍ଯ୍ୟକ୍ରମକୁ ସନ୍ତୋଷ ବେହେରା ଧନ୍ୟବାଦ ଦେଇଥିଲେ। ଜଗତ୍‌ଜୀବନ ସାହୁ, ଜିଲା ପରିଷଦ ସଭ୍ୟ ଅମରେନ୍ଦ୍ର ପଟ୍ଟନାୟକ, ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ।

## ୧୪ରୁ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ

ପୁରୁଣା ଭୁବନେଶ୍ୱର, ୮।୧(ଡି.ଏନ୍.ଏ.):

ରାଜ୍ୟ ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗ ପକ୍ଷରୁ ମୁକ୍ତେଶ୍ୱର ନୃତ୍ୟ ମହୋତ୍ସବ ଅନୁଷ୍ଠିତ ନେଇ ନିଷ୍ପତ୍ତି ହୋଇଛି। ଆସନ୍ତା ୧୪ ତାରିଖରୁ କେଦାରଗୌରୀସ୍ଥିତ ମୁକ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଏହି ମହୋତ୍ସବ ଆୟୋଜନ ହେବ। ଏହା ତିନିଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ଜାତୀୟସ୍ତରରେ ଖ୍ୟାତି ଅର୍ଜନ କରିଥିବା ବହୁ ନୃତ୍ୟ ଶିଳ୍ପୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କୋଭିଡ୍-୧୯ ଗାଇଡ୍‌ଲାଇନ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଶୃଙ୍ଖଳାର ସହ ପରିବେଷଣ କରାଯିବ ବୋଲି ପର୍ଯ୍ୟଟନ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ କହିଛନ୍ତି।

## '୨୧ ସ୍ୱାଗତମ୍ ୨୧' ଚିତ୍ରକଳା ଶିବିର ଉଦ୍‌ଘାଟିତ

ପୁରୁଣା ଭୁବନେଶ୍ୱର, ୮।୧(ଡି.ଏନ୍.ଏ.):





ଇଷ୍ଟର୍ନ ଫାଉଣ୍ଡେଶନ ଅଫ ଆର୍ଟ ଆଣ୍ଡ କଲଚର ଦ୍ୱାରା ଆୟୋଜିତ '୨୧ ସ୍ୱାଗତମ୍ ୨୧' ଶୀର୍ଷକ ଅନଲାଇନ ଚିତ୍ରକଳା ଶିବିରକୁ ରାମକୃଷ୍ଣ ବେଦଲା, ସଚିବ, ଲଳିତକଳା ଏକାଡେମୀ, ନୂଆଦିଲ୍ଲୀ ଭିଡିଓ ବାର୍ତ୍ତା ଜରିଆରେ ଶୁଭାରମ୍ଭ କରିଛନ୍ତି। ଏହି ଉଦ୍‌ଘାଟନୀ ଅବସରରେ ଭାରତୀୟ କଳା ଓ କଳାକାରଙ୍କ ମହାନତା ଉପରେ ଗୁରୁତ୍ୱ ଦେଇଥିଲେ। ଓଡ଼ିଶାର ବିଭିନ୍ନ ମନ୍ଦିରର କଳା ସ୍ଥାପତ୍ୟ ଶିଳ୍ପୀମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି ବେଦଲା କହିଥିଲେ। ଏହି ଶିବିରରେ ଦେଶର ୨୧ଜଣ ଚିତ୍ରକର ଭାଗ ନେଇଛନ୍ତି। ସେମାନଙ୍କ ମଧ୍ୟରେ ଭୁବନେଶ୍ୱରର ପଞ୍ଚାନନ ସାମଲ, ବାଲେଶ୍ୱରର ନିକୁଞ୍ଜ ବିହାରୀ ଦାସ, ଆର୍ଯ୍ୟପ୍ରଜ୍ଞା ବାସବଦତ୍ତା, ଦେବଦତ୍ତ ସାହୁ, କିଶୋର ଚନ୍ଦ୍ର ନାୟକ, କେନ୍ଦୁଝରର ମାନସ ଦାସ ରହିଛନ୍ତି। ଏହି କଳା ଶିବିର ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ। ଇଷ୍ଟର୍ନ ଫାଉଣ୍ଡେଶନ ସଭାପତି ପ୍ରଦୀପ୍ତ କିଶୋର ଦାସ ସମସ୍ତ ପ୍ରତିଭାଗୀ କଳାକାରଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଇଷ୍ଟର୍ନ ଫାଉଣ୍ଡେଶନର ସମ୍ପାଦକ ମନୋଜ ଷଣ୍ଢ, ଇଏଫ୍‌ଏସିର କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ, ନୃସିଂହ ଚରଣ ଓଝା, କେଶବ ବର୍ଣ୍ଣିଟି, ଯାଥିଶ କସାରଗଡ଼ ଓ ଟିକମ ଖଣ୍ଡୱା ଉପସ୍ଥିତ ରହି ପରିଚାଳନା କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ଶିବିରରେ ଶିଳ୍ପୀମାନେ ନିଜର ଚିତ୍ର ମାଧ୍ୟମରେ ନୂଆବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେବା ନେଇ କାମନା କରିଛନ୍ତି।

## କୃଷି କ୍ଷେତ୍ରରେ ଅଧିକ ଯାନ୍ତ୍ରିକୀକରଣକୁ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର, ୮।୧(ବ୍ୟୁରୋ)

କ୍ରମବର୍ଦ୍ଧିଷ୍ଣୁ ଖାଦ୍ୟଶସ୍ୟର ଚାହିଦା ମେଣ୍ଟାଇବା ପାଇଁ କୃଷି କ୍ଷେତ୍ରରେ ଅଧିକ ଯାନ୍ତ୍ରିକୀକରଣର ଆବଶ୍ୟକତା ରହିଛି। ଏହାଦ୍ୱାରା ସୀମିତ ଜମିରେ ଅଧିକ ଫସଲ ଉତ୍ପାଦନ କରିହେବ ବୋଲି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ଶୁକ୍ରବାର କୃଷି ଭବନଠାରେ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଯୋଗଦେଇ ମନ୍ତ୍ରୀ ସାହୁ କହିଲେ, ଚାଷ ଜମିକୁ ଜଳସେଚନ ପାଇଁ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ କୃଷି ବିଭାଗରେ କାର୍ଯ୍ୟରତ ଯନ୍ତ୍ରୀମାନେ ଜଳସେଚନର ସୁବିଧା ନିମନ୍ତେ 'ଜଳନିଧି' ଏବଂ 'ସୌରଜଳନିଧି' ଯୋଜନା ଓ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ଅଧିକରୁ ଅଧିକ ହିତାଧିକାରୀଙ୍କୁ ସାମିଲ କରି ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରନ୍ତୁ। ଯନ୍ତ୍ରୀମାନେ ସଦର ମହକୁମାରେ ରହିବା ସହିତ ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ସହିତ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଯୋଜନାଗୁଡ଼ିକୁ ରୂପାୟନ କରନ୍ତୁ। ଚଳିତ ଆର୍ଥିକ ବର୍ଷ ନିମନ୍ତେ ଆବଣ୍ଟିତ ଅର୍ଥରାଶିକୁ ଧାର୍ଯ୍ୟ ସମୟ ମଧ୍ୟରେ ଖର୍ଚ୍ଚ କରି ବିନିଯୋଗ ପ୍ରମାଣପତ୍ର ବିଭାଗକୁ ପଠାଇବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**କୃଷି ଇଞ୍ଜିନିୟରଙ୍କ ସମୀକ୍ଷା ବୈଠକ**

କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ କହିଲେ, ନିର୍ବାହୀ ଯନ୍ତ୍ରୀମାନେ ପ୍ରତିମାସରେ କୃଷି ବିଜ୍ଞାନ କେନ୍ଦ୍ରର ସମନ୍ୱୟ ବୈଠକରେ ଯୋଗଦିଅନ୍ତୁ। ସହକାରୀ ଯନ୍ତ୍ରୀମାନେ ବ୍ଲକ୍‌ସ୍ତରରେ ଅନୁଷ୍ଠିତ ବୈଷୟିକ କମିଟି ବୈଠକରେ ଯୋଗଦେଇ ତୃଣମୂଳ ସ୍ତରରେ ସମସ୍ୟାର ସମାଧାନ କରନ୍ତୁ। ଚାଷୀଙ୍କ ସମସ୍ୟାର ତୁରନ୍ତ ସମାଧାନ ପାଇଁ 'ଆମ କୃଷି' ଟୋଲ୍ ଫ୍ରି ନମ୍ବର ମୋବାଇଲ୍ ସୂଚନା ସେବାର ଅଧିକ ଉପଯୋଗ ପାଇଁ ସେ ଯନ୍ତ୍ରୀମାନଙ୍କୁ କହିଛନ୍ତି। ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଡ. ଏମ୍ ମୁଥୁକୁମାର ପ୍ରମୁଖ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କୂପଖନନ, ଭର୍ମି କମ୍ପୋଷ୍ଟ ଆଦି କାର୍ଯ୍ୟ ସହ ଫାର୍ମପଣ୍ଡ ଯୋଜନାର ନିୟମିତ ତଦାରଖ କରିବାକୁ ଯନ୍ତ୍ରୀଙ୍କୁ କହିଛନ୍ତି। ବୈଠକରେ ବିଭାଗୀୟ ମୁଖ୍ୟଯନ୍ତ୍ରୀଙ୍କ ସମେତ ସମସ୍ତ ଜିଲାର ସହକାରୀ ଓ ନିର୍ବାହୀ ଯନ୍ତ୍ରୀ ଯୋଗଦେଇଥିଲେ।

## କଂଗ୍ରେସ ନେତ୍ରୀ ଇନ୍ଦିରାଙ୍କ ପରଲୋକ

କଟକ ଅଫିସ: ବରିଷ୍ଠ କଂଗ୍ରେସ ନେତ୍ରୀ ତଥା ପ୍ରଦେଶ ମହିଳା କଂଗ୍ରେସ କାର୍ଯ୍ୟକର୍ତ୍ତା ଇନ୍ଦିରା ମିତ୍ରଙ୍କ ଶୁକ୍ରବାର ପରଲୋକ ହୋଇଛି। ଏ ନେଇ କଟକ ନଗର (ଜିଲା) କଂଗ୍ରେସ କମିଟି ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଏହି ଖବର ପାଇ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା ଓ ମର୍କତ ନଗର କଂଗ୍ରେସ କମିଟି ସଭାପତି ନିତ୍ୟାନନ୍ଦ ରାଉତରାୟ ପ୍ରମୁଖ ମିତ୍ରଙ୍କର ସିଡିଏସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମିତ୍ରଙ୍କ ବିୟୋଗରେ ରାଜ୍ୟ ମହିଳା କଂଗ୍ରେସ ସଙ୍ଗଠନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ମୋକିମ ଶୋକବାର୍ତ୍ତାରେ ଜଣାଇଛନ୍ତି।



### ସଂକ୍ଷେପରେ

## ବିଏଡ୍ କଲେଜଗୁଡ଼ିକୁ କାର୍ଯ୍ୟକ୍ଷମ ଦାବିରେ କନ୍‌ଭେନ୍‌ସନ

**କଟକ ଅଫିସ, ୮।୧:** ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ ସୁରକ୍ଷା କମିଟି ପକ୍ଷରୁ ଅନ୍‌ଲାଇନ୍‌ରେ ଏକ କନ୍‌ଭେନସନ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ, କର୍ମଚାରୀ ଓ ଭିତ୍ତିଭୂମି ଅଭାବ ଦର୍ଶାଇ ନ୍ୟାଶନାଲ କାଉନସିଲ ଫର୍ ଟିଚର ଏଜୁକେଶନ(ଏନ୍‌ସିଟିଇ) ରାଧାନାଥ ଉଚ୍ଚତର ଶିକ୍ଷା ପ୍ରତିଷ୍ଠାନ ସମେତ ରାଜ୍ୟର ସମସ୍ତ ବିଏଡ୍ କଲେଜରୁ ସ୍ୱୀକୃତି ପ୍ରତ୍ୟାହାର କରି ନେଇଛି। ଫଳରେ ଚଳିତବର୍ଷ ଏହି କଲେଜଗୁଡ଼ିକରେ ନାମଲେଖା ବନ୍ଦ ହୋଇଯାଇଛି। ଏହି ସମସ୍ତ କଲେଜରେ ବର୍ତ୍ତମାନ ମୋଟ୍ ୫୦ରୁ କମ୍ ଅଧ୍ୟାପକ ଅଛନ୍ତି। ଏଣୁ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନ ସମେତ ବନ୍ଦ ହୋଇଥିବା ରାଜ୍ୟର ସମସ୍ତ ବିଏଡ୍ କଲେଜକୁ କାର୍ଯ୍ୟକ୍ଷମ କରିବାକୁ ଉକ୍ତ କନଭେନସନରେ ଦାବି କରାଯାଇଥିଲା। ଏଥିରେ ରାଧାନାଥ ଉଚ୍ଚତର ଶିକ୍ଷା ଅନୁଧ୍ୟାନ ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ସୁରେନ୍ଦ୍ର ମୋହନ ପାଣି ଅଧ୍ୟକ୍ଷତା କରିଥିବାବେଳେ ପୂର୍ବତନ ଛାତ୍ର ବିନୋଦ ସେଠୀ ସଂଯୋଜନା କରିଥିଲେ। ଏଥିରେ ପ୍ରଫେସର ଭି.ବି. ଶାସ୍ତ୍ରୀ, ଭାରତୀ ମହାପାତ୍ର, ସୁଭାଷ ଚନ୍ଦ୍ର ପଣ୍ଡା, ବ୍ରଜକିଶୋର ପଟ୍ଟନାୟକ, ପ୍ରେମଲତା ମହାପାତ୍ର, ଖାରବେଳ ମହାନ୍ତି ଓ ପ୍ରଫେସର ଅକ୍ଷୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଆତ୍ମା ସଭାପତି ମନୋନୟନ ବୈଠକ

**କଟକ ସଦର,୮।୧(ଡି.ଏନ୍.ଏ.) :** କଟକ ସଦର ବ୍ଲକ କୃଷି ବୈଷୟିକ ପରିଚାଳନା ସଂସ୍ଥା(ଆତ୍ମା) ସଭାପତି ମନୋନୟନ ପାଇଁ ଶୁକ୍ରବାର କୃଷି ସମ୍ମିଳନୀ କକ୍ଷରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆତ୍ମା ସଭ୍ୟ ବିଦ୍ୟାଧର ପାତ୍ରଙ୍କ ପ୍ରସ୍ତାବକ୍ରମେ ସଭାପତି ଭାବେ ରଜନୀକାନ୍ତ ସାହୁ ନିର୍ବାଚିତ ହୋଇଥିଲେ। ଏହି ବୈଠକରେ ବ୍ଲକ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆତ୍ମା ସଭ୍ୟ ମନୋନୟନରେ ଅଣକୃଷକ, ବୟସ୍କ ବ୍ୟକ୍ତିଙ୍କୁ ସାମିଲ କରାଯିବା ବିରୋଧରେ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଛି। ଏଥିରେ ଅଯୋଗ୍ୟ ବ୍ୟକ୍ତିମାନଙ୍କୁ କିପରି ସଭ୍ୟପଦରେ ରଖାଯାଇଛି, ତାହାର ବିବରଣୀ ଦିଆଯାଇ କୋର୍ଟଙ୍କ ହସ୍ତକ୍ଷେପ ଲୋଡାଯାଇଛି। ଏ ନେଇ ବ୍ଲକ କୃଷି ଅଧିକାରୀ ମଲ୍ଲିକ କହିଛନ୍ତି, ମାମଲା ସମ୍ପର୍କିତ ସୂଚନା ମୋ ପାଖରେ ନାହିଁ। ସଭ୍ୟ ମନୋନୟନ ଠିକ୍ ରହିଛି।

## ଖୋଲିଲା ବିଦ୍ୟାଳୟ, ଉପସ୍ଥାନ କମ୍

**ଚୌଦ୍ୱାର, ୮।୧(ଡି.ଏନ୍.ଏ.):** ଦୀର୍ଘ ୯ ମାସ ପରେ ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଚୌଦ୍ୱାର ଅଞ୍ଚଳରେ ଥିବା ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଗୁଡିକ ଶୁକ୍ରବାର ଖୋଲିଛି। ତେବେ ବିଦ୍ୟାଳୟଗୁଡିକରେ ଛାତ୍ର ଉପସ୍ଥାନ ହାର ଶତକଡା ୩୦ରୁ ୪୦ ଭାଗ ରହିଥିବା ଦେଖିବାକୁ ମିଳିଛି। ସ୍କୁଲ ଖୋଲିବା ପୂର୍ବରୁ ପୂର୍ବରୁ ଶ୍ରେଣୀଗୃହକୁ ସାନିଟାଇଜ୍ କରାଯିବା ସହ ଶିକ୍ଷାନୁଷ୍ଠାନ ପରିସରକୁ ସଫା କରାଯାଇଥିଲା। ଏପରିକି ଛାତ୍ରୀଛାତ୍ରମାନଙ୍କର ଥର୍ମାଲ ସ୍କିନିଂ କରାଯାଇଥିଲା। ଏବେ ବି କରୋନା ପ୍ରତି ଛାତ୍ରୀଛାତ୍ର ଭୟ ରହିଥିବାରୁ ଶିକ୍ଷାନୁଷ୍ଠାନ ଖୋଲିବାର ପ୍ରଥମ ଦିନରେ ଉପସ୍ଥାନ କମ୍ ରହିଥିବା ଅନେକ ଶିକ୍ଷୟିତ୍ରୀଶିକ୍ଷକ କହିଛନ୍ତି। ଧିରେଧିରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବା ନେଇ ସେମାନେ ଆଶାବ୍ୟକ୍ତ କରିଛନ୍ତି।

# କଲ୍‌ଗାର୍ଲ ଲୋଭ ଦେଖାଇ ଆକାଉଣ୍ଟ ଖାଲି କରିଦେଲେ

### ରାଜଧାନୀରେ ପୁଣି ସାଇବର ଠକେଇ

**ଭୁବନେଶ୍ୱର,୮।୧(ବ୍ୟୁରେ) :** ସୁନ୍ଦରୀ ତରୁଣୀଙ୍କ ମୋହ ଦେଖାଇ ଫସାଇବା ପରେ ଟଙ୍କା ଲୁଟୁଛନ୍ତି ସାଇବର ଠକ। ରାଜଧାନୀର ଜଣେ ଯୁବକଙ୍କୁ ଏଭଳି ମୋହରା ବନାଇ ତାଙ୍କ ଆକାଉଣ୍ଟକୁ ଖାଲି କରିଦେଇଛନ୍ତି ସାଇବର ଠକ। ମାତ୍ର ୨୦ ମିନିଟ୍ ଫୋନରେ କଥା ହେବା ଭିତରେ ସାଇବର ଠକ ଜଣକ ଗୁଗଲ୍ ପେ' ମାଧ୍ୟମରେ ଯୁବକଙ୍କ ଆକାଉଣ୍ଟରୁ ବିଭିନ୍ନ ପର୍ଯ୍ୟାୟରେ ୯୪,୭୩୧ ଟଙ୍କା ଲୁଟିନେଇଛନ୍ତି। ଠକେଇର ଶିକାର ଯୁବକ ଜଣକ ଶୁକ୍ରବାର କମିଶନରେଟ୍ ପୋଲିସ ପକ୍ଷରୁ ଜାରି ହେଲ୍ପଲାଇନ୍ ନମ୍ବରକୁ କଲ୍ କରି ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଇଣ୍ଡିଆ ଏସ୍କର୍ଟ ସର୍ଭିସ୍ ନାମକ ଏକ ସଂସ୍ଥାର କର୍ମଚାରୀର ପରିଚୟ ଦେଇ ଜଣେ ବ୍ୟକ୍ତି ଉକ୍ତ ଯୁବକଙ୍କ ମୋବାଇଲ ଫୋନ୍‌କୁ କଲ୍ କରିଥିଲେ। ଏହି ସଂସ୍ଥା କଲଗାର୍ଲ ଓ କଲ ବୟ ସେବା ଯୋଗାଉଛି। ତମେ ଚାହିଁଲେ କଲବୟ ଭାବେ କାର୍ଯ୍ୟ କରି ବିପୁଳ ରୋଜଗାର କରିପାରିବ। ଲାଇସେନ୍ସ ପାଇଁ ପ୍ରଥମେ ୨୪୫୦ ଟଙ୍କା ଦେଇ ରେଜିଷ୍ଟ୍ରେଶନ କରିବାକୁ ପଡିବ। ନିଜ ସହରରେ କଲବୟ କାମ କଲେ ଅଧା ଟଙ୍କା କମ୍ପାନୀର ଓ ଅଧା ଟଙ୍କା ଆପଣଙ୍କର। ଏଥିରେ ସଂସ୍ଥା ପକ୍ଷରୁ ଆପଣଙ୍କୁ ହାଇକ୍ଲାସ ସୁନ୍ଦରୀ ଯୁବତୀ ଯୋଗାଇ ଦିଆଯିବ। ବଡ଼ବଡ଼ ହୋଟେଲ୍‌ରେ ରାତ୍ରିଯାପନ କରିବାକୁ ସୁଯୋଗ ମିଳିବ। ନଚେତ ତମେ ଚାହିଁଲେ ୧୮ରୁ ୪୦ବର୍ଷୀୟା ସୁନ୍ଦରୀ କଲଗାର୍ଲଙ୍କ ସହ ମଜା ଉଠାଇପାରିବ। ଯେଉଁ ଯୁବତୀଙ୍କୁ ବାଛିବ ସେ ହୋଟେଲଠାରୁ ଆରମ୍ଭ କରି ତୁମ ପାର୍ଟନର ହୋଇ ବୁଲାବୁଲି କରିବ। ଏଭଳି ଲୋଭ ଦେଖାଇ ବ୍ୟକ୍ତିଜଣକ ଉକ୍ତ ଯୁବକଙ୍କ ହ୍ୱାଟ୍‌ସ ଆପ୍ ନମ୍ବରକୁ କେତେଜଣ ସୁନ୍ଦରୀଙ୍କ ଫଟୋ ପଠାଇଥିଲେ। ଏହାପରେ କୌଶଳକ୍ରମେ ଯୁବକଙ୍କ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ଟଙ୍କା କାଟି ନେଇଥିଲେ।

### ପ୍ରଥମ ଦିନରେ ହେଲ୍ପଲାଇନ୍ ନମ୍ବରରେ ୨୭ ଅଭିଯୋଗ

ସାଇବର ଠକେଇ ରୋକିବାକୁ ଗୁରୁବାର କମିଶନରେଟ୍ ପୋଲିସ ପକ୍ଷରୁ ଏକ ଟିମ୍ ଗଠନ କରାଯିବା ସହ ଅଭିଯୋଗ ପାଇଁ ଏକ ହେଲ୍ପଲାଇନ୍ ନମ୍ବର ଜାରି କରାଯାଇଥିଲା। ସାଇବର ଠକେଇର ଶିକାର ହେଲେ ତୁରନ୍ତ ଉକ୍ତ ନମ୍ବରରେ ପୋଲିସକୁ ଜଣାଇବାକୁ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଲୋକଙ୍କୁ କହିଥିଲେ। ତେବେ ଶୁକ୍ରବାର ପ୍ରଥମ ଦିନରେ ଏହି ନମ୍ବରରେ ୨୭ ଅଭିଯୋଗ ଆସିଥିବା କମିଶନରେଟ ପୋଲିସ ସୂତ୍ରରୁ ସୂଚନା ଦିଆଯାଇଛି। ରାଜଧାନୀ ଏବେ ସାଇବର ଅପରାଧୀଙ୍କ କବ୍‌ଜାକୁ ଚାଲିଯାଇଥିବା ଏଥିରୁ ଜଣାପଡୁଛି। ପ୍ରତିଦିନ ଏଭଳି ବହୁ ଲୋକ ଠକେଇର ଶିକାର ହେଉଥିବାରୁ ଏହାକୁ ରୋକିବା ପାଇଁ ପୋଲିସ୍‌କୁ ଆହୁରି ଦକ୍ଷ ହେବା ସହ ଚ୍ୟାଲେଞ୍ଜିଂ ପଦକ୍ଷେପ ନେବାକୁ ପଡ଼ିବ।




କୃଷକ ବିରୋଧୀ ଚାଷୀ ଆଇନ ଓ ବିଦ୍ୟୁତ୍ ବିଲ୍ ପ୍ରତ୍ୟାହାର ଦାବିରେ ଅଲ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ପକ୍ଷରୁ ଶୁକ୍ରବାର କଟକ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

## ଗଛରୁ ୨ ଝୁଲନ୍ତା ମୃତଦେହ ଉଦ୍ଧାର

**କଣ୍ଟାପଡା, ୮।୧(ଡି.ଏନ୍.ଏ.)**

କଟକ ଜିଲା ଓଲଟପୁର ଥାନା ଅନ୍ତର୍ଗତ ବାଘୁଆ ଗ୍ରାମର ଏକ ଚାକୁଣ୍ଡା ଗଛରୁ ଜଣେ ମହିଳା ଓ ଅନ୍ୟଜଣେ ବ୍ୟକ୍ତିଙ୍କ ମୃତଦେହ ଶୁକ୍ରବାର ପୋଲିସ ଉଦ୍ଧାର କରିଛି। ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନା ପଠାଇବା ସହ ଏକ ଅପମୃତ୍ୟୁ ମାମଲା(ନଂ.୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପୋଲିସ ସୂତ୍ରରୁ ପ୍ରକାଶ, ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ତ୍ରୀଙ୍କର ପୂର୍ବରୁ ମୃତ୍ୟୁ ଘଟିଥିଲା। ସେ ଉକ୍ତ ମହିଳାଙ୍କୁ ଭଲ ପାଇ ୩/୪ ଦିନ ହେବ ନିଜ ଘରକୁ ନେଇଆସିଥିଲେ। ଉକ୍ତ ବ୍ୟକ୍ତିଙ୍କର ଏଭଳି କାର୍ଯ୍ୟକୁ ପରିବାର ଲୋକେ ବିରୋଧ କରିବାରୁ ଗୁରୁବାର ସନ୍ଧ୍ୟାରେ ଉଭୟ ଘରୁ ପଳାଇ ଆସିଥିଲେ। ଶୁକ୍ରବାର ସକାଳେ ଉଭୟଙ୍କ ମୃତଦେହ ଗ୍ରାମ ନିକଟସ୍ଥ ଏକ ଗଛରେ ଝୁଲୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପ୍ରେମ ବ୍ୟାପାରକୁ ନେଇ ଏଭଳି ଘଟିଥିବା ସନ୍ଦେହ କରାଯାଉଛି ବୋଲି ଆଇଆଇସି ଚିନ୍ମୟୀ ସାହୁ କହିଛନ୍ତି।

# ଖଣ୍ଡୁଆଳି କଣ୍ଟେନ୍‌ମେଣ୍ଟ ଜୋନ୍

- ୧୬ ପଜିଟିଭ ଚିହ୍ନଟ
- ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ ବ୍ୟବସ୍ଥା

**ଖୁଣ୍ଟୁଣୀ,୮।୧(ଡି.ଏନ୍.ଏ.)**

ଆଠଗଡ଼ ବ୍ଲକ ଖୁଣ୍ଟୁଣୀ ଥାନା ରାଧାକୃଷ୍ଣପୁର ପଞ୍ଚାୟତର ଖଣ୍ଡୁଆଳି ଗ୍ରାମରେ ଶୁକ୍ରବାର ୧୬ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସଂକ୍ରମଣକୁ ଦୃଷ୍ଟିରେ ରଖି ଆଠଗଡ଼ ଉପଜିଲାପାଳ ଅଜାମ୍ବର ମହାନ୍ତି ଶନିବାର ସକାଳ ୬ଟାରୁ ଶୁକ୍ରବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏହି ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଖଣ୍ଡୁଆଳି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଦୀର୍ଘଦିନ ଧରି ଜ୍ୱର ଓ ଥଣ୍ଡା ନ ଛାଡ଼ିବାରୁ ଗତ ୩ ଦିନ ତଳେ କଟକରେ ସେ ପରୀକ୍ଷା କରିବାରୁ ପଜିଟିଭ ଥିବା ଜଣାପଡିଥିଲା। ଫଳରେ ସେ ଘରେ ହୋମ ଆଇସୋଲେଶନରେ ରହିଥିଲେ। ହେଲେ ଶୁକ୍ରବାର ହଠାତ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଭର୍ତ୍ତି କରାଯାଇଥିବା ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଡା. ଦିଲୀପ ଦାସ ସୂଚନା ଦେଇଛନ୍ତି। ଏହା ଜଣାପଡ଼ିବା ପରେ ଶୁକ୍ରବାର ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଖଣ୍ଡୁଆଳି ପ୍ରାଥମିକ ସ୍କୁଲରେ ୧୫୦ ଜଣଙ୍କ ଆଣ୍ଟିଜେନ ଟେଷ୍ଟ ଓ ୪୩ ଜଣଙ୍କର ଆରଟି-ପିସିଆର ଟେଷ୍ଟ କରାଯାଇଥିଲା। ଏମାନଙ୍କ ମଧ୍ୟରୁ ଗୋଟିଏ ପରିବାରରୁ ୯ଜଣ ଓ ଅନ୍ୟ ୭ଜଣଙ୍କର ରିପୋର୍ଟ ପଜିଟିଭ ବାହାରିଥିଲା। ତେବେ ସନ୍ଧ୍ୟାରୁ ଏଠାରେ ପଞ୍ଚାୟତ ପକ୍ଷରୁ ଗ୍ରାମର ବିଭିନ୍ନ ସ୍ଥାନରେ ବ୍ୟାରିକେଡ କରାଯାଇଥିବା ଜଣାଯାଇଛି। ଏହି ଗ୍ରାମକୁ କୌଣସି ବାହାର ଲୋକ ପ୍ରବେଶ କରିପାରିବେ ନାହିଁ କିମ୍ବା ବାହାରୁ ଗ୍ରାମ ଭିତରକୁ କାହାରିକୁ ନ ଛାଡିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଛି।

## ଜବରଦଖଲ ଉଚ୍ଛେଦ: ସ୍ଥିତି ସମୀକ୍ଷା କଲେ ସିଏମ୍‌ସି ଅଧିକାରୀ

**କଟକ ଅଫିସ, ୮।୧**

ସ୍ଥାନୀୟ ଇଦ୍‌ଗା ପଡ଼ିଆରୁ ଜବରଦଖଲ ଉଚ୍ଛେଦ ନିମନ୍ତେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଉତ୍କଳ ସମ୍ମିଳନୀ କଟକ ଜିଲା ଶାଖା ସଭାପତି ମହମ୍ମଦ କମରୁଲ୍ ହୁସେନ୍ ଏବଂ ସମ୍ପାଦିକା ଡ. ନୀଲିମା ପ୍ରିୟଦର୍ଶିନୀ ଇଦ୍‌ଗା ପଡିଆରୁ ଜବରଦଖଲ ଉଚ୍ଛେଦ ସହ ସେଠାରେ ଥିବା ସମ୍ମିଳନୀର ସ୍ମୃତିସ୍ତମ୍ଭର ସୁରକ୍ଷା ନିମନ୍ତେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କ ସହ ଆଲୋଚନା କରିଥିଲେ। କମିଶନର ଦାସ ଘଟଣା ସମ୍ପର୍କରେ ଅବଗତ ହେବାପରେ ଏନେଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଶୁକ୍ରବାର ଅପରାହ୍ଣରେ ସିଏମ୍‌ସି ଅଧିକାରୀ ଓ ବିଭାଗୀୟ ଯନ୍ତ୍ରୀ ଇଦ୍‌ଗା ପଡିଆ ପରିଦର୍ଶନ କରିବା ସହ ସ୍ଥିତି ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ସଭାପତି ହୁସେନ୍ ଓ ସମ୍ପାଦିକା ପ୍ରିୟଦର୍ଶିନୀ ସେମାନଙ୍କୁ ପଡିଆର ନକ୍ସା ଏବଂ ଜବରଦଖଲ ସମ୍ବନ୍ଧୀୟ ତଥ୍ୟ ଦେଇଥିବା ଜଣାପଡିଛି।

# ପୂର୍ବତନ ଭିଏଲଡବ୍ଲ୍ୟୁଙ୍କୁ ୱାର୍ଡସଭ୍ୟାଙ୍କ ମାଡ଼

### ପକ୍କାଘର ପାଇଁ ଲାଞ୍ଚ ନେଇଥିବା ଅଭିଯୋଗ

**ନିଆଳି,୮।୧(ଡି.ଏନ୍.ଏ.)**

ନିଆଳି ଥାନା ଅଧୀନ ନିଆଳି ବଜାରରେ ଶୁକ୍ରବାର ଜଣେ ପୂର୍ବତନ ଭିଏଲଡବ୍ଲ୍ୟୁଙ୍କୁ ଜଣେ ୱାର୍ଡସଭ୍ୟା ରାସ୍ତା ମଝିରେ ତାଙ୍କ କଲର ଧରି ମାଡ଼ ମାରିବା ସହ ଥାନାକୁ ଘୋଷାଡ଼ି ନେଉଥିବା ଦୃଶ୍ୟ ସାଧାରଣରେ ଚହଳ ସୃଷ୍ଟି କରିଛି। ପୂର୍ବତନ ଭିଏଲଡବ୍ଲ୍ୟୁ ଜଣକ ଉକ୍ତ ମହିଳାଙ୍କଠାରୁ ବିଜୁ ପକ୍କାଘର ପାଇଁ ଟଙ୍କା ଦେବା ନାଁରେ ଲାଞ୍ଚ ନେଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ନିଆଳି ପଞ୍ଚାୟତର ଭିଏଲଡବ୍ଲ୍ୟୁ ଭାବେ ତ୍ରିଲୋଚନ ସାହୁ ୧୦ବର୍ଷ ହେଲା କାର୍ଯ୍ୟ କରି ଡିସେମ୍ବର ୩୧ରେ ଅବସର ନେଇଥିଲେ। ସେ ଶୁକ୍ରବାର ସକାଳ ୬ଟାରେ ବଜାରରେ ଠିଆ ହୋଇଥିବା ବେଳେ ଉକ୍ତ ପଞ୍ଚାୟତର ୧୦ନଂ. ୱାର୍ଡସଭ୍ୟା ହାଜୋବିବି ହଠାତ୍ ଆସି ତାଙ୍କୁ ମାଡ଼ ମାରି ଥାନାକୁ ନେଇଥିବା ବେଳେ କେହି କିଛି ପ୍ରତିବାଦ କରି ନ ଥିଲେ। ଏ ନେଇ ଉଭୟ ପକ୍ଷ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପୃଥକ ଭାବେ ୨ଟି ମାମଲା(ନଂ.୧୨,୧୩/୨୧) ରୁଜୁ କରି ତଦନ୍ତ ଚଳାଇଛି। ୱାର୍ଡସଭ୍ୟାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କୁ ବିଜୁ ପକ୍କାଘର ଯୋଜନାରେ ଟଙ୍କା ଦେବା ପାଇଁ ତ୍ରିଲୋଚନ ୨୦ ହଜାର ଟଙ୍କା ଲାଞ୍ଚ ନେଇଥିଲେ। ପରେ ପକ୍କାଘର ନ ଯୋଗାଇ ସେ ଅବସର ନେଇଥିବା କଥା ଜାଣିବା ପରେ ତାଙ୍କୁ ମୁଁ ଟାଣି ଥାନାକୁ ନେଇଥିଲି ବୋଲି ମହିଳା ଜଣକ କହିଛନ୍ତି। ସେହିପରି ପୂର୍ବତନ ଭିଏଲଡବ୍ଲ୍ୟୁଙ୍କ ଅଭିଯୋଗ ଅନୁଯାୟୀ, ସକାଳେ ସେ ବଜାରରେ ଠିଆ ହୋଇଥିବାବେଳେ ହଠାତ୍ ଉକ୍ତ ମହିଳା ଆସି ତାଙ୍କ କଲର ଧରି ମାଡ଼ ମାରିଥିଲେ। ମୋତେ କାହିଁକି ବିଜୁ ପକ୍କାଘର ଦେଲୁ ନାହିଁ, ମୋ ଟଙ୍କା ଫେରା ବୋଲି କହିବା ସହ ତୋତେ ମୁଁ ଜୀବନରୁ ମାରିଦେବି ବୋଲି ଧମକ ଦେଇଥିଲେ। ଉକ୍ତ ମହିଳା ପୂର୍ବରୁ ଇନ୍ଦିରାଆବାସ ଯୋଜନାରେ ୪୫ହଜାର ଟଙ୍କା ନେଇଥିଲେ ମଧ୍ୟ ଘର କରି ନାହାନ୍ତି। ପୁନଶ୍ଚ ବିଜୁ ପକ୍କାଘର ଯୋଜନାରେ ଘର ଯୋଗାଇବା ପାଇଁ ସେ ମୋ ଉପରେ ଚାପ ପକାଉଥିଲେ। ଯେହେତୁ ବେନିୟମ କାମ କରି ନାହିଁ ତେଣୁ ଏଭଳି କରାଯାଇଛି ବୋଲି ସେ ଥାନାରେ ଅଭିଯୋଗ କରିଛନ୍ତି।



ଭୁବନେଶ୍ୱର ୟୁନିଟ୍-୪ ମସ୍‌ଜିଦରେ ମୁସଲିମ ଧର୍ମାବଲମ୍ବୀ ସମୂହ ପ୍ରାର୍ଥନା କରୁଛନ୍ତି।

# ରେଙ୍ଗାଲି ପ୍ରକଳ୍ପ ନିକଟରେ ଲଗାଯିବ ବ୍ୟାରିକେଡ୍

### ମନ୍ତ୍ରୀଙ୍କ ସମୀକ୍ଷା ବୈଠକ

**କଟକ ଅଫିସ, ୮।୧**

ରାଜ୍ୟ ସରକାରଙ୍କ ନିୟମ ଅନୁଯାୟୀ ରେଙ୍ଗାଲି ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ କରାଯିବ। ଏଥିପାଇଁ ଜମି ହରାଉଥିବା ଲୋକମାନେ ଉପଯୁକ୍ତ ମୂଲ୍ୟ ପାଇବେ। ଜମିର ମୂଲ୍ୟ ପାଇ ନ ଥିବା ହିତାଧିକାରୀଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ସହ ସମସ୍ତ କାର୍ଯ୍ୟ ତ୍ୱରାନ୍ୱିତ କରି ଧାର୍ଯ୍ୟ ସମୟ ମଧ୍ୟରେ ସମାଧାନ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କଟକ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଶୁକ୍ରବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇ ପ୍ରକଳ୍ପ ନିକଟରେ କୌଣସି ଦୁର୍ଘଟଣାକୁ ଏଡାଇବା ପାଇଁ ଉକ୍ତ ସ୍ଥାନରେ ବ୍ୟାରିକେଡ୍ ବ୍ୟବସ୍ଥା କରିବାକୁ କହିଥିଲେ। ସେହିପରି ଉକ୍ତ ପ୍ରକଳ୍ପର ଆଖପାଖରେ ଯେପରି ଚାଷଜମି ବାଧାପ୍ରାପ୍ତ ନ ହୁଏ ସେଥିପ୍ରତି ଧ୍ୟାନ ଦେବାକୁ ମନ୍ତ୍ରୀ କହିଥିଲେ। ବିବାଦ ରହିଥିବା ଜମିର ସମାଧାନ ନିମନ୍ତେ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଉପଯୁକ୍ତ ତର୍ଜମା କରିବାକୁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଥିଲେ। ରାଧାକୃଷ୍ଣପୁରଠାରେ ଏକ ପୋଖରୀ ପ୍ରକଳ୍ପ ଅଧୀନରେ ଯାଉଥିବାରୁ ଉକ୍ତ ଅଞ୍ଚଳର ଲୋକମାନଙ୍କ ନିମନ୍ତେ ଅନ୍ୟସ୍ଥାନରେ ଏକ ପୋଖରୀ ଖନନ କରିବାକୁ ମନ୍ତ୍ରୀ ସ୍ୱାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହି ବୈଠକରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଯୋଗଦେଇ ପ୍ରତ୍ୟେକ ଶୁକ୍ରବାର ରେଙ୍ଗାଲି ପ୍ରକଳ୍ପ ଅଧିକାରୀମାନେ ଉକ୍ତ ସ୍ଥାନକୁ ଯାଇ ଜମି ମାଲିକମାନଙ୍କ ସହ ଆଲୋଚନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରିସେଟଲମେଣ୍ଟ, ରିହାବିଲିଟେଶନ ନିର୍ଦ୍ଦେଶକ ଆର.କେ. ପଟ୍ଟନାୟକ, ରେଙ୍ଗାଲି ରାଇଟ କେନାଲର ମୁଖ୍ୟ ନିର୍ମାଣ ନିର୍ବାହୀଯନ୍ତ୍ରୀ ପ୍ରଦୀପ କୁମାର ପ୍ରଧାନ, ବରେନ୍ଦ୍ର କୁମାର ଧଳ, ହେମନ୍ତ ସ୍ୱାଇଁ, ଅତିରିକ୍ତ ଜିଲାପାଳ ପୂର୍ଣ୍ଣଚନ୍ଦ୍ର ମିଶ୍ର, ଆଠଗଡ ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଭେଙ୍କଟ



@ ଅନିସ୍



@ ସବିତା



@ ଶୁଭଶ୍ରୀ



@ ମୁନା



@ ଦିଲ୍ଲୀପ



@ ରାଜକିଶୋର



@ ଅଭିଜିତ୍

## ମୃତଚାଷୀଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, (ବ୍ୟୁରୋ)-କେନ୍ଦ୍ର ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ନୂତନ କୃଷି ଆଇନ ବିରୋଧରେ ଆନ୍ଦୋଳନରେ ସାମିଲ ହୋଇଥିବା ୬୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ମୃତ୍ୟୁ ଘଟିଲାଣି। ସମ୍ପୃକ୍ତ ଚାଷୀଙ୍କ ଆତ୍ମାର ସଦ୍‌ଗତି କାମନା କରି ଓଡ଼ିଶା ପ୍ରଦେଶ ଯୁବ କଂଗ୍ରେସ ପକ୍ଷରୁ ଶୁକ୍ରବାର ନୀରବ ପ୍ରାର୍ଥନା କରାଯାଇଛି। ଯୁବ କଂଗ୍ରେସ ସଭାପତି ସ୍ମିତରଞ୍ଜନ ଲେଙ୍କାଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ସନ୍ଧ୍ୟାରେ ଦୀପଦାନ କରିଥିଲେ। ନୂତନ କୃଷି ଆଇନ ପୁଞ୍ଜିପତି, କର୍ପୋରେଟ ହାଉସ୍‌କୁ ଲାଭାନ୍ୱିତ କରିବ। କିନ୍ତୁ ଅହଙ୍କାରୀ କେନ୍ଦ୍ର ସରକାର ଆନ୍ଦୋଳନରତ ଚାଷୀଙ୍କୁ ଦମନ କରିବାକୁ ଉଦ୍ୟମ କରୁଥିବା ନିନ୍ଦନୀୟ ବୋଲି ସ୍ମିତରଞ୍ଜନ କହିଛନ୍ତି।

### ସଂକ୍ଷେପରେ

## ହାତୀ ଆକ୍ରମଣରେ ଦମ୍ପତି ଗୁରୁତର

**ନୂଆଗାଁ, ୮।୧ (ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ବିଶ୍ରା ବନାଞ୍ଚଳ ଅନ୍ତର୍ଗତ ଡଲଙ୍ଗସେରା ଗ୍ରାମରେ ଶୁକ୍ରବାର ଭୋର ହାତୀ ଆକ୍ରମଣରେ ଡଲଙ୍ଗସେରା ଗ୍ରାମର ସୁଶିଲ ଲାକ୍ରା (୫୬) ଓ ତାଙ୍କ ସ୍ତ୍ରୀ କରଲା ଲାକ୍ରା ଗୁରୁତର ହୋଇଛନ୍ତି। ସୁଶିଲଙ୍କ ବାମ କାନ ଛିଣ୍ଡି ଯାଇଥିବାବେଳେ ତାଙ୍କ ସ୍ତ୍ରୀ କରଲାଙ୍କ ଡାହାଣ ହାତ ଓ ଗୋଡ ଭାଙ୍ଗି ଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ତେବେ ସୁଶିଲ ରାଉରକେଲା ସ୍ଥିତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର (ଆରଜିଏଚ)ରେ ଚିକିତ୍ସିତ ହେଉଥିବା ବେଳେ କରଲାଙ୍କୁ ବୁର୍ଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବିଶ୍ରା ରେଞ୍ଜର ମାଣିକେଶ୍ୱରୀ ହାଁସଦାଙ୍କ କହିବାନୁସାରେ ଶୁକ୍ରବାର ଭୋର ପ୍ରାୟ ସାଢ଼େ ୩ଟାରେ ସୁଶିଲ ଓ କରଲା ନିଜ ଖଳାକୁ ଯାଇଥିଲେ। କାଲେ ହାତୀପଲ ତାଙ୍କ ଧାନ ଖାଇ ଦେଇଥିବ ସେଥିପାଇଁ ଉଭୟେ ନିଜ ଖଳାକୁ ଯାଇଥିଲେ। ଏହି ସମୟରେ ଗୋଟିଏ ହାତୀ ସହ ମୁହାଁମୁହିଁ ହୋଇଥିଲେ। ଏଥିରେ ହାତୀଟି ଉଭୟ ସୁଶିଲ ଓ କରଲାଙ୍କୁ ଆକ୍ରମଣ କରିଥିଲା । ତାଙ୍କ ପାଟି ଶୁଣି ଆଖପାଖ ଖଳାରେ ଶୋଇଥିବା ଲୋକେ ଧାଇଁ ଆସିବାରୁ ହାତୀପଲ ସେଠାରୁ ଚାଲିଯାଇଥିଲେ । ସୂଚନା ମୁତାବକ ୧୫ ହାତୀ ଥିବା ପଲ ବେଶ କିଛି ଦିନ ହେବ ଖଇରଟୋଲା ଜଙ୍ଗଲରେ ରହୁଛନ୍ତି । ରାତି ହେଲେ ସେମାନେ ଗାଁରେ ପଶି କାହା ଖଳାରୁ ଧାନ ଖାଉଛନ୍ତି ତ କାହା ଜମିରୁ ଫସଲ ନଷ୍ଟ କରୁଛନ୍ତି ।

## ୧୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ମହିଳା ଗିରଫ

**ଖଣ୍ଡପଡା,୮।୧(ସ୍ୱ.ପ୍ର.):** ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ ଖଳିସାହି-କୋଟପୋଖରୀ ରାସ୍ତାପାର୍ଶ୍ୱରେ ଡ. ଆବିଦ ହୁସେନଙ୍କ ଘରେ ଭଡାରେ ରହୁଥିବା ଜଣେ ବ୍ୟକ୍ତି ଘର ଉପରେ କେନ୍ଦ୍ରାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ, କଟକ



ଟିମ୍ ଶୁକ୍ରବାର ପୂର୍ବାହ୍ନରେ ଚଢ଼ାଉ କରିଥିଲା। ଭଡାରେ ରହୁଥିବା ଲକି ସ୍ୱାଇଁ(୨୩)ଙ୍କ ନିକଟରୁ ୧୦୧ ଗ୍ରାମ ବ୍ରାଉନସୁଗାର ଅବକାରୀ ଟିମ୍ ଜବତ କରିବା ସହ ଗିରଫ କରିଛି। ଏହାର ମୂଲ୍ୟ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ଆଇଆଇସି ଜଗଦୀଶ ଚନ୍ଦ୍ର ସାମଲଙ୍କ ନେତୃତ୍ୱରେ ଅବକାରୀ ଟିମ ଚଢ଼ାଉ କରିଥିଲା। ଲକିଙ୍କ ସ୍ୱାମୀ ଶେଖ ନିଜାମ ଉଦ୍ଦିନ ଚଢ଼ାଉ ସମୟରେ ଘରେ ନ ଥିବା ଅବକାରୀ ଟିମ ସୂଚନା ଦେଇଛି। କିଛିମାସ ଧରି ନିଜାମ ଉଦ୍ଦିନ ହୁସେନଙ୍କ ଘର ଭଡା ନେଇ ପରିବାର ସହ ରହୁଥିଲେ। ବିଳମ୍ବିତ ରାତିରେ ଉକ୍ତ ଘରକୁ ଅପରିଚିତ ଲୋକଙ୍କ ଯିବାଆସିବା ଲାଗି ରହୁଥିବା ସ୍ଥାନୀୟ ବାସିନ୍ଦାଙ୍କ ସୂତ୍ରରୁ ଜଣାପଡିଛି। ଖଳିସାହି, ମର୍ଦ୍ଦରାଜପୁର, ଖଣ୍ଡପଡା, କଣ୍ଟିଲୋ ଓ ବାହାଡା ଅଞ୍ଚଳରେ ବ୍ରାଉନସୁଗାର ବେପାର ଦୀର୍ଘବର୍ଷ ଧରି ଚାଲିଥିଲା। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସାମଲଙ୍କଠାରୁ ପ୍ରକାଶ।

# ମଡେଲ ଏରୋପ୍ଲେନ୍ ତିଆରି କରି ଉଡ଼ାଉଛନ୍ତି ଶୁଭାଶିଷ

**ନବରଙ୍ଗପୁର/ଉମରକୋଟ,୮।୧(ବି.ପ୍ର./ସ୍ୱ.ପ୍ର.)**

ଇଚ୍ଛାଶକ୍ତି ଥିଲେ ସବୁ କିଛି ସମ୍ଭବ। କିଛି ନୂଆ କରି ଦେଖାଇବା ନିଶା ଓ ଏହି ଲକ୍ଷ୍ୟ ସାଧନ କରିବାକୁ ଦିଗରେ ଲାଗିପଡିଛନ୍ତି ଉମରକୋଟର ଶୁଭାଶିଷ ସାହୁ। ଥର୍ମୋକଲ, ବ୍ୟାଟେରୀରେ ଏରୋପ୍ଲେନର ମଡେଲ୍ ତିଆରି କରି ସେ ତାହାକୁ ଉଡାଉଛନ୍ତି। ଏଥିରେ କୌଣସି ଲୁହା ଜିନିଷ ବ୍ୟବହାର କରାଯାଇ ନାହିଁ। ଏଥିରେ କ୍ୟାମେରା ଲଗାଯାଇ ଆକାଶ ମାର୍ଗରୁ ଫଟୋ ଉଠାଯାଇପାରିବ। ଆଗାମୀ ଦିନରେ ଏୟାର ଆମ୍ବୁଲାନ୍ସ ତିଆରି କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ଶୁଭାଶିଷ କହିଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ମଙ୍ଗଳା ମନ୍ଦିର ପାଖ ଗଳିରେ ବାପା ରବୀନ୍ଦ୍ର କୁମାର ସାହୁ, ମାଆ ସୁଜାତାଙ୍କ ସହ ଶୁଭାଶିଷ ରହୁଛନ୍ତି। ସେ ପାରଳାଖେମୁଣ୍ଡି ସେଞ୍ଚୁରିୟାନ ୟୁନିଭରସିଟିରେ ବିଟେକ୍ କରୁଛନ୍ତି। ଆଧୁନିକ ସ୍ପର୍ଶରେ ଲୋକ ସେବା କରିବା ଆଶା ରଖି ସେ ବିଭିନ୍ନ ଏରୋପ୍ଲେନ ମଡେଲ୍ ପ୍ରସ୍ତୁତ କରୁଛନ୍ତି। ସେ ପ୍ରଥମେ ୟୁଏସ୍‌ଏର ଏଫ୍-୨୧ ରାପଟର ପ୍ଲେନ ଡିଜାଇନ ଭଳି ଏକ ଏରୋପ୍ଲେନ ତିଆରି କରିଥିଲେ। ଆର୍‌ସି ଏୟାରପ୍ଲେନ ଟେଲ୍ ପୁଶର ଡିଜାଇନ ଏରୋପ୍ଲେନ ତିଆରି କରିଛନ୍ତି। ଥର୍ମୋକଲରେ ଉକ୍ତ ମଡେଲ୍ ଏରୋପ୍ଲେନ୍‌ଟି ତିଆରି କରାଯାଇଛି। ଏଥିରେ ସେ ଇ.ଏସ୍.ସି ବ୍ରେସଲେସ ମଟର(ବିଡିଏଲସି), ପ୍ରପେଲର(ପଙ୍ଖା), ଲିଥିୟମ ଫଲିୟମ ବ୍ୟାଟେରୀ (ଲାଇପୋବେଟାରୀ),ସେରଭୋ ମିଟର ବ୍ୟବହାର କରାଯାଇଛି। ଉକ୍ତ ଏରୋପ୍ଲେନଟି ୯୦ ରୁ ୧୮୦ ଡିଗ୍ରୀ ଡାଇରେକ୍ସନରେ ଉଡିବା ବ୍ୟବସ୍ଥା କରାଯାଇଛି। ଏଥିରେ କ୍ୟାମେରା ଖଞ୍ଜି ଆକାଶ ମାର୍ଗରୁ ଫଟୋ ଓ ଭିଡିଓ ଉତ୍ତୋଳନ ସୁବିଧା ମଧ୍ୟ କରାଯାଇଛି। ଉକ୍ତ ମଡେଲ୍ ଏରୋପ୍ଲେନ୍‌ର ଓଜନ ମାତ୍ର ୫ଶହରୁ ୭ଶହ ଗ୍ରାମ ମଧ୍ୟରେ ହେବ। ଏବେ ଯେଉଁ ବ୍ୟାଟେରୀ ବ୍ୟବହାର କରାଯାଇଛି ତାହା ୧୫ ମିନିଟ୍ ଉଡିବ। ବ୍ୟବହୃତ ଟ୍ରାନ୍ସମିଟରରେ ୧.୫ କିମି ଦୂରତା ପର୍ଯ୍ୟନ୍ତ ପ୍ଲେନ୍‌ଟିକୁ ଉଡାଇ ହେବ। ଏହି ପ୍ଲେନ୍‌ଟିକୁ ତିଆରି କରିବାକୁ ତାଙ୍କୁ ୪ଦିନ ସମୟ ଲାଗିଥିଲା। ଏରୋପ୍ଲେନଟିକୁ ଉଡାଇବା ପ୍ରଥମ ଲକ୍ଷ୍ୟ ଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏହା କିଭଳି ଅଟୋମେଟିକ୍ ଉଡିପାରିବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଶୁଭାଶିଷ କହିଛନ୍ତି। ଭବିଷ୍ୟତରେ ଏୟାର ଆମ୍ବୁଲାନ୍ସ ତିଆରି କରାଯିବା ଲକ୍ଷ୍ୟ ରଖିଛି ବୋଲି ଶୁଭାଶିଷ କହିଛନ୍ତି।



ଏରୋପ୍ଲେନ ମଡେଲ୍ ସହ ଶୁଭାଶିଷ।

- ଆକାଶ ମାର୍ଗରୁ ଉଠିପାରିବ ଫଟୋ ଭିଡିଓ
- ଭବିଷ୍ୟତରେ ଏୟାର ଆମ୍ବୁଲାନ୍ସ ତିଆରି କରିବା ଲକ୍ଷ୍ୟ

## ସାମାଜିକ ଗଣମାଧ୍ୟମକୁ ଗୁରୁତ୍ୱ ଦେବ ଛାତ୍ର କଂଗ୍ରେସ

**ଭୁବନେଶ୍ୱର,୮।୧(ବ୍ୟୁରୋ)**

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଅଧ୍ୟକ୍ଷତାରେ ସୋସିଆଲ ମିଡିଆ ବିଭାଗର ଏକ ଷ୍ଟ୍ରାଟେଜି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦକ ରୋଶନଲାଲ ବିଟୁ ଉପସ୍ଥିତ ଥିଲେ। ସାମାଜିକ ଗଣମାଧ୍ୟମ ଦ୍ୱାରା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉଦାସୀନତାକୁ ଲୋକଲୋଚନକୁ ଆଣି ବ୍ୟାପକ ସଚେତନତା ସୃଷ୍ଟି କରାଯିବ। ଏଥିରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ରୋଶନଲାଲ୍ ପରାମର୍ଶ ଦେଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଲେ, ସାମାଜିକ ଗଣମାଧ୍ୟମରେ ଛାତ୍ର କଂଗ୍ରେସର ବିପ୍ଳବ ହିଁ ପରିସ୍ଥିତିରେ ପରିବର୍ତ୍ତନ କରିପାରିବ। ଛାତ୍ର କଂଗ୍ରେସ ସଭାପତି ନୱାଜ କହିଛନ୍ତି, ପ୍ରତି ପଞ୍ଚାୟତ ଏବଂ କଲେଜସ୍ତରରେ ସାମାଜିକ ଗଣମାଧ୍ୟମ ସାଥୀ ନିଯୁକ୍ତି ଦେବା ପାଇଁ ଯୋଜନା ଚାଲିଛି। ଦେଶ ସ୍ୱାଧୀନତାରେ କଂଗ୍ରେସର ଭୂମିକା ଏବଂ ସ୍ୱାଧୀନତା ପରବର୍ତ୍ତୀ ରାଷ୍ଟ୍ର ଗଠନରେ ଅବଦାନ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ଧାରାବାହିକ ତଥ୍ୟ ଉପସ୍ଥାପନ କରିବାକୁ ମତ ପ୍ରକାଶ ପାଇଥିଲା।

### ରେଳ ପ୍ରକଳ୍ପ ସମୀକ୍ଷା କଲେ ମନ୍ତ୍ରୀ

# ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୮।୧(ବ୍ୟୁରୋ)**

ରାଜ୍ୟରେ ଏବେ ୩ଟି ରେଳପଥର ବିକାଶ କାର୍ଯ୍ୟ ଚାଲିଛି। ଖୋର୍ଦ୍ଧା ରୋଡ ପ୍ରକଳ୍ପ ପୁରୀ, ଖୋର୍ଦ୍ଧା, ନୟାଗଡ଼, ବୌଦ୍ଧ, ସୁବର୍ଣ୍ଣପୁର ଓ ବଲାଙ୍ଗୀର ଜିଲା ଦେଇ କାର୍ଯ୍ୟକାରୀ ହେଉଛି। ଏଥିପାଇଁ ମନ୍ତ୍ରଣାଳୟ ସହିତ ୨୦୧୫ରେ ହୋଇଥିବା ଚୁକ୍ତି ଅନୁଯାୟୀ ଓଡ଼ିଶା ସରକାର ଜମି ଯୋଗାଇ ଦେଇଛନ୍ତି। ୩୦୫ କିଲୋମିଟର ରେଳପଥ ପାଇଁ ଆବଶ୍ୟକ ୨୬୬ ଗ୍ରାମର ୩୭୩୬.୧୭୦ ଏକର ଜମି ରେଲ୍‌ୱେକୁ ହସ୍ତାନ୍ତର କରାଯାଇଛି। ଗୁରୁବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଏହି ସୂଚନା ମିଳିଛି। ରାଜ୍ୟରେ ରେଳପଥଗୁଡ଼ିକର ନିର୍ମାଣ କାର୍ଯ୍ୟର ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀ ଏକ ସମୀକ୍ଷା କରିଛନ୍ତି। ସମସ୍ତ ପ୍ରକଳ୍ପର ତୁରନ୍ତ ରୂପାୟନ ଦିଗରେ ବିଭାଗୀୟ ଅଧିକାରୀମାନେ ନିଷ୍ଠା ଓ ଯତ୍ନର ସହ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଛନ୍ତି।

ଏବେ ସୁଦ୍ଧା ଖୋର୍ଦ୍ଧାରୁ ମହୀପୁର ୭୭ କି.ମି. ଓ ବଲାଙ୍ଗୀରରୁ ୧୫ କି.ମି. ପର୍ଯ୍ୟନ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ରେଳ ଚଳାଚଳ ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲାରେ ୧୦୯୧.୧୦୫ ଏକର ଜମି ହସ୍ତାନ୍ତର କରାଯାଇଥିବା ବେଳେ ବୌଦ୍ଧ ଜିଲାରେ ୭୨ ଗ୍ରାମର ୧୨୩୪.୦୨ ଏକର ଜମି ହସ୍ତାନ୍ତର କରାଯାଇଛି। ସୁବର୍ଣ୍ଣପୁର ଜିଲାରେ ୨୯ଟି ଗ୍ରାମରେ ଆବଶ୍ୟକ ୫୩୯.୦୨୬ ଏକର ଜମି ଯୋଗାଇ ଦିଆଯାଇଛି। ବଲାଙ୍ଗୀର ଜିଲାରେ ୧୬ଟି ଗ୍ରାମର ୨୩୯.୬୩ ଏକର ଜମି ରେଲ୍‌ୱେକୁ ହସ୍ତାନ୍ତର କରାଯାଇଛି। ଯେଉଁ ଗ୍ରାମଗୁଡିକର ଜମି ହସ୍ତାନ୍ତର ହୋଇ ନାହିଁ ସେ ବାବଦରେ ରାଜ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା ବୈଠକରୁ ଜଣାପଡିଛି।

ତାଳଚେର- ବିମଳାଗଡ଼ ରେଳ ପ୍ରକଳ୍ପ ପାଇଁ ୧୯୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ପ୍ରାୟ ୧୫୪ କିଲୋମିଟର ଦୈର୍ଘ୍ୟବିଶିଷ୍ଟ ଏହି ପ୍ରକଳ୍ପ ଅନୁଗୋଳ, ଦେବଗଡ଼ ଓ ସୁନ୍ଦରଗଡ଼ ଜିଲା ଦେଇ ଯିବ। ଏଥିପାଇଁ ୪୭୨.୬୨ ଏକର ସରକାରୀ ଓ ୧୦୦୪.୪୧୫ ଏକର ବେସରକାରୀ ଜମି ଆବଶ୍ୟକ ହେବ। ସେଥି ମଧ୍ୟରୁ ୧୨.୪୪୨୦ ଏକର ଜମି ପୂର୍ବତଟ ରେଳପଥ ଅନୁଗୋଳ ଜିଲା ପ୍ରଶାସନରୁ କ୍ରୟ କରିବାକୁ ପଡିବ। ଦେବଗଡ଼ ଜିଲାରେ ୧୮ଟି ଗ୍ରାମର ଜମି ଅଧିଗ୍ରହଣ ଅପେକ୍ଷାରେ ରହିଛି। ସୁନ୍ଦରଗଡ଼ ଜିଲାରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଜାରି ରହିଛି। ଅନୁଗୋଳ- ଡୁବୁରି- ସୁକିନ୍ଦା ରେଳପଥ ପ୍ରକଳ୍ପ ରେଳ ବିକାଶ ନିଗମ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବେଳେ ସମସ୍ତ ବେସରକାରୀ ଜମି ରେଳ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରାଯାଇଛି। ସରକାରୀ ଜମିଗୁଡ଼ିକ ଉପରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅନୁମତି ପ୍ରଦାନ କରାଯାଇଛି।

ରାଜ୍ୟରେ ଯୋଗାଯୋଗ, ଗମନାଗମନ ଓ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ରେଳ ପ୍ରକଳ୍ପର ସଫଳ ରୂପାୟନ ନିମନ୍ତେ ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। କର୍ତ୍ତୃପକ୍ଷଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ମଧୁସୂଦନ ପାଢ଼ୀ, ରେଲ୍‌ୱେ ସମନ୍ୱୟ କମିଶନର ମନୋଜ ମିଶ୍ର, ପିସିସିଏଫ୍ (ନୋଡାଲ) ଜିତେନ୍ଦ୍ର ମହାପାତ୍ର, ପୂର୍ବତଟ ରେଳପଥର ସିପିଏମ୍ ଅଜୟ କୁମାର ସାମଲ, ଏଏସ୍‌ଆର୍‌ଏଲ୍‌ର ପରିଚାଳନା ନିର୍ଦ୍ଦେଶକ ଡି.କେ. ସାମନ୍ତରାୟ, ଖୋର୍ଦ୍ଧାରୋଡ ଡିଭିଜନର ଉପମୁଖ୍ୟ ଇଞ୍ଜିନିୟର ରବୀନ୍ଦ୍ର କୁମାର ମହାନ୍ତି, ରେଳ ବିକାଶ ନିଗମର ମୁଖ୍ୟ ପ୍ରକଳ୍ପ ପ୍ରବନ୍ଧକ ପି.କେ. ମହାନ୍ତିଙ୍କ ସମେତ ରାଜସ୍ୱ ତଥା ସମ୍ପୃକ୍ତ ବିଭାଗର ପଦାଧିକାରୀ ଯୋଗ ଦେଇଥିଲେ।





ଭୁବନେଶ୍ୱର ଓଡ଼ିଶା ନିର୍ମାଣ ଶ୍ରମକ ଫେଡେରେଶନ ପକ୍ଷରୁ ଯୁଗ୍ମ ଶ୍ରମ କମିଶନର ଅଫିସ୍ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରାଯାଉଛି।

## ପ୍ରାକ୍ ବଜେଟ : ବିଭିନ୍ନ ବର୍ଗର ମତ ନେଲେ ଅର୍ଥମନ୍ତ୍ରୀ

**ଭୁବନେଶ୍ୱର,୮।୧(ବ୍ୟୁରୋ)**

ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଗତ ବର୍ଷ ପରି ସମାଜର ବିଭିନ୍ନ ବର୍ଗର ଲୋକଙ୍କ ସହ ଶୁକ୍ରବାର ଭର୍ଚୁଆଲରେ ପ୍ରାକ୍ ବଜେଟ ନେଇ ପରାମର୍ଶ ନେଇଛନ୍ତି। ଏନେଇ ମନ୍ତ୍ରୀ ପୂଜାରୀ ୩ ଘଣ୍ଟା ଲୋକଙ୍କ ସହିତ କଥା ହୋଇ ଭିନ୍ନଭିନ୍ନ ମତ ଗ୍ରହଣ କରିଛନ୍ତି। ବୈଠକର ପ୍ରଥମ ଅଧିବେଶନରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପ୍ରଦୀପ କୁମାର ଅମାତ, ପୂର୍ବତନ ଅର୍ଥ ବିଭାଗ ସଚିବ ୟୁ. ଶରତଚନ୍ଦ୍ରନ୍, ଆର୍.ଏନ୍. ସେନାପତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତ ରଖିଛନ୍ତି। ଏହାପରେ ୟୁ.ଏନ୍. ବେହେରା, ପୂର୍ବତନ ସଚିବ ବିବେକ ପଟ୍ଟନାୟକ, ଏ. ପି. ଦାସ, ନାବାର୍ଡର ଜିଏମ୍, ରିଜର୍ଭ ବ୍ୟାଙ୍କର ରଶ୍ମିରଞ୍ଜନ ବେହେରା, ପୂର୍ବତନ ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ କେ.ସି. ବଡୁ, ପ୍ରଫେସର ଅସିତ ମହାନ୍ତି, ପ୍ରଫେସର ଜଗନ୍ନାଥ ଲେଙ୍କା ପ୍ରମୁଖ ସେମାନଙ୍କ ମତାମତ ରଖିଛନ୍ତି। ସେହିପରି ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ସରିତ କୁମାର ରାଉତ, ଅତିରିକ୍ତ ପ୍ରଫେସର, ଭାରତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସୁମନ ରଥ, କ୍ରେଡାଇର ଅଧ୍ୟକ୍ଷ ସୁଶାନ୍ତ କିଶୋର ଖୁଣ୍ଟିଆ ସେମାନଙ୍କ ମତାମତ ଉପସ୍ଥାପନ କରିଛନ୍ତି । ଏହି ଭର୍ଚୁଆଲ୍ ପ୍ରାକ୍ ବଜେଟ ଆଲୋଚନାରେ ଉପସ୍ଥିତ ବିଭାଗୀୟ ଅଧିକାରୀମାନେ ଓ ସେଣ୍ଟର ଅଫ୍ ଏକ୍ସଲେନ୍ସ ଇନ୍ ଫିସ୍‌କାଲ ପଲିସି ଆଣ୍ଡ ଟ୍ୟାକ୍ସେସନ୍‌ର ବିଶେଷଜ୍ଞମାନେ ସମସ୍ତ ଉପସ୍ଥିତ ଅତିଥିଙ୍କ ମତାମତକୁ ଲିପିବଦ୍ଧ କରିଛନ୍ତି । ଏହିସବୁ ମତାମତକୁ ଅନୁଧ୍ୟାନ କରି ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନିମନ୍ତେ ଶୀଘ୍ର ହସ୍ତାନ୍ତର କରିଦିଆଯିବ । ଆଗାମୀ ୨୦୨୦-୨୧ ବଜେଟ ପ୍ରସ୍ତୁତିରେ ଏହି ପରାମର୍ଶଗୁଡ଼ିକୁ ନିଶ୍ଚୟ ବିଚାର କରାଯିବ ବୋଲି ଅର୍ଥମନ୍ତ୍ରୀ ପୂଜାରୀ କହିଛନ୍ତି ।

## ଛାତ୍ରୀଙ୍କୁ ଅସଦାଚରଣ କରି ଯୁବକ ଜେଲ ଗଲେ

**ନୟାଗଡ ଅଫିସ,୮।୧**

ଛାତ୍ରୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ ନୂଆଗାଁ ଥାନା ପୋଲିସ କୋରଡା ଗାଁର ସୁଜିତ କୁମାର ସେଠୀ(୨୯)ଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଜାମିନ ନାମଞ୍ଜୁର ପରେ ସୁଜିତଙ୍କୁ ନୟାଗଡ ସବଜେଲକୁ ପଠାଯାଇଛି। ନୂଆଗାଁ ଥାନା ଅଞ୍ଚଳର ଜଣେ ୧୫ ବର୍ଷର ଛାତ୍ରୀ ଶୁକ୍ରବାର ଟିଉସନକୁ ଯାଉଥିଲେ। ହେଲେ ସୁଜିତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ଶିକ୍ଷକଙ୍କ ବାଇକ୍ ଯୋଗେ ଫେରିବା ପରେ ମଧ୍ୟ ଅଶ୍ଳୀଳ ଗାଳିଗୁଲଜ ସହ ଅସଦାଚରଣ କରିଥିଲେ। ଏ ନେଇ ଅଭିଯୋଗ ପରେ ପୋଲିସ ପୋକସ ଆକ୍ଟରେ ନଂ. ୫/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା।

## ହରିଣ ଛୁଆ ଉଦ୍ଧାର

**ବାଲିଆ, ୮।୧:** ବିଡ଼ିଡି ଥାନା ଅନ୍ତର୍ଗତ ଅଢଙ୍ଗ ନିକଟସ୍ଥ ତ୍ରିନାଥ ଗହିର ପାର୍ଶ୍ୱରୁ ଶୁକ୍ରବାର ଗୋଟିଏ ହରିଣ ଛୁଆକୁ ଉଦ୍ଧାର କରାଯାଇଛି। ନିକଟସ୍ଥ ମଧୁବଣରୁ ୨ଟି ହରିଣ ଓ ତାର ଛୁଆ ଆସି ଗହିର ପାର୍ଶ୍ୱରେ ଖେଳୁଥିଲେ। ଏହି ସମୟରେ ବୁଲା କୁକୁର ସେମାନଙ୍କୁ ଆକ୍ରମଣ କରିଥିଲେ। ଗୋଟିଏ ହରିଣ ଛୁଆ ବ୍ୟତୀତ ଅନ୍ୟମାନେ ଖସିଯିବାକୁ ସକ୍ଷମ ହୋଇଥିଲେ। ଏହି ସମୟରେ ନିକଟ ଆଖୁବିଲରେ କାମ କରୁଥିବା କେତେଜଣ ବ୍ୟକ୍ତି ଉକ୍ତ ହରିଣ ଛୁଆକୁ ଉଦ୍ଧାର କରି ବନବିଭାଗରେ ଖବର ଦେଇଥିଲେ। କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚିବା ପରେ ଉକ୍ତ ହରିଣଛୁଆର ସ୍ୱାସ୍ଥ୍ୟ ପରୀକ୍ଷା କରି ନିଜ ହେପାଜତରେ ରଖିଛନ୍ତି।

# ବନ୍ୟଜନ୍ତୁ, ପକ୍ଷୀ ପ୍ରେମରେ ପରିବାରର ୪ ସଦସ୍ୟ

**ପାରାଦୀପ, ୮।୧(ସ୍ୱ.ପ୍ର.)**

ବନ୍ୟପ୍ରାଣୀ ଓ ପକ୍ଷୀ ବହୁ ସମୟରେ ଶିକାରୀମାନଙ୍କ ଶିକାର ହେଉଥିବା ବେଳେ ସେମାନଙ୍କ ସୁରକ୍ଷା ପ୍ରତି ଲୋକେ ଯତ୍ନବାନ ହେଉନାହାନ୍ତି। ଏପରିସ୍ଥଳେ ଜଗତ୍‌ସିଂହପୁର ଜିଲାର ପାରାଦୀପର ଗୋଟିଏ ପରିବାରର ୪ ଜଣ ସଦସ୍ୟ ବନ୍ୟଜନ୍ତୁ ସଂରକ୍ଷଣ ଓ ପକ୍ଷୀଗଣନାରେ ସାମିଲ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। ପକ୍ଷୀଗଣନାରେ ଗୋଟିଏ ପରିବାରର ଏତେଜଣ ସଦସ୍ୟ ସାମିଲ ହେବା ରାଜ୍ୟରେ ପ୍ରଥମ ଘଟଣା ବୋଲି ରାଜନଗର ଡିଏଫ୍‌ଓ ବିକାଶ ରଞ୍ଜନ ଦାସ କହିଛନ୍ତି। କେନ୍ଦ୍ରାପଡା ଜିଲା ମହିପାଳ ଗ୍ରାମର ମଧୁସ୍ମିତ ପତି (୫୪), ସାନଭାଇ ବିରଜା ପ୍ରସାଦ ପତି(୫୦) ଏବଂ ମଧୁସ୍ମିତଙ୍କ ୨ ପୁଅ ଶାଶ୍ୱତ(୨୩)ସୌରଭ (୧୮) ଦୀର୍ଘବର୍ଷ ହେବ ବନ୍ୟପ୍ରାଣୀଙ୍କ ସେବାରେ ନିୟୋଜିତ ହୋଇଛନ୍ତି।

ମଧୁସ୍ମିତ ପିପିଏଲ୍ କମ୍ପାନୀ ପାରାଦୀପରେ ଚାକିରି କରୁଥିବାବେଳେ ଏପରି ସେବାରେ ନିୟୋଜିତ ହୋଇଥିଲେ। ୧୯୯୬ରେ ଏକ ଏନ୍‌ଜିଓ ନେଚର କ୍ଲବ ଗଠନ କରି ଭିତରକନିକା ଅଭୟାରଣ୍ୟରେ ବନ୍ୟଜନ୍ତୁ ସଂରକ୍ଷଣ ଉପରେ କାମ ଆରମ୍ଭ କରିଥିଲେ। ତାଙ୍କୁ ୨୦୧୧ରେ ପକ୍ଷୀ ଓ ଅଲିଭ ରିଡ୍‌ଲେ କଇଁଛ ଗଣନାରେ ସାମିଲ କରାଯାଇଥିଲା। ସେଦିନଠାରୁ ସେ ଏହି କାର୍ଯ୍ୟରେ ନିୟୋଜିତ ଅଛନ୍ତି। ବଡ଼ଭାଇଙ୍କ ଏପରି କାର୍ଯ୍ୟରେ ସାନଭାଇ ବିରଜା ଅନୁପ୍ରାଣିତ ହୋଇ ଉଚ୍ଚଶିକ୍ଷା (ବିଟେକ୍)ଛାଡି ଏଥିରେ ସାମିଲ ହୋଇଥିଲେ। ସେ ଏହି କାମରେ ଏତେ ମଜିଗଲେ ଯେ ଆଉ ସାଂସାରିକ ଜୀବନକୁ ଫେରିନାହାନ୍ତି। ଅବିବାହିତ ରହି ଘଞ୍ଚ ଜଙ୍ଗଲରେ ବନ୍ୟସଂରକ୍ଷଣ ଉପରେ କାମ କରୁଛନ୍ତି। ଏପରିକି ଜଙ୍ଗଲରେ ବିପଦରେ ପଡ଼ିଥିବା ଅନେକ ଜନ୍ତୁଙ୍କୁ ଉଦ୍ଧାର କରିଛନ୍ତି। ଅନେକ ସମୟରେ ବିଷଧର ସାପକୁ ଖାଲି ହାତରେ ଉଦ୍ଧାର କରି ଜଙ୍ଗଲରେ ଛାଡ଼ିଛନ୍ତି। ବାପା ଓ ଦାଦାଙ୍କ ଏଭଳି କାମ ଦେଖି ଶାଶ୍ୱତଙ୍କ ମଧ୍ୟ ଜଙ୍ଗଲ ନିଶା ଘାରିଥିଲା। ସେ ୧୩ ବର୍ଷରୁ ଜଙ୍ଗଲ ପ୍ରତି ଆକର୍ଷିତ ହୋଇଥିଲେ। ସ୍କୁଲ ଛୁଟି ସମୟରେ ଅଧିକାଂଶ ସମୟ ଜଙ୍ଗଲ କାଟି ଫଟୋ ଉଠାଉଥିଲେ। ବିଶେଷ କରି ପକ୍ଷୀଙ୍କ ସମ୍ପର୍କରେ ତାଙ୍କର ଅଧିକ ରୁଚି ଥିଲା। ସୁନ୍ଦରବନରେ ସେ ପକ୍ଷୀ ଓ ବାଘ ଫଟୋ ଉଠାଇ ବନ ବିଭାଗର ଦୃଷ୍ଟିଆକର୍ଷଣ କରିଥିଲେ। ୨୦୧୩ରୁ ତାଙ୍କୁ ପକ୍ଷୀ ଗଣନାରେ ସାମିଲ କରାଯାଇଛି। ତାଙ୍କର ଏହି କୃତିତ୍ୱ ଉଚ୍ଚଶିକ୍ଷା କ୍ଷେତ୍ରରେ ପାରଦର୍ଶିତା ଦେଇଛି। ବନ୍ୟଜନ୍ତୁ ସଂରକ୍ଷଣ ଉପରେ ସେ ଆମେରିକାର ଏ.ଆର୍. ୟୁନିଭରସିଟି କେମ୍ବ୍ରିଜ୍‌ରେ ଅଧ୍ୟୟନ କରୁଛନ୍ତି। ସେ ପକ୍ଷୀ ଓ ବାଘ ଉପରେ ବହୁ କ୍ଷୁଦ୍ର ଫିଲ୍ମ ନିର୍ମାଣ କରିଛନ୍ତି। ତାଙ୍କ ସାନଭାଇ ସୌରଭଙ୍କୁ ମଧ୍ୟ ବନ୍ୟପ୍ରାଣୀଙ୍କ ଫଟୋ ଉଠାଇବା ନିଶା ଘାରିଛି। ଜଣେ ପୋଖତ ଫଟୋଗ୍ରାଫର ଭଳି ଜଙ୍ଗଲରେ ଭିନ୍ନ ଭିନ୍ନ ପୋଷାକ ପିନ୍ଧି ପାଣି କାଦୁଅରେ ପଶି ଫଟୋ ଉଠାଇ ବେଶ୍ ଚର୍ଚ୍ଚିତ ହୋଇଛନ୍ତି। ଧରିତ୍ରୀ ସମେତ ଅନେକ ଗଣମାଧ୍ୟମରେ ତାଙ୍କର ଫଟୋ ଓ ଖବର ପ୍ରକାଶ ପାଇଛି। ସବୁଠାରୁ ବଡ଼କଥା ହେଲା ସେ ଉଡ଼ନ୍ତା ଚଢ଼େଇକୁ ଦେଖି ତା'ର ନାମ କହି ଦେଇପାରନ୍ତି। ତାଙ୍କୁ ମଧ୍ୟ ୪ ବର୍ଷ ହେଲା ପକ୍ଷୀଗଣନାରେ ସାମିଲ କରାଯାଇଛି। ପରିବାରର ଏହି ସଦସ୍ୟମାନେ ବନବିଭାଗ ଦ୍ୱାରା ଭିନ୍ନ ଭିନ୍ନ ସ୍ଥାନରେ ଗଣନା କରୁଛନ୍ତି।

ଏସମ୍ପର୍କରେ ମଧୁସ୍ମିତ ପତି କୁହନ୍ତି, ପୃଥିବୀର ସନ୍ତୁଳନ ରକ୍ଷା ପାଇଁ ସମସ୍ତ ଜୀବଜନ୍ତୁ ସହ ପ୍ରକୃତିର ସୁରକ୍ଷା ଅପରିହାର୍ଯ୍ୟ। ଏବେଠାରୁ ଆମେ ପ୍ରୟାସ ନ କଲେ ପୃଥିବୀ ଧ୍ୱଂସ ହୋଇଯିବାର ଆଶଙ୍କା ରହିଛି ।

ଜଙ୍ଗଲ ଓ ପରିବେଶ ବିଭାଗର ଆଞ୍ଚଳିକ ମୁଖ୍ୟ ସଂରକ୍ଷକ ମନୋଜ କୁମାର ମହାପାତ୍ର କୁହନ୍ତି, ମଧୁସ୍ମିତ ପରିବାର ସଦସ୍ୟଙ୍କ ଏପରି ଉଦ୍ୟମ ଆଗାମୀ ଯୁବପିଢ଼ୀଙ୍କ ପାଇଁ ଆଦର୍ଶ। ଡାକ୍ତର, ଇଞ୍ଜିନିୟର ହେବା ଅପେକ୍ଷା ବନ ସୁରକ୍ଷା ପାଇଁ ମନୋନିବେଶ କଲେ ପ୍ରକୃତିର ସୁରକ୍ଷା ହେବା ସହ ନିଜର ମଧ୍ୟ କ୍ୟାରିୟର ଗଢ଼ିହେବ।

### ବିଭିନ୍ନ ସ୍ଥାନରେ ପକ୍ଷୀଗଣନା କରୁଛନ୍ତି



ପରିବାର ସଦସ୍ୟଙ୍କ ସହ ମଧୁସ୍ମିତ ପତି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥିମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450

SHREE LAXMI UDYAG
Private Company ଦ୍ୱାରା ୭ଦିନ ମଧ୍ୟରେ ସମସ୍ତ ପ୍ରକାର Loan ଯୋଗାଇ ଦେଉଛି। ସୁଧ 5% ପର୍ସନାଲ ଲୋନ, ବ୍ୟବସାୟ, କୃଷି, ଗୃହ, ଶିକ୍ଷା ଓ ସମ୍ପତ୍ତି ଇତ୍ୟାଦି ୧ଲକ୍ଷ ଟଙ୍କାରୁ ୧କୋଟି ପର୍ଯ୍ୟନ୍ତ।
M - 9836232487
W - 8902779180

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ତେଲ ଉପରେ ଟିକସ ହ୍ରାସ ନେଇ ପ୍ରସ୍ତାବ

ବଜାର ବିଶେଷଜ୍ଞଙ୍କ ମୁତାବକ ଅଶୋଧିତ ତୈଳ ଦର ଆଗାମୀ ଦିନରେ ବ୍ୟାରେଲ ପିଛା ୫୮ ଡଲାରରୁ ଊର୍ଦ୍ଧ୍ୱ ହୋଇପାରେ। ଯଦି ଅନ୍ତର୍ଜାତୀୟ ସ୍ତରରେ ଦର ବୃଦ୍ଧି ଘଟେ,ତେବେ ଦେଶର ପେଟ୍ରୋଲ ଏବଂ ଡିଜେଲର ମୂଲ୍ୟ ମଧ୍ୟ ପ୍ରାୟ ୫ ରୁ ୬ ଟଙ୍କା ବୃଦ୍ଧି ହୋଇପାରେ। ଏ ନେଇ ପେଟ୍ରୋଲିୟମ ମନ୍ତ୍ରଣାଳୟ ପକ୍ଷରୁ କେନ୍ଦ୍ର ସରକାରଙ୍କୁ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ଟିକସ ହ୍ରାସ କରିବାକୁ ପ୍ରସ୍ତାବ ଦିଆଯାଇଛି।

### ସଂକ୍ଷେପରେ

## ଘରୋଇ ଉଡ଼ାଣ ଭଡ଼ା ଉପରେ ମାର୍ଚ୍ଚ ଯାଏ କଟକଣା

**ନୂଆଦିଲ୍ଲୀ,୮।୧:** ଦେଶ ମଧ୍ୟରେ ଉଡ଼ାଣ ଲାଗି ଭଡ଼ା ଉପରେ ସରକାର ବର୍ତ୍ତମାନ କେତେକ କଟକଣା ଲଗାଇଛନ୍ତି। ଫଳରେ ବିମାନ କମ୍ପାନୀଗୁଡିକ ନିଜ ମନମୁଖି କାର୍ଯ୍ୟ କରିବା ଉପରେ ଏହା ରୋକ୍ ଲଗାଉଛି। ଏହି ନିୟମକୁ ଚଳିତ ବର୍ଷ ମାର୍ଚ୍ଚ ଯାଏ ସରକାର ବଢ଼ାଇଛନ୍ତି। ମାତ୍ର ପୂର୍ବ ତୁଳନାରେ ନିୟମରେ କିଛିଟା ପରିବର୍ତ୍ତନ କରାଯାଇଛି। ପ୍ରଥମେ ନଭେମ୍ବର ୨୪ ଯାଏ ବିମାନ ଟିକେଟ ଭଡ଼ା ଉପରେ ସରକାର ନିୟନ୍ତ୍ରଣ ଜାରି କରିଥିଲେ। ଉଭୟ ଅପର ଏବଂ ଲୋୟର ଲିମିଟ ଲାଗି ଭଡ଼ାରେ ଏଭଳି ନିୟନ୍ତ୍ରଣ କରାଯାଇଥିଲା।

## ଜିନ୍ଦଲ ରୋଡ୍‌ମ୍ୟାପ ବିଷୟରେ ଅବଗତ ହେଲେ କେନ୍ଦ୍ରମନ୍ତ୍ରୀ

**ନୂଆଦିଲ୍ଲୀ,୮।୧:** ଆସନ୍ତା ୨୦୩୦ ସୁଦ୍ଧା ଜିନ୍ଦଲ ଷ୍ଟିଲ୍ ଏଣ୍ଡ୍ ପାୱାର ଲିମିଟେଡ (ଜେଏସପିଏଲ)ର ବାର୍ଷିକ ୫୦ ମିଲିୟନ ଟନ୍ ଇସ୍ପାତ ଉତ୍ପାଦନ କରିବା ଦିଗରେ ଥିବା ଯୋଜନା ଓ ରୋଡମ୍ୟାପ ଉପରେ ଶୁକ୍ରବାର ଜିନ୍ଦଲର ମୁଖ୍ୟ ନବୀନ ଜିନ୍ଦଲ ଏକ ଭିଡିଓ ଜରିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏ ସମ୍ପର୍କରେ ସବିଶେଷ ଅବଗତ କରାଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତ ଏବଂ ପୂର୍ବୋଦୟ ବିକାଶ ଅନୁସାରେ ଏହା ଆଗାମୀ ୨୦୩୦ ସୁଦ୍ଧା ବାର୍ଷିକ ୩୦୦ ମିଲିୟନ ଟନ ଇସ୍ପାତ୍ ଉତ୍ପାଦନ କରିବା ଦିଗରେ କମ୍ପାନୀର ରଣନୈତିକ ଯୋଜନା ପ୍ରସ୍ତୁତ ନେଇ କେନ୍ଦ୍ରମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଧାନ କହିଛନ୍ତି ଯେ, ୨୦୩୦ ସୁଦ୍ଧା ଜିନ୍ଦଲ ଜାତୀୟ ଇସ୍ପାତ ଉତ୍ପାଦନ ଲକ୍ଷ୍ୟର ବାର୍ଷିକ ୫୦ ମିଲିୟନ ଟନ ଇସ୍ପାତ୍ ଉତ୍ପାଦନ କରିବା ପାଇଁ ଆଗକୁ ବଢୁଥିବା ବେଳେ ଏହା ପରିବେଶ ସହଯୋଗୀ ସବୁଜ ଇସ୍ପାତ ଉତ୍ପାଦନ କରିବାର ଲକ୍ଷ୍ୟ ମଧ୍ୟ ରଖିଛି। ଏହି ପରିପ୍ରେକ୍ଷୀରେ ସେ ଜିନ୍ଦଲର ଟିମ୍‌କୁ ଲୋ ଗ୍ରେଡ୍ ଫାଇନ ସହ ଅଧିକ ଭାଲ୍ୟୁ ଆଡ଼ିସନ ଏବଂ ଖଣି କ୍ଷମତା ବୃଦ୍ଧି ଓ ପୁଞ୍ଜି ତଥା ଆନୁଷଙ୍ଗିକ ଷ୍ଟିଲ୍ କ୍ଲଷ୍ଟରର ବିକାଶକୁ ସୁଗମ କରିବା ନେଇ ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ।

# ନିବେଶକଙ୍କ ଲାଭ ୨.୪୬ ଲକ୍ଷ କୋଟି

**ନୂଆଦିଲ୍ଲୀ,୮।୧**



ଶୁକ୍ରବାର ଭାରତୀୟ ପୁଞ୍ଜିବଜାରରେ ଭଲ କାରବାର ପରିଲକ୍ଷିତ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୬୮୯ ପଏଣ୍ଟ ବଢିଥିବା ନଜରକୁ ଆସିଛି। ପ୍ରାୟ ୨ ଦିନ ଶେୟାର ବଜାର ଖସିବା ପରେ ୩୦ ଶେୟାର ବିଶିଷ୍ଟ ସେନ୍‌ସେକ୍ସ ୬୮୯.୯୧ ପଏଣ୍ଟ(୧.୪୩%) ଊର୍ଦ୍ଧ୍ୱରେ ରହି ୪୮,୭୮୨.୫୧ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୪୮,୮୫୪.୩୪ ପଏଣ୍ଟ ସ୍ତର ଛୁଇଁଥିଲା। ଏହା ସର୍ବକାଳୀନ ରେକର୍ଡ ସ୍ତର। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି କାରବାର ବେଶ୍ ଉନ୍ନତ ରହିଥିବା ଜଣାପଡିଛି। ନିଫ୍ଟି ୨୦୯.୯୦ ପଏଣ୍ଟ (୧.୪୮%) ଉଚ୍ଚରେ ରହିବା ଫଳରେ ୧୪,୩୪୭.୨୫ ପଏଣ୍ଟ ସହ ନୂଆ ରେକର୍ଡ ସ୍ତରରେ ବନ୍ଦ ହୋଇଛି। ଏହା ଦିନ ମଧ୍ୟରେ ସର୍ବକାଳୀନ ରେକର୍ଡ ୧୪,୩୬୭.୩୦ ପଏଣ୍ଟ ଛୁଇଁଥିଲା। ବଜାରରେ ଏଭଳି ଦ୍ରୁତ ବୃଦ୍ଧି ଯୋଗୁ ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜିକରଣ ୨.୪୬ ଲକ୍ଷ କୋଟି ଟଙ୍କା ବଢ଼ି ୧୯୫.୬୪ ଲକ୍ଷ କୋଟି ଟଙ୍କା ଛୁଇଁଛି। ସେନ୍‌ସେକ୍ସ କମ୍ପାନୀଙ୍କ ମଧ୍ୟରେ ମାରୁତି ସୁଜୁକିର କାରବାର ବେଶ୍ ଉନ୍ନତ ରହିଛି। ଟେକ୍ ମହିନ୍ଦ୍ରା, ଇନ୍‌ଫୋସିସ୍, ଅଲ୍‌ଟ୍ରାଟେକ ସିମେଣ୍ଟ, ପାୱାର ଗ୍ରୀଡ୍, ଏନ୍‌ଟିପିସିର ଶେୟାର ଭଲ କାରବାର କରିଛି। ଅପରପକ୍ଷରେ ଇଣ୍ଡସ ଇଣ୍ଡ ବ୍ୟାଙ୍କ, ଭାରତୀ ଏୟାରଟେଲ, ଏସ୍‌ବିଆଇ, ଆଇଟିସି ଏବଂ ଏଚ୍‌ଡିଏଫ୍‌ସିର ଶେୟାର କାରବାର ଖସିଛି। ଆମେରିକା ରାଷ୍ଟ୍ରପତି ନିର୍ବାଚନରେ ବାଇଡେନଙ୍କ ବିଜୟ ଏବଂ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ ପ୍ୟାକେଜ ଆଶାରେ ଶେୟାର ବଜାର କାରବାର ଭଲ ରହିଛି। ଏସିଆର ଅନ୍ୟ ଶେୟାର ବଜାରଗୁଡିକ ମଧ୍ୟ ଭଲ କାରବାର କରିଛନ୍ତି।

## ନ୍ୟାଶନାଲ ୟୁଥ ପାର୍ଲାମେଣ୍ଟର ବଜେଟ ଆଲୋଚନା

**ନୂଆଦିଲ୍ଲୀ,୮।୧**



ନ୍ୟାଶନାଲ ୟୁଥ୍ ପାର୍ଲାମେଣ୍ଟ ଅର୍ଗାନାଇଜେଶନ(ଏନ୍‌ୱାଇପିଓ) ପକ୍ଷରୁ ସାରା ଦେଶରେ ୨ ଦିନବ୍ୟାପୀ ନ୍ୟାଶନାଲ ୟୁଥ୍ ପାର୍ଲାମେଣ୍ଟ ଭର୍ଚୁଆଲ ଭାବେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫୦ରୁ ଊର୍ଦ୍ଧ୍ୱ ଯୁବ ପ୍ରତିନିଧି ଯୋଗଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଶୁଭାରମ୍ଭ କରିଥିଲେ। ଏନ୍‌ୱାଇପିଓ ପକ୍ଷରୁ ଗ୍ରହଣ କରାଯାଇଥିବା ଏଭଳି କାର୍ଯ୍ୟକ୍ରମକୁ ବିର୍ଲା ପ୍ରଶଂସା କରିଛନ୍ତି। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ସଭାପତି କାର୍ତ୍ତିକେୟ ଗୋୟଲ ଏହି ଅବସରରେ ଅନୁଷ୍ଠିତ ବଜେଟ ଆଲୋଚନାରେ ଅଧ୍ୟକ୍ଷତା କରିଥିଲେ। ସେ କହିଛନ୍ତି, କରୋନା ମହାମାରୀ ଘରୋଇ ବଜାରକୁ ଗଭୀର ଭାବେ ପ୍ରଭାବିତ କରିଛି। ଏଭଳି ସମୟରେ ଆସିଥିବା ବଜେଟ ଅନେକ ଗୁରୁତ୍ୱ ବହନ କରେ। ସମାଜର ସବୁ ବର୍ଗ ଯେଭଳି ଏହାଦ୍ୱାରା ଲାଭବାନ ହେବେ ସେ ଦିଗକୁ ସରକାର ପ୍ରାଥମିକତା ଦେବାର ଆବଶ୍ୟକତା ରହିଛି। ନିଯୁକ୍ତି ସୃଷ୍ଟି, ଦାରିଦ୍ର୍ୟ ଏବଂ କ୍ଷୁଧା ହ୍ରାସ କରିବା ଉପରେ ବଜେଟରେ ଫୋକସ ଦିଆଯିବା ଆବଶ୍ୟକ। ସେହିଭଳି ଯୁବବର୍ଗଙ୍କ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୃଷ୍ଟି ଉପରେ ସରକାର ଧ୍ୟାନ ଦିଅନ୍ତୁ ବୋଲି ସେ ନିବେଦନ କରିଛନ୍ତି। ଏହା ହୋଇପାରିଲେ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ଦିଗରେ ସହାୟକ ହୋଇପାରିବ। କାର୍ଯ୍ୟକ୍ରମରେ ସାରା ଦେଶରୁ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ଅର୍ଥ ବ୍ୟବସ୍ଥାର ସ୍ଥିତିକୁ ନେଇ ଏକ ପଲିସି ଡକ୍ୟୁମେଣ୍ଟ ଉନ୍ମୋଚନ କରାଯାଇଥିଲା।

## କେୟାର ହସ୍ପିଟାଲରେ କ୍ରୀଡ଼ା ଆଘାତ, ପୁନର୍ବାସ ବିଭାଗ




**ଭୁବନେଶ୍ୱର,୮।୧**

କେୟାର ହସ୍ପିଟାଲରେ ନୂଆ କ୍ରୀଡ଼ା ଆଘାତ ଏବଂ ପୁନର୍ବାସ ବିଭାଗ ଶୁଭାରମ୍ଭ ହୋଇଛି। ନୂଆ ଫାସିଲିଟିକୁ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ, ପଦ୍ମଶ୍ରୀ ଦିଲୀପ ତିର୍କୀ, ପୂର୍ବତନ କ୍ରିକେଟର ଦେବାଶିଷ ମହାନ୍ତି, କେୟାର ହସ୍ପିଟାଲ ଗ୍ରୁପ୍ ସିଇଓ ଜଶଦୀପ ସିଂ ଏବଂ ହସ୍ପିଟାଲର ସିଓଓ ଗୁରିତ କୌର ସେଠୀ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଦାସ କହିଛନ୍ତି, ଓଡ଼ିଶାର ଖେଳାଳି ଏବଂ ସାଧାରଣ ଲୋକମାନେ ନୂତନ କେନ୍ଦ୍ର ଦ୍ୱାରା ଉପକୃତ ହୋଇପାରିବେ। କ୍ରୀଡ଼ାବିତଙ୍କ ଆତ୍ମବିଶ୍ୱାସ ବଢ଼ାଇବା ଦିଗରେ ଏହା ଯୋଗଦାନ ରଖିପାରିବ। କ୍ରୀଡ଼ା ସହ ଜଡିତ ହେବା ଏବଂ ସାଧାରଣ ଜନତାଙ୍କୁ ସୁସ୍ଥ ରଖିବାରେ ଏହା ସହାୟକ ହୋଇପାରିବ। ଏହି ଅନ୍ତର୍ଜାତୀୟ ସ୍ତରର ଚିକିତ୍ସା ସୁବିଧା ଲାଗି ସେ କେୟାର ହସ୍ପିଟାଲକୁ ଅଭିନନ୍ଦନ ଜଣାଇଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦିଲୀପ ତିର୍କୀ କହିଛନ୍ତି, ରାଜ୍ୟ ସରକାରଙ୍କ ଉଦ୍ୟମ ଯୋଗୁ ଓଡ଼ିଶା ବର୍ତ୍ତମାନ ସ୍ପୋର୍ଟସ କ୍ୟାପିଟାଲ ଅଫ୍ ଇଣ୍ଡିଆ ଭାବେ ଲୋକପ୍ରିୟତା ହାସଲ କରିଛି। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଦେବାଶିଷ ମହାନ୍ତି କହିଛନ୍ତି, ଏହି କେନ୍ଦ୍ର ଓଡ଼ିଶା ଏବଂ ପୂର୍ବ ଭାରତରେ ପ୍ରଥମ। ଏହି ନୂଆ ସୁବିଧା ଦ୍ୱାରା କ୍ରୀଡ଼ାର ଉନ୍ନତି ଏବଂ ଆଘାତପ୍ରାପ୍ତ ଖେଳାଳି ବିଶ୍ୱସ୍ତରୀୟ ସେବା ଯୋଗାଇଦେବାରେ ସହାୟକ ହେବ। ସମୟର ଆବଶ୍ୟକତାକୁ ଧ୍ୟାନରେ ରଖି କେୟାର ହସ୍ପିଟାଲ ଭୁବନେଶ୍ୱର ଆଥଲେଟ୍ସ, କ୍ରୀଡ଼ା କର୍ମକର୍ତ୍ତା ଏବଂ ସାଧାରଣ ଜନତାଙ୍କ ପାଇଁ କ୍ରୀଡ଼ା ଆଘାତ ଏବଂ ପୁନର୍ବାସ ବିଭାଗ ଆରମ୍ଭ କରିବାକୁ ଆଗେଇ ଆସିଛି ବୋଲି ଗ୍ରୁପ୍ ସିଇଓ ଜଶଦୀପ ସିଂ କହିଛନ୍ତି।

## ପଲିସି ପୁନଃ ଚାଲୁ କରିବା ଲାଗି ଏଲ୍‌ଆଇସିର ପଦକ୍ଷେପ

**ଭୁବନେଶ୍ୱର,୮।୧:**

ବନ୍ଦ ହୋଇଯାଇଥିବା(ଲାପ୍ସ) ପଲିସିକୁ ପୁଣି ଥରେ ଚାଲୁ କରିବା ଲାଗି ଭାରତୀୟ ଜୀବନ ବୀମା ନିଗମ ପକ୍ଷରୁ ଏହାର ଗ୍ରାହକଙ୍କ ଲାଗି ନୂଆ ପଦକ୍ଷେପ ଘୋଷଣା କରାଯାଇଛି। ଏଥିଲାଗି କମ୍ପାନୀ ପକ୍ଷରୁ ସ୍ୱତନ୍ତ୍ର ରିଭାଇଭାଲ କ୍ୟାମ୍ପେନ ଆରମ୍ଭ କରାଯାଇଛି। ଏହାର ଅବଧି ଚଳିତ ବର୍ଷ ମାର୍ଚ୍ଚ ୬ ଯାଏ ରହିବ। ଅର୍ଥାତ୍ ଏହି ଅବଧି ମଧ୍ୟରେ ଲୋକମାନେ ଲାପ୍ସ ପଲିସିକୁ ପୁନରୁଦ୍ଧାର କରିବାର ସୁଯୋଗ ପାଇ ପାରିବେ। କମ୍ପାନୀର ଅଧିକୃତ ୧୫୨୬ ସାଟେଲାଇଟ ଅଫିସରେ ଏଭଳି ସୁବିଧା ମିଳିପାରିବ। କୌଣସି କାରଣବଶତଃ ପ୍ରିମିୟମ ଦେଇପାରି ନ ଥିଲେ ଯଦି ପଲିସି ଲାପ୍ସ ହୋଇଯାଇଥାଏ ତେବେ ଉକ୍ତ କ୍ଷେତ୍ରରେ ପଲିସିକୁ ପୁଣି ଥରେ ଚାଲୁ କରାଯାଇପାରିବ। ଏହାର ସୁବିଧା ନେଇ ଇନ୍ସ୍ୟୁରାନ୍ସ କଭର ନେବାକୁ କମ୍ପାନୀ ପକ୍ଷରୁ ଲୋକଙ୍କୁ ନିବେଦନ କରାଯାଇଛି। କମ୍ପାନୀ ପଲିସିଧାରୀଙ୍କୁ ଭାଲ୍ୟୁ ପ୍ରଦାନ କରୁଛି। ଏଣୁ ଲୋକଙ୍କ ପଲିସି ଯେଭଳି ଚାଲୁ ରହିବ ତାକୁ ଧ୍ୟାନରେ ରଖି ଏଭଳି ପଦକ୍ଷେପ ନିଆଯାଇଥିବା ଏହା ସୂଚନା ଦେଇଛି। ଏଭଳି ପଦକ୍ଷେପ ଦ୍ୱାରା ପଲିସିଧାରୀ ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ଦେଇପାରିବେ। ସୂଚନାଯୋଗ୍ୟ, ଏଲ୍‌ଆଇସି ବର୍ତ୍ତମାନ ୩୦ କୋଟି ପଲିସି ଦ୍ୱାରା ସେବା ଯୋଗାଉଛି।

## ପ୍ରଫେସର ଘନଶ୍ୟାମ ଦାସ ଛାତ୍ରବୃତ୍ତି ଘୋଷଣା

**ଭୁବନେଶ୍ୱର,୮।୧**

ଇମ୍ପାର ସିଏସ୍‌ଆର୍ ୱିଙ୍ଗ୍ ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ପ୍ରଫେସର ଘନଶ୍ୟାମ ଦାସ ଛାତ୍ରବୃତ୍ତିର ୧୫ତମ ସଂସ୍କରଣ ସମ୍ପର୍କରେ ଘୋଷଣା କରାଯାଇଛି। ୨୦୧୯-୨୦ ବର୍ଷ ଲାଗି ୬ ମେଧାବୀ ଛାତ୍ର ଏହି ସ୍କଲାରଶିପ ଲାଭ କରିଛନ୍ତି। ଏହି ଛାତ୍ରୀଛାତ୍ରମାନେ ଡିଗ୍ରୀ କୋର୍ସ କରୁଥିବା ବେଳେ ଏକାଡେମିକ ଫି' ଏବଂ ଅନ୍ୟ ଆନୁଷଙ୍ଗିକ ଖର୍ଚ୍ଚର ପ୍ରାୟ ୯୦% ଅର୍ଥ ଲାଭ କରିବେ। ମେଧାବୀ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଐଶା ରାଏ, ମୋନାଲିସା ପଣ୍ଡା, ଗଣେଶ ଚୌଧୁରୀ, ଭବାନୀ ଶଙ୍କର ମୁର୍ମୁ, ପ୍ରଦୀପ୍ତ ସୁନ୍ଦର ଦାସ ଏବଂ ପ୍ରଭାତ କୁମାର ସାହୁ ରହିଛନ୍ତି। ଗଣେଶ ଏବଂ ଭବାନୀ ଏସ୍‌ସିବି ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଛନ୍ତି। ପ୍ରଭାତ ଏବଂ ପ୍ରଦୀପ୍ତ ଏନ୍‌ଆଇଟି,ରାଉରକେଲାରେ ବି.ଟେକ୍ ପଢୁଛନ୍ତି। ସେହିଭଳି ମୋନାଲିସା ଏବଂ ଐଶା ଯଥାକ୍ରମେ ଆଇଆଇଟି ଏବଂ ବନାରସ ହିନ୍ଦୁ ୟୁନିଭର୍ସିଟିରେ ବି.ଟେକ୍ ପଢୁଛନ୍ତି। ଭର୍ଚୁଆଲ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସ୍କଲାରଶିପ ପ୍ରଦାନ କରାଯାଇଛି। ଏହି ଅବସରରେ ବିଆଇପିଏଫ୍‌ର ସିଇଓ ସୈଫାଳିକା ପଣ୍ଡା, ନିର୍ଦ୍ଦେଶକ ଜେ.କେ.ମିଶ୍ର, ସିଏଫ୍‌ଓ ପ୍ରେମ ଖଣ୍ଡେଲୱାଲ, ଇଭିପି ଟି.ସି. ହୋତା ପ୍ରମୁଖ ଉପସ୍ଥିତ ଥିଲେ।

## ଏମ୍‌ଇସିଏଲ୍-ଓଏମ୍‌ଇସିଏଲ୍ ମଧ୍ୟରେ ବୁଝାମଣାପତ୍ର



**ଭୁବନେଶ୍ୱର,୮।୧**

ଓଡ଼ିଶା ଖଣିଜ ଉତ୍ତୋଳନ ନିଗମ(ଓଏମ୍‌ଇସିଏଲ୍) ଏବଂ ଖଣିଜ ଉତ୍ତୋଳନ ନିଗମ ଲିମିଟେଡ୍(ଏମ୍‌ଇସିଏଲ୍) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏଭଳି ପଦକ୍ଷେପ ଦ୍ୱାରା ଓଏମ୍‌ଇସିଏଲ୍ ପାଇ ଏମ୍‌ଇସିଏଲ୍ ଖଣିଜ ଉତ୍ତୋଳନ କରିବ। ଏହାଦ୍ୱାରା ରାଜ୍ୟରେ ଥିବା ଖଣିଜ ସମ୍ପଦର ଉତ୍ତୋଳନ ଏବଂ ବିନିଯୋଗର ଦକ୍ଷତା ବଢିବା ନେଇ ଆଶା କରାଯାଉଛି। ଏହା ଖଣିଜ ପଦାର୍ଥର ସର୍ଭେ ଏବଂ ଖନନରେ ସହାୟକ ହେବ ବୋଲି କୁହାଯାଇଛି। ଏମ୍‌ଇସିଏଲ୍ ସିଏମ୍‌ଡି ରଞ୍ଜିତ ରଥ ଏବଂ ଓଏମ୍‌ଇସିଏଲ୍‌ର ଏମ୍‌ଡି ଭିନିଲ କ୍ରିଷ୍ଣାଙ୍କ ମଧ୍ୟରେ ଏହି ଚୁକ୍ତି ହୋଇଛି। କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ଖଣି ମନ୍ତ୍ରୀ ପ୍ରହ୍ଲାଦ ଯୋଷୀ, ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୁଖ୍ୟ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ଖଣି ସଚିବ ସୁରେନ୍ଦ୍ର କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଅଧିକରୁ ଅଧିକ ଖଣିଜ ବ୍ଲକ୍ ସନ୍ଧାନ ଏବଂ ଉତ୍ତୋଳନ ଲାଗି ଓଏମ୍‌ଇସିଏଲ୍ ସହ ମିଳିତ ହୋଇ କାମ କରିବାକୁ ଏଭଳି ଚୁକ୍ତି ସହାୟକ ହେବ ବୋଲି ଏମ୍‌ଇସିଏଲ୍ ଏମ୍‌ଡି ରଞ୍ଜିତ ରଥ କହିଛନ୍ତି।

## ଏସ୍‌ବିଆଇ ପକ୍ଷରୁ ଋଣମେଳା




**ଭୁବନେଶ୍ୱର,୮।୧**

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ର କେନ୍ଦୁଝରସ୍ଥିତ ନାଳପଙ୍ଗା ଶାଖା ପକ୍ଷରୁ ବୁଧବାର ଏକ ସ୍ୱୟଂ ସହାୟକ ଗୋଷ୍ଠୀ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦୁଝର ଜିଲାପାଳ ଆଶିଷ ଠାକ୍‌ରେ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ମାଝି, ଏସ୍‌ବିଆଇ'ର ସିଜିଏମ୍ ରୁମା ଦେ, ଜେନେରାଲ ମ୍ୟାନେଜର ସି.ଏଲ୍.ଏନ୍ ଚାରୁଲତ୍ତୁ, ଡେପୁଟି ଜେନେରାଲ ମ୍ୟାନେଜର କୁନ୍ଦନ ଜ୍ୟୋତି, ରିଜିଓନାଲ ମ୍ୟାନେଜର ମନୋରଞ୍ଜନ ସାମଲ, ଡିଡିଏମ୍ ଓଁପ୍ରକାଶ ରଥ, ଡିପିଏମ୍ ସପନ ଗୋସ୍ୱାମୀ,ଏଲ୍‌ଡିଏମ୍ ରବି ନାରାୟଣ ମହାଳିକ ଏବଂ ବିଡିଓ ସୁବ୍ରତ ଜେନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ। ମେଳା ଜରିଆରେ ମୋଟ ୯୧.୮୦ ଲକ୍ଷ ଟଙ୍କାର ଋଣ ରାଶି ସହ ସ୍ୱୀକୃତି ପତ୍ର ମଧ୍ୟ ସ୍ଥାନୀୟ ଅଞ୍ଚଳର ସମସ୍ତ ଏସ୍‌ଏସ୍‌ଜିଙ୍କୁ ବଣ୍ଟନ କରାଯାଇଥିଲା। ସେହିଭଳି ସ୍ଥାନୀୟ ଜଂଘିରା ଶାଖା ଦ୍ୱାରା ୨ଟି ଗ୍ରାମୀଣ ଶୀତଳ ଭଣ୍ଡାରର ମଧ୍ୟ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ବ୍ୟାଙ୍କ କର୍ପୋରେଟ ସାମାଜିକ ଦାୟିତ୍ୱ ଅନ୍ତର୍ଗତ ଜରିଆରେ ୫ଟି ହୁଇଲ ଚେୟାର ଦିବ୍ୟାଙ୍ଗମାନଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ପଦ୍ମପୁର ଶାଖା ଜରିଆରେ ୨୯ଜଣ ଦୁଗ୍ଧଚାଷୀଙ୍କୁ ଋଣ ପ୍ରଦାନ କରାଯାଇଥିଲା।

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS CIRCLE, CUTTACK**
email: serw_ctc@yahoo.com

No.:- Tender Online RWC: 01-2021 Date 06.01.2021
No. O-865:-

**e-Procurement NOTICE**

1. Name of the work:- Construction of Road works.
2. Class of contractor
   a) Estimated cost more than Rs.3.00 Crore & upto Rs.6.00 Crores — a) A Class & Special Class (of Odisha PWD) relevant class of other licensing authority.
   b) Estimated cost more than Rs.40.00 lakhs & upto Rs.3.00 Coreres — b) B Class & A Class (of Odisha PWD) relevant class of other licensing authority
3. Time for completion : Noted against the work as per Annexure
4. Summary for key dates is provided below:

| Procurement Officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Cuttack. | Tender Online RWC 01-21 | 12.01.2021 at 11 A.M. | 27.01.2021 up to 5.00 P.M | 25.01.2021 up to 2.00 P.M. | 28.01.2021 at 11.00 A.M. | Will be intimated later. |

Further details can be seen from the website www.tendersorissa.gov.in for Non-PMGSY works
OIPR-25097/11/0011/2021 Sd./- Superintending Engineer, Rural Works Circle, Cuttack

**ODISHA HYDRO POWER CORPORATION LTD**
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
**OFFICE OF THE SR. GENERAL MANAGER (EL.)**
CHIPLIMA HYDRO ELECTRIC PROJECT, CHIPLIMA
AT/PO – CHIPLIMA, VIA-C.A. CHIPLIMA– 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661, Email-hpschiplima@yahoo.in, Fax No. (0663) 2460505

CAD–1043
No.-CHEP/TW-14 (Vol.-V)/118 Date: 07.01.2021

**TENDER CALL NOTICE NO.-CHEP-33/2020-21**

Sealed tenders are invited in two parts i.e. (i) Techno Commercial Bid & (ii) Price Bid from the registered Security Agencies having **valid license** & fulfilling the eligibility criteria as per the Tender Specification for the work as mentioned below;

| Sl. No. | Description of Services | Cost of Tender Paper (Non-refundable) in Rs. | EMD in shape of DD/BC only (Refundable) in Rs. | Period of Availability of Tender at OHPC website | Last Date & Time of Receipt of Tender | Date & Time of Opening of Techno Commercial Bid |
|---|---|---|---|---|---|---|
| 1 | Providing Security Services for Watch & Ward Activities of CHEP, Chiplima | 11,800/- (10,000/- + GST @18%) | 1,96,600/- | From 10:30AM of 11.01.2021 up to 12:30PM of 28.01.2021 | Up to 01:30 PM of 28.01.2021 | At 03:30 PM of 28.01.2021 |

For details of the tender documents, terms & conditions please visit our website www.ohpcltd.com w.e.f. **10:30 AM of dtd.11.01.2021**.
OIPR–04006/11/0030/2021 Sd/- Unit Head, CHEP, Chiplima

**ODISHA LIFT IRRIGATION CORPORATION LIMITED**
(A Government of Odisha Undertaking)
**OFFICE OF THE EXECUTIVE ENGINEER, L.I. DIVISION, BHUBANESWAR**
e-Mail: eeolicdivn.bbsr@ymail.com Tel. 0674-2391847

**e-Procurement Notice**

**Bid Identification No. 50 / 2020-21** **Dt. 06.01.2021**

**No. CAD-1043:- The Executive Engineer, Lift Irrigation Division, Bhubaneswar** on behalf of ODISHA LIFT IRRIGATION CORPORATION LIMITED, BHUBANESWAR invites Percentage Rate bids in online mode for installation of Medium Deep Tube Wells including supply of materials in complete shape from reputed Contractors/Firms with valid license within the State issued by P.W.D./R.W.S.S./P.H.E.D./Irrigation/M.I. Dept. having their Mud Rotary/ Combination Rig and in the profession of Ground Water Exploration , Drilling and Installation of Medium Deep Tube Wells( Approximate up to 100 Mtr Depth). The proof of registration from the appropriate authority shall be enclosed along with the Bid.
**Details of Works :-**

| Pkg No. | Name of the Dist. | Name of work | Estimated cost (In Rs.) | EMD to be deposited (in Rs.) | Cost of tender paper (in Rs.) | Class of Contractor | Completion Period |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Khordha & Puri | Drilling and installation of 13 Nos of 200 mm dia Medium Deep Tube Well at different locations of Khordha & Puri districts | 4893589 | 48935 | 6000/- + 5% GST on reverse charge basis Vide Challan No.21AAAC05986G1ZF of OLIC | Civil B & A licence | 30 days |

**1. Date & time of publishing:- 15.01.2021 at 10.00 A.M.; 2. Date of seeking clarification:- Up to 22.01.2021 (10 AM to 5 PM); 3. Closing date and time :- 25.01.2021 at 5.00 P.M. 4. Opening date & time:- 27.01.2021 at 11.00 A.M.**
The details of tender are available in the Government tender website i.e. www.tendersorissa.gov.in. and other related documents are available in the DTCN for bidding. Any Addendum/ Corrigendum/ Cancellation of tender will be available in the said website.
**OIPR-32155/11/0029/2021** **Sd./- Executive Engineer, L.I. Division, Bhubaneswar**

**OFFICE OF THE EXECUTIVE ENGINEER**
**CUTTACK (R&B) DIVISION NO.I, CUTTACK**
E-mail ID- eepwdcuttack@gmail.com; Tel/Fax No. (0671) 2304128

**OFFICE ORDER**

No. B-617:- Tender for the work **"Pilgrim Amenities and Community Centre at Mount House Church, Chandi Chhak, Cuttack such as construction of Community Hall for the year 2020-21 (Civil & E.I.)"** invited vide this office Bid Identification No. E.E. CTC(R&B)-17 of 2020-21 is hereby cancelled due to non response Bid.
**Sd./- (Er. P.K. Majhi), Executive Engineer,**
OIPR-34091/11/0010/2021 **Cuttack (R&B) Division No.I**

**DISTRICT RURAL DEVELOPMENT AGENCY, DHENKANAL**
**Notice No. XIII-36-2020/117/DRDA/Dt.07.01.2021**

**Empanelment of Manpower Agencies/Service Providers**

No. CAD-1049:- Sealed tenders are invited from reputed Manpower Agencies/Service Providers to provide the services of manpower for various purposes as required by the Govt. in PR & DW Department, Odisha, Bhubaneswar from time to time in DRDA, Dhenkanal and its subordinate offices for a period of one year on contractual basis for day to day official works. For details please visit our website in www.dhenkanal.nic.in.
Last date of receipt of Sealed Bid is on **25.01.2021** to **5.30 PM** through Regsitered/Speed Post only.
Opening of Bid papers is on **dt. 27.01.2021** at **5.00 PM** at DRDA, Dhenkanal
OIPR-19092/11/0001/2021 **Sd./- Collector, Dhenkanal**

**OFFICE OF THE MUNICIPAL COUNCIL, TITILAGARH**
No.108/Dated 08.01.2021

**"e"-Tender Notice**

**BID Identification No.MUN-TIG No.002/2020-21**

Bid documents consisting of work, Estimated cost, Cost of tender paper, EMD, Time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. https://tendersodisha.gov.in

1. Name of the work : Civil construction works as mentioned in website.
2. No. of works : 19 Nos.
3. Estimated cost : 0.91 lakhs to 15.87 lakhs
4. Period of completion : 60-90 days
5. Date & time of availability of bid documents in the portal : From 12.01.2021, 11.00 A.M. to 25.01.2021, 5.00 P.M.
6. Last date & time for receipt of bids in the portal : On 25.01.2021 at 5.00 P.M.
7. Last date & time for deposit of fees & documents (in sealed envelope) at Office : On 27.01.2021 at 12.00 P.M.
8. Bids received online shall be opened on : On 28.01.2021 at 11.00 A.M.
9. Name and address of the officer inviting bid : Executive Officer, Titilagarh Municipality.

Further details can be seen from the procurement portal i.e. **https://tendersodisha.gov.in**
**Sd./- Executive Officer**
**Titilagarh Municipality**

# ଖୋଲିଲା ପାଠଶାଳା

**ମହାମାରୀ କରୋନା ସଂକ୍ରମଣ ଯୋଗୁ ଗତବର୍ଷ ମାର୍ଚ୍ଚ ମାସରୁ ଶିକ୍ଷାୟତନରେ ପାଠପଢ଼ା ବନ୍ଦ କରିଦିଆଯାଇଥିଲା। ପିଲାମାନେ ସ୍କୁଲ, କଲେଜକୁ ନ ଆସି ଅନ୍‌ଲାଇନ୍‌ରେ ପାଠ ପଢୁଥିଲେ। ଦୀର୍ଘ ୯ ମାସ ପରେ କୋଭିଡ୍ କଟକଣା ନିୟମ ଅନୁସାରେ ଖୋଲିଲା ପାଠଶାଳା। ଆସିଲେ ଦଶମ ଓ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ର। ଆରମ୍ଭ ହେଲା ପାଠପଢ଼ା। ଏ ସମ୍ପର୍କରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଯାହା କୁହନ୍ତି...**

### ପିଲାଙ୍କୁ ପାଇ ସ୍କୁଲ ପରିବେଶ ବଦଳିଯାଇଛି



ସରକାରଙ୍କ ଏସ୍‌ଓପି ପାଳନ କରାଯାଇ ସ୍କୁଲ ଖୋଲାଯାଇଛି। ପିଲାଙ୍କ ପାଇଁ ସ୍ୱତନ୍ତ୍ର ସିଟ୍ ଆଲଟ୍ କରାଯିବା ସହ ରୁଟିନ ଅନୁଯାୟୀ ୬ଟି ପିରିୟଡ୍‌ରେ ପାଠପଢ଼ା ଯାଉଛି। ଶିକ୍ଷକମାନେ କଡ଼ା ନଜର ରଖୁଥିବାରୁ ପିଲାଙ୍କୁ ନିୟମ ଭାଙ୍ଗିବାର ସୁଯୋଗ ମିଳି ନାହିଁ। ତେବେ ପ୍ରଥମ ଦିନରେ ପିଲାମାନେ ଖୁସିର ସହ ସ୍କୁଲ ଓ ଶ୍ରେଣୀଗୃହରେ ସମୟ ବିତାଇଛନ୍ତି। ପିଲାଙ୍କୁ ପାଇ ଭାରି ସ୍କୁଲ ପରିବେଶ ବଦଳିଯାଇଛି।

**- ସୋନାମିକା ରାୟ, ପ୍ରଧାନଶିକ୍ଷୟିତ୍ରୀ, କ୍ୟାପିଟାଲ ହାଇସ୍କୁଲ**



କଟକ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସ୍କ୍ରିନିଂ।

### ପ୍ରଥମ ଦିନରୁ ଭୟ ପଳାଇଲା, ଖୁସି ଲାଗିଲା



ସ୍କୁଲ ଖୋଲିବା ପୂର୍ବରୁ ମନରେ ଉତ୍ସାହ ସହିତ ଭୟ ବି ରହିଥିଲା। କିନ୍ତୁ ପ୍ରଥମ ଦିନ ସ୍କୁଲ ଯିବାପରେ ମନରୁ ଭୟ ପଳାଇଛି। ସ୍କୁଲ ପ୍ରବେଶ କରିବାଠାରୁ ଆରମ୍ଭ କରି, କ୍ଲାସ୍ ରୁମ୍, ପ୍ଲେ ଗ୍ରାଉଣ୍ଡ୍ ପର୍ଯ୍ୟନ୍ତ ସବୁଠି ଶିକ୍ଷକମାନେ ଆମ ଉପରେ ନଜର ରଖୁଛନ୍ତି। ସବୁଠାରୁ ବଡ଼ କଥା ହେଲା, ଅନ୍‌ଲାଇନ କ୍ଲାସ୍ ସମସ୍ତେ କରିପାରୁ ନ ଥିଲେ। ଏବେ ସମସ୍ତେ ସ୍କୁଲରେ ବସି ପାଠ ପଢିପାରିବେ।

**- ଆକାଂକ୍ଷା ଦାସ, ଛାତ୍ରୀ, ଭୁବନେଶ୍ୱର**

### ସରକାରଙ୍କୁ ଧନ୍ୟବାଦ, ପରୀକ୍ଷା ପାଇଁ ପ୍ରସ୍ତୁତ ହେବୁ



ବିଳମ୍ବ ହେଲେ ବି ସ୍କୁଲ ଖୋଲା ଯାଇଥିବାରୁ ସରକାରଙ୍କୁ ଧନ୍ୟବାଦ। ଦୀର୍ଘଦିନ ପରେ ଶ୍ରେଣୀଗୃହରେ ସାଙ୍ଗମାନଙ୍କ ସହିତ ବସି ପାଠପଢ଼ିବାର ସୁଯୋଗ ମିଳିଲା। ଏଣିକି ପରୀକ୍ଷା ଓ ଫାଇନାଲ ରିଭିଜନ ପାଇଁ ଆମେ ପ୍ରସ୍ତୁତ ହୋଇପାରିବୁ। ସ୍କୁଲରେ ଶିକ୍ଷକଙ୍କ ସହିତ ପାଠ୍ୟ ସମ୍ବନ୍ଧୀୟ ସମସ୍ତ ଡାଉଟ୍‌କୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରିପାରିବୁ।

**- ଅନୁରାଗ ପଟ୍ଟନାୟକ, ଛାତ୍ର, ଭୁବନେଶ୍ୱର**

### ଏବେ ସବୁ ଡାଉଟ୍ କ୍ଲିୟର ହେବ



କରୋନା ଭୟକୁ ମନରେ ରଖିଲେ ଆଗକୁ ବଢ଼ି ପାରିବା ନାହିଁ। ତେଣୁ ପ୍ରାକ୍ ସାବଧାନତା ଅବଲମ୍ବନ କରି ପାଠପଢ଼ା କରିବା ଉଚିତ। ବହୁଦିନ ପରେ ସ୍କୁଲ ଖୋଲିଲା। ଏବେ ସବୁ ଡାଉଟ୍ ଆମର କ୍ଲିୟର ହେବ। ସାଙ୍ଗମାନଙ୍କ ସହିତ ମିଶି ପାଠ ପଢ଼ିବା ଏକ ଅଲଗା ଖୁସି ଦିଏ। ଏସବୁ ଭିତରେ ସ୍କୁଲରେ ସବୁ ପ୍ରକାର ବ୍ୟବସ୍ଥା ରହିଥିବାରୁ ଏଣିକି ପାଠପଢ଼ାରେ ମନ ଲାଗିବ।

**- ବିବେକ କୁମାର, ଛାତ୍ର, ଭୁବନେଶ୍ୱର**

### ସ୍କୁଲ ପାଠପଢ଼ା ଫେରି ପାଇଲୁ



ଦୀର୍ଘ ଦିନ ପରେ ସ୍କୁଲ ଆସି ଭାରି ଖୁସି ଲାଗୁଛି। ସମସ୍ତଙ୍କ ସହ ମିଶିବାର ସୁଯୋଗ ଓ ସ୍କୁଲର ପାଠପଢ଼ା ପୁଣି ଫେରିପାଇଲୁ। କରୋନା କଟକଣାକୁ ସ୍କୁଲରେ କଡ଼ାକଡ଼ି ପାଳନ କରାଯାଉଛି। ମେ' ମାସରେ ପରୀକ୍ଷା ପାଇଁ ପ୍ରସ୍ତୁତିକୁ ଜୋର୍‌ଦାର କରିବାକୁ ପଡ଼ିବ।

**- ରିତ୍ ଅରବିନ୍ଦ ଦାସ, ଛାତ୍ରୀ, ଭୁବନେଶ୍ୱର**

### ସ୍କୁଲ ଖୋଲିଥିବାରୁ ଖୁସି ଲାଗୁଛି



ଅନେକ ଦିନ ପରେ ସ୍କୁଲ ଖୋଲିଲା। ଏଥିପାଇଁ ମୁଁ ଖୁବ୍ ଖୁସି। ପାଠପଢ଼ା ଅନେକ ପଛକୁ ଚାଲିଯାଇଛି। ଏଥର ଶିକ୍ଷାବର୍ଷ ମଧ କମ୍ ଦିନ ହେବ। ତେଣୁ ଆଉ ସମୟ ବରବାଦ ନ କରି କେବଳ ପାଠପଢା ଉପରେ ଧ୍ୟାନ ଦେବି। ସରକାରଙ୍କ ସବୁ କଟକଣା ମାନି ସ୍କୁଲ ଆସିଛି। କୋର୍ସ ନିର୍ଦ୍ଧାରିତ ସମୟ ଭିତରେ ସରିଯିବ ବୋଲି ଆଶା କରୁଛି।

**- ଅଙ୍କିତା ପ୍ରିୟଦର୍ଶିନୀ ବଳ, ଛାତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଘୋଡ଼ାବଜାର, ପୁରୀ**

### ଅଧ୍ୟୟନ ଅସମ୍ପୂର୍ଣ୍ଣ ଲାଗୁଥିଲା



ସ୍କୁଲ ଖୋଲୁ ନ ଥିବାରୁ ଅଧ୍ୟୟନ ଅସମ୍ପୂର୍ଣ୍ଣ ଲାଗୁଥିଲା। ସବୁ ଅନୁଷ୍ଠାନ ଖୋଲିବା ପରେ ବି ଶିକ୍ଷାନୁଷ୍ଠାନ ଖୋଲୁ ନ ଥିବାରୁ ମନ ଦୁଃଖ ହୋଇଥିଲା। ଶୁକ୍ରବାର ସ୍କୁଲ ଖୋଲିବା ପରେ କୋଭିଡ୍ କଟକଣା ମାନି ଆସିଛି। ସାଙ୍ଗମାନଙ୍କ ସହ ଦେଖାହୋଇ ଖୁବ୍ ଖୁସି ଲାଗୁଛି।

**- ସିପୁନ୍ ମିଶ୍ର, ଛାତ୍ର, ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀ**

### ସ୍କୁଲକୁ ମନେ ପକାଉଥିଲି



ଟିଉସନରେ ପଢୁଥିଲେ ମଧ ସ୍କୁଲକୁ ମନେ ପକାଉଥିଲି। ଏବେ ଖୋଲିଲା ପରେ ଖୁସି ଲାଗୁଛି। ସ୍କୁଲ ଆଉ ଅଳ୍ପଦିନ ଚାଲିବ। ତେଣୁ ଶିକ୍ଷକଙ୍କଠାରୁ ଅଧ୍ୟୟନ କରିବାର କୌଣସି ସୁଯୋଗ ମୁଁ ହାତଛଡ଼ା କରିବି ନାହିଁ। ସ୍କୁଲରେ ମୁଁ କୋଭିଡ୍ କଟକଣା ଉଲ୍ଲଂଘନ କରିବି ନାହିଁ କିମ୍ବା କାହାରିକୁ କରିବାକୁ ଦେବି ନାହିଁ।

**- ସ୍ୱୀକୃତି ମହାନ୍ତି, ଛାତ୍ରୀ, ବିଶ୍ୱମ୍ଭର ବିଦ୍ୟାପୀଠ, ପୁରୀ**

### ଗାଇଡ୍‌ଲାଇନ ମାନି ପାଠପଢ଼ା ଆରମ୍ଭ କରିଛୁ



ସ୍କୁଲ ଖୋଲିବା ପୂର୍ବରୁ ପିଲାଙ୍କ ପାଇଁ ସବୁ ପ୍ରକାର ପ୍ରସ୍ତୁତି କରିଥିଲୁ। ସରକାରଙ୍କ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରୁଛୁ। ପିଲାଙ୍କୁ ପର୍ଯ୍ୟାୟକ୍ରମେ ମଧ୍ୟାହ୍ନ ଭୋଜନ ପାଇଁ ଛଡ଼ାଯାଉଛି। ପ୍ରଥମ ଦିନରେ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପ୍ରାୟ ୬୦ ପ୍ରତିଶତ ଥିଲା। ଆଗାମୀ ଦିନରେ ଉପସ୍ଥାନ ବଢ଼ିବ ବୋଲି ଆଶା ରଖିଛୁ।

**- ଚିତ୍ତରଞ୍ଜନ ଜେନା, ଭାରପ୍ରାପ୍ତ ପ୍ରଧାନଶିକ୍ଷକ, ବ୍ରହ୍ମଗିରି ହାଇସ୍କୁଲ**

### ପିଲାଙ୍କୁ ଦେଖି ହୃଦୟ ପୂରିଉଠୁଛି



ପିଲାଙ୍କୁ ବହୁତ ମନେ ପକାଉଥିଲୁ। ବିନା ଛାତ୍ରୀଛାତ୍ରରେ ଶିକ୍ଷକଙ୍କର କିଛି ମହତ୍ତ୍ୱ ନ ଥାଏ। ଏବେ ସ୍କୁଲ ଖୋଲିଲା ଦେଖି ହୃଦୟ ପୂରି ଉଠୁଛି। ସରକାରଙ୍କ ଏସ୍‌ଓପି ପାଳନ କରାଇ ଛାତ୍ରୀଛାତ୍ରଙ୍କୁ ପଢ଼ାଇବା ଆମ ପାଇଁ ବଡ଼ ଆହ୍ୱାନ। ଏ ନେଇ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଜ୍ଞାବଦ୍ଧ। ମଧ୍ୟାହ୍ନ ଭୋଜନରେ ପିଲାଙ୍କୁ ପର୍ଯ୍ୟାୟକ୍ରମେ ବାହାରକୁ ଛାଡ଼ିଛୁ। ମାସ୍କ ଓ ସାନିଟାଇଜରକୁ ବାଧ୍ୟତାମୂଳକ କରିଛୁ ଓ କ୍ଲାସରୁମରେ ପିଲାଙ୍କୁ ଦୂରତା ରଖି ବସାଇଛୁ।

**- ଜ୍ୟୋତିର୍ମୟୀ ମିଶ୍ର, ପ୍ରଧାନଶିକ୍ଷୟିତ୍ରୀ, ପୁରୀ ଜିଲା ସ୍କୁଲ**





ଭୁବନେଶ୍ୱର ୟୁନିଟ୍-୨ କ୍ୟାପିଟାଲ୍ ଗର୍ଲ୍ସ ହାଇସ୍କୁଲରେ ଶିକ୍ଷୟିତ୍ରୀ ମୁରୁଜ ପକାଇ ପିଲାଙ୍କୁ ସ୍ୱାଗତ କରୁଛନ୍ତି।



ସାମାଜିକ ଦୂରତ୍ୱ ରକ୍ଷାକରି ଭୁବନେଶ୍ୱର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଛାତ୍ରୀ ସ୍କୁଲ ପ୍ରବେଶ କରୁଛନ୍ତି।



ବିଜେବି ଅଟୋନୋମସ୍ କଲେଜର ଛାତ୍ରୀମାନେ ଧାଡ଼ିରେ ଆସୁଛନ୍ତି।



ସୁନ୍ଦରଗଡ଼ ଭବାନୀଶଙ୍କର ହାଇସ୍କୁଲରେ ଛାତ୍ରୀଛାତ୍ର ସ୍କୁଲ ପ୍ରବେଶ କରୁଛନ୍ତି।



ପୁରୀ ଏସ୍‌ସିଏସ୍ ଜୁନିୟର କଲେଜ କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ର।



ଭଦ୍ରକ ଜିଲା ସ୍କୁଲରେ ଛାତ୍ରୀଙ୍କ ହାତ ସାନିଟାଇଜ୍ କରାଯାଉଛି।



ଭୁବନେଶ୍ୱର ଲକ୍ଷ୍ମୀସାଗର ହାଇସ୍କୁଲରେ ଆରମ୍ଭ ହୋଇଛି ପାଠପଢ଼ା।



ଦୀର୍ଘଦିନ ପରେ ଏକାଠି ହୋଇ କଲେଜ କ୍ୟାମ୍ପସ୍‌ରେ ସେଲ୍‌ଫି ନେଉଛନ୍ତି।

# ସ୍ମିଥ୍‌ଙ୍କ ଶତକ, ଜାଡେଜା ପ୍ରଭାବୀ


ଷ୍ଟିଭ୍ ସ୍ମିଥ୍

ସିଡ୍‌ନୀ,୮।୧(ପି.ଟି.)

ଅଷ୍ଟ୍ରେଲିଆ ଅଭିଜ୍ଞ ବ୍ୟାଟ୍ସମ୍ୟାନ ଷ୍ଟିଭ୍ ସ୍ମିଥ୍ ଭାରତ ବିପକ୍ଷ ତୃତୀୟ ଟେଷ୍ଟ ମ୍ୟାଚରେ ଫର୍ମକୁ ଫେରିଛନ୍ତି। ସ୍ମିଥ୍‌ଙ୍କ ଶତକ ସତ୍ତ୍ୱେ ସ୍ପିନ୍ ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କ ଦମ୍‌ଦାର ପ୍ରଦର୍ଶନ ଓ ଯୁବ ଓପନର ଶୁବମନ ଗିଲ୍‌ଙ୍କ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ବଳରେ ଭାରତ ଦ୍ୱିତୀୟ ଦିନରେ ଅପେକ୍ଷାକୃତ ପ୍ରଭାବୀ ସାବ୍ୟସ୍ତ ହୋଇଛି। ଫଳରେ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ଚାଲିଥିବା ଏହି ମ୍ୟାଚ ଏବେ ରୋମାଞ୍ଚକ ମୋଡରେ ପହଞ୍ଚିଛି। ୪ଟି ମୂଲ୍ୟବାନ ଉଇକେଟ ନେବା ସହ ଜାଡେଜା ନିଜ ସୁନ୍ଦର ଥ୍ରୋ'ରେ ସ୍ମିଥ୍‌ଙ୍କୁ ରନ୍ ଆଉଟ କରିଥିଲେ ଓ ଅଷ୍ଟ୍ରେଲିଆ ପ୍ରଥମ ଇନିଂସର ପରିସମାପ୍ତି ଘଟିଥିଲା।

ଟସ୍ ଜିତି ଅଷ୍ଟ୍ରେଲିଆ ପ୍ରଥମ ଇନିଂସରେ ୧୦୫.୪ ଓଭରରେ ୩୩୮ ରନକରି ଅଲଆଉଟ ହୋଇଥିଲା। ଜବାବରେ ଭାରତ ପ୍ରଥମ ଇନିଂସ ଆରମ୍ଭ କରି ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୪୫ ଓଭରରେ ୨ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଛି। ଫଳରେ ଭାରତ ୮ ଉଇକେଟ ହାତରେ ରଖି ଏବେ ୨୪୨ ରନ ପଛରେ ପଡ଼ିଛି। ଷ୍ଟମ୍ପ ଅପସାରଣ ବେଳକୁ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ୯ ଓ ଅଧିନାୟକ ଅଜିଙ୍କ୍ୟ ରାହାନେ ୫ ରନ କରି ଅପରାଜିତ ରହିଛନ୍ତି। ପୂଜାରା ୫୩ ଓ ରାହାନେ ୪୦ଟି ବଲ୍ ଖେଳି ଧୈର୍ଯ୍ୟର ସହ କ୍ରିଜ୍ ଉପରେ ରହି ଘରୋଇ ବୋଲରଙ୍କ ଉଚିତ ମୁକାବିଲା କରିଥିଲେ।

ଓପନିଂ କରିବାକୁ ଆସି ୨୧ ବର୍ଷୀୟ ଶୁବମନ ଓ ରୋହିତ ଶର୍ମା ପ୍ରଥମ ଉଇକେଟରେ ୧୬୪ଟି ବଲ ଖେଳି ୭୦ ରନକରି ଭାରତକୁ ଭଲ ଆରମ୍ଭ ପ୍ରଦାନ କରିଥିଲେ। ଦୁଇ ମାସ ପରେ ପ୍ରଥମ ମ୍ୟାଚ ଖେଳୁଥିବା ରୋହିତ ୭୭ଟି ବଲ ଖେଳି ୩ ଚୌକା ଓ ୧ ଛକା ସହ ୨୬ ରନ କରିଥିବା ବେଳେ ଏକ ସିଧା ବଲ ଖେଳିବାକୁ ଯାଇ ଦ୍ରୁତ ବୋଲର ଜୋଶ ହାଜେଲଉଡ୍‌ଙ୍କ ଶିକାର ହୋଇଥିଲେ। ଫଲୋ ଥ୍ରୁରେ ସେ ଏହି କ୍ୟାଚ ନେଇ ଅଷ୍ଟ୍ରେଲିଆକୁ ବ୍ରେକ୍ ଥ୍ରୁ ଦେଇଥିଲେ। ବଲ ବ୍ୟାଟ୍‌ରେ ବାଜିବା ପରେ ହାଜେଲଉଡ ସହଜରେ କ୍ୟାଚ ନେଇଥିଲେ। ଏହାପରେ ୫୦ ରନକରି ଅର୍ଦ୍ଧଶତକ ହାସଲ କରିବାର ଠିକ୍ ପରେ ଶୁବମନ ଅଭିଜ୍ଞ ଦ୍ରୁତ ବୋଲର ପ୍ୟାଟ୍ କୁମିନ୍ସଙ୍କ ଏକ ଅଫ୍ ଷ୍ଟମ୍ପ ବାହାର ବଲକୁ ପୁସ୍ କରିଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଗଲିରେ କାମେରନ ଗ୍ରୀନ୍ ବାମ୍‌କୁ ଡାଇଭ୍ ମାରି ଏକ ସୁନ୍ଦର କ୍ୟାଚ୍ ନେଇ ଶୁବମନଙ୍କୁ ପ୍ୟାଭିଲିୟନ ଫେରାଇଥିଲେ। ଏଥିସହିତ କ୍ୟାରିୟରରେ ଶୁବମନ ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି।

ପ୍ରଥମ ଦିବସର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୧୬୬/୨ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଶୁକ୍ରବାର ଅଲଆଉଟ ହୋଇଥିଲା। ଓଭରନାଇଟ୍ ବ୍ୟାଟ୍ସମ୍ୟାନ ସ୍ମିଥ୍ ୩୧ ରନର ଖେଳ ଆରମ୍ଭ କରି ୧୩୧ ରନର ଲଢୁଆ ଶତକୀୟ ପାଳି ଖେଳି ଅନ୍ତିମ ବ୍ୟାଟ୍ସମ୍ୟାନ ଭାବେ ଆଉଟ ହୋଇଥିଲେ। ସ୍ମିଥ୍ ଦ୍ୱିତୀୟ ରନ ନେବାକୁ ପ୍ରୟାସ କରୁଥିବା ବେଳେ ଡିପ୍ ସ୍କୋୟାର ଲେଗ୍‌ରୁ ଦୌଡ଼ି ଆସି ଜାଡେଜା ଗୋଟିଏ ହାତରେ ବଲ ଉଠାଇ ଡାଇରେକ୍ଟ ଥ୍ରୋ କରିଥିଲେ। ଫଳରେ ସ୍ମିଥ୍ ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଏଥିସହ ସ୍ମିଥ୍ କ୍ୟାରିୟରର ୨୭ତମ ଓ ଭାରତ ବିପକ୍ଷରେ ଅଷ୍ଟମ ଟେଷ୍ଟ ଶତକ ଅର୍ଜନ କରିଛନ୍ତି। ସେହିପରି ମାର୍ନସ ଲାବୁସେନ ଅପରାଜିତ ୬୭ ରନରୁ ଇନିଂସ ଆରମ୍ଭ କରି ୯୧ରନ କରି ଆଉଟ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ। ତୃତୀୟ ଉଇକେଟରେ ଲାବୁସେନ୍ ଓ ସ୍ମିଥ୍ ୧୦୦ ରନର ଭାଗୀଦାରି ସ୍ଥାପନ କରିଥିଲେ। ଏହାପରେ ମାଥ୍ୟୁ ୱେଡ୍ ୧୩ ଓ ମିଚେଲ ଷ୍ଟାର୍କ ୨୪ ରନକରି ଯଥାକ୍ରମେ ଜାଡେଜା ଓ ନବଦୀପ ସଇନିଙ୍କ ଦ୍ୱାରା ଆଉଟ ହୋଇଥିଲେ। ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଗ୍ରୀନ୍ ଖାତା ଖୋଲିବା ପୂର୍ବରୁ ଯଶପ୍ରୀତ ବୁମ୍‌ରାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଅଧିନାୟକ ଟିମ୍ ପେନ୍ ୧ ରନ କରିଥିବା ବେଳେ ବୁମ୍‌ରାଙ୍କ ଦ୍ୱାରା କ୍ଲିନ୍ ବୋଲ୍ଡ ହୋଇଥିଲେ। ପ୍ୟାଟ୍ କୁମିନ୍ସ କୌଣସି ରନ୍ ନ କରି ଜାଡେଜାଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ନାଥନ ଲିୟନ ମଧ୍ୟ ଖାତା ଖୋଲିବା ପୂର୍ବରୁ ଜାଡେଜାଙ୍କ ଦ୍ୱାରା ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ହାଜେଲଉଡ ୧ ରନକରି ଅପରାଜିତ ରହିଥିଲେ। ଅନ୍ତିମ ଉଇକେଟରେ ସ୍ମିଥ୍ ଓ ହାଜେଲଉଡ ୨୨ ରନ ସଂଗ୍ରହ କରି ଭାରତକୁ ନିରାଶ କରିଥିଲେ। ପୂର୍ବରୁ ପ୍ରଥମ ଦିବସରେ ଓପନର ୱିଲ୍ ପୁକୋଭସ୍କି ୬୨ ଓ ଅଭିଜ୍ଞ ଓପନର ଡେଭିଡ୍ ୱାର୍ନର ୫ ରନକରି ଯଥାକ୍ରମେ ସଇନି ଓ ମହମ୍ମଦ ସିରାଜଙ୍କ ଦ୍ୱାରା ଆଉଟ ହୋଇଥିଲେ। ସିଡ୍‌ନୀ ଟ୍ରାକ୍‌ରେ ପ୍ରଥମ ଦୁଇ ଦିନରେ ସ୍ଲୋ ତଥା ସ୍ପିନରମାନେ ସେତେଟା ସହାୟତା ପାଇ ନ ଥାନ୍ତି। ତେବେ ଏହା ସତ୍ତ୍ୱେ ଜଡେଜା ସର୍ବାଧିକ ୪ ଉଇକେଟ ହାସଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବୁମ୍‌ରା ଓ ସଇନି ଦୁଇଟି ଲେଖାଏ ଓ ସିରାଜ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।



ରବୀନ୍ଦ୍ର ଜାଡେଜା

## ତୃତୀୟ ଟେଷ୍ଟ ସ୍କୋର ବୋର୍ଡ

**ଅଷ୍ଟ୍ରେଲିଆ ପ୍ରଥମ ଇନିଂସ**
ପୁକୋଭସ୍କି–ଏଲବିଡବ୍ଲ୍ୟୁ–ସଇନି–୬୨
ୱାର୍ନର–କ–ପୂଜାରା–ବୋ–ସିରାଜ–୫
ଲାବୁସେନ୍–କ–ରାହାନେ–ବୋ–ଜାଡେଜା–୯୧
ସ୍ମିଥ୍–ରନଆଉଟ (ଜାଡେଜା)–୧୩୧
ୱେଡ୍–କ–ବୁମ୍‌ରା–ବୋ–ଜାଡେଜା–୧୩
କାମେରନ ଗ୍ରୀନ୍–ଏଲବିଡବ୍ଲ୍ୟୁ–ବୁମ୍‌ରା–୦
ଟିମ୍ ପେନ୍–ବୋ–ବୁମ୍‌ରା–୧
କୁମିନ୍ସ–ବୋ–ଜାଡେଜା–୦
ଷ୍ଟାର୍କ–କ–ଗିଲ୍–ବୋ–ସଇନି–୨୪
ଲିଅନ–ଏଲବିଡବ୍ଲ୍ୟୁ–ଜାଡେଜା–୦
ହାଜେଲ୍‌ଉଡ୍–ନଟଆଉଟ–୧
ଅତିରିକ୍ତ–୧୦
ମୋଟ (୧୦୫.୪ ଓଭର/ଅଲଆଉଟ) ୩୩୮
ଉଇକେଟପତନ: ୧/୬, ୨/୧୦୬, ୩/୨୦୬, ୪/୨୩୨, ୫/୨୪୯, ୬/୨୫୫, ୭/୨୭୮, ୮/୩୧୦, ୯/୩୧୫, ୧୦/୩୩୮।

**ବୋଲିଂ (ଭାରତ)**
ଯଶପ୍ରୀତ ବୁମ୍‌ରା ୨୫.୪–୭–୬୬–୨
ମହମ୍ମଦ ସିରାଜ ୨୫–୪–୬୭–୧
ରବିଚନ୍ଦ୍ରନ ଅଶ୍ୱିନ ୨୪–୧–୭୪–୦
ନବଦୀପ ସଇନି ୧୩–୦–୬୫–୨
ରବୀନ୍ଦ୍ର ଜାଡେଜା ୧୮–୩–୬୨–୪।

**ଭାରତ ପ୍ରଥମ ଇନିଂସ**
ରୋହିତ–କ ଆଣ୍ଡ ବୋ–ହାଜେଲଉଡ୍–୨୬
ଶୁବମନ ଗିଲ୍–କ–ଗ୍ରୀନ୍–କୁମିନ୍ସ–୫୦
ପୁଜାରା–ନଟ୍‌ଆଉଟ୍–୯
ରାହାନେ–ନଟ୍‌ଆଉଟ୍–୫
ଅତିରିକ୍ତ–୬
ମୋଟ (୪୫ ଓଭର, ୨ ଉଇକେଟ) ୯୬।
ଉଇକେଟ ପତନ: ୧/୭୦, ୨/୮୫

**ବୋଲିଂ (ଅଷ୍ଟ୍ରେଲିଆ)**
ମିଚେଲ ଷ୍ଟାର୍କ ୭–୪–୧୯–୦
ଜୋସ୍ ହାଜେଲ୍‌ଉଡ୍ ୧୦–୫–୨୩–୧
ପ୍ୟାଟ୍ କୁମିନ୍ସ ୧୨–୬–୧୯–୧
ନାଥାନ ଲିଅନ ୧୬–୭–୩୫–୦।

# ୩ ବ୍ୟାଡ୍‌ମିଣ୍ଟନ ଖେଳାଳି ଆଜୀବନ ବାସନ୍ଦ

**ନୂଆଦିଲ୍ଲୀ, ୮।୧ (ପି.ଟି.):** ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ଶୁକ୍ରବାର ଇଣ୍ଡୋନେସିଆର ୩ଜଣ ବ୍ୟାଡ୍‌ମିଣ୍ଟନ ଖେଳାଳିଙ୍କୁ ଆଜୀବନ ବାସନ୍ଦ କରିଛି। ଏହି ଖେଳାଳି ତ୍ରୟଙ୍କ ବିରୋଧ ମ୍ୟାଚ ଫିକ୍ସିଂ, ମ୍ୟାଚ ଜାଲିଆତି ଓ ବେଟିଂରେ ଲିପ୍ତ ଥିବା ଅଭିଯୋଗ ହୋଇଥିଲା। ପରସ୍ପରକୁ ଜାଣିଥିବା ଇଣ୍ଡୋନେସିଆର ୮ଜଣ ଖେଳାଳି ୨୦୧୯ ପର୍ଯ୍ୟନ୍ତ ବିଶେଷକରି ଏସିଆରେ ବିଭିନ୍ନ ଲୋୟର ଲେଭଲ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମ୍ୟାଚ ଫିକ୍ସିଂ, ମ୍ୟାଚ ଜାଲିଆତି ଅବା ବ୍ୟାଡ୍‌ମିଣ୍ଟନ ବେଟିଂ କାର୍ଯ୍ୟରେ ଲିପ୍ତ ଥିଲେ। ଏହାଦ୍ୱାରା ସେମାନେ ଖେଳର ପରିଚାଳନା ପରିଷଦ ନିୟମର ଉଲ୍ଲଂଘନ କରିଥିଲେ। ଅନ୍ୟ ୫ଜଣଙ୍କୁ ୬ରୁ ୧୨ବର୍ଷ ମଧ୍ୟରେ ସସ୍‌ପେଣ୍ଡ କରାଯାଇଛି। ଏହାଛଡ଼ା ପ୍ରତ୍ୟେକଙ୍କୁ ୩,୦୦୦ରୁ ୧୨,୦୦୦ ଆମେରିକୀୟ ଡଲାର ମଧ୍ୟରେ ଜରିମାନା କରାଯାଇଛି।

# ଏଲ୍‌ଏଲ୍‌ସିସି ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହ ଖେଳାଳିମାନେ।

**ଭୁବନେଶ୍ୱର, ୮।୧(ସ୍ପୋର୍ଟ୍ସ ବ୍ୟୁରୋ)**

ଆଇଆର୍‌ସି ଭିଲେଜସ୍ଥିତ ଏଲ୍‌ଏଲ୍‌ସିସି ଗ୍ରାଉଣ୍ଡରେ ଶୁକ୍ରବାର ଟେନିସ୍ ବଲ୍ କ୍ରିକେଟ ଟର୍ନାମେଣ୍ଟ ଉଦ୍‌ଘାଟିତ ହୋଇ ଯାଇଛି। ବିଧାୟକ ସୁଶାନ୍ତ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ କର୍ପୋରେଟର ମାନସି ସୁନ୍ଦରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଭୁବନେଶ୍ୱରର ୧୬ଟି ଦଳକୁ ନେଇ ଟୁର୍ନାମେଣ୍ଟ ୩ ଦିନ ଧରି ଚାଲିବ। ପ୍ରଥମ ମ୍ୟାଚରେ ଭୁବନେଶ୍ୱର ମିଡିଆ ସ୍ପୋର୍ଟ୍ସ କ୍ଲବ୍ ପ୍ରତିପକ୍ଷ ମିଡିଆ ଏକାଦଶଠାରୁ ହାରି ଯାଇଛି। ୬ ଓଭର ବିଶିଷ୍ଟ ମ୍ୟାଚରେ ମିଡିଆ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ୭ ଉଇକେଟରେ ୨୩ ରନ୍ କରିଥିଲା। ଜବାବରେ ମିଡିଆ ଏକାଦଶ ୫.୨ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା।


**OFFICE OF THE GENERAL MANAGER, WATCO DIVISION-II, BHUBANESWAR**
WATCO
Near Rajiv Bhawan, Unit-V, Bhubaneswar-751001, Odisha, India, Telefax:- +91-674-2390322
E-mail – gmdivtwowatco@gmail.com
No. C-288:-
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)** Dtd.08.01.2021

| | | | |
|---|---|---|---|
| 01 | Name of the work | : | Supply, installation, testing & commissioning of Solar Powered water Quality monitoring panel (integrated with existing PLC system for remote monitoring of water quality) to be installed at water distribution mains at Forestpark area, Bhubaneswar |
| 02 | Estimate cost | : | Rs.19.30 lakhs |
| 03 | Period of completion | : | 2 (Two Months) |
| 04 | Class of contractor | : | Registered Agency / Firm / Manufacturers / Authorised Dealer/ Distributer of equivalent Equipment |
| 05 | Date & Time of availability of bid document in the portal | : | From 11.00 AM of Dt.12.01.2021 to 5.00 PM of 22.01.2021 |
| 06 | Last date / time of receipt of bids in the portal | : | 5.00 PM of 22.01.2021 |
| 07 | Last date & time of seeking clarification | : | 5.00 PM of 18.01.2021 |
| 08 | Date & Time of opening of bids | : | At 1.30 PM of 25.01.2021 |
| 09 | Name and Address of the Officer Inviting Bid | : | General Manager, WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"
GENERAL MANAGER, WATCO DIVISION-II, BHUBANESWAR
OIPR-13089/11/0008/2021


See Career Appointment on every Wednesday & Saturday


**OFFICE OF THE DISTRICT PROJECT OFFICE**
**SAMAGRA SIKSHYA, DHENKANAL**
Email: dpcdhenkssa.opepa@nic.in
INVITATION FOR BIDS THROUGH e-Procurement
Bid Identification No.SS/DKL/01-2020-21
TENDER CALL NOTICE NO.60/Date: 08.01.2021

| | | |
|---|---|---|
| 1 | District Project Co-ordinator, Samagra Sikshya, Dhenkanal on behalf of Governor of Odisha invites percentage bids in Double cover system in online mode for Extension of Kasturba Gandhi Balika Vidyalaya (KGVB) Hostel Building for 100 girls at Dangapal in Kankadahad Block of Dhenkanal District for the year 2020-21 as detailed in DTCN. | |
| 2 | Name of work | Extension of Kasturba Gandhi Balika Vidyalaya (KGBV) Hostel Building for 100 girls |
| 3 | No. of work | 01 (One) |
| 4 | Estimated cost | Rs.86,43,586/- |
| 5 | Class of contractor | 'B' & 'A' |
| 6 | Cost of tender paper | Rs.10,000/- |
| 7 | Date & time of availability of the bid documents in the portal | From 10.00 A.M. on dt.15.01.2021 to 5.00 P.M. on dt.29.01.2021 |
| 8 | Date of opening (Technical Bid) | 01.02.2021 at 11.00 A.M. |
| 9 | The bidders have to participate in online bid only. Further details can be seen from the website (www.tendersodisha.gov.in). Any addendum/ corrigendum/cancellation of tender can also be seen in website only. | |

By order of Collector, Dhenkanal
Sd./- District Project Coordinator
SS, Dhenkanal


# ଚତୁର୍ଥ ଟେଷ୍ଟ ନେଇ ଆଶଙ୍କା

**ସିଡ୍‌ନୀ,୮।୧(ପି.ଟି.):** ରାଜଧାନୀ ବ୍ରିସ୍‌ବେନ୍‌ରେ କୁଇନ୍ସଲାଣ୍ଡ ସରକାର ୩ ଦିନିଆ ନୂଆ ଲକ୍‌ଡାଉନ୍ ଜାରି କରିଛନ୍ତି। ଫଳରେ ଏଠାରେ ଜାନୁୟାରୀ ୧୫ରୁ ଆୟୋଜନ ହେବାକୁ ଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ମ୍ୟାଚ ଆୟୋଜନ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଖେଳାଳିମାନଙ୍କ ପାଇଁ କଠିନ କ୍ୱାରାଣ୍ଟାଇନ୍ ନିୟମ କୋହଳ କରିବା ନେଇ ଦୁଇ ଦେଶର ବୋର୍ଡ ଏକ ବୈଠକରେ ମିଳିତ ହେବାର ୨୪ ଘଣ୍ଟା ମଧ୍ୟରେ ସରାକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ପୂର୍ବରୁ ମଧ୍ୟ ଏହି ଟେଷ୍ଟ ଆୟୋଜନ ନେଇ ଆଶଙ୍କା ପ୍ରକାଶ ପାଇଥିଲା। ଲକ୍‌ଡାଉନ୍ ଘୋଷଣା ପରେ ଏହାର ପ୍ରଭାବ ନେଇ କ୍ରିକେଟ ଅଷ୍ଟ୍ରେଲିଆ ଆକଳନ କରିବାକୁ ପ୍ରୟାସ କରିଛି। ପୂର୍ବରୁ କଠିନ ଜୈବ ସୁରକ୍ଷିତ ନିୟମ ପାଇଁ ଭାରତୀୟ ଦଳ ମଧ୍ୟ ବ୍ରିସ୍‌ବେନ୍‌ରେ ଖେଳିବା ନେଇ ଅନିଚ୍ଛା ଜାହିର କରିଥିଲା ବୋଲି ସିଡ୍‌ନୀ ମର୍ନିଂ ହେରାଲ୍ଡରେ ରିପୋର୍ଟ ପ୍ରକାଶିତ ହୋଇଥିଲା। ଏହା ସତ୍ତ୍ୱେ କ୍ରିକେଟ ଅଷ୍ଟ୍ରେଲିଆ ୩୬,୦୦୦ ଦର୍ଶକଙ୍କୁ ଷ୍ଟାଡିୟମକୁ ପ୍ରବେଶ କରିବାକୁ ଅନୁମତି ଦେବା ପାଇଁ ରାଜି ଥିଲା। ବ୍ରିସ୍‌ବେନ୍‌ରେ ସ୍ୱାସ୍ଥ୍ୟ ସଙ୍କଟ ଉଦ୍‌ବେଗଜନକ ରହିଛି। ଗୁରୁବାର କଠିନ କ୍ୱାରାଣ୍ଟାଇନ୍ ନିୟମ କୋହଳ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ରିକେଟ ଅଷ୍ଟ୍ରେଲିଆକୁ ଚିଠି ଲେଖିଥିଲା। ନୂଆ ନିୟମ ଅନୁସାରେ ଦିନର ଖେଳ ସରିବା ପରେ ଭାରତୀୟ ଖେଳାଳିମାନେ କେବଳ ହୋଟେଲ ରୁମ୍‌ରେ ରହିବାକୁ କୁହାଯାଇଥିଲା।

# ଜାଗୁଆର୍ସଙ୍କୁ ହରାଇଲା ଲାୟନ୍ସ

**ଭୁବନେଶ୍ୱର, ୮।୧ (ସ୍ପୋର୍ଟ୍ସ ବ୍ୟୁରୋ)**

କଟକସ୍ଥିତ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଏମ୍‌ଜିଏମ୍ ଓଡ଼ିଶା ଟି୨୦ ଲିଗ୍‌ର ଶୁକ୍ରବାର ଖେଳାଯାଇଥିବା ଏକ ମ୍ୟାଚରେ ଓଡ଼ିଶା ଲାୟନ୍ସ ୭ ଉଇକେଟରେ ଓଡ଼ିଶା ଜାଗୁଆର୍ସଙ୍କୁ ପରାସ୍ତ କରିଛି। ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଜାଗୁଆର୍ସ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୯୯ରନ କରିଥିଲା। ଦଳ ପକ୍ଷରୁ ଶାମସୁଲ ଏ. ଖାଁ ସର୍ବାଧିକ ୨୯ ରନ କରିଥିଲେ। ଅଧିନାୟକ ଗିରିଜା ରାଉତ ୨୧ ରନ କରିଥିଲେ। ବିପକ୍ଷ ଦଳର ନୌତମ ଭଞ୍ଜ ୧୭ ରନ ବିନିମୟରେ ୩ ଉଇକେଟ ହାସଲ କରିଥିବାବେଳେ ଦୀପକ ରଞ୍ଜନ ବେହେରା ଚିନ୍ମୟ ସାହୁ ଓ ରାକେଶ ପଟ୍ଟନାୟକ ଗୋଟିଏ ଲେଖାଁଏ ଉଇକେଟ ନେଇଥିଲେ। ୧୦୦ରନର ବିଜୟ ଲକ୍ଷ୍ୟକୁ ପିଛା କରିବାକୁ ଯାଇ ଲାୟନ୍ସ ଦଳ ୧୬.୧ ଓଭରରେ ୩ ଉଇକେଟ ବିନିମୟରେ ୧୦୨ରନ କରି ମ୍ୟାଚ ଜିତିନେଇଥିଲା। ରାକେଶ ପଟ୍ଟନାୟକ ୪୧ ବଲ୍‌ରୁ ୭ ଚୌକା ଓ ୧ ଛକା ସହ ୫୪ ରନ ଏବଂ ନୌତମ ଭଞ୍ଜ ୨୩ରନ କରି ଅପରାଜିତ ରହିଥିଲେ। ଜାଗୁଆର୍ସ ତରଫରୁ ମନୋଜ କାଶ୍ୟପ, ନିହାର ଭୂୟାଁ ଓ ଅନ୍ୱେଷ ଦାସ ଗୋଟିଏ ଲେଖାଏଁ ଉଇକେଟ ନେଇଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ରାକେଶ ପଟ୍ଟନାୟକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇ ଅତିଥି ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।



ରାକେଶ ପଟ୍ଟନାୟକ ପୁରସ୍କାର ଗ୍ରହଣ କରୁଛନ୍ତି।

## ଚିତାସ୍‌ର ରୋମାଞ୍ଚକ ବିଜୟ

**ଭୁବନେଶ୍ୱର,୮।୧(କ୍ରୀଡ଼ା ପ୍ରତିନିଧି):** ଏମ୍‌ଜିଏମ୍ ଟି୨୦ କ୍ରିକେଟ ଲିଗ୍‌ର ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ଚିତାସ୍ ମାତ୍ର ୪ ରନରେ ପୁମାସକୁ ପରାସ୍ତ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଚିତାସ୍ ୨୦ ଓଭରରେ ୮ ଉଇକେଟ ହରାଇ ୧୦୧ ରନ କରିଥିବାବେଳେ ପୁମାସ ୨୦ ଓଭରରେ ୯ ଉଇକେଟ ହରାଇ ୯୭ ରନ କରିବାକୁ ସକ୍ଷମ ହୋଇଥିଲା। ୧୩ ରନ ଓ ୩ ଉଇକେଟ ନେଇ ଚିତାସର ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିବା ବାଦଲ ଭୋଳ ଅତିଥି ସଂଗ୍ରାମ କୁମାର ଗୁମାନସିଂଙ୍କଠାରୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରିଥିଲେ। ୯ ମ୍ୟାଚରୁ ୪ର୍ଥ ବିଜୟ ସହ ଚିତାସର ପଏଣ୍ଟ ସଂଖ୍ୟା ୧୬ରେ ପହଞ୍ଚିଛି। ଅନ୍ୟପକ୍ଷରେ ପୁମାସ ୨୦ ପଏଣ୍ଟରେ ଅପରିବର୍ତ୍ତିତ ରହିଛି।


**NOTICE**

**No. C-286:-** The following contractor, who were registered as "C" Class Contractor under S.E.P.H. Circle, Bhubaneswar and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn. No & Class | This office order No. & Date |
|---|---|---|---|
| 1) | **Sri Pramod Sendha,** S/o Sambhunath Sendha, At- Alutuma, PS- Kamakhya Nagar Dist.- Dhenkanal | Regd. No.1536 of 2018-19 'C' Class | S.E.P.H. Circle, BBSR No.4295 Dt.20.09.2015 |
| 2) | **Sri Purna Chandra Das,** S/o- Bhagabat Das, At- Kupura, PO- Simulia Dist.- Balasore | Regd. No. 968 of 2003-04 'C' Class | S.E.P.H. Circle, BBSR No.1228 Dt.16.02.2004 |

This notice is required to be published for information of all Govt. Deptt./Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (Thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the one time deposit made by the contractor will be released/refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses whatsoever.

**Sd./- Superintending Engineer, P.H. Circle, Bhubaneswar**
OIPR-13039/11/0007/2021



**ODISHA PUBLIC SERVICE COMMISSION CUTTACK**

**No. 172/P.S.C., 1E-03-2020/21 (DR-III)** **Dt. 8.1.2021**

**No. D-141:-** It is for information of all concerned that the Commission have decided to conduct the Viva Voce test in respect of 103 candidates bearing following Roll Nos. for recruitment to the post of **Assistant Fisheries Officer, Group-B** under Fisheries & ARD Department, pursuant to Advt. No.05 of 2019-20 from 18.01.2021 to 21.01.2021 in the office of the Commission, 19. Dr. P.K. Parija Road. Cuttack-753001 as per the following programme.

| Sl. No. | Date | Reporting Time | Time of V.V. Test | Board | Roll numbers of candidates |
|---|---|---|---|---|---|
| 1 | **18.01.2021** | 10.00 A.M. | 10.30 A.M. | | 100003, 100009, 100010, 100011, 100013, 100016, 100019, 100020, 100022 & 100023 = 10 candidates. |
| | | | 3.00 P.M. | | 100025, 100027 & 100029 = 03 candidates. |
| 2 | **19.01.2021** | 10.00 A.M. | 10.30 A.M. | **Board-I** | 100031, 100035, 100038, 100044, 100045, 100046, 100047, 100050, 100051 & 100053 = 10 candidates. |
| | | | | **Board-II** | 100054, 100057, 100059, 100063, 100066, 100069, 100070, 100074, 100078 & 100081 = 10 candidates. |
| | | | | **Board-III** | 100085, 100088, 100094, 100107, 100108, 100110, 100111, 100113, 100114 & 100116 = 10 candidates. |
| 3 | **20.01.2021** | 10.00 A.M. | 10.30 A.M. | **Board-I** | 100119, 1100120, 100123, 100124, 100125, 100127, 100135, 100136, 100139 & 100140 = 10 candidates. |
| | | | | **Board-II** | 100149, 100150, 100153, 100157, 100162, 100163, 100164, 100165, 100169 & 100172 = 10 candidates. |
| | | | | **Board-III** | 100174, 100176, 100186, 100187, 100188, 100190, 100191, 100193, 100196 & 100198 = 10 candidates. |
| 4 | **21.01.2021** | 10.00 A.M. | 10.30 A.M. | **Board-I** | 100201, 100202, 100206, 100210, 100219, 100220, 00226, 100227, 100228 & 100235 = 10 candidates. |
| | | | | **Board-II** | 100236, 100239, 1100245, 100247, 100248, 100249, 100250, 100255, 100256 & 100261 = 10 candidates. |
| | | | | **Board-III** | 100265, 100266, 100267, 100268, 100269, 100272, 100273, 1100274, 100279 & 100280 = 10 candidates. |

The candidates are advised to visit the website of the Odisha Public Service Commission at **http://opsc.gov.in**.
OIPR-12002/11/0061/2021 **Sd./- Secretary**



No. D-140

**ବିଜ୍ଞାପନ**

**ଦୁର୍ଗପତିଙ୍କ କାର୍ଯ୍ୟାଳୟ ଓଡ଼ିଶା ୨ୟ (ସ୍ୱତନ୍ତ୍ର ସୁରକ୍ଷା) ସଶସ୍ତ୍ର ଆରକ୍ଷୀ ବାହିନୀ, କେନ୍ଦୁଝର**

ନାମ: **ବିଶ୍ୱବନ୍ଧୁ ପାତ୍ର**
ପଦବୀ: ସିପାହୀ – ୩୫୮
ପିତା: ବିରଞ୍ଚି ନାରାୟଣ ପାତ୍ର
ଗ୍ରାମ: ଗଡ଼ବାନ୍ଧଗୋଡ଼ା, ପୋ.: ଗଡ଼ବାନ୍ଧଗୋଡ଼ା
ଥାନା: ରାମଚନ୍ଦ୍ରପୁର, ଜିଲ୍ଲା: କେନ୍ଦୁଝର

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ପି.ଟି.ସି. ଅନୁଗୁଳରେ କାର୍ଯ୍ୟରତ ଥିବା ସମୟରେ ତା୨୩।୦୬।୨୦୨୦ରିଖଠାରୁ ୨୮।୦୬।୨୦୨୦ରିଖ ପର୍ଯ୍ୟନ୍ତ ୦୫ ଦିନ ସାମୟିକ ଛୁଟିରେ ଯାଇଥିଲେ ଏବଂ କାହାକୁ କିଛି ନ ଜଣାଇ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ କାର୍ଯ୍ୟରେ ଯୋଗଦେବା ପାଇଁ ବାରମ୍ବାର ଡାକ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ତେଣୁ ଲଟକାଜାରି ମାଧ୍ୟମରେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, କିନ୍ତୁ ଆପଣ କୌଣସି କଥାକୁ ଭୃକ୍ଷେପ ନ କରି କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ କାର୍ଯ୍ୟଶୈଳୀ ଯୋଗୁ ବାଟାଲିୟନରେ ବିଶୃଙ୍ଖଳା ସୃଷ୍ଟି ହେଉଛି।

ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଆପଣ ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୋଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଦୁର୍ଗପତି, ଓଡ଼ିଶା ୨ୟ (ସ୍ୱତନ୍ତ୍ର ସୁରକ୍ଷା)
ସଶସ୍ତ୍ର ଆରକ୍ଷୀ ବାହିନୀ, କେନ୍ଦୁଝର

**ବିଜ୍ଞାପନ**

**ଦୁର୍ଗପତିଙ୍କ କାର୍ଯ୍ୟାଳୟ ଓଡ଼ିଶା ୨ୟ (ସ୍ୱତନ୍ତ୍ର ସୁରକ୍ଷା) ସଶସ୍ତ୍ର ଆରକ୍ଷୀ ବାହିନୀ, କେନ୍ଦୁଝର**

ନାମ: **ପ୍ରିୟରଞ୍ଜନ ମଲ୍ଲିକ**
ପଦବୀ: ରୋଷେୟା
ପିତା: ପୂର୍ଣ୍ଣଚନ୍ଦ୍ର ମଲ୍ଲିକ
ଗ୍ରାମ: ଚାଉମୁହିଁ, ପୋ.: ନଦୁଆଁ
ଥାନା: ଘସିପୁରା, ଜିଲ୍ଲା: କେନ୍ଦୁଝର

ଏତଦ୍ୱାରା ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛିକି ଯେ, ଆପଣ ତା୧୩।୦୫।୨୦୨୦ରିଖଠାରୁ ୨୮।୦୫।୨୦୨୦ରିଖ ପର୍ଯ୍ୟନ୍ତ ଅର୍ଜିତ ଛୁଟି ଯାଇଥିଲେ ଏବଂ କାହାକୁ କିଛି ନ ଜଣାଇ ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ଆପଣଙ୍କୁ ସରକାରୀସ୍ତରରେ କାର୍ଯ୍ୟରେ ଯୋଗଦେବା ପାଇଁ ବାରମ୍ବାର ଡାକ ଜରିଆରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଆପଣ କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ତେଣୁ ଲଟକାଜାରି ମାଧ୍ୟମରେ ମଧ୍ୟ ଆପଣଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଉଛି, କିନ୍ତୁ ଆପଣ କୌଣସି କଥାକୁ ଭୃକ୍ଷେପ ନ କରି କାର୍ଯ୍ୟରେ ଯୋଗ ଦେଉନାହାନ୍ତି। ଆପଣଙ୍କ ଏତାଦୃଶ କାର୍ଯ୍ୟଶୈଳୀ ଯୋଗୁ ବାଟାଲିୟନରେ ବିଶୃଙ୍ଖଳା ସୃଷ୍ଟି ହେଉଛି।

ଏଣୁ ଏହି ବିଜ୍ଞାପନ ଦ୍ୱାରା ଆପଣଙ୍କୁ ଅବଗତ କରାଯାଉଛି କି ବିଜ୍ଞାପନ ପ୍ରକାଶନର ୧୫ଦିନ ମଧ୍ୟରେ ଆପଣ ନିମ୍ନଲିଖିତ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଯୋଗଦାନ କରନ୍ତୁ ନଚେତ୍ ଆପଣଙ୍କ ବିରୋଧରେ ଦୃଢ଼ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସ୍ୱା./– ଦୁର୍ଗପତି, ଓଡ଼ିଶା ୨ୟ (ସ୍ୱତନ୍ତ୍ର ସୁରକ୍ଷା)
ସଶସ୍ତ୍ର ଆରକ୍ଷୀ ବାହିନୀ, କେନ୍ଦୁଝର
OIPR-12029/11/0026/2021



ବମ୍ବେ: ବଲିଉଡ୍‌ରେ ଏଭଳି ଜଣେ ନାୟିକା ଅଛନ୍ତି ଯିଏ ବିଗ୍ ବିଙ୍କ ସହ ଗୋଟିଏ ଫିଲ୍ମରେ ବି କାମ କରିନାହାନ୍ତି। ସେ ହେଲେ ମାଧୁରୀ ଦୀକ୍ଷିତ। ୧୯୮୪ରେ ଫିଲ୍ମ 'ଅବୋଧ'ରୁ ଅଭିନୟରେ ଡେବ୍ୟୁ କରିଥିଲେ ମାଧୁରୀ। ଏହା ସେତେଟା ସଫଳ ହୋଇ ନ ଥିଲା। ଫଳରେ ସବୁ ଅଭିନେତା ତାଙ୍କ ସହ କାମ କରିବାକୁ ଅରାଜି ହୋଇଥିଲେ। ଏଭଳି ସମୟରେ ଅନିଲ କପୁର ଆଗକୁ ଆସିଥିଲେ। ଉଭୟେ ୧୯୮୮ରେ 'ତେଜାବ' ଫିଲ୍ମରେ କାମ କରିଥିଲେ। ଏଥିରେ ସଫଳତା ପାଇବା ପରେ ଅମିତାଭଙ୍କ ସହ ଫିଲ୍ମ କରିବାକୁ ମାଧୁରୀଙ୍କୁ ଅଫର୍ ମିଳିଥିଲା। ହେଲେ ସେତେବେଳେ ଅନିଲ କପୁର ତାହା ଚାହିଁ ନ ଥିବାରୁ ମାଧୁରୀ ବିଗ୍ ବିଙ୍କ ସହ କାମ କରିପାରି ନ ଥିଲେ।



# କେରଳ ପାର୍କରେ ୟୁରୋପ ଭ୍ରମ

**ଥିରୁଭାନନ୍ତପୁରମ୍:** ନିକଟରେ କେରଳରେ ଏପରି ଏକ ପାର୍କ ନିର୍ମାଣ କରାଯାଇଛି, ଯାହା ୟୁରୋପର ଭ୍ରମ ସୃଷ୍ଟି କରୁଛି। କେରଳର ପର୍ଯ୍ୟଟନ ମନ୍ତ୍ରୀ ଏହାକୁ ଉଦ୍‌ଘାଟନ କରିବା ମାତ୍ରେ ଏହା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। କୋଝିକୋଡ ଜିଲାର ୱାଦାକରା ନିକଟ କାରାକଡ଼ ଗ୍ରାମରେ ନିର୍ମିତ ଏହି ପାର୍କର ନାମ ଭାଗବତାନନ୍ଦ ପାର୍କ। ଏହି ପାର୍କରେ ପକ୍କା ରାସ୍ତା, ସଂଲଗ୍ନ ଉପସାଗର, ଇଉରୋପୀୟ ଡିଜାଇନର ଆଲୋକ, ଆଧୁନିକ ଅଟ୍ଟାଳିକା, ଖୋଲା ମଞ୍ଚ, ଖୋଲା ଜିମ, ବ୍ୟାଡ୍‌ମିଣ୍ଟନ କୋର୍ଟ ଏବଂ ଶିଶୁ ଉଦ୍ୟାନ ରହିଛି। ଏହାର ରାସ୍ତାରେ ଟାଇଲ ଲଗାଯାଇଛି। ପାର୍କ ନିର୍ମାଣ ପାଇଁ ୨.୮୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏହାକୁ ତିଆରି କରିବାରେ ଉରାଲଙ୍ଗାଲ ଲେବର କଣ୍ଟ୍ରାକ୍ଟର କୋଅପରେଟିଭ ସୋସାଇଟି ସାହାଯ୍ୟ କରିଛି।

ପ୍ରଥମ ଜନ୍ମବାର୍ଷିକ ଶୁଭେଚ୍ଛା



(ଲିଟି)
ସମୃଦ୍ଧି
ଆଜି ତୋର ଜନ୍ମଦିନରେ ଶ୍ରୀଜଗନ୍ନାଥ ତୋତେ ଦୀର୍ଘାୟୁ କରିବା ସହିତ ତୋର ଚଲାପଥ କୁସୁମିତ କରନ୍ତୁ।
-:ଶୁଭେଚ୍ଛା ସହ:-
ପାପା, ମାମା, ଦାଦା, ଖୁଡୀ, ମାଉସୀ, ମଉସା, ଲାଡ଼ି, ଲାଲା, ଲଭ୍‌ଲି, ସାଇନି, ଓମ୍, ଅଜା, ଆଇ, ମାମୁ, ଜେଜେ ବାପା, ଜେଜେମାଆ, ବନ୍ଧୁ ଓ ପରିବାରବର୍ଗ।
ଧ-୧୯୫୧୧

ପ୍ରଥମ ଜନ୍ମବାର୍ଷିକୀ



ଶିବାଂଶୀ ଲେଙ୍କା (ତ୍ରିଶା)
ବିଡାନାସୀ, କଟକ
ପ୍ରଥମ ଜନ୍ମବାର୍ଷିକୀରେ ମା' ମଙ୍ଗଳାଙ୍କ ନିକଟରେ ତୁମ୍ଭର ଦୀର୍ଘଜୀବନ କାମନା କରୁଛୁ। ଭବିଷ୍ୟତ ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେ, ଜେଜେମା', ବାପା, ମାମା, ଅଜା, ସମସ୍ତ ଆଇ, ମାମୁ, ମାଇଁ, ମାଉସୀମାନେ।
ଧ-୧୯୫୦୭

ସପ୍ତମ ଜନ୍ମବାର୍ଷିକ



ସିଦ୍ଧିପ୍ରିୟଦର୍ଶିନୀ ଦାଶ
ଗ୍ରାମ- କେନ୍ଦୁପାଲି, ପୋ- ଗୋଡଭଗା, ଜି- ବରଗଡ, ବର୍ତ୍ତମାନ ଠିକଣା ଗ୍ରା/ପୋ- ଢକରା, ଭାୟା- ଧମା, ଜି- ସମ୍ବଲପୁର
ମାଁ ବହଲମୁଣ୍ଡିଏନ, ଦୁର୍ଗାଦେବୀ ଏବଂ ବଡ ଲୋକଙ୍କର ଆଶୀର୍ବାଦ ସଦାସର୍ବଦା ରହିଥାଉ । ତୋର ଚଳାପଥ ସଦାସର୍ବଦା ପୁଷ୍ପମଣ୍ଡିତ ହୋଇଥାଉ । ଏତିକି ଭଗବାନଙ୍କ ଠାରେ ପ୍ରାର୍ଥନା କରୁଛି ।
ଶୁଭେଚ୍ଛା ସହ- ଦାଦା, ମାମା, ବାପା, ମାଆ, ବାବୁ ବାପା, ବୀରେନ ପିଉସା, ମିନିଝିଅ, ପ୍ରଶାନ୍ତ ପିଉସା, ବେବି ଝିଅ, ଶୁଭମ ଦାଦା, ଆକାଂକ୍ଷା ନାନି, ଆଲିଶା ନାନି, ଆରିୟନ ଦାଦା, ସ୍ନେହର ସିନ୍ଧୁ ଭାଇ ଓ ଦାଶ ପରିବାର ବର୍ଗ ।
ଧ-୧୯୫୦୯

# ଈଶ୍ୱର ବିଶ୍ୱାସୀ ନ ଥିଲେ ହକିଙ୍ଗ୍

**ମୃତ୍ୟୁ ପରେ ବି ସେତିକି ଚର୍ଚ୍ଚିତ ବୈଜ୍ଞାନିକ ଷ୍ଟିଫେନ୍ ହକିଙ୍ଗ୍। ଯେବେଯେବେ ପୃଥିବୀର ଉତ୍ପତ୍ତି ସମ୍ପର୍କିତ କାରଣ ଖୋଜାଯିବ ସେବେସେବେ ହକିଙ୍ଗ୍ ମନେପଡ଼ିବେ। ଜାନୁୟାରୀ ୮ରେ ଏହି ମହାନ୍ ଦିବଂଗତ ବୈଜ୍ଞାନିକଙ୍କ ଜୟନ୍ତୀ। ବିଜ୍ଞାନ, ମହାକାଶ ଗବେଷଣା କ୍ଷେତ୍ରରେ କାମ କରୁଥିବା ପ୍ରତିଟି ବ୍ୟକ୍ତିଙ୍କ ପାଇଁ ଏହି ଦିନ ବେଶ୍ ଗୁରୁତ୍ୱ ବହନ କରେ। ଶାରୀରିକ ବ୍ୟତିକ୍ରମ ସତ୍ତ୍ୱେ ମହାକାଶ ବିଜ୍ଞାନ କ୍ଷେତ୍ରରେ ତାଙ୍କର ଅବଦାନକୁ ଆଜି ବି ଝୁରି ହେଉଛନ୍ତି ଅନେକେ। ଏତେ ସବୁ ଗୁଣର ଅଧିକାରୀ ହେବା ସତ୍ତ୍ୱେ ହକିଙ୍ଗ୍ ଈଶ୍ୱରଙ୍କ ସତ୍ତାକୁ ମାନୁ ନ ଥିଲେ। ଏଥିଲାଗି ସେ ଯେଉଁ ଯୁକ୍ତି ଉପସ୍ଥାପନ କରିଥିଲେ, ତାହା ବି ଥିଲା ସେତିକି ଚର୍ଚ୍ଚିତ।**



**ନୂଆଦିଲ୍ଲୀ:** ଷ୍ଟିଫେନ୍ ୱିଲିୟମ୍ ହକିଙ୍ଗ୍। ଜନ୍ମ ୧୯୪୨ ଜାନୁୟାରୀ ୮। ମୃତ୍ୟୁ ୨୦୧୮ ମାର୍ଚ୍ଚ ୧୪। ଶାରୀରିକ ବ୍ୟତିକ୍ରମ ଲାଗି ତମାମ ଜୀବନ କଟିଗଲା ହ୍ୱିଲ ଚେୟାରରେ। ନା ହାତ ହଲାଇ ପାରୁଥିଲେ, ନା ଚାଲି ପାରୁଥିଲେ, ନା କଥା କହି ପାରୁଥିଲେ। ହେଲେ ନିଜ ଦ୍ୱାରା ବିକଶିତ ହ୍ୱିଲ ଚେୟାରରେ ଥିବା ସାଧନକୁ ଉପଯୋଗ କରି ସେ ସାଧାରଣ ମଣିଷ ଭଳି ସବୁକାମ କରି ପାରୁଥିଲେ। ସାମାନ୍ୟ ପ୍ରତିକୂଳ ପରିସ୍ଥିତିରେ ମଣିଷ ଭାଙ୍ଗିପଡୁଥିବାବେଳେ ହକିଙ୍ଗ୍ ଥିଲେ ଅନେକ ଊର୍ଦ୍ଧ୍ୱରେ। ଅକ୍ଷମତାକୁ ସକ୍ଷମରେ ପରିଣତ କରିପାରିଥିବା ଏବଂ କେବେ ହାର ମାନି ନ ଥିବା ମଣିଷଙ୍କ କଥା ପଡ଼ିଲେ ସବୁବେଳେ ଆଗରେ ରହିବେ ଷ୍ଟିଫେନ୍।

ବିଜ୍ଞାନକୁ ହକିଙ୍ଗ୍‌ଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ। ସେ ସର୍ବଦା କହୁଥିଲେ, ପୃଥିବୀରେ ଈଶ୍ୱର ବୋଲି କେହି ନାହାନ୍ତି। ପୃଥିବୀକୁ କେହି ତିଆରି କରିନାହିଁ। ଆମ ଭାଗ୍ୟ କିଏ ଲେଖିନାହିଁ। ନାସ୍ତିକ ବିଚାରଧାରାକୁ ବିଶ୍ୱାସ କରୁଥିବା ଏହି ଖ୍ୟାତନାମା ମହାକାଶ ବିଜ୍ଞାନୀଙ୍କ ଶେଷ ପୁସ୍ତକ 'ଇଜ୍ ଦେୟାର ଏ ଗଡ୍?'ରେ ୟୁନିଭର୍ସ, ଏଲିୟନ ଇଣ୍ଟେଲିଜେନ୍ସ, ସ୍ପେଶ କୋଲୋଇଜେଶନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସକୁ ନେଇ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଛନ୍ତି। ଏଥିରେ ବିଶ୍ୱବ୍ରହ୍ମାଣ୍ଡର ଉତ୍ପତ୍ତିକୁ ନେଇ ଅନେକ ପ୍ରଶ୍ନର ଉତ୍ତର ରହିଛି। ସେ କହୁଥିଲେ ଈଶ୍ୱରଙ୍କ ଅଭିଶାପରୁ ତାଙ୍କ ଭଳି ଅନେକ ଦିବ୍ୟାଙ୍ଗଙ୍କ ଜନ୍ମ ହୋଇଥିବା ଅନେକେ ବିଚାର କରୁଛନ୍ତି। ହେଲେ ଏଭଳି ବିଶ୍ୱାସ ରଖୁଥିବା ବ୍ୟକ୍ତିଙ୍କୁ ସେ ସବୁବେଳେ ନିରାଶ କରିବେ। ଈଶ୍ୱର ଶବ୍ଦର ଅର୍ଥକୁ ସେ ଭିନ୍ନ ଭାବରେ ବ୍ୟାଖ୍ୟା କରିଛନ୍ତି, ଯେପରିକି ଆଲବର୍ଟ ଆଇନଷ୍ଟାଇନ୍ ଲ ଅଫ୍ ନେଚର ପାଇଁ ଗଡ୍ ଶବ୍ଦର ବ୍ୟବହାର କରୁଥିଲେ। ଅର୍ଥାତ୍ ପ୍ରକୃତିର ନିୟମକୁ ବୁଝିବା ହିଁ ଈଶ୍ୱରଙ୍କ ନିୟମକୁ ପଢ଼ିବା। ସେ ଏକଥା ମଧ୍ୟ ଜୋର୍ ଦେଇ କହୁଥିଲେ, ଏକବିଂଶ ଶତାବ୍ଦୀର ଶେଷ ବେଳକୁ ପ୍ରକୃତିର ଗୂଢ଼ ନିୟମକୁ ମଣିଷ ବୁଝିବା ଆରମ୍ଭ କରିସାରିଥିବ।

ତାଙ୍କ ମତରେ ବିଶ୍ୱ କେବେ ଶେଷ ହେଉ ନ ଥିବା ଏକ ଫ୍ରି ଲଞ୍ଚ ଭଳି। ଏହାକୁ ତିଆରି କରିବା ଲାଗି ଭଗବାନଙ୍କ ଆବଶ୍ୟକତା ନାହିଁ। ଆମେ ଯାହା ଚାହୁଁ ତାହା ମାନିବା ଲାଗି ସ୍ୱାଧୀନ। ଏହି ନିୟମରେ ଈଶ୍ୱର ବି ଆସନ୍ତି। ତେଣୁ ସେ ମାନିବାକୁ ପ୍ରସ୍ତୁତ ନୁହନ୍ତି ଯେ, ଈଶ୍ୱର ଅଛନ୍ତି, କେହି ଜଣେ ଏ ବିଶ୍ୱବ୍ରହ୍ମାଣ୍ଡ ତିଆରି କରିଛି ଏବଂ ଆମର ଭାଗ୍ୟ ଚଳାଉଛି। ଏହି ପୁସ୍ତକରେ ସେ ଆହୁରି ମଧ୍ୟ ଲେଖିଛନ୍ତି , କୌଣସି ସ୍ୱର୍ଗ ଅଛି ନା ମରିବା ପରେ ଜୀବନ। ଏସବୁ ବିଷୟରେ ଭାବିବା ହୁଏତ ଜଣଙ୍କର ସୁଖଦ ବିଚାର ହୋଇପାରେ। ହେଲେ ଏଥିଲାଗି କୌଣସି ଭରସାଯୋଗ୍ୟ ସାକ୍ଷୀ ନାହିଁ। ଗୁରୁତ୍ୱ ଆକର୍ଷଣ ନିୟମ ଆଧାରରେ ବ୍ରହ୍ମାଣ୍ଡ ନିଜକୁ ପୁଣି ଥରେ ଶୂନରୁ ଆରମ୍ଭ କରିପାରିବ। ମହାକାଶର ଯେକୌଣସି ଘଟଣାବଳୀ ଆମ ଅସ୍ତିତ୍ୱକୁ ସଙ୍କଟରେ ପକାଇ ଦେଇପାରେ। ତେଣୁ ବିଶ୍ୱବ୍ରହ୍ମାଣ୍ଡର ନିୟନ୍ତ୍ରଣ କ୍ଷମତା ଈଶ୍ୱରଙ୍କ ହାତରେ ନାହିଁ। ହକିଙ୍ଗ୍‌ଙ୍କ ମୃତ୍ୟୁପରେ ତାଙ୍କ ପାଣ୍ଡୁଲିପିକୁ ପୁସ୍ତକର ରୂପ ଦିଆଯାଇ ସାର୍ବଜନୀନ କରାଯାଇଥିଲା। ତେବେ ଅନେକ ଧର୍ମୀୟ ଅନୁଷ୍ଠାନ, ଖ୍ରୀଷ୍ଟିଆନ ଧର୍ମଯାଜକ ହକିଙ୍ଗ୍‌ଙ୍କ ମତକୁ ପ୍ରବଳ ବିରୋଧ କରିଥିଲେ। ତଥାପି ଜୀବନର ଅନ୍ତିମ କ୍ଷଣ ଯାଏ ସେ ନିଜ ଯୁକ୍ତିରୁ ହଟି ନ ଥିଲେ।

# ଗୋଟିଏ ଡ୍ରେସ୍‌ରେ ଶହେ ଦିନ



**ନୂଆଦିଲ୍ଲୀ:** ଲଗାତର ୧୦୦ ଦିନ ଗୋଟିଏ ପୋଷାକ ପିନ୍ଧି ସୋସିଆଲ ମିଡିଆରେ ଢେର୍ ଚର୍ଚ୍ଚିତ ହୋଇଛନ୍ତି ଶାରା ରବିନ୍। ୫୨ ବର୍ଷୀୟା ଏହି ମହିଳାଜଣକ ଶହେ ଦିନିଆ ଡ୍ରେସ ଚ୍ୟାଲେଞ୍ଜରେ ଭାଗ ନେଇ ଏପରି କରି ଦେଖାଇଛନ୍ତି। ସୋସିଆଲ ମିଡିଆରେ ଶହେ ଦିନିଆ ଏକ ଡ୍ରେସ ଚ୍ୟାଲେଞ୍ଜରେ ଭାଗ ନେଇ ଶାରା ଉଲାଣ୍ଡ ବ୍ରାଣ୍ଡର ଏକ କଳା ରଙ୍ଗର ପୋଷାକ ପିନ୍ଧିଥିଲେ। ଚ୍ୟାଲେଞ୍ଜର ସର୍ତ୍ତ ଅନୁସାରେ ଗୋଟିଏ ପୋଷାକକୁ ବିଭିନ୍ନ ଡିଜାଇନରେ ଲଗାତର ଶହେ ଦିନ ପିନ୍ଧିବାକୁ ହେବ। ଅବଶ୍ୟ ପୋଷାକକୁ କିଛି ଘଣ୍ଟା ପାଇଁ ଖୋଲି ସଫା କରିହେବ। ରବିନ ୨୦୨୦ ସେପ୍ଟେମ୍ବର ୧୧ ତାରିଖରେ। ଏହା ପରଠାରୁ ସେ ପ୍ରତିଦିନ ସେହି ପୋଷାକକୁ ବିଭିନ୍ନ ଡିଜାଇନରେ ପିନ୍ଧୁଥିଲେ। ଡିସେମ୍ବର ୨୬ ତାରିଖ ପର୍ଯ୍ୟନ୍ତ ସେହି ଡ୍ରେସଟିକୁ ପିନ୍ଧିଥିଲେ ବୋଲି ଜଣାଇ ଚ୍ୟାଲେଞ୍ଜ ପୂରା କରିଥିଲେ। ତେବେ ଶାରା କଳା ରଙ୍ଗର ସେହି ଡ୍ରେସ ସହିତ କେବେ ସ୍ୱେଟର ପିନ୍ଧିଥିଲେ ତ କେବେ ସ୍କର୍ଟ ପିନ୍ଧିଥିଲେ। ଏଭଳି ବିଭିନ୍ନ ଢଙ୍ଗରେ ପୂରା ଶହେ ଦିନ ଯାଏ କଳା ଡ୍ରେସକୁ ପିନ୍ଧି ଲୋକଙ୍କୁ ପ୍ରଭାବିତ କରି ପାରିଛନ୍ତି। ଚ୍ୟାଲେଞ୍ଜ ପୂରା କରି ପାରିଥିବାରୁ ସେ ନିଜେ ସୋସିଆଲ ମିଡିଆରେ ଏନେଇ ଜଣାଇଥିଲେ। ତେଣୁ ଲୋକେ ତାଙ୍କୁ ଏଭଳି ଏକ କାମ ପାଇଁ ଶୁଭେଚ୍ଛା ଜଣାଇଛନ୍ତି।

# ବସ୍ ଚଲାଉଛନ୍ତି ୟଶ୍‌ଙ୍କ ବାପା

**ମୁମ୍ବାଇ:** ପରଦାରେ କେଜିଏଫ ରିଲିଜ ହେବାପରେ ଫିଲ୍ମର କାହାଣୀ ଏବଂ ଆକ୍ସନ ଲୋକମାନଙ୍କ ମଧ୍ୟରେ ଏକ ଉତ୍ସାହ ସୃଷ୍ଟି କରିଥିଲା। ବିଶେଷଭାବେ ଲୋକଙ୍କ ଧ୍ୟାନ ଏହି ଚଳଚ୍ଚିତ୍ରର ହିରୋ ରକ ଷ୍ଟାର୍ ୟଶ ଜେଙ୍କ ଉପରେ ରହିଥିଲା। ସେ ଏବେ ତାଙ୍କର ୩୫ତମ ଜନ୍ମଦିନ ପାଳନ କରିଛନ୍ତି। ୟଶଙ୍କର ପ୍ରକୃତ ନାମ ହେଉଛି ନବୀନ କୁମାର ଗୌଡ଼ା। ୟଶ ଏକ ମଧ୍ୟବିତ୍ତ ପରିବାରର ଅଟନ୍ତି। ୟଶଙ୍କ ପିତା ଅରୁଣ କୁମାର ଜେ କେଏସଆରଟିସି ପରିବହନ ସେବାରେ କାମ କରୁଥିଲେ। ପରେ ସେ ବିଏମ୍‌ଟିସି ଟ୍ରାନ୍ସପୋର୍ଟରେ ଡ୍ରାଇଭର ଭାବରେ କାମ କରିବା ଆରମ୍ଭ କରିଥିଲେ। ଆଜି ମଧ୍ୟ ୟଶଙ୍କ ବାପା ବସ ଚଲାଉଛନ୍ତି। ସେ ବିଶ୍ୱାସ କରନ୍ତି ଯେ, ଏହି କାର୍ଯ୍ୟ ହେତୁ ସେ ୟଶଙ୍କୁ ଏତେ ବଡ କରିପାରିଲେ ତେଣୁ ସେ ଏହି କାର୍ଯ୍ୟ ଛାଡିବେ ନାହିଁ ।



# ବଲିଉଡ୍ ଡେବ୍ୟୁ ପାଇଁ ସଜ ହେଲେଣି ଶାନୟା

**ମୁମ୍ବାଇ:** ବଲିଉଡ୍‌ରେ ଆଉ ଜଣେ କପୁର ଲଳନା ଏଣ୍ଟ୍ରି କରିବେ। ତାଙ୍କର ଫଟୋଶୁଟ୍ ଦେଖିଲେ ଜଣାପଡୁଛି ଯେ, ଖୁବ୍ ଶୀଘ୍ର ଦୁଇ ଭଉଣୀ ସୋନମ ଓ ଜାହ୍ନବୀଙ୍କ ପଦାଙ୍କ ଅନୁକରଣ କରିବେ। ଆଉ ଏଥି ଲାଗି ସେ ପ୍ରସ୍ତୁତ ହେଉଛନ୍ତି। ସେ ହେଲେ ସଞ୍ଜୟ କପୁରଙ୍କ ଝିଅ ଶାନୟା। ମେକଅପ କଳାକାର ରିଦ୍ଧିମା ଶର୍ମା ଶାନୟାଙ୍କ ନୂଆ ଫଟୋଶୁଟ୍‌ର ଢେର ଫଟୋ ଶେୟାର କରିଛନ୍ତି। ଗୋଟିଏ ଫଟୋରେ ସେ ଓଦା କେଶ ସହିତ ଓଭରସାଇଜ ବ୍ଲେଜରରେ ପୋଜ ଦେଇଥିବା ନଜର ଆସିଛନ୍ତି।ଏହା ବ୍ୟତୀତ ଏକ ଫଟୋରେ ସେ ଆଇସ ବ୍ଲୁ ଶୁଟ୍‌ର ପୋଜ ବି ଦେଇଛନ୍ତି। ଫଟୋରେ ଶାନୟା ଖୁବ ଗ୍ଲାମର୍ସ ଦେଖାଯାଉଛନ୍ତି। ସେ ତାଙ୍କ ଫଟୋ ଶୁଟ ପାଇଁ ବୋଲ୍ଡ ମେକଅପ ବି ନେଇଛନ୍ତି। ଶାନୟା 'ଗୁଞ୍ଜନ ସାକ୍ସେନା'ରେ ସହକାରୀ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି। ଏକ ପ୍ରସିଦ୍ଧ କଳାକାର ପରିବାରର ଶାନୟାଙ୍କ ବଲିଉଡ୍ ଡେବ୍ୟୁ ପାଇଁ ପ୍ରଶଂସକମାନେ ପ୍ରତୀକ୍ଷା କରିଛନ୍ତି।

# ଚାଉଳ ଚୂନାରୁ ଅର୍ଗାନିକ୍ ଚକ୍

**ହାଇଦ୍ରାବାଦ:** ଚାଉଳ ଚୂନାରେ ପ୍ରସ୍ତୁତ ହୋଇଛି ଚକ୍‌ପିସ୍। ଏହା ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଜିପ୍‌ସମ୍‌ରେ ତିଆରି ଚକ୍‌ର କୁପ୍ରଭାବ ଅନୁଭବକରି ହାଇଦ୍ରାବାଦର ଆଦିଲାବାଦ ଅଞ୍ଚଳର ଦୁଇ ସ୍କୁଲ ଛାତ୍ର ଏଭଳି ଅଭିନବ ଉପାୟ ଚିନ୍ତା କରିଥିଲେ। ବ୍ଲାକ୍‌ବୋର୍ଡରେ ଲେଖିବା ପାଇଁ କ୍ଷତିକାରକ ଜିପ୍‌ସମ୍ ବଦଳରେ ଚାଉଳ ଚୂନା ବ୍ୟବହାରକରି ଦୁହେଁ ଅର୍ଗାନିକ୍ ଚକ୍ ତିଆରି କରିବାରେ ସଫଳ ହୋଇଛନ୍ତି। ଚକ୍‌ରୁ ବାହାରୁଥିବା ଜିପ୍‌ସମ୍ ଗୁଣ୍ଡ ବିଭିନ୍ନ ଉପାୟରେ ଶରୀରର କ୍ଷତି କରିଥାଏ। ବିଶେଷକରି ଫୁସ୍‌ଫୁସ୍ ଏବଂ ଆଖି ଉପରେ କୁପ୍ରଭାବ ପକାଇଥାଏ। ତେଣୁ ଏହାର ବିକଳ୍ପ ଚିନ୍ତାକରି ନିଜ ପ୍ରଚେଷ୍ଟାରେ ସଫଳ ହୋଇଥିବା ଆଦିଲାବାଦ ବଙ୍ଗାରିଗୁଡ଼ାସ୍ଥିତ ଆଦର୍ଶ ବିଦ୍ୟାଳୟର ଦୁଇ ଛାତ୍ର ପି. ହର୍ଷିତ୍ ବର୍ମା ଏବଂ କେ. ରୁଦ୍ର କହିଛନ୍ତି। ଚାଉଳ ଚୂନା, ମାଟି, ନିମ୍ବତେଲ, ଲେମନ୍ ଅଏଲ୍ ଏବଂ କର୍ପୂର ସମେତ ଅନ୍ୟ ପ୍ରାକୃତିକ ଜିନିଷ ବ୍ୟବହାରକରି ଏହି ଅର୍ଗାନିକ୍ ଚକ୍ ପ୍ରସ୍ତୁତ କରିଥିବା ଦୁହେଁ କହିଛନ୍ତି। ଏପରିକି ସ୍କୁଲରେ ପାଠପଢ଼ାବେଳେ ପ୍ରାକୃତିକ ସୁଗନ୍ଧ ନିମନ୍ତେ ଗୋଲାପ ଜଳ, ଚନ୍ଦନ ଭଳି ସୁବାସିତ ପଦାର୍ଥ ମିଶ୍ରଣ କରିଥିବା ଦୁଇ ଛାତ୍ର ପ୍ରକାଶ କରିଛନ୍ତି।




# ଚାଲିଲେ ବାହାରୁଛି ବିଜୁଳି

**ଶିମ୍ଲା :** ଏମିତି ଏକ ରାସ୍ତା ଯାହା ଉପରେ ଚାଲିଲେ ବିଦ୍ୟୁତ ଶକ୍ତି ଉତ୍ପନ୍ନ ହୋଇଥାଏ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏହି ରାସ୍ତା ନିର୍ମାଣ କରିଥିବା ଅନୁସନ୍ଧାନକାରୀଙ୍କ ମୁଖ୍ୟ ଡା. ରାହୁଲ ଭୈଶ କହିଛନ୍ତି, ଏହି ରାସ୍ତା ନିର୍ମାଣ ପାଇଁ ପାଇଓଲୋଜିକ୍ଟିକ ସାମଗ୍ରୀ ବ୍ୟବହାର କରାଯାଇଛି। ଏହା ଏକ ସ୍ୱତନ୍ତ୍ର ପ୍ରକାରର ବସ୍ତୁ। ଯାହା ଯାନ୍ତ୍ରିକ ଶକ୍ତିରୁ ବୈଦ୍ୟୁତିକ ଶକ୍ତି ଉତ୍ପନ୍ନ କରିଥାଏ। ଏହା ରାସ୍ତାରେ ପଡୁଥିବା ଚାପ, ଷ୍ଟ୍ରେଚ ଏବଂ ଘର୍ଷଣ ଦ୍ୱାରା ଯାନ୍ତ୍ରିକ ଶକ୍ତିରୁ ବୈଦ୍ୟୁତିକ ଶକ୍ତିରେ ପରିଣତ ହୋଇଥାଏ।



ଡକ୍ଟର ରାହୁଲ ଏବଂ ତାଙ୍କ ଟିମ ପାଇଜୋଲେକ୍ଟ୍ରିକ ସାମଗ୍ରୀରୁ ନିର୍ମିତ ରାସ୍ତାରେ ନୂତନ ଟେକ୍ନୋଲୋଜି ବ୍ୟବହାର କରି ଏହାର କ୍ଷମତା ବୃଦ୍ଧି କରିଛନ୍ତି। ଏହି ଟେକ୍ନୋଲୋଜିର ନାମ ହେଉଛି ଗ୍ରେଡ ପୋଲ। ଏହା ଯୋଗୁ ପାଇଜୋଲେକ୍ଟ୍ରିକ ସାମଗ୍ରୀରେ ନିର୍ମିତ ରାସ୍ତାର ଶକ୍ତି ଉତ୍ପାଦନ କ୍ଷମତା ୧୦୦ ଗୁଣ ଅଧିକ ହେବ। ଯଦି ରାସ୍ତାରୁ ୧ ୱାଟ ବିଦ୍ୟୁତ ଶକ୍ତି ଉତ୍ପାଦନ କରୁଥାଏ ଏହା ୧୦୦ ୱାଟ ବିଦ୍ୟୁତ୍ ଉତ୍ପାଦନ କରିବ। ଏଥିରେ ଅନେକ କୌଶଳ ବ୍ୟବହାର କରାଯାଇଛି। ସେପରିକି ରାସ୍ତାର ସାମଗ୍ରୀକୁ ବଙ୍କା କରିବା, ଦବାଇବା, ଟାଣିବା, ଘର୍ଷଣ ଇତ୍ୟାଦି। ଏଗୁଡ଼ିକୁ ଯାନ୍ତ୍ରିକ ଚାପ କୁହାଯାଏ। ରାସ୍ତାର ତଳ ଏବଂ ଉପର ସ୍ତରରେ ପାଇଜୋଲେକ୍ଟ୍ରିକ କ୍ୟାଣ୍ଟିଲାଇଭର ବିମ୍ ଲଗାଯାଇଛି। ଏହା ଉପରେ ଚାଲିଲେ ଯାନ୍ତ୍ରିକ ଚାପ ସୃଷ୍ଟି ହୋଇ ଏଥିରୁ ବିଦ୍ୟୁତ୍ ଶକ୍ତି ଉତ୍ପନ୍ନ ହୋଇଥାଏ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ସଞ୍ଜୟ କୁମାର ପଟ୍ଟନାୟକ
ତମାଣ୍ଡୋ, ଭୁବନେଶ୍ୱର
ଆବିର୍ଭାବ: ୨୫।୦୮।୧୯୬୨
ତିରୋଧାନ: ୩୦।୧୨।୨୦୨୦
ଆପଣଙ୍କ ଦେହାବସାନ ଆମକୁ ଗଭୀର ଦୁଃଖ ଦେଇଛି। କର୍ମଠତା, ସହନଶୀଳତା ଓ ସମୟାନୁବର୍ତ୍ତିକ ଗୁଣ ଆମର ଚିରଦିନ ମନେ ରହିବ। ଆଜିର ଦୁଃଖଦ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦରେ ବିନମ୍ର ନିବେଦନ।
-:ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:-
ସାନଭାଇ-ଭଉଣୀ, ବନ୍ଧୁ ଓ ପରିବାରବର୍ଗ ।
ଧ-୬୦୯୬୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁକନକଲତା ପଟ୍ଟନାୟକ
ଧାନସାହି, ଝାଁଳା, ଖୋର୍ଦ୍ଧା
ଅମ୍ବିକା ସାହି, ୱାର୍ଡ ନଂ-୧, ବାରିପଦା
ଆବିର୍ଭାବ- ୦୩.୦୭.୧୯୪୯
ତିରୋଧାନ - ୩୦.୧୨.୨୦୨୦
ତୁମର ଅବର୍ତ୍ତମାନରେ ପରିବାରରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ଚିରକାଳ ଅପୂରଣୀୟ ରହିବ । ଶ୍ରୀଶ୍ରୀ ପ୍ରଭୁ ଗୋପାଳଜୀଙ୍କ ଚରଣରେ ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ଭକ୍ତିପୂତ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ: ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ।
ଧ-୬୯୬୭୧

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ସଦାନନ୍ଦ ନାୟକ
ମହାନଦୀ ବିହାର, କଟକ
ଆବିର୍ଭାବ: ୧୬।୦୫।୧୯୪୦
ତିରୋଧାନ: ୦୧।୦୧।୨୦୧୯
(ପୌଷମାସ କୃଷ୍ଣପକ୍ଷ ଏକାଦଶୀ
"ମନେ ପଡୁଛ ବାବା ତମେ ସକାଳ ହେଲେ, ସଞ୍ଜ ନଇଁଲେ ଯେଉଁଠି ଅଛ, ଭଲରେ ଥାଅ।"
-:ଶୋକସନ୍ତପ୍ତ:-
ମାମା ଓ ପିଲାମାନେ
ଧ-୧୯୫୦୪

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଗିରିଧାରୀ ନାୟକ
ସାନକୁଆଁଳ, ମଙ୍ଗଳପୁର, ଯାଜପୁର
ଆବିର୍ଭାବ: ୨୯।୧୧।୧୯୪୧
ତିରୋଧାନ: ୩୦।୧୨।୨୦୨୦ (ବୁଧବାର)
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ପ୍ରତୀକ୍ଷାରେ ହତଭାଗ୍ୟ ପୁତ୍ରମାନେ:-
ପ୍ରଶାନ୍ତ (ମଣ୍ଟୁ), ଦେବ (ବୁଲୁଆ), ସୁଶାନ୍ତ (କୁନା), ସୁଶୀଳ (ସୁନା) ଓ ଶୋକସନ୍ତପ୍ତ ବନ୍ଧୁ ଓ ପରିବାରବର୍ଗ।
ଧ-୧୯୫୦୫

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁ ଲତିକା ମହାନ୍ତି
ସ୍ୱାମୀ - ସତ୍ୟନାରାୟଣ ମହାନ୍ତି
୧୦୩, ଶହୀଦ ନଗର, ଭୁବନେଶ୍ୱର
ଆବିର୍ଭାବ : ୦୭.୦୧.୧୯୪୦
ତିରୋଧାନ : ୩୦.୧୨.୨୦୨୦ (ପଣ୍ଡୁପୂର୍ଣ୍ଣିମା)
ବୋଉ,
ତମେ ଏତେ ଶୀଘ୍ର ଆମକୁ ଛାଡ଼ି ଚାଲିଯିବ ବୋଲି ଆମେ ବିଶ୍ୱାସ କରିପାରୁନୁ। ତମର ସ୍ନେହ, ମମତା, ଭଲପାଇବା ସବୁଦିନ ପାଇଁ ମନେ ରହିବ । ତମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ :
ବାପୁ, ଲୁପୁ, ଲିକୁ, ବନ୍ଧୁ ଓ ପରିବାରବର୍ଗ
ଧ-୬୯୯୫୫

ଦ୍ୱାଦଶ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ



ଁପ୍ରଶାନ୍ତ କୁମାର ମହାନ୍ତି
(ପିଣ୍ଟୁ)
ସଠିଲୋ, କେନ୍ଦ୍ରାପଡ଼ା
ବିଧାତାର ନିଷ୍ଠୁର ସତ୍ୟ ଅନୁସାରେ ତୁମ୍ଭେ ଆମକୁ ଇହଧାମରୁ ଛାଡ଼ି ଚାଲିଗଲ । ତୁମର ଅକାଳ ବିୟୋଗରେ ଆମେ ଅତ୍ୟନ୍ତ ମିୟମାଣ । ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ତାଙ୍କ ଚରଣ କମଳରେ ତୁମକୁ ସ୍ଥାନ ଦେଇ ଥାଆନ୍ତୁ ଏବଂ ତୁମ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା ଆମ୍ଭମାନଙ୍କ ଜୀବନରେ ପାଥେୟ ହେଉ।
ଶୋକସନ୍ତପ୍ତ : ବନ୍ଧୁ ଓ ପରିବାର ବର୍ଗ
ଧ-୧୯୪୮୩

# ଯେପରି ଅନ୍ନ ସେପରି ମନ

**ଗୋ**ଟିଏ ରାଜ୍ୟରେ ଜଣେ ରାଜା ଥିଲେ। ତାଙ୍କ ଦରବାରରେ ଜଣେ ସାଧୁ ମହାତ୍ମା ଥିଲେ। ସାଧୁଜଣକ ଅତ୍ୟନ୍ତ ଜ୍ଞାନୀ, ବିବେକୀ ନିଷ୍ଠାପର ଓ ସଚ୍ଚୋଟ ବ୍ୟକ୍ତି ଥିଲେ। ସେହି ରାଜ୍ୟରେ ଜଣେ ବ୍ରାହ୍ମଣ ଥିଲେ। ଝିଅର ବିବାହ ନିମନ୍ତେ ସେହି ନଗରରେ ରହୁଥିବା ଜଣେ ବଣିଆକୁ ଡାକି କିଛି ସୁନା ଦେଇ ଗହଣା ତିଆରି ପାଇଁ ବରାଦ ଦେଲେ। ମାତ୍ର ସେହି ବଣିଆ ଜଣକ ଠକ ଓ ଖଳ ପ୍ରକୃତିର ଲୋକ ବୋଲି ବ୍ରାହ୍ମଣ ଜାଣି ନ ଥିଲେ।

କିଛି ଦିନ ପରେ ବଣିଆ ସୁନା ଗହଣା ଆଣି ବ୍ରାହ୍ମଣଙ୍କୁ ଦେଇ ଚାଲିଗଲା। ବ୍ରାହ୍ମଣଙ୍କ ଝିଅ ସେହି ଅଳଙ୍କାର ପିନ୍ଧି ନିଜ ଶ୍ୱଶୁରଘରକୁ ଚାଲିଗଲେ। ପ୍ରକୃତରେ ସେହି ଗହଣାଗୁଡିକ ଅସଲି ନ ଥିଲା। ସେଗୁଡିକ ସମ୍ପୂର୍ଣ୍ଣ ନକଲି ଥିଲା। ସେହି ଠକ ବଣିଆ ସୁନା ବଦଳରେ ପିତ୍ତଳରେ ଗହଣା ତିଆରି କରି କେବଳ ଉପରେ ସୁନାର ଆବରଣ ଦେଇ ଠକିଥିଲା। ବ୍ରାହ୍ମଣଙ୍କ ଝିଅକୁ ଶ୍ୱଶୁରଘର ଲୋକ ଏଭଳି ନକଲି ଗହଣା ଦେଖି ଗାଳିଗୁଲଜ କରିବା ସହିତ ଅପମାନ ଦେଇ ତାଙ୍କୁ ଘରୁ ବାହାର କରିଦେଲେ। ବ୍ରାହ୍ମଣ ବଣିଆର ଠକାମି ଜାଣିପାରି ରାଜାଙ୍କ ନିକଟରେ ଅଭିଯୋଗ କଲେ।

ରାଜା ଦୁଃଖ ପ୍ରକାଶ କରିବା ସହିତ ବ୍ରାହ୍ମଣଙ୍କୁ ସୁନାରେ ତିଆରି ଗହଣା ତାଙ୍କ ଝିଅ ପାଇଁ ଦେଲେ। ଫଳରେ ତାଙ୍କ ଝିଅ ଖୁସିରେ ନିଜ ଶ୍ୱଶୁର ଘରକୁ ଗଲେ। ବଣିଆକୁ ରାଜ ଦରବାରକୁ ରାଜା ଡକାଇଲେ। ଲୋକଙ୍କୁ ଠକି ରଖିଥିବା ସମସ୍ତ ଧନ ସମ୍ପତ୍ତି ରାଜକୋଷରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେବା ସହିତ ରାଜା ତାକୁ କାରାଦଣ୍ଡରେ ଦଣ୍ଡିତ କଲେ।

ରାଜଦରବାରର ସମସ୍ତ ଖର୍ଚ୍ଚ ରାଜକୋଷରୁ ଭରଣା କରାଯାଉଥିଲା। ବଣିଆ ଦାଖଲ କରିଥିବା ପାପାର୍ଜିତ ଧନସମ୍ପତ୍ତିରେ ଅନେକ ଆବଶ୍ୟକ ସାମଗ୍ରୀ ମଧ୍ୟ କିଣାଯାଇଥିଲା ; ଯାହାକୁ ରାଜଦରବାରର ସମସ୍ତ ଲୋକ ବ୍ୟବହାର କରୁଥିଲେ। ସେହି ଟଙ୍କାରେ ମଧ୍ୟ ଖାଦ୍ୟ ସାମଗ୍ରୀ କିଣାଯାଇ ଅନ୍ନ ପ୍ରସ୍ତୁତ କରାଯାଉଥିଲା। ସେହି ସାଧୁ ମହାତ୍ମା ମଧ୍ୟ ଦରବାରରେ ପ୍ରସ୍ତୁତ ଅନ୍ନ ଭୋଜନ କରୁଥିଲେ ଓ ଅନ୍ୟାନ୍ୟ ଜିନିଷ ମଧ୍ୟ ବ୍ୟବହାର କରୁଥିଲେ।

କିଛିଦିନ ପରେ ସେହି ସାଧୁ ମହାତ୍ମା ଜଣକ ନିଜର ହିତାହିତ ଜ୍ଞାନ ଭୁଲି ଲୋଭ ଓ ମୋହର ବଶବର୍ତ୍ତୀ ହୋଇ ରାଣୀଙ୍କର ଦାମିକା ସୁନା ହାର ଚୋରି କରି କେଉଁଆଡେ ନିଖୋଜ ହୋଇଗଲେ। ପରବର୍ତ୍ତୀ ସମୟରେ ସାଧୁ ଜଣକ ନିଜର ଭୁଲ୍ ବୁଝିପାରିଲେ ଓ ସୁନା ହାରଟିକୁ ଫେରାଇ ଦେବାପାଇଁ ରାଜାଙ୍କ ନିକଟକୁ ଆସିଲେ।

ସୁନା ହାର ସହିତ ରାଜା ସାଧୁଙ୍କୁ ଦେଖି ବିସ୍ମିତ ହୋଇପଡିଲେ। କହିଲେ– ଆପଣ ସାଧୁ ମହାତ୍ମା। ଅମାପ ଜ୍ଞାନଗୁଣର ଅଧିକାରୀ। ଆପଣ ଚାହିଁଥିଲେ ପୃଥିବୀର ସମସ୍ତ ସୁଖ ଆପଣଙ୍କ ପାଦତଳକୁ ଆସିଥାଆନ୍ତା। ଆପଣ ଏ ସାଧାରଣ ସୁନା ହାର ଚୋରି କଲେ କାହିଁକି ? ରାଜାଙ୍କ ପ୍ରଶ୍ନର ଉତ୍ତରରେ ସାଧୁ ମହାତ୍ମା କହିଲେ– ହେ ରାଜନ ! ମୁଁ ସେହି ଅନ୍ନ ଖାଉଥିଲି, ଯାହା କି ସେ ଠକ ବଣିଆର ଚୋରି ଧନରେ ପ୍ରସ୍ତୁତ ହେଉଥିଲା। ଏହାର ପ୍ରଭାବରେ ମୋର ବିବେକ ଓ ଆଚରଣ ନଷ୍ଟ ହୋଇଗଲା। ମୁଁ ଲୋଭ ଓ ମୋହରେ ପଡି ଜ୍ଞାନହୀନ ହୋଇଗଲି। ଫଳରେ ସୁନା ହାରଟିକୁ ଚୋରି କରି ଚାଲିଯାଇଥିଲି। କିନ୍ତୁ ମୁଁ ଯେତେବେଳେ ରାଜ୍ୟ ଛାଡି ଚାଲିଗଲି ଓ ଭୋକ ଉପବାସରେ ଏଣେ ତେଣେ ବୁଲିବାକୁ ଲାଗିଲି ସେତେବେଳେ ଏହି ପ୍ରଦୂଷିତ ଧନରେ କିଣାଯାଇଥିବା ଅନ୍ନର ଅଂଶ ମୋ ଶରୀରରେ ରହିଲା ନାହିଁ। ମୋ ସ୍ୱଭାବରେ ପରିବର୍ତ୍ତନ ହେଲା। ମୁଁ କରିଥିବା ଅପରାଧ ସମ୍ପର୍କରେ ସଚେତନ ହେଲି ଓ ହାର ଫେରାଇବାକୁ ଆସିଲି।

ସାଧୁଙ୍କଠାରୁ ଏକଥା ଶୁଣି ରାଜା ଅତ୍ୟନ୍ତ ଖୁସିହେଲେ ଓ ତାଙ୍କୁ ପୁଣି ଥରେ ରାଜ ଦରବାରରେ ନିଯୁକ୍ତି ଦେଲେ। ତେଣୁ କଥାରେ ଅଛି 'ଯେପରି ଅନ୍ନ ସେପରି ମନ'। ଅର୍ଥାତ୍ ଶୁଦ୍ଧ ପବିତ୍ର ଭୋଜନ ଏକ ଉତ୍ତମ ମନ ଗଠନରେ ସାହାଯ୍ୟ କରେ। ପାପ ଅର୍ଜିତ ଧନରେ କିଣାଯାଉଥିବା ବା ପ୍ରସ୍ତୁତ ହେଉଥିବା ଅନ୍ନ ମଣିଷ ଶରୀରରେ କୁପ୍ରଭାବ ପକାଏ। ଫଳରେ ମଣିଷ ବିପଥଗାମୀ ହୋଇ ଭୁଲ୍ କରେ ; ଯେଉଁଥିପାଇଁ ସେ ଜୀବନ ସାରା ଅନୁତାପ କରେ। ତେଣୁ ଆମେ ସମସ୍ତେ ଅନ୍ୟାୟ, ଅନୀତି, ଦୁର୍ନୀତି, ଲୋଭ, ମୋହ ଭଳି କୁକର୍ମଠାରୁ ଦୂରରେ ରହି କାମକଲେ ଭଲ ମଣିଷ ହୋଇ ସମାଜର ମଙ୍ଗଳ କରିପାରିବା।


ଗପ

–ଅଧ୍ୟାପକ ଶରତ କୁମାର ଦାସ
ବଡବିଲ ମହାବିଦ୍ୟାଳୟ,
ବଡବିଲ, କେନ୍ଦୁଝର

## ଆଇନା


ଦୟାଶଙ୍କର
୧୦ ବର୍ଷ

## ଖିଲିଖିଲି ହସ

୧

ପ୍ରଥମ ସାଙ୍ଗ– କହିଲୁ ଦେଖି ଏହି ପୃଥିବୀରେ କେତୋଟି ଦେଶ ଅଛି ?
ଦ୍ୱିତୀୟ ସାଙ୍ଗ– ପୁଣି ଥରେ ପାଗଳଙ୍କ ପରି କଥା ଆରମ୍ଭ କରିଦେଲୁ। ଆରେ ମୂର୍ଖ ତତେ କେତେ ଥର କହିଲିଣି କି ଏ ଦୁନିଆରେ କେବଳ ଗୋଟିଏ ହିଁ ଦେଶ ଅଛି 'ଭାରତ'। ବାକି ସବୁ ବିଦେଶ...।

୨

ଶିକ୍ଷକ– ଯଦି ଇଂଲିଶରେ ମା'ଙ୍କୁ ମମ୍ କୁହାଯାଏ, ତେବେ ମା'ଙ୍କର ବଡ଼ଭଉଣୀ ଏବଂ ସାନ ଭଉଣୀଙ୍କୁ କ'ଣ କୁହାଯିବ ?
ଛାତ୍ର– ସାର୍, ଏଇତ ବହୁତ ସହଜ ପ୍ରଶ୍ନ, ମା'ଙ୍କ ବଡଭଉଣୀଙ୍କୁ ମ୍ୟାକ୍ସିମମ୍ ଏବଂ ସାନଭଉଣୀଙ୍କୁ ମିନିମମ୍ କୁହାଯିବ।

୩

ସାର୍– କହିଲୁ ନଟୁ, ଲାଇଟର୍ ଆଉ ଦିଆସିଲି ମଧ୍ୟରେ ପାର୍ଥକ୍ୟ କ'ଣ ?
ନଟୁ– ସାର୍, ଦିଆସିଲି କାଠିରେ କାନ କୁଣ୍ଡାଇ ହୁଏ, କିନ୍ତୁ ଲାଇଟରରେ ହୁଏନି।

୪

ଗୋପାଳ– ଶୀଘ୍ର ଲସି ଦେ, ଲଢେଇ ହବାର ଅଛି। ଏହାପରେ ଦୋକାନୀଠୁ ଲଗାତର ୪ ଗ୍ଲାସ ଲସି ପିଇଲା।
ଦୋକାନୀ– ସାର୍, ଲଢେଇ କେତେବେଳେ ଆଉ କୋଉଠି ହବ।
ଗୋପାଳ– ତୁ ଯେତେବେଳେ ପଇସା ମାଗିବୁ।

## ମତାମତ

➔ ଏଥର ପିଲାଙ୍କ ଧରିତ୍ରୀ ପୃଷ୍ଠାଟି ନୂଆବର୍ଷ ପାଇଁ ଥିବାରୁ ଭାରି ଭଲ ଲାଗିଲା। ନୂଆବର୍ଷ ପାଳନ ସରି ଯାଇଥିଲେ ବି ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଅନେକଗୁଡ଼ିଏ ନୂଆବର୍ଷ କବିତା ବହୁତ ଭଲ ଲାଗିଲା।
➔ ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ଛୋଟ ଛୋଟ କବିତା ସ୍ଥାନ ପାଇଥିବାରୁ ବହୁତ ଭଲ ଲାଗିଲା।
– ହସ କଥା ସ୍ତମ୍ଭରେ ଆଉ ଟିକିଏ ଅଧିକ ଫଟୋ ଦେଲେ ବି ଆକର୍ଷଣୀୟ ଲାଗିବ।
➔ ଏଥର ପ୍ରକାଶିତ ଗପରେ ଶୀତ ବିଷୟରେ ସୁନ୍ଦରଭାବେ ଏକ କାହାଣୀ ବର୍ଣ୍ଣନା କରାଯାଇଥିଲା, ଯାହା ପଢ଼ିବା ପାଇଁ ଭଲ ଲାଗିଲା।
➔ ତୁମ ତୂଳୀ ସ୍ତମ୍ଭରେ ଏଥର ପ୍ରକାଶିତ ଚିତ୍ରଗୁଡ଼ିକ ସେଭଳି ଆକର୍ଷଣୀୟ ହୋଇପାରି ନ ଥିଲା। ତା' ଛଡା ଏଥିରେ ଆଉଟିକେ ଅଧିକ ଚିତ୍ର ପ୍ରକାଶ ପାଇଁ ଚେଷ୍ଟା କଲେ ଭଲ ହୁଅନ୍ତା।

## ଗିନିଜ୍ ୱାର୍ଲ୍ଡ ରେକର୍ଡ

# ସବୁଠୁ ଲମ୍ବା ସାଇକେଲ

ପିଲାମାନେ ସମସ୍ତେ ସାଇକେଲ ତ ନିଶ୍ଚିତ ଦେଖିଥିବେ। ଅନେକ ମଧ୍ୟ ସାଇକେଲ ଚଲାଇବା ବି ଶିଖିଥିବେ। ଆଚ୍ଛା ପିଲାମାନେ ତମେ ସମସ୍ତେ ବିଭିନ୍ନ ପ୍ରକାରର ସାଇକେଲ୍ ଦେଖିଥିବ। କେଉଁ ସାଇକେଲର ରଙ୍ଗ ଅଲଗା ତ କାହାର ଡିଜାଇନ୍ ଅଲଗା। ଆଉ ସାଇକେଲର ଲମ୍ବା ଅତିବେଶୀରେ ୨ ମିଟର ଭିତରେ ହୋଇଥିବ। କିନ୍ତୁ ଗୋଟିଏ ସାଇକେଲ ୪୧ ମିଟରରୁ ଅଧିକ ଲମ୍ବା ହୋଇଥିବ ଏକଥାକୁ କେହି ବିଶ୍ୱାସ କରିପାରୁଛ କି ? ନାହିଁ ନା... ହେଲେ ଏମିତି ବି ଗୋଟେ ସାଇକେଲ୍ ଅଛି ଯାହା ଗିନିଜ୍ ରେକର୍ଡ କରିପାରିଛି।

ଗିନିଜ୍ ରେକର୍ଡ କରିଥିବା ଏହି ସାଇକେଲଟି ଅଷ୍ଟ୍ରେଲିଆର ଆଡିଲେଡ୍‌ଠାରେ ତିଆରି କରାଯାଇଛି। ଗ୍ୟାସ ଆଣ୍ଡ ଅଏଲ କମ୍ପାନୀ ସାଣ୍ଟୋ ସହିତ ଦକ୍ଷିଣ ଅଷ୍ଟ୍ରେଲିଆର ୟୁନିଭର୍ସିଟି ମିଳିତଭାବେ ଏହି ସାଇକେଲଟିକୁ ତିଆରି କରିଛନ୍ତି। ଏହାକୁ ତିଆରି କରିବା ପାଇଁ ପ୍ରାୟ ୯ ମାସ ସମୟ ଲାଗିଥିଲା। ଏହାର ଲମ୍ବା ହେଉଛି ୪୧.୪୨ ମିଟର ବା ୧୩୫ ଫୁଟରୁ ଅଧିକ। ଅଷ୍ଟ୍ରେଲିଆର ଏହି ସାଇକେଲଟିକୁ ଜଣେ ଚାହିଁଲେ ଚଲାଇ ପାରିବ ନାହିଁ। ଅତି କମରେ ଏହାକୁ ଚଲାଇବା ପାଇଁ ସାତ ଜଣରୁ ଅଧିକ ଜଣଙ୍କର ଆବଶ୍ୟକତା ପଡ଼ିଥାଏ।

## କହିଲ ଦେଖି



**ଟି**କି ଟିକି ଡେଣା ଭାରି ସୁନ୍ଦର
ଉଡି ବୁଲୁଥାନ୍ତି ଫୁଲ ବଣର।
ମାଳି ବଗିଚାରେ ଥାଆନ୍ତି ଖୁସି
ଛପି ତା'ର ପଛେ ଧରିଛ ଦେଖି।
ଫୁଲରୁ ଫୁଲକୁ ଚୁମି ବୁଲନ୍ତି
ପରଜା ମିଶାଣ ଅଟଇ ପତ।
କହିଲ ପିଲାଏ ନାମଟି ତା'ର
ପିଲାଦିନ ସ୍ମୃତି ସିଏ ତୁମର ।
ଉତ୍ତର–**ପରଜାପତି**



**ଗ**ଛ ଦାରୁ ପତ୍ର ସରୁ
ଫୁଲ ଧଳା ଫଳ କଳା
ସେ ଫଳ ଯଦି ଖାଇବ
ପାଖରେ ପାଣି ଥୋଇବ
ପାଟିକୁ ସିଏ ଲାଗଇ ରାଗ
କିଏ କହିବ ତା' ନାମ ଆଗ।
ଉତ୍ତର –କଞ୍ଚାଲଙ୍କା



**ନା**ନା ଫୁଲ ଗଛ ଦିଏ ଲଗାଇ
ବଗିଚା ସୁନ୍ଦର ଦିଶେ ତା' ପାଇଁ ।
ଦେଇ ସାର ପାଣି ଅତି ଯତନେ
ପାଳଇ ଚାରାକୁ କନିଆ ପଣେ ।
ତା' କର୍ମ ବଳରେ କେତେ କୁସୁମ
ଫୁଟି ମହକନ୍ତି ଶେଫାଳି ସମ।
କହିଲ ପିଲାଏ ନାମ ତାଙ୍କର
ଫୁଲ ତାଙ୍କ ଝିଅ ବାପା ସେ ତା'ର।
ଉତ୍ତର–**ମାଳି**



**କୋ**ମଳ ପାଖୁଡା ଭାରି ନରମ
ଫୁଟି ବିତରନ୍ତି ଅତର ସମ।
ନିଜର ମହକ ଶୋଭାରେ ଭରି
ଅଳପ ବୟସେ ପଡନ୍ତି ଝରି ।
ଟିକି କଳିକାରୁ ହୁଅନ୍ତି ଫୁଲ
ଦାନ ତାଙ୍କ ଅଟେ ଅମୂଲ ମୂଲ।
ବିଭୁ ସେବା ଲାଗି ତାଙ୍କ ଜନମ
ବିପରିତ ନାମ ତା'ର କୁସୁମ।
ଉତ୍ତର–**ଫୁଲ**

–ଧ୍ରୁବ ଚରଣ ବେହେରା,
କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ, ଝାଡ଼ଖଣ୍ଡ

## ତୁମ ତୂଳୀରୁ




ଦେବିକା ଚୌଧୁରୀ
କ୍ଲାସ–୨, ଭାରତୀୟ ବିଦ୍ୟାଭବନ,
ଭିମବରମ୍, ଆନ୍ଧ୍ରପ୍ରଦେଶ



ଶେଖର କୁମାର ସ୍ୱାଇଁ
କ୍ଲାସ–୫, ଏସ୍‌ସିବି ମେଡିକାଲ
ପବ୍ଲିକ ସ୍କୁଲ, କଟକ



ସାଦ୍ୟାନ୍ତ ଶତପଥୀ
କ୍ଲାସ–୨, ମଦର୍ସ ପବ୍ଲିକ
ସ୍କୁଲ, ପୁରୀ

## ଟଗଲା ଭୀମୁ




## କବିତା

### ଗୁଡ଼ି...

**ଆ**କାଶ ଦେଶେ ମୋହରି ଘର
ଯାଏ ମୁଁ ଉଡି ଉଡି
ଚଢେଇ ପରି ଘୂରି ବୁଲଇ
ନାଆଁଟି ମୋର ଗୁଡି ।
ପବନେ ଦୋଳି ଖେଳଇ ମୁହିଁ
ଗୀତକୁ ଗାଇ ଗାଇ
ଦେଖଇ କେତେ ବଣ ପାହାଡ଼
ଝରଣା ଆଉ ନଈ ।
ଉଚ୍ଚକୁ ଗଲେ ନୀଚ ଜିନିଷ
ପିମ୍ପୁଡି ପରି ଦିଶେ
ବାଦଲ କୋଳେ ମେଘକୁ ଯାଇ
ଛୁଇଁ ଦେଇକି ଆସେ।
ଗାଆଁକୁ ଗାଆଁ ବିଲକୁ ବିଲ
ଯାଏ ମୁଁ ବହୁ ଦୂର
ଆନନ୍ଦ ମନେ ଉଡି ବୁଲଇ
କାହାକୁ ନାହିଁ ଡର।
ପିଲାଏ ଦେଖି ମାରନ୍ତି ତାଳି
କରନ୍ତି କେତେ ମଜା
ପିଲାଙ୍କ ଖୁସି ଦେଖିଲେ ଲାଗେ
ସତେ କି ମୁଁ ରାଜା।
ଜହ୍ନ ସାଥିରେ କଥା ହୁଏ ମୁଁ
ତାରାଙ୍କ ସାଥେ ଖେଳେ
ମୋ ପରିକା ସୁଖୀଟେ କେହି
ଅଛି ଏ ମହୀ ତଳେ।

*–ପ୍ରକାଶ କୁମାର ଚାନ୍ଦ*
*ଜୟପୁର ଶାସନ, ପିପିଲି, ପୁରୀ*



### ଅକଲ ମକଲ ଟକଲ ଟିଆଁ

**ଅ**କଲ ମକଲ ଟକଲ ଟିଆଁ
ଟୁଆଁକୁ ଅନାଇ କହିଲା ଟିଆଁ
ନିତି ଘଷିମାଜି ଗାଧୋଉ ଥା'
ନ ହେଲେ ହୋଇବ କାଛୁ କୁଣ୍ଡିଆ।

ଅଳସୁଆ ହୋଇ ପଢୁନୁ କିଆଁ
ପରୀକ୍ଷା ବେଳକୁ ହେବୁ ଛାନିଆଁ ।
ବଡ଼ ବଡ଼ ନଖ କାଟୁନୁ କିଆଁ
ନାକ ଟେକୁଛନ୍ତି ଶୁଣି ତୋ' ନାଆଁ ।
ହାତ ନ ଧୋଇ ତୁ ଖାଉଛୁ କିଆଁ
ରୋଗେ ପଡ଼ି ହେବୁ ହୀନିମାନିଆ।
ଅକଲ ମକଲ ଟକଲ ଟିଆଁ
ଟିଆଁ କଥା ଶୁଣି କହିଲା ଟୁଆଁ
ଆଖି ମୋ' ଫିଟାଇ ଦେଲୁରେ ଟିଆଁ
କାଲି ଭଲ ରୂପ ଦେଖିବୁ ଥାଆ ।

*–ସତ୍ୟବ୍ରତ ସାହୁ, ପଲ୍ଲାସାହି,*
*କମାଳପୁର, ଅହିୟାସ, ଯାଜପୁର*

### ଶୀତ ଅନୁଭୂତି

**ଆ**ସିଛି ଶୀତ ଚାଲରେ ମିତ
କରିବା କସରତ
ଶରୀର ହେବ ପଥର ପରି
ଶୁଦ୍ଧ ହୋଇବ ରକ୍ତ।
ବଡ଼ି ଭୋଅରୁ ଶେଯରୁ ଉଠି
ବସିଲେ ବ୍ୟାୟାମରେ
ଲାଗିବ ଫୁର୍ତ୍ତି ମନ ନିଶ୍ଚଳ
ରହିବା ନୀରୋଗରେ।
ଲାଗିଲେ ଜାଡ଼ ଖୋଜା ପଡ଼ଇ
ଉଷୁମ ବସ୍ତ୍ରମାନ
ଥଣ୍ଡାରୁ ପୁଣି ଆରାମ ମିଳେ
ଘୋଡ଼ାଇ ହେଲେ କାନ।
ଶୀତଳ ଜଳ ଗାଧୁଆ ପାଇଁ
କରିଲେ ବ୍ୟବହାର
ଆପାଦମସ୍ତକ ଶୀତରେ କମ୍ପେ
ହୁଅଇ ଥରଥର।
ତଥାପି ନିତି ଜରୁରୀ ଆମ
ଶରୀର ପକ୍ଷେ ସ୍ନାନ
ନିୟମିତ କଲେ ଜଳରେ ସ୍ନାନ
ଭଲରେ କଟେ ଦିନ ।
ପନିପରିବା ତଟକା ଶାଗ
ସବୁଜିମା ଚୌଦିଗେ
ସୋରିଷ କ୍ଷେତ ସୁନେଲି ଆଭା
ଖେଳେ ଦିଗ ବିଦିଗେ।
ସବୁ ସୁବିଧା ମିଳେ ଶୀତରେ
ବସନ୍ତ ଆବାହକ
ଋତୁ ପାଳିଙ୍କିରେ ଶୀତର ଗୀତ
ପ୍ରାଣେ ଭରେ ମହକ।

–ଅମରନାଥ ବାରିକ୍
କୟାଁ, ମଙ୍ଗଳପୁର

# ପୂର୍ବତନ ଫୁଟ୍‌ବଲରଙ୍କୁ ସରକାରଙ୍କ ପ୍ରୋତ୍ସାହନ



ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)

ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳିମାନେ ଆଗକୁ ବଢ଼ିବାପାଇଁ ଆସିଛି ସୁବର୍ଣ୍ଣ ସୁଯୋଗ। ପ୍ରୋତ୍ସାହନ ସ୍ୱରୂପ ଓଡ଼ିଶାରେ ଫୁଟବଲ ରେଫରିଙ୍କ ସଂଖ୍ୟା ବୃଦ୍ଧିସହ ସେମାନଙ୍କ ଦକ୍ଷତାର ବିକାଶ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଖେଳ ଜୀବନ ପରେ ଘରେ ବସି ରହିଥିବା ଖେଳାଳିମାନଙ୍କ ପାଇଁ ରେଫରି ହେବାର ସୁଯୋଗ ଆସିଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସହଯୋଗରେ ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଛି। ରାଜ୍ୟର ପ୍ରତି ଜିଲାରୁ ଆଗ୍ରହୀ ୨ ପୁରୁଷ ଏବଂ ଜଣେ ମହିଳା ଖେଳାଳି ବଛାଯିବ। ସେମାନଙ୍କୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ରେଫରି ଇନ୍‌ଷ୍ଟ୍ରକ୍ଟର ଟ୍ରେନିଂ ଦେବେ। ଟ୍ରେନିଂ ପରେ ଖେଳାଳିମାନେ କ୍ୟାଟେଗୋରୀ-୫ ରେଫରି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ୯୦ ଖେଳାଳିଙ୍କୁ ୩ ପର୍ଯ୍ୟାୟରେ ଟ୍ରେନିଂ ଦିଆଯିବ। ୫ ଦିନିଆ କୋର୍ସ ସମ୍ପୂର୍ଣ୍ଣ ମାଗଣାରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ବହନ କରିବ। ଆସନ୍ତା ୧୬ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଆଇଏଫଏଫ ଏବଂ କ୍ରୀଡ଼ା ବିଭାଗ ମଧ୍ୟରେ ହୋଇଥିବା ଚୁକ୍ତିର ଏହା ଏକ ଅଂଶବିଶେଷ।

**୯୦ ଖେଳାଳିଙ୍କୁ ମାଗଣାରେ ତିନି ପର୍ଯ୍ୟାୟରେ ଟ୍ରେନିଂ**

ଭାରତରେ ପ୍ରଥମ ରାଜ୍ୟଭାବେ ଓଡ଼ିଶାରେ ଏପରି ଏକ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ବିଶେଷ କରି ରାଜ୍ୟ ସ୍ତରୀୟ ଏବଂ ଜିଲାର ପୂର୍ବତନ ଫୁଟବଲ ଖେଳାଳିଙ୍କୁ ନେଇ ଏହି କୋର୍ସ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାର୍ଥୀ ମାନଙ୍କୁ ଜିଲା ଆଥଲେଟିକ୍ ଆସୋସିଏଶନ ସହିତ ଯୋଗାଯୋଗ କରି ଆବେଦନ କରିବାକୁ ପଡ଼ିବ। ରାଜ୍ୟ ସରକାର ଏପରି ଏକ ନିଷ୍ପତ୍ତି ନେଇଥିବାରୁ କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ଏବଂ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତା ମାନଙ୍କୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଧନ୍ୟବାଦ ଜଣାଇଛନ୍ତି। ଏହାଦ୍ୱାରା ରାଜ୍ୟର ପୂର୍ବତନ ଖେଳାଳିମାନେ ଉପକୃତ ହେବେ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜିଲାସ୍ତରରେ ବିଭିନ୍ନ ଟୁର୍ନାମେଣ୍ଟ ଅବସରରେ ପ୍ରଶିକ୍ଷଣପ୍ରାପ୍ତ ରେଫରିଙ୍କ ଅଭାବ ପରିଲକ୍ଷିତ ହେଉଛି। ଭୁବନେଶ୍ୱର ଏବଂ କଟକରୁ ରେଫରି ନେଇ ଟୁର୍ନାମେଣ୍ଟ ଆୟୋଜନ ମଧ୍ୟ ବ୍ୟୟବହୁଳ ହେଉଛି। ଏବେ ପ୍ରତି ଜିଲାରେ ଟ୍ରେନିଂପ୍ରାପ୍ତ ଦକ୍ଷ ରେଫରି ଉପଲବ୍ଧ ହୋଇପାରିବେ। ଫଳରେ ପୂର୍ବ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ପାଇଁ ପଦକ୍ଷେପମାନ ନିଆଯିବ ବୋଲି କ୍ରୀଡ଼ା ବିଭାଗର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ଆଇଏମ୍‌ଜିଠାରୁ ଦୂରେଇଲା ବିସିସିଆଇ

**ନୂଆଦିଲ୍ଲୀ, ୮।୧ (ପି.ଟି.):** ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଗ୍ରୁପ୍ (ଆଇଏମ୍‌ଜି) ଠାରୁ ଦୂରେଇଯିବାକୁ ନିଷ୍ପତ୍ତି ନେଇଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ଆଇଏମ୍‌ଜି ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଇଭେଣ୍ଟ ରାଇଟ୍ ହାସଲ କରିଥିଲା। ତେବେ ୟୁନାଇଟେଡ୍ କିଙ୍ଗଡମ (ୟୁକେ)ର ଏହି କମ୍ପାନୀ ସହିତ ହୋଇଥିବା ଚୁକ୍ତିକୁ ସସ୍‌ପେଣ୍ଡ କରାଯାଇଥିବା ବୋର୍ଡର ଜଣେ ଅଫିସିଆଲ ଶନିବାର ସୂଚନା ଦେଇଛନ୍ତି। ଏକ ନୋଟିସ ଜରିଆରେ ସଂସ୍ଥାକୁ ବୋର୍ଡର ନିଷ୍ପତ୍ତି ସମ୍ପର୍କରେ ଜଣାଇ ଦିଆଯାଇଛି। ଚଳିତବର୍ଷରୁ ନିଜସ୍ୱ ପ୍ରଫେଶନାଲଙ୍କୁ ନେଇ ଟୁର୍ନାମେଣ୍ଟ ପରିଚାଳନା କରିବା ଲାଗି ଆଇପିଏଲ୍ ଗଭର୍ନିଂବଡି ସ୍ଥିର କରିଥିବା ସେ ପ୍ରକାଶ କରିଛନ୍ତି। ଆଇପିଏଲର ୨୦୨୧ ସଂସ୍କରଣ ମାର୍ଚ୍ଚ-ଏପ୍ରିଲରେ ଆୟୋଜନ କରାଯିବ ବୋଲି ଆଶା କରାଯାଉଛି। କିନ୍ତୁ ଏହା ଭାରତରେ କିମ୍ବା ୨୦୨୦ ଭଳି ବିଦେଶରେ ଆୟୋଜନ ହେବ ସେ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।




## ବୋଲିଂ ପାଇଁ ଦନଞ୍ଜୟଙ୍କୁ ଅନୁମତି

**ଦୁବାଇ, ୮।୧ (ପି.ଟି.):** ଶ୍ରୀଲଙ୍କା ସ୍ପିନର ଆକିଲା ଦନଞ୍ଜୟଙ୍କ ବୋଲିଂ ଆକ୍ସନରେ ସୁଧାର ଆସିଛି। ସେ ପୁଣି ଅନ୍ତର୍ଜାତୀୟ କ୍ରିକେଟରେ ବୋଲିଂ କରିପାରିବେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶୁକ୍ରବାର କହିଛି। ୨୦୧୯ ଅଗଷ୍ଟ ୧୪ରୁ ୧୮ ପର୍ଯ୍ୟନ୍ତ ଗାଲେଠାରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ଦନଞ୍ଜୟଙ୍କ ବୋଲିଂ ଆକ୍ସନକୁ ନେଇ ରିପୋର୍ଟ ହୋଇଥିଲା। ଏଥିପାଇଁ ତାଙ୍କୁ ସେପ୍ଟେମ୍ବରରୁ ଏକବର୍ଷ ସସ୍‌ପେଣ୍ଡ କରାଯାଇଥିଲା। ନିୟମାନୁସାରେ ଶ୍ରୀଲଙ୍କା ବୋଲର ତାଙ୍କ ବୋଲିଂ ଆକ୍ସନରେ ସୁଧାର ଆଣିବା ପରେ ଆଇସିସିର ଏକ ସ୍ୱୀକୃତିପ୍ରାପ୍ତ ସେଣ୍ଟରରେ ତାହାର ମୂଲ୍ୟାୟନ ହୋଇଥାନ୍ତା। ମାତ୍ର କୋଭିଡ୍ କଟକଣା ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଫଳତଃ ଶ୍ରୀଲଙ୍କା କ୍ରିକେଟ ଦ୍ୱାରା ଦନଞ୍ଜୟଙ୍କର ପ୍ରସ୍ତୁତ କରାଯାଇଥିବା ଏକ ଭିଡିଓ ଫୁଟେଜ୍ ଆଇସିସିକୁ ଯୋଗାଇ ଦିଆଯାଇଥିଲା।

# ଭାରତୀୟ ଦଳରେ ୩ ଓଡ଼ିଆ

ନୂଆଦିଲ୍ଲୀ,୮।୧(ପି.ଟି.)


ଜୀବନ କିଶୋରୀ ଟପ୍ପୋ


ଆଜମିନା କୁଜୁର


ମାରିଆନା କୁଜୁର

ଭାରତୀୟ ଜୁନିୟର ମହିଳା ହକି ଦଳ ଗୋଟିଏ ବର୍ଷ ପରେ ପୁଣି ଥରେ ପେସାଦାର ଖେଳକୁ ଫେରିବ। କୋଭିଡ୍-୧୯ କାରଣରୁ ପାଖାପାଖି ଗୋଟିଏ ବର୍ଷର ବ୍ରେକ୍ ପରେ ଭାରତୀୟ ଦଳ ଏବେ ଚିଲି ଗସ୍ତ କରିବ। ଏହି ଗସ୍ତରେ ଭାରତ ୬ଟି ମ୍ୟାଚ୍ ଖେଳିବ। ଭାରତୀୟ ଦଳରେ ୩ଜଣ ଓଡ଼ିଆ ଖେଳାଳି ଜୀବନ କିଶୋରୀ ଟପ୍ପୋ, ମାରିଆନା କୁଜୁର ଓ ଆଜମିନା କୁଜୁର ସାମିଲ ହୋଇଛନ୍ତି।

୨୦୧୯ ଡିସେମ୍ବରରେ ଶେଷଥର ପାଇଁ ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳିଥିଲା। ଭାରତୀୟ ଦଳ ଚିଲିର ଜୁନିୟର ଦଳ ବିପକ୍ଷରେ ଜାନୁୟାରୀ ୧୭ ଓ ୧୮ରେ ମ୍ୟାଚ୍ ଖେଳିବ। ଏହା ପରେ ଦଳ ୨୦, ୨୧, ୨୩ ଓ ୨୪ ତାରିଖରେ ଚିଲିର ସିନିୟର ଦଳ ବିପକ୍ଷରେ ମ୍ୟାଚରେ ଅବତୀର୍ଣ୍ଣ ହେବ। ଅକ୍ଟୋବରରେ ଜାତୀୟ କ୍ୟାମ୍ପକୁ ଫେରିବା ପରେ ଜୁନିୟର ଖେଳାଳିମାନେ କଠିନ ପରିଶ୍ରମ କରିଛନ୍ତି ଓ ସେମାନେ ଚିଲିର ଭିନ୍ନ ପରିବେଶରେ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ଆମେ ଉତ୍ସୁକତାର ସହ ଅପେକ୍ଷା କରିଛୁ ବୋଲି ଭାରତୀୟ ଜୁନିୟର କୋଚ୍ ଏରିକ୍ ଓନ୍- ଇଙ୍କ୍ କହିଛନ୍ତି।

**ଜୁନିୟର ମହିଳା ହକି ଦଳ ଚିଲି ଗସ୍ତ କରିବ**

ହକି ଇଣ୍ଡିଆ ଶୁକ୍ରବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରିଥିଲା। ଡିଫେଣ୍ଡର ସୁମନ ଦେବୀ ଥୋଉଡାମ ଅଧିନାୟକ ଓ ଇଶିକା ଚକ୍ରବର୍ତ୍ତୀ ଉପ ଅଧିନାୟକ ଭାବେ ଦାୟିତ୍ୱ ତୁଲାଇବେ। ଚଳିତ ବର୍ଷ ଜୁନିୟର ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଏହି ଗସ୍ତରୁ ଗୁରୁତ୍ୱ ବଢିଯାଇଛି। ତେଣୁ ଏହି ଗସ୍ତ ଦଳର ପ୍ରସ୍ତୁତିରେ ବେଶ୍ ସହାୟ ହେବ ବୋଲି ଏରିକ କହିଛନ୍ତି। ଏହି ସିରିଜ ଆୟୋଜନ ପାଇଁ ଚିଲି ହକି ଫେଡେରେଶନ ଓ ହକି ଇଣ୍ଡିଆ ଏକ ଜୈବ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଏକମତ ହୋଇଛନ୍ତି। ଯାତ୍ରା କରିବା ପୂର୍ବରୁ ଭରତୀୟ ଖେଳାଳିଙ୍କ ଦୁଇଥର ପରୀକ୍ଷା ହେବ।

**ଭାରତୀୟ ଜୁନିୟର ମହିଳା ଦଳ**

ସୁମନ ଦେବୀ ଥୋଉଡାମ (ଅଧିନାୟିକା), ଖୁସ୍‌ବୁ, ରାସନପ୍ରୀତ କୌର, ମହିମା ଚୌଧୁରୀ, ପ୍ରିୟଙ୍କା, ଗଗନଦୀପ୍ କୌର, ଇଶିକା ଚୌଧୁରୀ (ଉପଅଧିନାୟିକା), ସୁଷମା କୁମାରୀ, ଅକ୍ଷତା ଡେକାଲେ, ବଲଜିତ କୌର, ଚେତନା, ମାରିଆନା କୁଜୁର, ଆଜମିନା କୁଜୁର, ରିତ୍, ପ୍ରଭଲିନ୍ କୌର, ବୈଷ୍ଣବୀ ଫାଲ୍‌କେ, ପ୍ରୀତି, ଜୀବନ କିଶୋରୀ ଟପ୍ପୋ, ମୁମ୍‌ତାଜ ଖାଁ, ଋତୁଜା ପିସାଲ, ସଙ୍ଗୀତା କୁମାରୀ, ବିୟୁଟି ଡୁଙ୍ଗଡୁଙ୍ଗ, ଲାଲରିଣ୍ଡିକି ଓ ଦୀପିକା।

# ନର୍ଥଇଷ୍ଟକୁ ହରାଇଲା ହାଇଦ୍ରାବାଦ୍

**ଭାସ୍କୋଡାଗାମା,୮।୧:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ତାରକା ଫରୱାର୍ଡ ଲିଷ୍ଟନ କୋଲାକୋଙ୍କ ଡବଲ୍ ଗୋଲ୍ ବଳରେ ହାଇଦ୍ରାବାଦ୍ ଏଫ୍‌ସି ୪-୨ରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ସ୍ଥାନୀୟ ତିଲକ ମଇଦାନରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ପ୍ରଭାବ ବିସ୍ତାର କରି ଖେଳିଥିଲା। ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ଆଡ୍ରିଆନା ସାଣ୍ଟାନା ପ୍ରଥମ ଗୋଲ ଦେଇ ହାଇଦ୍ରାବାଦକୁ ଅଗ୍ରଣୀ କରାଇଥିଲେ। ୩୬ତମ ମିନିଟ୍‌ରେ ଜୋଏଲ ଚିଆନିଜ ଦ୍ୱିତୀୟ ଗୋଲ ସ୍କୋର କରି ହାଇଦ୍ରାବାଦ୍‌କୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ନର୍ଥଇଷ୍ଟ ଦୃଢ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲା ଓ ପ୍ରଥମାର୍ଦ୍ଧରେ ୨ଟି ଗୋଲ ଦେଇ ମ୍ୟାଚ୍‌କୁ ୨-୨ ସମାନସ୍ତରକୁ ଆଣିଥିଲା। ୪୫ ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ନର୍ଥଇଷ୍ଟ ତରଫରୁ ଫେଡେରିକୋ ଗାଲେଗୋ ପ୍ରଥମ ଗୋଲ ଦେଇଥିଲେ। ଏହାପରେ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମର ଦ୍ୱିତୀୟ ମିନିଟ୍‌ରେ ନର୍ଥଇଷ୍ଟ ତରଫରୁ ବେଞ୍ଜାମିନ ଲାମ୍ବୋଟ ଦ୍ୱିତୀୟ ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ହାଇଦ୍ରାବାଦ୍‌ର ଲିଷ୍ଟନ କୋଲାକୋ ଦୁଇଟି ଗୋଲ ଦେଇ ଦଳକୁ ଜିତାଇଥିଲେ।

# ଆକ୍ରମଣାତ୍ମକ ବନାମ ରକ୍ଷଣାତ୍ମକ

**ବାଇଚୁଙ୍ଗ ଭୂଟିଆ**

ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଏଟିକେ ମୋହନବାଗାନ ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଏକ ଟପ୍ ଟେବୁଲ ଫାଇଟ୍ ହେବ। ଦୁଇ ଦଳର ଖେଳ ଷ୍ଟାଇଲ ବିପରୀତ। ମ୍ୟାଚ ଦେଖିବା ଲାଗି ମୁଁ ଅପେକ୍ଷା କରି ରହିଛି। ମୁମ୍ବାଇ ଆକ୍ରମଣାତ୍ମକ ଏବଂ ଏଟିକେ ରଣକ୍ଷଣାତ୍ମକ ଖେଳିବ। ଉଭୟ ଦଳର କୋଚ୍ ସର୍ଗିଓ ଲୋବେରା ଓ ଜୋସ୍ ଆଣ୍ଟୋନିଓ ହାବାସ୍‌ଥେଙ୍କର ମୁଁ ହେଉଛି ଜଣେ ପ୍ରଶଂସକ। ଉଭୟଙ୍କ ନିଜସ୍ୱ ରଣକୌଶଳ ଓ ଖେଳ ଷ୍ଟାଇଲ ରହିଛି। ଦୁଇ କୋଚ୍‌ଙ୍କ ମଧ୍ୟରେ ଲୋବେରା ହେଉଛନ୍ତି ମୋ ପସନ୍ଦ। ଏଫ୍‌ସି ଗୋଆ ସହିତ ଥିବା ଦିନରୁ ମୁଁ ତାଙ୍କର ଜଣେ ପ୍ରଶଂସକ ପାଲଟି ଯାଇଛି। ଲୋବେରାଙ୍କ ଫୁଟ୍‌ବଲ ଥିଓରି ବେଶ୍ ଆମୋଦଦାୟକ ହୋଇଥିବାରୁ ଏହା ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ତାଙ୍କ ଦଳ ଅନ୍ୟମାନଙ୍କ ତୁଳନାରେ ଅଧିକ ଗୋଲ ସ୍କୋର କରିପାରୁଛି। ପୁନଶ୍ଚ ସେ ଏଫ୍‌ସି ଗୋଆରୁ କେତେଜଣ ଖେଳାଳିଙ୍କୁ ଆଣିଛନ୍ତି, ଯେଉଁମାନେ କି ତାଙ୍କ ଷ୍ଟାଇଲ ଅନୁସାରେ ଖେଳିଥାନ୍ତି। ମୁମ୍ବାଇ ଦଳର ଖେଳାଳିଙ୍କ ମନରେ ଭୟ ନାହିଁ। ଦୃଢ଼ ଆତ୍ମବିଶ୍ୱାସ ରହିଛି। ସେମାନଙ୍କ ୱାନ୍-ଟୁ ପାସ୍ ଖୁବ୍ ଚମତ୍କାର। ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରୁ ମୁଁ ହାବାସଙ୍କର ଜଣେ ଅନ୍ୟତମ ପ୍ରଶଂସକ ପାଲଟିଯାଇଛି। ତାଙ୍କ ଫୁଟ୍‌ବଲ ଥିଓରି ଖୁବ୍ କଠିନ। ପଛକୁ ଖସିଯିବା ଓ ରକ୍ଷା କରିବା। ଏହା କିନ୍ତୁ ସବୁବେଳେ ଭଲ ଲାଗି ନ ଥାଏ। ଏହି ରଣନୀତି ଯୋଗୁ ତାଙ୍କ ଦଳ ତୁଳନାତ୍ମକ ଭାବେ କମ୍ ଗୋଲ ବରଣ କରିଥାଏ। ହାବାସ ସବୁବେଳେ ତାଙ୍କ ଖେଳାଳିଙ୍କଠାରୁ ୧୧୦ ପ୍ରତିଶତ ପ୍ରତିଶ୍ରୁତି ବଦ୍ଧତା ଚାହିଁଥାନ୍ତି। ଜଣେ ନିରପେକ୍ଷ ଫୁଟ୍‌ବଲପ୍ରେମୀ ଏଟିକେ ଖେଳ ଦେଖିବା ଲାଗି ପସନ୍ଦ କରିଥାଏ। ଅନ୍ୟପକ୍ଷରେ ଜଣେ ଅନ୍ଧ ସମର୍ଥକ କିନ୍ତୁ ସବୁବେଳେ ଫଳାଫଳକୁ ଅପେକ୍ଷା କରିଥାଏ। ମୁମ୍ବାଇ କିନ୍ତୁ ଏହି ମ୍ୟାଚରେ ଏହାର ବିଚକ୍ଷଣ ମିଡ୍‌ଫିଲ୍ଡର ଅହମ୍ମଦ ଜାହୋଙ୍କ ଅନୁପସ୍ଥିତି ଅନୁଭବ କରିବ। ଡିଫେନ୍ସରେ ବଲକୁ କ୍ଲିୟର କରିବାରେ ସେ ଖୁବ୍ ଧୁରନ୍ଧର। ଏହି ଖେଳାଳି ୯ଟି ମ୍ୟାଚରେ ଦୁଇଥର ରେଡ୍ କାର୍ଡ ପାଇଛନ୍ତି। ଜାହୋଙ୍କ ଅନୁପସ୍ଥିତିରେ ଦଳକୁ ଆଗକୁ ବଢିବା ବର୍ତ୍ତମାନ ଲୋବେରାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ।

-(ଗେମ୍‌ପ୍ଲାନ)







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ପୂର୍ବତନ ଫୁଟ୍‌ବଲରଙ୍କୁ ସରକାରଙ୍କ ପ୍ରୋତ୍ସାହନ



**ଭୁବନେଶ୍ୱର, ୮।୧(କ୍ରୀଡ଼ା ପ୍ରତିନିଧି)**

ରାଜ୍ୟର ପୂର୍ବତନ ଫୁଟବଲ ଖେଳାଳିମାନେ ଆଗକୁ ବଢ଼ିବାପାଇଁ ଆସିଛି ସୁବର୍ଣ୍ଣ ସୁଯୋଗ। ପ୍ରୋତ୍ସାହନ ସ୍ୱରୂପ ଓଡ଼ିଶାରେ ଫୁଟବଲ ରେଫରିଙ୍କ ସଂଖ୍ୟା ବୃଦ୍ଧିସହ ସେମାନଙ୍କ ଦକ୍ଷତାର ବିକାଶ ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଖେଳ ଜୀବନ ପରେ ଘରେ ବସି ରହିଥିବା ଖେଳାଳିମାନଙ୍କ ପାଇଁ ରେଫରି ହେବାର ସୁଯୋଗ ଆସିଛି। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସହଯୋଗରେ ରାଜ୍ୟ ସରକାରଙ୍କ କ୍ରୀଡ଼ାବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଉଛି। ରାଜ୍ୟର ପ୍ରତି ଜିଲାରୁ ଆଗ୍ରହୀ ୨ ପୁରୁଷ ଏବଂ ଜଣେ ମହିଳା ଖେଳାଳି ବଛାଯିବ। ସେମାନଙ୍କୁ ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ) ରେଫରି ଇନ୍‌ଷ୍ଟ୍ରକ୍ଟର ଟ୍ରେନିଂ ଦେବେ। ଟ୍ରେନିଂ ପରେ ଖେଳାଳିମାନେ କ୍ୟାଟେଗୋରୀ-୫ ରେଫରି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେବେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ୯୦ ଖେଳାଳିଙ୍କୁ ୩ ପର୍ଯ୍ୟାୟରେ ଟ୍ରେନିଂ ଦିଆଯିବ। ୫ ଦିନିଆ କୋର୍ସ ସମ୍ପୂର୍ଣ୍ଣ ମାଗଣାରେ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ବହନ କରିବ। ଆସନ୍ତା ୧୬ ତାରିଖରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ଏଆଇଏଫଏଫ ଏବଂ କ୍ରୀଡ଼ା ବିଭାଗ ମଧ୍ୟରେ ହୋଇଥିବା ଚୁକ୍ତିର ଏହା ଏକ ଅଂଶବିଶେଷ।

**୯୦ ଖେଳାଳିଙ୍କୁ ମାଗଣାରେ ତିନି ପର୍ଯ୍ୟାୟରେ ଟ୍ରେନିଂ**

ଭାରତରେ ପ୍ରଥମ ରାଜ୍ୟଭାବେ ଓଡ଼ିଶାରେ ଏପରି ଏକ କାର୍ଯ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ବିଶେଷ କରି ରାଜ୍ୟ ସ୍ତରୀୟ ଏବଂ ଜିଲାର ପୂର୍ବତନ ଫୁଟବଲ ଖେଳାଳିଙ୍କୁ ନେଇ ଏହି କୋର୍ସ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରାର୍ଥୀ ମାନଙ୍କୁ ଜିଲା ଆଥଲେଟିକ୍ ଆସୋସିଏଶନ ସହିତ ଯୋଗାଯୋଗ କରି ଆବେଦନ କରିବାକୁ ପଡ଼ିବ। ରାଜ୍ୟ ସରକାର ଏପରି ଏକ ନିଷ୍ପତ୍ତି ନେଇଥିବାରୁ କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଲ କୁମାର ଦେବ, ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ କ୍ରିଷ୍ଣା ଏବଂ କ୍ରୀଡ଼ା ବିଭାଗର ଅନ୍ୟ କର୍ମକର୍ତ୍ତା ମାନଙ୍କୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଧନ୍ୟବାଦ ଜଣାଇଛନ୍ତି। ଏହାଦ୍ୱାରା ରାଜ୍ୟର ପୂର୍ବତନ ଖେଳାଳିମାନେ ଉପକୃତ ହେବେ ବୋଲି ସେ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଜିଲାସ୍ତରରେ ବିଭିନ୍ନ ଟୁର୍ନାମେଣ୍ଟ ଅବସରରେ ପ୍ରଶିକ୍ଷଣପ୍ରାପ୍ତ ରେଫରିଙ୍କ ଅଭାବ ପରିଲକ୍ଷିତ ହେଉଛି। ଭୁବନେଶ୍ୱର ଏବଂ କଟକରୁ ରେଫରି ନେଇ ଟୁର୍ନାମେଣ୍ଟ ଆୟୋଜନ ମଧ୍ୟ ବ୍ୟୟବହୁଳ ହେଉଛି। ଏବେ ପ୍ରତି ଜିଲାରେ ଟ୍ରେନିଂପ୍ରାପ୍ତ ଦକ୍ଷ ରେଫରି ଉପଲବ୍ଧ ହୋଇପାରିବେ। ଫଳରେ ପୂର୍ବ ସମସ୍ୟାର ସମାଧାନ ହୋଇପାରିବ। ଏହାପରେ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ପାଇଁ ପଦକ୍ଷେପମାନ ନିଆଯିବ ବୋଲି କ୍ରୀଡ଼ା ବିଭାଗର ଜଣେ କର୍ମକର୍ତ୍ତା ପ୍ରକାଶ କରିଛନ୍ତି।

# ଆଇଏମ୍‌ଜିଠାରୁ ଦୂରେଇଲା ବିସିସିଆଇ

**ନୂଆଦିଲ୍ଲୀ, ୮।୧ (ପି.ଟି.):** ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଗ୍ରୁପ୍ (ଆଇଏମ୍‌ଜି) ଠାରୁ ଦୂରେଇଯିବାକୁ ନିଷ୍ପତ୍ତି ନେଇଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ଆଇଏମ୍‌ଜି ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଇଭେଣ୍ଟ ରାଇଟ୍ ହାସଲ କରିଥିଲା। ତେବେ ୟୁନାଇଟେଡ୍ କିଙ୍ଗଡମ(ୟୁକେ)ର ଏହି କମ୍ପାନୀ ସହିତ ହୋଇଥିବା ଚୁକ୍ତିକୁ ସସ୍‌ପେଣ୍ଡ କରାଯାଇଥିବା ବୋର୍ଡର ଜଣେ ଅଫିସିଆଲ ଶନିବାର ସୂଚନା ଦେଇଛନ୍ତି। ଏକ ନୋଟିସ ଜରିଆରେ ସଂସ୍ଥାକୁ ବୋର୍ଡର ନିଷ୍ପତ୍ତି ସମ୍ପର୍କରେ ଜଣାଇ ଦିଆଯାଇଛି। ଚଳିତବର୍ଷରୁ ନିଜସ୍ୱ ପ୍ରଫେଶନାଲଙ୍କୁ ନେଇ ଟୁର୍ନାମେଣ୍ଟ ପରିଚାଳନା କରିବା ଲାଗି ଆଇପିଏଲ୍ ଗଭର୍ନିଂବଡି ସ୍ଥିର କରିଥିବା ସେ ପ୍ରକାଶ କରିଛନ୍ତି। ଆଇପିଏଲର ୨୦୨୧ ସଂସ୍କରଣ ମାର୍ଚ୍ଚ-ଏପ୍ରିଲରେ ଆୟୋଜନ କରାଯିବ ବୋଲି ଆଶା କରାଯାଉଛି। କିନ୍ତୁ ଏହା ଭାରତରେ କିମ୍ବା ୨୦୨୦ ଭଳି ବିଦେଶରେ ଆୟୋଜନ ହେବ ସେ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ।




## ବୋଲିଂ ପାଇଁ ଦନଞ୍ଜୟଙ୍କୁ ଅନୁମତି

**ଦୁବାଇ, ୮।୧ (ପି.ଟି.):** ଶ୍ରୀଲଙ୍କା ସ୍ପିନର ଆକିଲା ଦନଞ୍ଜୟଙ୍କ ବୋଲିଂ ଆକ୍ସନରେ ସୁଧାର ଆସିଛି। ସେ ପୁଣି ଅନ୍ତର୍ଜାତୀୟ କ୍ରିକେଟରେ ବୋଲିଂ କରିପାରିବେ ବୋଲି ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଶୁକ୍ରବାର କହିଛି। ୨୦୧୯ ଅଗଷ୍ଟ ୧୪ରୁ ୧୮ ପର୍ଯ୍ୟନ୍ତ ଗାଲେଠାରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଏକ ଟେଷ୍ଟ ମ୍ୟାଚରେ ଦନଞ୍ଜୟଙ୍କ ବୋଲିଂ ଆକ୍ସନକୁ ନେଇ ରିପୋର୍ଟ ହୋଇଥିଲା। ଏଥିପାଇଁ ତାଙ୍କୁ ସେପ୍ଟେମ୍ବରରୁ ଏକବର୍ଷ ସସ୍‌ପେଣ୍ଡ କରାଯାଇଥିଲା। ନିୟମାନୁସାରେ ଶ୍ରୀଲଙ୍କା ବୋଲର ତାଙ୍କ ବୋଲିଂ ଆକ୍ସନରେ ସୁଧାର ଆଣିବା ପରେ ଆଇସିସିର ଏକ ସ୍ୱୀକୃତିପ୍ରାପ୍ତ ସେଣ୍ଟରରେ ତାହାର ମୂଲ୍ୟାୟନ ହୋଇଥାନ୍ତା। ମାତ୍ର କୋଭିଡ୍ କଟକଣା ଯୋଗୁ ତାହା ସମ୍ଭବ ହୋଇ ନ ଥିଲା। ଫଳତଃ ଶ୍ରୀଲଙ୍କା କ୍ରିକେଟ ଦ୍ୱାରା ଦନଞ୍ଜୟଙ୍କର ପ୍ରସ୍ତୁତ କରାଯାଇଥିବା ଏକ ଭିଡିଓ ଫୁଟେଜ୍ ଆଇସିସିକୁ ଯୋଗାଇ ଦିଆଯାଇଥିଲା।

# ଭାରତୀୟ ଦଳରେ ୩ ଓଡ଼ିଆ

**ନୂଆଦିଲ୍ଲୀ,୮।୧(ପି.ଟି.)**


ଜୀବନ କିଶୋରୀ ଟପ୍ପୋ


ଆଜମିନା କୁଜୁର


ମାରିଆନା କୁଜୁର

ଭାରତୀୟ ଜୁନିୟର ମହିଳା ହକି ଦଳ ଗୋଟିଏ ବର୍ଷ ପରେ ପୁଣି ଥରେ ପେସାଦାର ଖେଳକୁ ଫେରିବ। କୋଭିଡ୍-୧୯ କାରଣରୁ ପାଖାପାଖି ଗୋଟିଏ ବର୍ଷର ବ୍ରେକ୍ ପରେ ଭାରତୀୟ ଦଳ ଏବେ ଚିଲି ଗସ୍ତ କରିବ। ଏହି ଗସ୍ତରେ ଭାରତ ୬ଟି ମ୍ୟାଚ୍ ଖେଳିବ। ଭାରତୀୟ ଦଳରେ ୩ଜଣ ଓଡ଼ିଆ ଖେଳାଳି ଜୀବନ କିଶୋରୀ ଟପ୍ପୋ, ମାରିଆନା କୁଜୁର ଓ ଆଜମିନା କୁଜୁର ସାମିଲ ହୋଇଛନ୍ତି।

୨୦୧୯ ଡିସେମ୍ବରରେ ଶେଷଥର ପାଇଁ ଏକ ତ୍ରିରାଷ୍ଟ୍ରୀୟ ଟୁର୍ନାମେଣ୍ଟରେ ଭାରତ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ମ୍ୟାଚ୍ ଖେଳିଥିଲା। ଭାରତୀୟ ଦଳ ଚିଲିର ଜୁନିୟର ଦଳ ବିପକ୍ଷରେ ଜାନୁୟାରୀ ୧୭ ଓ ୧୮ରେ ମ୍ୟାଚ୍ ଖେଳିବ। ଏହା ପରେ ଦଳ ୨୦, ୨୧, ୨୩ ଓ ୨୪ ତାରିଖରେ ଚିଲିର ସିନିୟର ଦଳ ବିପକ୍ଷରେ ମ୍ୟାଚରେ ଅବତୀର୍ଣ୍ଣ ହେବ। ଅକ୍ଟୋବରରେ ଜାତୀୟ କ୍ୟାମ୍ପକୁ ଫେରିବା ପରେ ଜୁନିୟର ଖେଳାଳିମାନେ କଠିନ ପରିଶ୍ରମ କରିଛନ୍ତି ଓ ସେମାନେ ଚିଲିର ଭିନ୍ନ ପରିବେଶରେ କିପରି ପ୍ରଦର୍ଶନ କରୁଛନ୍ତି ତାହା ଦେଖିବାକୁ ଆମେ ଉତ୍ସୁକତାର ସହ ଅପେକ୍ଷା କରିଛୁ ବୋଲି ଭାରତୀୟ ଜୁନିୟର କୋଚ୍ ଏରିକ୍ ଓନ୍- ଇଙ୍କ୍ କହିଛନ୍ତି।

**ଜୁନିୟର ମହିଳା ହକି ଦଳ ଚିଲି ଗସ୍ତ କରିବ**

ହକି ଇଣ୍ଡିଆ ଶୁକ୍ରବାର ୨୪ ଜଣିଆ ଭାରତୀୟ ଦଳ ଘୋଷଣା କରିଥିଲା। ଡିଫେଣ୍ଡର ସୁମନ ଦେବୀ ଥୋଉଡାମ ଅଧିନାୟକ ଓ ଇଶିକା ଚକ୍ରବର୍ତ୍ତୀ ଉପ ଅଧିନାୟକ ଭାବେ ଦାୟିତ୍ୱ ତୁଲାଇବେ। ଚଳିତ ବର୍ଷ ଜୁନିୟର ବିଶ୍ୱକପ୍ ଆୟୋଜନ ହେବାକୁ ଯାଉଥିବା ବେଳେ ଏହି ଗସ୍ତରୁ ଗୁରୁତ୍ୱ ବଢ଼ିଯାଇଛି। ତେଣୁ ଏହି ଗସ୍ତ ଦଳର ପ୍ରସ୍ତୁତିରେ ବେଶ୍ ସହାୟ ହେବ ବୋଲି ଏରିକ କହିଛନ୍ତି। ଏହି ସିରିଜ ଆୟୋଜନ ପାଇଁ ଚିଲି ହକି ଫେଡେରେଶନ ଓ ହକି ଇଣ୍ଡିଆ ଏକ ଜୈବ ସୁରକ୍ଷିତ ପରିବେଶ ସୃଷ୍ଟି କରିବାକୁ ଏକମତ ହୋଇଛନ୍ତି। ଯାତ୍ରା କରିବା ପୂର୍ବରୁ ଭରତୀୟ ଖେଳାଳିଙ୍କ ଦୁଇଥର ପରୀକ୍ଷା ହେବ।

**ଭାରତୀୟ ଜୁନିୟର ମହିଳା ଦଳ**

ସୁମନ ଦେବୀ ଥୋଉଡାମ (ଅଧିନାୟିକା), ଖୁସ୍‌ବୁ, ରାସନପ୍ରୀତ କୌର, ମହିମା ଚୌଧୁରୀ, ପ୍ରିୟଙ୍କା, ଗଗନଦୀପ୍ କୌର, ଇଶିକା ଚୌଧୁରୀ (ଉପଅଧିନାୟିକା), ସୁଷମା କୁମାରୀ, ଅକ୍ଷତା ଡେକାଲେ, ବଲଜିତ କୌର, ଚେତନା, ମାରିଆନା କୁଜୁର, ଆଜମିନା କୁଜୁର, ରିତ୍, ପ୍ରଭଲିନ୍ କୌର, ବୈଷ୍ଣବୀ ଫାଲ୍‌କେ, ପ୍ରୀତି, ଜୀବନ କିଶୋରୀ ଟପ୍ପୋ, ମୁମ୍‌ତାଜ ଖାଁ, ଋତୁଜା ପିସାଲ, ସଙ୍ଗୀତା କୁମାରୀ, ବିୟୁଟି ଡୁଙ୍ଗଡୁଙ୍ଗ, ଲାଲରିଣ୍ଡିକି ଓ ଦୀପିକା।

# ନର୍ଥଇଷ୍ଟକୁ ହରାଇଲା ହାଇଦ୍ରାବାଦ୍

**ଭାସ୍କୋଡାଗାମା,୮।୧:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ରେ ତାରକା ଫରୱାର୍ଡ ଲିଷ୍ଟନ କୋଲାକୋଙ୍କ ଡବଲ୍ ଗୋଲ୍ ବଳରେ ହାଇଦ୍ରାବାଦ୍ ଏଫ୍‌ସି ୪-୨ରେ ନର୍ଥଇଷ୍ଟ ୟୁନାଟେଡକୁ ପରାସ୍ତ କରିଛି। ସ୍ଥାନୀୟ ତିଲକ ମଇଦାନରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ହାଇଦ୍ରାବାଦ ପ୍ରଭାବ ବିସ୍ତାର କରି ଖେଳିଥିଲା। ମ୍ୟାଚ୍‌ର ତୃତୀୟ ମିନିଟ୍‌ରେ ଆଡ୍ରିଆନା ସାଣ୍ଟାନା ପ୍ରଥମ ଗୋଲ ଦେଇ ହାଇଦ୍ରାବାଦକୁ ଅଗ୍ରଣୀ କରାଇଥିଲେ। ୩୬ତମ ମିନିଟ୍‌ରେ ଜୋଏଲ ଚିଆନିଜ ଦ୍ୱିତୀୟ ଗୋଲ ସ୍କୋର କରି ହାଇଦ୍ରାବାଦ୍‌କୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ନର୍ଥଇଷ୍ଟ ଦୃଢ ଭାବେ ପ୍ରତ୍ୟାବର୍ତ୍ତନ କରିଥିଲା ଓ ପ୍ରଥମାର୍ଦ୍ଧରେ ୨ଟି ଗୋଲ ଦେଇ ମ୍ୟାଚ୍‌କୁ ୨-୨ ସମାନସ୍ତରକୁ ଆଣିଥିଲା। ୪୫ ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ନର୍ଥଇଷ୍ଟ ତରଫରୁ ଫେଡେରିକୋ ଗାଲେଗୋ ପ୍ରଥମ ଗୋଲ ଦେଇଥିଲେ। ଏହାପରେ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମର ଦ୍ୱିତୀୟ ମିନିଟ୍‌ରେ ନର୍ଥଇଷ୍ଟ ତରଫରୁ ବେଞ୍ଜାମିନ ଲାମ୍ବୋଟ ଦ୍ୱିତୀୟ ଗୋଲ ଦେଇ ମ୍ୟାଚ୍‌କୁ ସମାନସ୍ତରକୁ ଆଣିଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ ହାଇଦ୍ରାବାଦ୍‌ର ଲିଷ୍ଟନ କୋଲାକୋ ଦୁଇଟି ଗୋଲ ଦେଇ ଦଳକୁ ଜିତାଇଥିଲେ।

# ଆକ୍ରମଣାତ୍ମକ ବନାମ ରକ୍ଷଣାତ୍ମକ

**ବାଇଚୁଙ୍ଗ ଭୂଟିଆ**

ଚଳିତ ହିରୋ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ଏଟିକେ ମୋହନବାଗାନ ଓ ମୁମ୍ବାଇ ସିଟି ଏଫ୍‌ସି ମଧ୍ୟରେ ଏକ ଟପ୍ ଟେବୁଲ ଫାଇଟ୍ ହେବ। ଦୁଇ ଦଳର ଖେଳ ଷ୍ଟାଇଲ ବିପରୀତ। ମ୍ୟାଚ ଦେଖିବା ଲାଗି ମୁଁ ଅପେକ୍ଷା କରି ରହିଛି। ମୁମ୍ବାଇ ଆକ୍ରମଣାତ୍ମକ ଏବଂ ଏଟିକେ ରଣକ୍ଷଣାତ୍ମକ ଖେଳିବ। ଉଭୟ ଦଳର କୋଚ୍ ସର୍ଗିଓ ଲୋବେରା ଓ ଜୋସ୍ ଆଣ୍ଟୋନିଓ ହାବାସ୍‌ଥେଙ୍କର ମୁଁ ହେଉଛି ଜଣେ ପ୍ରଶଂସକ। ଉଭୟଙ୍କ ନିଜସ୍ୱ ରଣକୌଶଳ ଓ ଖେଳ ଷ୍ଟାଇଲ ରହିଛି। ଦୁଇ କୋଚ୍‌ଙ୍କ ମଧ୍ୟରେ ଲୋବେରା ହେଉଛନ୍ତି ମୋ ପସନ୍ଦ। ଏଫ୍‌ସି ଗୋଆ ସହିତ ଥିବା ଦିନରୁ ମୁଁ ତାଙ୍କର ଜଣେ ପ୍ରଶଂସକ ପାଲଟି ଯାଇଛି। ଲୋବେରାଙ୍କ ଫୁଟ୍‌ବଲ ଥିଓରି ବେଶ୍ ଆମୋଦଦାୟକ ହୋଇଥିବାରୁ ଏହା ଦର୍ଶକଙ୍କୁ ଆକୃଷ୍ଟ କରିଥାଏ। ତାଙ୍କ ଦଳ ଅନ୍ୟମାନଙ୍କ ତୁଳନାରେ ଅଧିକ ଗୋଲ ସ୍କୋର କରିପାରୁଛି। ପୁନଶ୍ଚ ସେ ଏଫ୍‌ସି ଗୋଆରୁ କେତେଜଣ ଖେଳାଳିଙ୍କୁ ଆଣିଛନ୍ତି, ଯେଉଁମାନେ କି ତାଙ୍କ ଷ୍ଟାଇଲ ଅନୁସାରେ ଖେଳିଥାନ୍ତି। ମୁମ୍ବାଇ ଦଳର ଖେଳାଳିଙ୍କ ମନରେ ଭୟ ନାହିଁ। ଦୃଢ଼ ଆତ୍ମବିଶ୍ୱାସ ରହିଛି। ସେମାନଙ୍କ ୱାନ୍-ଟୁ ପାସ୍ ଖୁବ୍ ଚମତ୍କାର। ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରୁ ମୁଁ ହାବାସଙ୍କର ଜଣେ ଅନ୍ୟତମ ପ୍ରଶଂସକ ପାଲଟିଯାଇଛି। ତାଙ୍କ ଫୁଟ୍‌ବଲ ଥିଓରି ଖୁବ୍ କଠିନ। ପଛକୁ ଖସିଯିବା ଓ ରକ୍ଷା କରିବା। ଏହା କିନ୍ତୁ ସବୁବେଳେ ଭଲ ଲାଗି ନ ଥାଏ। ଏହି ରଣନୀତି ଯୋଗୁ ତାଙ୍କ ଦଳ ତୁଳନାତ୍ମକ ଭାବେ କମ୍ ଗୋଲ ବରଣ କରିଥାଏ। ହାବାସ ସବୁବେଳେ ତାଙ୍କ ଖେଳାଳିଙ୍କଠାରୁ ୧୧୦ ପ୍ରତିଶତ ପ୍ରତିଶ୍ରୁତି ବଦ୍ଧତା ଚାହିଁଥାନ୍ତି। ଜଣେ ନିରପେକ୍ଷ ଫୁଟ୍‌ବଲପ୍ରେମୀ ଏଟିକେ ଖେଳ ଦେଖିବା ଲାଗି ପସନ୍ଦ କରିଥାଏ। ଅନ୍ୟପକ୍ଷରେ ଜଣେ ଅନ୍ଧ ସମର୍ଥକ କିନ୍ତୁ ସବୁବେଳେ ଫଳାଫଳକୁ ଅପେକ୍ଷା କରିଥାଏ। ମୁମ୍ବାଇ କିନ୍ତୁ ଏହି ମ୍ୟାଚରେ ଏହାର ବିଚକ୍ଷଣ ମିଡ୍‌ଫିଲ୍ଡର ଅହମ୍ମଦ ଜାହୋଙ୍କ ଅନୁପସ୍ଥିତି ଅନୁଭବ କରିବ। ଡିଫେନ୍ସରେ ବଲକୁ କ୍ଲିୟର କରିବାରେ ସେ ଖୁବ୍ ଧୁରନ୍ଧର। ଏହି ଖେଳାଳି ୯ଟି ମ୍ୟାଚରେ ଦୁଇଥର ରେଡ୍ କାର୍ଡ ପାଇଛନ୍ତି। ଜାହୋଙ୍କ ଅନୁପସ୍ଥିତିରେ ଦଳକୁ ଆଗକୁ ବଢ଼ିବା ବର୍ତ୍ତମାନ ଲୋବେରାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ।

-(ଗେମ୍‌ପ୍ଲାନ)







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସଂକ୍ଷେପରେ**

## ନାବାଳିକାଙ୍କୁ ବଳାତ୍କାର: ଜେଲ ଗଲେ ଅଭିଯୁକ୍ତ

**ଗୋପ, ୮।୧(ଡି.ଏନ୍.ଏ.):** ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଗୋପ ଥାନା ଅଧୀନ ଦୁର୍ଗାପୁର ଗ୍ରାମର ଅରୁଣ ସେଣଙ୍କୁ ପୋଲିସ ଗିରଫ କରିଛି। ଶୁକ୍ରବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ଆବେଦନ ଖାରଜ ହୋଇଯିବାରୁ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଥାନା ଅଧିକାରୀ ସୁଧିର କୁମାର ସାହୁ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଅରୁଣ କିଛି ଦିନ ଧରି ସମ୍ପୃକ୍ତ ନାବାଳିକାଙ୍କୁ ବିବାହ କରିବାର ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ତାଙ୍କୁ ବିବାହ କରିବାକୁ ଜିଦ୍ ଧରିବାରୁ ସେ ମନା କରିଦେଇଥିଲେ। ଫଳରେ ନାବାଳିକା ଜଣକ ଗୋପ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ନେଇ କେସ୍ ନଂ. ୭/୨୦୨୧ ରୁଜୁ କରି ତଦନ୍ତ ଚଳାଇଥିଲା।

## ଝୁମୁକାରେ ଛଡ଼ାଗଲା ସିଫା ଯାଆଁଳ

**ପିପିଲି,୮।୧(ସ୍ୱ.ପ୍ର.)-** ବିଭିନ୍ନ ପ୍ରାକୃତିକ ଜଳାଶୟରୁ ମତ୍ସ୍ୟସମ୍ପଦ କ୍ରମେ ଲୋପ ପାଉଥିବାରୁ ଏହାର ପ୍ରତିକାରସ୍ୱରୂପ ଗତ ଗୁରୁବାର କେନ୍ଦ୍ରୀୟ ମଧୁର ଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା ଓ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗର ମିଳିତ ଉଦ୍ୟମରେ ଭୁବନେଶ୍ୱର ନିକଟସ୍ଥ ଝୁମୁକା ଜଳାଶୟରେ ୨୨୦୦୦ ଯାଆଁଳ ଛଡ଼ାଯାଇଛି। ଏହାଦ୍ୱାରା ପ୍ରାକୃତିକ ଜଳାଶୟରେ ମତ୍ସ୍ୟ ସମ୍ପଦର ବୃଦ୍ଧି ପାଇବା ସହ ମତ୍ସ୍ୟ ଜୈବ ବିବିଧତା ରକ୍ଷା କରାଯାଇ ମତ୍ସ୍ୟଜୀବୀଙ୍କର ଜୀବିକା ନିର୍ବାହରେ ଉନ୍ନତି ଘଟିବ ବୋଲି ସିଫାର ନିର୍ଦ୍ଦେଶକ ଡ. ସରୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ଏହି ସମୟରେ ଆଇସିଏଆର୍-ସିଫାର ପ୍ରଧାନ ବୈଜ୍ଞାନିକ ଡ. ସୁଧାଂଶୁ ଶେଖର ମିଶ୍ର, ଡ. ପ୍ରତାପ ଚନ୍ଦ୍ର ଦାସ, ଡ. ପ୍ରଭାତୀ ସାହୁ, ଡ. କାନ୍ତାଦାସ ମହାପାତ୍ର, ଡ. ଗୌର ସୁନ୍ଦର ସାହା, ମୁଖ୍ୟଯନ୍ତ୍ରୀ ଡ. ଏ. କେ. ଦାସ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଡ. ଜେ. ଜେ. ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଖତଗଦା ନିର୍ମାଣ ଉପରେ ହାଇକୋର୍ଟଙ୍କ ରହିତାଦେଶ

**କୋଣାର୍କ,୮।୧(ଡି. ଏନ୍.ଏ.)-** କୋଣାର୍କ ଏନ୍ଏସି ପକ୍ଷରୁ ସ୍ମାର୍ଟପାର୍କ ଆଳରେ କୋଣାର୍କ ବସଷ୍ଟାଣ୍ଡ ପାର୍ଶ୍ୱରେ ନିର୍ମାଣାଧୀନ ଖତଗଦା ନିର୍ମାଣ ଉପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ପକ୍ଷରୁ ରହିତାଦେଶ ଜାରି କରାଯାଇଛି। ଏହି ବେଆଇନ ନିର୍ମାଣ କାର୍ଯ୍ୟ ଉପରେ ଓଡ଼ିଶା ହାଇକୋର୍ଟ ପୂର୍ବରୁ ୨ଟି ରହିତାଦେଶ ବଳବତ୍ତର ରହିଛି। ବେଆଇନ ଭାବେ ଘରୋଇ ଜମି ଉପରେ ନିର୍ମାଣ ହେଉଥିବା ଅଭିଯୋଗ କରି କୋଣାର୍କ ବସଷ୍ଟାଣ୍ଡ ପାର୍ଶ୍ୱ ଖତଗଦା ଉପରେ ଅଭିଯୋଗକାରୀ ପ୍ରମୋଦ ଗୋଚ୍ଛାୟତଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମିଶ୍ର ଓ ଶ୍ରୀଜୟ ବରାଳ ମାମଲା ନଂ. ୩୭୧୪୭/୨୦ ଦାୟର କରିଛନ୍ତି। କୋଣାର୍କ ଏନଏସି ପକ୍ଷରୁ ସ୍ମାର୍ଟପାର୍କ ଆଳରେ ଜୋରଜବରଦସ୍ତି ବେଆଇନ ଭାବେ ଖତ ଗଦା ନିର୍ମାଣ କରିବା ଉପରେ ଅଭିଯୋଗକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟର ବିଚାରପତି ଏସ୍ ପୂଜାରୀ ଏପରି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଜନସାଧାରଣଙ୍କ ପାଇଁ ହାନିକାରକ ଏହି ପ୍ରକଳ୍ପ ଜନବସତିଠାରୁ ଦୂରେଇ କରିବା ପାଇଁ ନିୟମ ଥିବାବେଳେ କୋଣାର୍କ ଏନ୍ଏସି ଜନଗହଳିପୂର୍ଣ୍ଣ ସ୍ଥାନରେ କରିବା ଘଟଣାକୁ ବୁଦ୍ଧିଜୀବୀ ନାପସନ୍ଦ କରିଛନ୍ତି।

## ଟିକାକରଣ ନେଇ ଡ୍ରାଏ ରନ୍

**ଗୋପ, ୮।୧(ଡି.ଏନ୍.ଏ.):** ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର କୋଭିଡ୍ ଟିକାକରଣ ନେଇ ଡ୍ରାଏ ରନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଦେବୀପ୍ରସାଦ ମହାପାତ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ୨୫ଜଣ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ପରୀକ୍ଷାମୂଳକ ଭାବେ ଟିକା ଦିଆଯାଇଥିଲା। ସେମାନଙ୍କୁ ଏହି ଟିକାର କାର୍ଯ୍ୟକାରିତା ବିଷୟରେ ବୁଝାଇ ଦିଆଯାଇଥିଲା। କୌଣସି କାରଣରୁ ଟିକା ନେଇ ରୋଗୀ ଗୁରୁତର ହୋଇପଡ଼ିଲେ ଆମ୍ବୁଲାନ୍ସରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବାର ମକ୍ଡ୍ରିଲ୍ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଶିବ ପ୍ରସାଦ ମଙ୍ଗରାଜ, ଡା. ସୁନିଲ୍ କୁମାର ଦାସ, ଡା. ଆଲୋକ ସେନାପତି, ଡା. ଯସ୍ମିନ୍ ଆଫ୍ରୋଜ, ବିଡିଓ ଦୀପ୍ତିରାଣୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ମାସ୍କ ପିନ୍ଧି ସ୍କୁଲ ଆସିଲେ ଛାତ୍ରୀଛାତ୍ର

**ପୁରୀ ଅଫିସ,୮।୧**



ପୁରୀ ବିଶ୍ୱମ୍ଭର ବିଦ୍ୟାପୀଠରେ ପିଲାମାନେ ମାସ୍କ ପିନ୍ଧି ପଢୁଛନ୍ତି ।

**ପ୍ରଥମ ଦିନରେ ଦେଖିବାକୁ ମିଳିଲା ଉତ୍ସାହ**
- ସାନିଟାଇଜ, ସ୍କ୍ରିନିଂ ପରେ ଶ୍ରେଣୀଗୃହକୁ ଗଲେ
- ପୁରୀ ଜିଲା ସ୍କୁଲ ପରିଦର୍ଶନ କଲେ ଜିଲାପାଳ

କରୋନା ମହାମାରୀ ଯୋଗୁ ଦୀର୍ଘ ୯ମାସ ସ୍କୁଲ ବନ୍ଦ ରହିବା ପରେ ଶୁକ୍ରବାର ଖୋଲିଛି। କୋଭିଡ୍ କଟକଣା ପାଳନ ସହ ପୁରୀ ସହର ସମେତ ଜିଲାର ସମସ୍ତ ହାଇସ୍କୁଲରେ ଦଶମ ଶ୍ରେଣୀ ପିଲାଙ୍କ ପାଠପଢ଼ା ଆରମ୍ଭ ହୋଇଛି। ଜିଲାପାଳ ସମର୍ଥ ବର୍ମା ପୁରୀ ଜିଲା ସ୍କୁଲ ପରିଦର୍ଶନ କରି କୋଭିଡ୍ କଟକଣା ତଥା ଏସ୍ଓପି ପାଳନ ସମ୍ପର୍କରେ ସମୀକ୍ଷା କରିଛନ୍ତି। ପ୍ରତି କ୍ଲାସରେ ୨୦ରୁ ୨୫ ପିଲାଙ୍କୁ ବସିବାକୁ ଅନୁମତି ରହିଛି। ସ୍କୁଲ ପରିସରରେ ସାନିଟାଇଜ ଓ ସାମାଜିକ ଦୂରତ୍ୱ ଭଳି କଟକଣା ପାଳନ ହେଉଥିବା ଜିଲାପାଳ କହିଛନ୍ତି।

ପୁରୀ ସହରସ୍ଥ ଜିଲା ସ୍କୁଲ୍, ବିଶମ୍ଭର ବିଦ୍ୟାପୀଠ, ଗଦାଧର ହାଇସ୍କୁଲ୍, ବଳଗଣ୍ଡି ହାଇସ୍କୁଲ୍, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଭଳି ପ୍ରାୟ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ମାସ୍କ ପିନ୍ଧି ଉତ୍ସାହର ସହ ପହଞ୍ଚିଥିଲେ। ବିଦ୍ୟାଳୟ ପ୍ରବେଶ ପୂର୍ବରୁ ଛାତ୍ରୀଛାତ୍ରଙ୍କ ସ୍କ୍ରିନିଂ ଓ ହାତ ସାନିଟାଇଜ କରାଯାଇଥିଲା। ପୂର୍ବରୁ ଶ୍ରେଣୀଗୃହଗୁଡ଼ିକ ସାଇଟାଇଜ ହୋଇସାରିଥିଲା। ପ୍ରତ୍ୟେକ କକ୍ଷରେ ୨୦ରୁ ୨୫ ଛାତ୍ରୀଛାତ୍ରଙ୍କୁ ୨ଫୁଟ ଲେଖାଏ ଦୂରରେ ବସିବାକୁ କୁହାଯାଇଥିଲା। ମଧ୍ୟାହ୍ନଭୋଜନ ସମୟରେ ପିଲାଙ୍କୁ ଏକାଠି ହେବାକୁ ବାରଣ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ମଧ୍ୟାହ୍ନ ଭୋଜନ ଦିଆଯାଇଥିଲା। ବିଶ୍ୱମ୍ଭର ବିଦ୍ୟାପୀଠ ଭଳି କେତେକ ବିଦ୍ୟାଳୟରେ ପୁରାତନ ଛାତ୍ର ସଂଘ ପକ୍ଷରୁ ପିଲାଙ୍କୁ ମାସ୍କ ବଣ୍ଟାଯିବା ସହ ସ୍କୁଲ୍ ଆସିବା ଓ କୋଭିଡ୍ ନିୟମ ପାଳନ ନିମନ୍ତେ ଉତ୍ସାହିତ କରାଯାଇଥିଲା। ରାଜ୍ୟ ସରକାରଙ୍କ ଘୋଷଣା ଅନୁଯାୟୀ, ଚଳିତ ଶିକ୍ଷାବର୍ଷକୁ କମାଇ ଶହେ ଦିନ କରାଯାଇଛି। ତେଣୁ କିଭଳି ଏହି ନିର୍ଦ୍ଧାରିତ ସମୟ ମଧ୍ୟରେ ପାଠ୍ୟକ୍ରମ ସରିବ ତାହା ଉପରେ ସ୍କୁଲ କର୍ତ୍ତୃପକ୍ଷମାନେ ଗୁରୁତ୍ୱ ଦେଉଛନ୍ତି। ସେହିଭଳି ଶୁକ୍ରବାରଠାରୁ କନିଷ୍ଠ ମହାବିଦ୍ୟାଳୟଗୁଡ଼ିକ ଖୋଲିଛି। ଯୁକ୍ତ୨ ଛାତ୍ରୀଛାତ୍ରମାନେ ଆଗ୍ରହର ସହ କୋଭିଡ୍ ନିୟମ ମାନି କଲେଜଗୁଡ଼ିକରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା।

## ବିଭିନ୍ନ ସ୍କୁଲ ପରିଦର୍ଶନ କଲେ ଗଣଶିକ୍ଷା ମନ୍ତ୍ରୀ

**ନିମାପଡ଼ା/ଗୋପ/ପିପିଲି, ୮।୧(ଡି.ଏନ୍.ଏ./ସ୍ୱ.ପ୍ର.)**

ଦୀର୍ଘ ୯ ମାସ ପରେ ଶୁକ୍ରବାର ବିଦ୍ୟାଳୟ ଖୋଲିଥିବାରୁ ଛାତ୍ରୀଛାତ୍ର, ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ାଇବା ପାଇଁ ପୁରୀ ଜିଲାର ବିଭିନ୍ନ ସ୍କୁଲକୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପରିଦର୍ଶନ କରିଛନ୍ତି। ପ୍ରଥମେ ନିଜ ଅଞ୍ଚଳ ନିମାପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟ, ହରିପୁର ନୋଡାଲ ଉଚ୍ଚ ବିଦ୍ୟାଳୟ, ହରିପୁର କଲେଜ ପରିଦର୍ଶନ କରିବା ସହ ବିଭିନ୍ନ ସ୍ଥିତି, ସରକାରୀ ନିର୍ଦ୍ଦେଶନାମା, କୋଭିଡ କଟକଣାର ସମୀକ୍ଷା କରିବା ସହ ପାଠପଢ଼ା ସମ୍ପର୍କରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ପରେ ମନ୍ତ୍ରୀ ଗୋପର ଏରବଙ୍ଗ ନୋଡାଲ ବିଦ୍ୟାଳୟ, ଗୋପ ନିଗମାନନ୍ଦ ନୋଡାଲ ବିଦ୍ୟାଳୟ, ଗୋପ କଲେଜ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ପାଠ୍ୟ ସମ୍ପର୍କରେ ବୁଝିଥିଲେ। ଶେଷରେ ମନ୍ତ୍ରୀ ଦାଶ ପିପିଲିରେ ଥିବା ଜବାହର୍ ବିଦ୍ୟାପୀଠକୁ ପରିଦର୍ଶନ କରିଥିଲେ। ଶ୍ରେଣୀଗୃହ, ଛାତ୍ରୀଛାତ୍ରଙ୍କୁ ସାନିଟାଇଜ କରିବା ନେଇ ଦେଖିବା ସହ ପୂର୍ବରୁ ହୋଇଥିବା ଅନ ଲାଇନ ଶିକ୍ଷାଦାନ ସମ୍ବନ୍ଧରେ ପଚାରି ବୁଝିଥିଲେ।



ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏକ ସ୍କୁଲ ପରିଦର୍ଶନବେଳେ ପିଲାଙ୍କ ସହ ଆଲୋଚନା କରୁଛନ୍ତି।

# ଆନ୍ତଃଜିଲା ହାଇୱେ ଲୁଟେରା ଗ୍ୟାଙ୍ଗର ୬ ଗିରଫ



ପୋଲିସ ହାତରେ ଧରା ପଡିଥିବା ଲୁଟେରାମାନେ ।

**ସାକ୍ଷୀଗୋପାଳ, ୮।୧ (ସ୍ୱ.ପ୍ର./ଡି.ଏନ୍.ଏ.)**

**୪ ମୋବାଇଲ, ୨ ବାଇକ୍ ଜବତ**

ଭୁବନେଶ୍ୱର-ପୁରୀ ୩୧୬ ନଂ. ଜାତୀୟ ରାଜପଥ ହସଂପାଳଠାରୁ ପୁରୀ ମଧ୍ୟରେ କ୍ରମାଗତ ଲୁଟ୍ ତରାଜ ଚଳାଇଥିବା ଏକ ଆନ୍ତଃଜିଲା ହାଇୱେ ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସତ୍ୟବାଦୀ ପୋଲିସ ସଫଳ ହୋଇଛି। ଏହି ଗ୍ୟାଙ୍ଗର ୬ଜଣଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ପୁରୀ ଜିଲା ଗଡ଼ିଶାଗଦା ଥାନା ନଈକୂଳପାଟଣା ଗ୍ରାମର ବିପିନ ସେଠୀ, ସତ୍ୟବାଦୀ ଥାନା ପଞ୍ଚୁକେରାର ସନ୍ଦିପ ପ୍ରଧାନ, ନହଳା ଗ୍ରାମର ସିଦ୍ଧାନ୍ତ ମଲ୍ଲିକ ଓ ବଡ଼ହାଟର ପ୍ରକାଶ ବରାଳଙ୍କ ସହ ଚୋରି ସାମଗ୍ରୀ ରଖିଥିବା ଜୟନ୍ତ କୁମାର ସ୍ୱାଇଁ ଏବଂ ଜିଜ୍ଞାସୁ ସାବତ। ଏ ନେଇ ପୋଲିସ ନଂ.୩୮୯/୨୦ରେ ମାମଲା ରୁଜୁ ହୋଇଥିଲା। ପୁରୀ ଏସ୍‌ପି କେ. ବିଶାଲ ସିଂଙ୍କ ନିର୍ଦ୍ଦେଶକ୍ରମେ ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ସତ୍ୟବାଦୀ ଥାନା ଆଇଆଇସି ଦେବୀପ୍ରସାଦ ପାତ୍ର ସଦଳବଳ ଗୁରୁବାର ରାତିରେ ଚଢ଼ାଉ କରି ୬ ଜଣଙ୍କୁ ଗିରଫ କରିଥିଲେ। ସେମାନଙ୍କଠାରୁ ୪ ଚୋରି ମୋବାଇଲ ଫୋନ, ଗୋଟିଏ ପଲସର ଓ ଗୋଟିଏ ଆପାଚି ବାଇକ୍ ସହ ଗୋଟିଏ ସୁନାମୁଦି ପୋଲିସ ଜବତ କରିଛି। ଅନ୍ୟ ଫେରାର ଲୁଟେରାଙ୍କୁ ଗିରଫ କରାଯିବାକୁ ଉଦ୍ୟମ ଚଳାଇଥିବା ଶୁକ୍ରବାର ସତ୍ୟବାଦୀ ଥାନାରେ ଏକ ଖବରଦାତା ସମ୍ମିଳନୀରେ ପୋଲିସ କହିଛନ୍ତି। ସୂଚନାଯୋଗ୍ୟ, ଗତ ମାସରୁ ଉର୍ଦ୍ଧ୍ୱ ଦିନ ହେବ ଏହି ଲୁଟେରାମାନେ ରାଜପଥରେ ଯାଉଥିବା ଲୋକ ଏବଂ ଗାଡିଗୁଡ଼ିକୁ ଟାର୍ଗେଟ କରି ଲୁଟୁଥିଲେ। ଏ ନେଇ ସତ୍ୟବାଦୀ ଥାନା ଓ ପୁରୀରେ ଅଭିଯୋଗ ବଢ଼ିବା ପରେ ଏସ୍‌ପି ଏହି ଗ୍ୟାଙ୍ଗକୁ ଧରିବା ପାଇଁ ବ୍ଲୁପ୍ରିଣ୍ଟ ଯୋଜନା କରିଥିଲେ। ଲୁଟେରାମାନେ ଗତ ସପ୍ତାହରେ ବାଇକ୍‌ରେ ଆସି ସତ୍ୟବାଦୀ ଥାନା ସମ୍ମୁଖ ଫ୍ଲାଏଓଭର ବ୍ରିଜରେ ଏକ ବ୍ୟବସାୟିକ ସଂସ୍ଥାର ମାଲବାହୀ ଗାଡ଼ି ଅଟକାଥିଲେ। ଗାଡ଼ି ଭିତରେ ଥିବା ସେଲସ୍‌ମ୍ୟାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରି ୨.୨୪ ଲକ୍ଷ ଟଙ୍କା, ପଟ୍ଟନାୟିକିଆ ଛକରେ ବାଇକ୍ ପଛରେ ବସିଥିବା ମହିଳାଙ୍କ ଭ୍ୟାନିଟି ଛଡାଇ ନେବା ଘଟଣାକୁ ନେଇ ପୋଲିସ ତଦନ୍ତ ଚଳାଇଥିଲେ।

## ଟିକାକରଣ ଡ୍ରାଏ ରନ୍, ଜିଲାପାଳଙ୍କ ସମୀକ୍ଷା

**ପୁରୀ ଅଫିସ,୮।୧:**

ପୁରୀ ବଳିଆପଣ୍ଡାସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର କୋଭିଡ୍-୧୯ ଟିକାକରଣର ଡ୍ରାଏ ରନ୍ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏଥିରେ ଜିଲାପାଳ ସମର୍ଥ ବର୍ମା ଯୋଗଦେଇ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଟିକାକରଣ ପ୍ରକ୍ରିୟା ସମ୍ପର୍କରେ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଜିଲାପାଳ ଆଲୋଚନା କରିଥିଲେ। ଏହି ପ୍ରକ୍ରିୟା ଯେପରି ସବୁଠୁ ଅଧିକ ବ୍ୟବସ୍ଥିତ ହୋଇପାରିବ ତାହା ଉପରେ ସେ ଗୁରୁତ୍ୱ ଦେଇଥିଲେ। ୨୫ଜଣ କୋଭିଡ୍ ଯୋଦ୍ଧା ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେମାନଙ୍କ ମଧ୍ୟରେ ଡାକ୍ତର, ଫାର୍ମାସିଷ୍ଟ, ପାରାମେଡିକାଲ କର୍ମଚାରୀ, ଆଶାକର୍ମୀ ଏବଂ ଅଙ୍ଗନୱାଡ଼ିକର୍ମୀ ରହିଥିଲେ। ଉଲ୍ଲେଖଯୋଗ୍ୟ, ପ୍ରାଥମିକ ପର୍ଯ୍ୟାୟରେ ୧୦, ୭୮୭ ଜଣ କୋଭିଡ୍ ଯୋଦ୍ଧାଙ୍କୁ ଟିକା ଦିଆଯିବ। ସେମାନଙ୍କ ମଧ୍ୟରେ ୧୯୬ ଜଣ ଡାକ୍ତର, ୫ହଜାର ୧୪୯ ଅଙ୍ଗନୱାଡ଼ି କର୍ମୀ, ୧୫୩୫ ଆଶାକର୍ମୀ, ୩୬୧୧ ପାରାମେଡିକାଲ କର୍ମଚାରୀ ଓ ୨୯୬ ଜଣ ବେସରକାରୀ ଡାକ୍ତରଖାନା କର୍ମଚାରୀ ରହିଛନ୍ତି। ଡ୍ରାଏ ରନ୍ କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର, ସୁନିଲ ତରାଇ, ଜିତେନ୍ଦ୍ର ମହାନ୍ତି, ଡିପିଏମ୍ ଟି. ନାରାୟଣ ରାଓ, ଏପିଏମ୍ ସନ୍ତୋଷ ମିଶ୍ର, ଡିଡିଏମ୍ ସୁଦାମ ଚରଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ବିଭିନ୍ନ ଦୋକାନରେ ଖାଦ୍ୟର ମାନ ଯାଞ୍ଚ

**ପୁରୀ ଅଫିସ, ୮।୧**

**ପୁଣି ସଂଗ୍ରହ ହେଲା ୧୫ ନମୁନା**

ପୁରୀ ସହରର ବିଭିନ୍ନ ଦୋକାନରେ ଖାଦ୍ୟ ସୁରକ୍ଷା ଟିମ୍ ପକ୍ଷରୁ ଚଢ଼ାଉ ଜାରି ରହିଛି। ଶୁକ୍ରବାର ଦ୍ୱିତୀୟ ଦିନରେ ବଡ଼ଶଙ୍ଖ ବଜାର, ଗୁଣ୍ଡିଚା ମନ୍ଦିର ଓ ସ୍ୱର୍ଗଦ୍ୱାର ପାଖ ଅଞ୍ଚଳରେ ଥିବା ତେଜରାତି, ଫଳ, ପରିବା, ମିଠା, ଜଳଖିଆ ଦୋକାନ ସମେତ ରେଷ୍ଟୁରାଣ୍ଟ, ହୋଟେଲରେ ଖାଦ୍ୟର ମାନ ଯାଞ୍ଚ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ପତିଙ୍କ ନେତୃତ୍ୱରେ ଭ୍ରମରବର ଜେନା, ସୁଶାନ୍ତ ଜେନା ଏବଂ ଶକ୍ତିପ୍ରସାଦ ଛୋଟରାୟ ପ୍ରମୁଖ ଅଧିକାରୀମାନେ ଏହି ଯାଞ୍ଚ କରିଛନ୍ତି। ବିଶେଷକରି ବଡ଼ଶଙ୍ଖ ଓ ଗୁଣ୍ଡିଚା ମନ୍ଦିର ନିକଟ ଅଧିକାଂଶ ମିଠା ଦୋକାନ ଏବଂ ସମୁଦ୍ରକୂଳ ପାଖ କେତେକ ହୋଟେଲର ଖାଦ୍ୟ ସାମଗ୍ରୀ ମାନ ନିକୃଷ୍ଟ ଥିବା ଜଣାପଡ଼ିଛି। ୧୦ କିଲୋଗ୍ରାମ ଖୁଆ ସହ ମିଠା ଓ ୫ କିଲୋଗ୍ରାମ ବାସି ଖାଦ୍ୟକୁ ନଷ୍ଟ କରାଯାଇଛି। ସେହିଭଳି ୧୫ଟି ନମୁନା ସଂଗ୍ରହ ହୋଇଛି। ସେଗୁଡ଼ିକୁ ପରୀକ୍ଷଣ ପାଇଁ ପଠାଯାଇଛି। ଏହାପରେ ସମ୍ପୃକ୍ତ ଦୋକାନୀଙ୍କୁ ଜରିମାନା କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲା ଖାଦ୍ୟ ସୁରକ୍ଷା ଅଧିକାରୀ କହିଛନ୍ତି।




ପୁରୀ ବେଳାଭୂମିରେ ଶୁକ୍ରବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା ।

## ଗୋପାଳପୁର-ସାତପଡ଼ା ଯାଏ ପ୍ରକଳ୍ପ ନିର୍ମାଣ ହେଉ

**ପୁରୀ ଅଫିସ, ୮।୧**

ରାଜ୍ୟ ସରକାରଙ୍କ ଆନ୍ତରିକତାର ଅଭାବ ଓ କେନ୍ଦ୍ର ସରକାରଙ୍କ ପରିବେଶ ବିଭାଗର ପ୍ରତିବନ୍ଧକ ଯୋଗୁ ଉପକୂଳ ରାଜପଥ ନିର୍ମାଣ ଯୋଜନା ଆଗକୁ ବଢୁ ନ ଥିଲା। ଉପକୂଳ ରାଜପଥ ନିର୍ମାଣ ହେଲେ ପରିବେଶ ପ୍ରଭାବିତ ହେବା ସହ ବୃକ୍ଷସମ୍ପଦ ଓ ବନ୍ୟଜନ୍ତୁ କ୍ଷତିଗ୍ରସ୍ତ ହେବାର କାରଣ ଦର୍ଶାଇ ପ୍ରକଳ୍ପକୁ କେନ୍ଦ୍ର ସରକାର ମଞ୍ଜୁରି ଦେଉ ନ ଥିଲେ। ମାତ୍ର ଉପକୂଳ ରାଜପଥ ନିର୍ମାଣ ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ ପକ୍ଷରୁ ବାରମ୍ବାର ଆନ୍ଦୋଳନ କରାଯିବା ପରେ ଶେଷରେ କେନ୍ଦ୍ର ସରକାର ଏଥିଲାଗି ଅନୁମତି ଦେଇଛନ୍ତି। ଭାରତମାଳା ଯୋଜନା ଅଧୀନରେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଏନ୍ଏଚ୍-୧୬ଠାରୁ ବ୍ରହ୍ମଗିରି, ପୁରୀ, ରତନପୁର ଏବଂ ଦୀଘା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। କିନ୍ତୁ ପରିତାପର ବିଷୟ ଯେ, ଗୋପାଳପୁରଠାରୁ ଚିଲିକା ଦେଇ ସାତପଡ଼ା ପର୍ଯ୍ୟନ୍ତ ପ୍ରକଳ୍ପ ନିର୍ମାଣ କରିବାକୁ କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ମଞ୍ଜୁରି ଦେଇନାହିଁ। ତେବେ କୃଷ୍ଣପ୍ରସାଦବାସୀ, ବରହଁପୁର ପଞ୍ଚାୟତବାସୀ, ପାଲୁର ଏବଂ ଗଞ୍ଜାମବାସୀଙ୍କ ଗମନାଗମନ ଓ ପରିବହନ ସୁବିଧା ସହ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ଗୋପାଳପୁରଠାରୁ ପାଲୁର, ଚିଲିକା ଦେଇ ସାତପଡ଼ା ପର୍ଯ୍ୟନ୍ତ ଉପକୂଳ ରାଜପଥ ନିର୍ମାଣ ପ୍ରସ୍ତାବ କାର୍ଯ୍ୟକାରୀ କରିବାକୁ ଉପକୂଳ ରାଜପଥ ନିର୍ମାଣ ମିଳିତ କ୍ରିୟାନୁଷ୍ଠାନ ମହାମଞ୍ଚ ଦାବି କରିଛି। ଶୁକ୍ରବାର ପୁରୀଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମହାମଞ୍ଚର ଆବାହକ ଟୁନା ସ୍ୱାଇଁ ଏହି ଦାବି ଉଠାଇଛନ୍ତି। ତୁରନ୍ତ ରାଜ୍ୟ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ସ୍ୱାଇଁ ଦାବି କରିଛନ୍ତି।

## ଶୌଚାଳୟ ଅର୍ଥ ଅନିୟମିତତା ଅଭିଯୋଗ

**ପୁରୀ ଅଫିସ,୮।୧**

ପୁରୀଜିଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ୨୦୨୦ ମାର୍ଚ୍ଚ ୩୧ରୁ ୨୦୨୧ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ପୁରୀର ସମସ୍ତ ପବ୍ଲିକ ଟଏଲେଟ୍ ମାଗଣା ବ୍ୟବହାର ନେଇ ଘୋଷଣା କରାଯାଇଥିଲା। ତେବେ ଶୌଚାଳୟ ବ୍ୟବହାରକାରୀଙ୍କଠାରୁ ବେଆଇନ ଭାବେ ଅର୍ଥ ଆଦାୟ କରାଯାଇଥିଲା। ୨୦ଟି ପବ୍ଲିକ ଟଏଲେଟ୍ ବ୍ୟବହାର ବାବଦରେ ଗତ ୯ମାସ ମଧ୍ୟରେ ୭୦ ଲକ୍ଷ ଟଙ୍କା ଆଦାୟ ହୋଇଛି। ଏହାସତ୍ତ୍ୱେ ୭ମାସ ହେଲା ସମ୍ପୃକ୍ତ କର୍ମଚାରୀମାନଙ୍କୁ ଦରମା ଦିଆଯାଇ ନାହିଁ। ଫଳରେ ସେମାନେ ହଇରାଣ ହୋଇ ଚାଲୁଛନ୍ତି। ଏହି ଅର୍ଥ ଆଦାୟରେ ଅନିୟମିତତା ହୋଇଥିବା ଶୁକ୍ରବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଦେବରାଜ ଦାସ, ଦେବେନ୍ଦ୍ର ସୁବୁଦ୍ଧି ପ୍ରମୁଖ ଏହି ଅଭିଯୋଗ ଆଣି ତଦନ୍ତ ଦାବି କରିଛନ୍ତି।

## ଦୁଇ କିଡ୍‌ନୀ ନଷ୍ଟ, ଚିକିତ୍ସା ପାଇଁ ସମ୍ବଳ ନାହିଁ

**ପିପିଲି, ୮।୧(ସ୍ୱ.ପ୍ର.)**

**ଜିଇବାର ରାହା ଖୋଜୁଛନ୍ତି ସବ୍‌ନମ୍**
- ଘାରିଛି ୪ ବର୍ଷ ପୁଅର ଭବିଷ୍ୟତ ଚିନ୍ତା
- ସହାୟତା ଲାଗି ସରକାରଙ୍କୁ ଗୁହାରି



ପୁରୀ ଜିଲା ପିପିଲି ପୌରାଞ୍ଚଳ ଅଧୀନ ଭବାନୀପୁର ୮ନଂ. ୱାର୍ଡର ବାସିନ୍ଦା ହେଉଛନ୍ତି ସବ୍‌ନମ୍(୨୬)। ତାଙ୍କର ଦୁଇଟିଯାକ କିଡ୍‌ନୀ ନଷ୍ଟ ହୋଇଯାଇଛି। ତାଙ୍କ ଚିକିତ୍ସାରେ ଅର୍ଥାଭାବ ବାଧକ ସାଜିଛି। ସ୍ୱାମୀ ପରିତ୍ୟକ୍ତା ସବ୍‌ନମ୍ ଏବେ ନିଜ ବୃଦ୍ଧ ବାପାଙ୍କ ପାଖରେ ଆଶ୍ରୟ ନେଇଛନ୍ତି। ଦୁଃଖକଷ୍ଟ ଏବଂ ଅଭାବ ଅନଟନ ଭିତରେ ତାଙ୍କର ଜୀବନ ବିତୁଛି। ଏଭଳି ସ୍ଥିତିରେ ଅସହାୟା ସବ୍‌ନମ୍‌ଙ୍କୁ ୪ବର୍ଷ ପୁଅର ଚିନ୍ତା ଘାରିଛି। ସେ କିପରି ଜୀଇଁବ, ପାଠ ପଢ଼ି ନିଜ ଭବିଷ୍ୟତ ଗଢିବ ଆଦି ନାନା ଚିନ୍ତା ତାଙ୍କ ମନକୁ ଭାରାକ୍ରାନ୍ତ କରିଦେଉଛି।

କୋହଭରା କଣ୍ଠରେ ସବ୍‌ନମ୍ କହିଛନ୍ତି, ୨୦୧୫ରେ ସେ କଟକ ଅଞ୍ଚଳରେ ବିବାହ କରିଥିଲେ। ପରେ ତାଙ୍କର ପୁଅଟିଏ ଜନ୍ମ ହୋଇଥିଲା। ଶାଶୁଘର ଲୋକେ ଖୁବ୍ ଖୁସି ହୋଇଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କର ଦୁଇଟି ଯାକ କିଡ୍‌ନୀ ସମସ୍ୟା ଥିବା ଜଣାପଡ଼ିଥିଲା। ଏହା ଜାଣି ସ୍ୱାମୀ ଓ ଶାଶୁଘର ଲୋକେ ତାଙ୍କୁ ଜୋର ଜବରଦସ୍ତ ବିଦା କରିଦେଇଥିଲେ। କୋଳରେ ଶିଶୁଟିଏ ଥିବାରୁ ସେ ଆଶ୍ରୟ ପାଇଁ ବାଧ ହୋଇ ବାପଘରକୁ ଚାଲିଆସିଥିଲେ। ବୃଦ୍ଧ ପିତାଙ୍କ ଉପରେ ବୋଝ ସଦୃଶ ହୋଇ ଦୁଃଖକଷ୍ଟରେ ଚଳିଲେ। ତାଙ୍କ ବାପା ଧାରକରଜ କରିବା ସହ ଘରର ଆସବାବପତ୍ର ବିକି ଦେଇ ଚିକିତ୍ସା କରାଇଥିଲେ ବି ସେ ସୁସ୍ଥ ହୋଇ ନ ଥିଲେ। ଫଳରେ ଏବେ ଯନ୍ତ୍ରଣାସିକ୍ତ ଜୀବନ ଜୀଉଁଛନ୍ତି। କେବଳ ପୁଅ ପାଇଁ ସେ ବଞ୍ଚି ରହି ସଂଘର୍ଷ କରିବାକୁ ଚାହୁଁଛନ୍ତି ବୋଲି ସବ୍‌ନମ୍ ପ୍ରକାଶ କରିଛନ୍ତି। ତାଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ । ତେଣୁ ସରକାର ଓ ବଦାନ୍ୟ ବ୍ୟକ୍ତି ତାଙ୍କ ପ୍ରତି ସହାୟତାର ହାତ ବଢ଼ାଇବାକୁ ସବ୍‌ନମ୍ ନିବେଦନ କରିଛନ୍ତି।

**ଫଟୋରେ ଖବର**




ପୁରୀ ଜିଲା ସିଆଇଟିୟୁ ପକ୍ଷରୁ ଶୁକ୍ରବାର ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ।




ବିଭିନ୍ନ ଦାବି ନେଇ ଓଡିଶା କଳା ଓ କ୍ରୀଡା ଶିକ୍ଷକ ମହାସଂଘ ପୁରୀ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ।

**ଘରେ ପଶି ଚୋରି ଘଟଣା, ୨ ଗିରଫ**

ଜଟଣୀ(ଡି.ଏନ୍.ଏ.): ଜଟଣୀ ବ୍ଲକ କୁଶୁମାଟି ଗ୍ରାମର ପର୍ଶୁରାମ ସାହୁଙ୍କ ଘରେ ପଶି ଚୋରି କରିବା ଘଟଣାରେ ଶୁକ୍ରବାର ପୋଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ସେମାନେ ହେଲେ ଉକ୍ତ ଗ୍ରାମର ଇନ୍ଦ୍ରଦ୍ୟୁମ୍ନ ବାରିକ ଓରଫ ଧୋଲା ଏବଂ ସୁଶାନ୍ତ ମାଝି ଓରଫ ସୁଶେଇ। ଏମାନଙ୍କଠାରୁ ସୁନା ଚେନ୍, ମଙ୍ଗଳସୂତ୍ର, ୬ଟି ସୁନା ହାତମୁଦି, ୨ହଳ ରୁପା ପାଉଁଜି, କଂସା ଏବଂ ପିତଳ ବାସନ, ପାଣି ମୋଟର ଏବଂ ୫୦,୦୦୦ଟଙ୍କା ଜବତ ହୋଇଛି। ସୂଚନା ମୁତାବକ, ଗତ ୪ତାରିଖ ରାତିରେ କେତେଜଣ ଦୁର୍ବୃତ୍ତ ପର୍ଶୁରାମଙ୍କ ଘର ଗ୍ରୀଲ ଓ ସ୍କାଏଲାଇଟ ଭାଙ୍ଗି ଚୋରି କରିଥିଲେ। ଏନେଇ କୁମୁଦିନୀ ସାହୁଙ୍କ ଅଭିଯୋଗକ୍ରମେ ଜଟଣୀ ପୋଲିସ ଏକ ମାମଲା (ନଂ.୮/୨୧)ରୁଜୁକରି ତଦନ୍ତ ଚଳାଇଥିଲା।

**ଖୋଲିଲା ଦଶମ, ଦ୍ୱାଦଶ ଶ୍ରେଣୀ**

# କଟକଣାରେ ପାଠପଢ଼ା

ଖୋର୍ଦ୍ଧା ଅଫିସ,୮।୧

ଦୀର୍ଘ ସାଢ଼େ ୯ମାସ ପରେ ଶୁକ୍ରବାରଠାରୁ ଅଫଲାଇନରେ ଆରମ୍ଭ ହୋଇଛି ଦଶମ ଓ ଦ୍ୱାଦଶ ଶ୍ରେଣୀର ପାଠପଢ଼ା। ଲକ୍‌ଡାଉନ ସମୟରେ ଛାତ୍ରୀଛାତ୍ରଙ୍କ ଅନଲାଇନ ପାଠପଢ଼ାରେ ସଫଳତା ହାସଲ କରିଥିବା ଖୋର୍ଦ୍ଧା ଜିଲାରେ ଏନେଇ ବ୍ୟାପକ ବ୍ୟବସ୍ଥା କରିଯାଇଛି। କୋଭିଡ୍ ନିୟମ ପାଳନ କରାଯାଇ ସମସ୍ତ ସ୍କୁଲରେ ପିଲାଙ୍କ ପାଠପଢା ଆରମ୍ଭ ହୋଇଛି। ସ୍କୁଲ ଖୋଲଥିବାରୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ରହିଥିଲା ଉତ୍ସାହ ଓ ଉଦ୍ଦୀପନା। ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ହାତକୁ ସାନିଟାଇଜ ଏବଂ ଥର୍ମାଲ ସ୍କ୍ରିନିଂ ପରେ ସ୍କୁଲରେ ପ୍ରବେଶ କରିଥିଲେ। ସାମାଜିକ ଦୂରତ୍ୱ ରକ୍ଷା କରି ପ୍ରାର୍ଥନା କରିଥିଲେ। ପୂର୍ବାହ୍ନ ୧୦ଟାରୁ ୪ଟା ପର୍ଯ୍ୟନ୍ତ ପାଠ ପଢିଥିଲେ। ପାଠ୍ୟ ଖସଡ଼ା ଅନୁଯାୟୀ ୬ଟି ବିଷୟରେ ଜଣଙ୍କ ପରେ ଜଣେ ଶିକ୍ଷକ ଆସି ପାଠ ପଢ଼ାଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୁଇ ଫୁଟ ଦୂରତା ରହିଥିଲା। ମାସ୍କ, ପାଣି ବୋତଲ ଏବଂ ଟିଫିନ କେହି କାହାରିକୁ ଦେବେ ନାହିଁ, ସେଥିପ୍ରତି ଶିକ୍ଷୟିତ୍ରୀ,ଶିକ୍ଷକମାନେ ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। କୋଭିଡ୍ କଟକଣାକୁ ଦୃଷ୍ଟିରେ ରଖି ପିଲାମାନେ ଦୁଇ ଫୁଟ୍ ଦୂରତାରେ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ। ଭୁବନେଶ୍ୱର ମହାନଗର ନିଗମ ସମେତ ଜିଲାରେ ୨୯୧ ବିଦ୍ୟାଳୟରେ ପାଠପଢା ଆରମ୍ଭ ହୋଇଛି। ପ୍ରଥମ ଦିନରେ ୮୦ପ୍ରତିଶତ ଛାତ୍ରୀଛାତ୍ର ଯୋଗଦେଇଥିବା ଡିଇଓ ବନ୍ଦନା ମହାପାତ୍ର କହିଛନ୍ତି। ଖୋର୍ଦ୍ଧାର ସର୍ବ ପୁରାତନ ସ୍କୁଲ ବକ୍ସି ଜଗବନ୍ଧୁ ବିଦ୍ୟାଧର ହାଇସ୍କୁଲ(ବିଜେବି)ରେ ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାଢୀ ପ୍ରମୁଖ ପହଞ୍ଚି ସ୍କୁଲ ପରିଦର୍ଶନ କରି ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଶ୍ରେଣୀଗୃହ ବୁଲି ଦେଖିବା ସହ ପିଲାଙ୍କ ସହିତ କଥା ହୋଇଥିଲେ। କୋଭିଡ୍ ନିୟମ ପାଳନ ଲାଗି ପରାମର୍ଶ ଦେଇଥିଲେ। କୋଭିଡ୍ ସମ୍ପର୍କରେ ପିଲାଙ୍କୁ ସଚେତନ କରିବା ଲାଗି ସ୍କୁଲ ପରିସରରେ ସଚେତନତା ଫ୍ଲେକ୍ସ, ପୋଷ୍ଟର, ବ୍ୟାନର ଲଗାଯାଇଛି। ପ୍ରତି କ୍ଲାସ ରୁମ୍‌ରେ ମଧ୍ୟ ଲଗାଯାଇଛି। ଅନ୍ୟପଟେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ହ୍ୱାଟ୍ସଆପ ଗ୍ରୁପ ହୋଇଛି। କ୍ଲାସ ରୁମ୍‌ରେ ଯଦି କୌଣସି ପିଲା ପାଠପଢାରେ ଅବୁଝା ରହିଲେ, ହ୍ୱାଟ୍ସଆପରେ ଶିକ୍ଷକମାନେ ସମାଧାନ କରିବେ। ପିଲାମାନେ ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ପାଇପାରିବେ। ପିଲାଙ୍କ ପାଠପଢା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବ ବୋଲି ଜିଲା ଶିକ୍ଷାଧିକାରୀ ବନ୍ଦନା ମହାପାତ୍ର କହିଛନ୍ତି।


ଏକ ସ୍କୁଲରେ ପିଲାଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇ ଭିତରକୁ ଛଡ଼ାଯାଉଛି।

## ୨୪ ଘଣ୍ଟିଆ କଣ୍ଟ୍ରୋଲରୁମ୍

ଶୁକ୍ରବାରଠାରୁ ଦଶମ ଶ୍ରେଣୀ ପିଲାଙ୍କ ପାଠପଢା ଆରମ୍ଭ ହୋଇଛି। ପିଲାଙ୍କ ପାଠପଢ଼ାରେ ଯେପରି କୌଣସି ଅସୁବିଧା ନ ହେବ, ସେଥିଲାଗି ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୨୪ଘଣ୍ଟିଆ କଣ୍ଟ୍ରୋଲରୁମ୍ ବ୍ୟବସ୍ଥା କରାଯାଇଛି। ଭୁବନେଶ୍ୱର ମହାନଗର ସମେତ ୧୦ଟି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ କଣ୍ଟ୍ରୋଲରୁମ୍‌ର ବ୍ୟବସ୍ଥା କରାଯାଇଛି। କୌଣସି ବିଦ୍ୟାଳୟରେ ଶିକ୍ଷକ ସମସ୍ୟା ହେଲେ ତୁରନ୍ତ କଣ୍ଟ୍ରୋଲରୁମ ସହ ଯୋଗାଯୋଗ କରିବେ। ଏଥିସହ ସ୍କୁଲରେ କୌଣସି ସମସ୍ୟା ଉପୁଜିଲେ ଜଣାଇବେ। ଏହାର ତ୍ୱରିତ ସମାଧାନ ଲାଗି ବ୍ୟବସ୍ଥା କରାଯିବ।

### ଏମାନେ କଣ କୁହନ୍ତି...

କୋଭିଡ୍ କଟକଣା ମଧ୍ୟରେ ପିଲାଙ୍କ ପାଠପଢା ଆରମ୍ଭ ହୋଇଛି। ପୂର୍ବରୁ ସ୍ଥାନୀୟ ପ୍ରଶାସନ, ଡିଇଓ, ସମସ୍ତ ବିଇଓ, ବିଆର୍‌ସିସି, ସିଆର୍‌ସିସି ଏବଂ ଏସ୍‌ଏମ୍‌ସି କମିଟି ସହ ଭର୍ଚୁଆଲରେ ଆଲୋଚନା କରାଯାଇଥିଲା। ପିଲାଙ୍କ ପାଠପଢା ଯେପରି ବ୍ୟାହତ ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସମସ୍ତଙ୍କୁ ପରାମର୍ଶ ଦିଆଯାଇଛି। ମାସ୍କ, ସାନିଟାଇଜ ଉପରେ ଗୁରୁତ୍ୱ ଦିଆଯାଇଛି। ସ୍ଥାନୀୟ ପ୍ରଶାସନିକ ଅଧିକାରୀ ସ୍କୁଲ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି।

**ସନତ କୁମାର ମହାନ୍ତି, ଜିଲାପାଳ**

ଜିଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ଘରୋଇ ବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଛି। ପିଲାଙ୍କୁ କୋଭିଡ୍ ପ୍ରତି ସଚେତନ କରାଯାଉଛି। ଏସ୍‌ଏମ୍‌ସି, ପିଟିଏ ସଦସ୍ୟମାନେ ସ୍କୁଲ ପରିଦର୍ଶନ କରୁଛନ୍ତି। ପାଠ୍ୟଖସଡା ଅନୁଯାୟୀ ୧୦୦ଦିନ ମଧ୍ୟରେ ପାଠ୍ୟକ୍ରମ ସାରିବେ, ସେନେଇ ସ୍ୱତନ୍ତ୍ର ଖସଡା ପ୍ରସ୍ତୁତ ହୋଇଛି। ସେହି ଆଧାରରେ ପିଲାଙ୍କୁ ପାଠ ପଢାଯିବ। ଅଭିଭାବକମାନେ ପିଲାଙ୍କ ପାଠପଢା ପ୍ରତି ସଚେତନ ଅଛନ୍ତି। ଘରେ ମଧ୍ୟ କୋଭିଡ୍ ଗାଇଡଲାଇନ ପାଳନ ଲାଗି ପିଲାଙ୍କୁ ପରାମର୍ଶ ଦିଆଯାଇଛି।

**ବନ୍ଦନା ମହାପାତ୍ର, ଜିଲା ଶିକ୍ଷାଧିକାରୀ**

ଦୀର୍ଘ ୯ମାସ ପରେ କଲେଜକୁ ଗଲାପରେ ନୂଆ ନୂଆ ଲାଗିଲା। ପୂର୍ବରୁ ବହି, ଖାତା, ପେନ୍ ନେଇ ଯାଉଥିଲୁ। କିନ୍ତୁ ଏବେ ମାସ୍କ ପିନ୍ଧିବା ସହ ଓ ପ୍ୟାକେଟରେ ସାନିଟାଇଜର ନେବାକୁ ପଡୁଛି। କଲେଜରେ ପ୍ରବେଶ କରୁ କରୁ କୋଭିଡ୍ ନିୟମ ମାନିବାକୁ ପଡିଥିଲା। କ୍ଲାସ ରୁମ୍‌ରେ ଗୋଟିଏ ବେଞ୍ଚରେ ୩/୪ଜଣ ବସୁଥିଲୁ। ଏବେ ଏକୁଟିଆ ବସିବାକୁ ପଡୁଛି। ଆଗ ଭଳି ଆଉ ସାଙ୍ଗସାଥୀର ମଜା ମିଳି ନ ଥିଲା।

**ଚିତ୍ତରଞ୍ଜନ ଭୋଇ, କ୍ଷେତ୍ରବାସୀ ଡିଏଭି କଲେଜ ଛାତ୍ର**

**ସଂକ୍ଷେପରେ**

### ସଙ୍ଗଠନ ସୁଦୃଢ଼ କରିବାକୁ ଆହ୍ୱାନ

**ଟାଙ୍ଗୀ(ଖୋର୍ଦ୍ଧା),୮।୧(ଡି.ଏନ୍.ଏ.):** ଚାନ୍ଦପୁର ପଞ୍ଚାୟତର ଭାଜପା କାର୍ଯ୍ୟକର୍ତ୍ତାଙ୍କ ଏକ ବୈଠକ ଶୁକ୍ରବାର ସରପଞ୍ଚ ଜିତେନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ନୟାଗଡ଼ ଜିଲା ସାଧାରଣ ସମ୍ପାଦକ ସନ୍ତୋଷ ପ୍ରହରାଜ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସଙ୍ଗଠନକୁ କିପରି ସୁଦୃଢ଼ କରାଯିବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟ ଗୋଷ୍ଠୀ ପୂର୍ବତନ ସମିତି ସଭ୍ୟ ସନ୍ତୋଷ ନାୟକଙ୍କ ଆବାହକତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପୂର୍ବତନ ମଣ୍ଡଳ ସଭାପତି ଦୁର୍ଗା ଶଙ୍କର ସିଂଦେଓ, ଚମ୍ପାଗଡ଼ ପୂର୍ବତନ ସରପଞ୍ଚ ବିଶ୍ୱନାଥ ବେହେରା, ମଣ୍ଡଳ ସାଧାରଣ ସମ୍ପାଦକ ସୁକାନ୍ତ ପ୍ରଧାନ, ସୁରେଶ ଦାସ, ଭିକାରୀ ନାୟକ, ଶାନ୍ତନୁ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଚାନ୍ଦପୁର ପଞ୍ଚାୟତର ଗୋଟିଏ ଦଳର ସମାନ୍ତରାଳ ଭାବେ ଦୁଇଟି ବୈଠକ ହୋଇଥିବାରୁ ଦଳୀୟ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ଚାଉଳ ମିଳିଲା, ଟଙ୍କା ନାହିଁ

**ଝାଁଳା, ୮।୧(ଡି.ଏନ୍.ଏ.):** ବିଦ୍ୟାଳୟରେ ପିଲାମାନଙ୍କୁ ପୁଷ୍ଟିକର ଖାଦ୍ୟ ଦେବା ପାଇଁ ସରକାର ମଧ୍ୟାହ୍ନ ଭୋଜନର ବ୍ୟବସ୍ଥା କରିଛନ୍ତି। ଏଥିଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। କୋଭିଡ୍-୧୯ ପାଇଁ ଗତ ମାର୍ଚ୍ଚରୁ ସ୍କୁଲ ବନ୍ଦ ରହିବାରୁ ସରକାର ସ୍କୁଲ କର୍ତ୍ତୃପକ୍ଷଙ୍କ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ଘରକୁ ଚାଉଳ ଓ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବା ଲାଗି ବ୍ୟବସ୍ଥା କରିଥିଲେ। ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକର ଝାଁଳାର କୃଷ୍ଣଚନ୍ଦ୍ର ସରକାରୀ ବିଦ୍ୟାପୀଠରେ ସମସ୍ତ ପିଲାଙ୍କୁ ଚାଉଳ ମିଳିଛି। ହେଲେ କେତେଜଣ ପିଲାଙ୍କୁ ଟଙ୍କା ମିଳିଥିବା ବେଳେ ଅନ୍ୟ କେତେଜଣଙ୍କୁ ଟଙ୍କା ମିଳିନାହିଁ। ସ୍କୁଲରେ ପ୍ରାୟ ୨୦୦ ପିଲାଙ୍କୁ ଟଙ୍କା ମିଳୁଥିବା ବେଳେ ଏପର୍ଯ୍ୟନ୍ତ ୧୬୦ ପିଲାଙ୍କୁ ମିଳିନାହିଁ। ଏ ସମ୍ପର୍କରେ ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ୍‌ମାଝି କହିଛନ୍ତି, ପିଲାମାନଙ୍କ ସମ୍ପୂର୍ଣ୍ଣ ବିବରଣୀ ବ୍ୟାଙ୍କକୁ ଦିଆଯାଇଛି। କିନ୍ତୁ ବ୍ୟାଙ୍କ କର୍ତ୍ତୃପକ୍ଷ କେତେଜଣ ପିଲାଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷେ ଏ ନେଇ ବ୍ୟାଙ୍କ ମ୍ୟାନେଜର କୁହନ୍ତି, ଏ ସମ୍ପର୍କରେ ଜାଣିନାହିଁ। କର୍ମଚାରୀଙ୍କୁ ପଚାରନ୍ତୁ ବୋଲି କହି ପ୍ରସଙ୍ଗକୁ ଏଡ଼ାଇ ଦେଇଥିଲେ। ଏଦିଗରେ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ବରୁଣେଇରେ ପର୍ଯ୍ୟଟକଙ୍କୁ ମରଣାନ୍ତକ ଆକ୍ରମଣ

- ୩ ଗୁରୁତର, ମେଡିକାଲରେ ଭର୍ତ୍ତି
- ଗୋଡ଼ାଇ ପିଟିଲେ, ଖାଦ୍ୟ ସାମଗ୍ରୀ ଫିଙ୍ଗି ଦେଲେ

ଖୋର୍ଦ୍ଧା ଅଫିସ, ୮।୧

ଦୀର୍ଘ ୯ମାସ ପରେ ଖୋଲିଛି ପର୍ଯ୍ୟଟନ ସ୍ଥଳ। ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ବରୁଣେଇକୁ ପର୍ଯ୍ୟଟକଙ୍କ ଆଗମନ ଆରମ୍ଭ ହୋଇଛି। କୋଭିଡ୍‌କୁ ଦୃଷ୍ଟିରେ ରଖି ବଣଭୋଜି ଆୟୋଜନ ଉପରେ ପ୍ରଶାସନ ପକ୍ଷରୁ କଟକଣା ରହିଛି। ତେବେ ଜିଲା ବାହାରୁ ବଣଭୋଜି ଆଶାରେ ଏଠାକୁ ଆସୁଥିବା ପର୍ଯ୍ୟଟକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର କେତେଜଣ ସ୍ଥାନୀୟ ଯୁବକ ପର୍ଯ୍ୟଟକଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଛନ୍ତି। ଏଥିରେ ୩ଜଣ ଗୁରୁତର ହୋଇଛନ୍ତି। ଖବରପାଇ ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲରେ ଭର୍ତ୍ତି କରିଛି। ସୂଚନା ମୁତାବକ, କାକଟପୁର ଏବଂ ରଣପୁର ଅଞ୍ଚଳର କେତେକ ପରିବାର ବରୁଣେଇ ବୁଲାବୁଲି କରିବା ସହ ବଣଭୋଜି ପାଇଁ ଆୟୋଜନ କରିଥିଲେ। ସେଠାରେ ଦୁଇଜଣ ଯୁବକ ପହଞ୍ଚି ସେମାନଙ୍କୁ ଗାଳିଗୁଲଜ କରିବାରୁ ପର୍ଯ୍ୟଟକମାନେ ଏହାର ପ୍ରତିବାଦ କରିଥିଲେ। ଯୁବକଦ୍ୱୟଙ୍କ ଠାରୁ ଖବରପାଇ ଏକାଧିକ ଯୁବକ ସେଠାରେ ପହଞ୍ଚି ଅତର୍କିତ ସେମାନଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିବା ସହ ଖାଦ୍ୟସାମଗ୍ରୀ ଫୋପାଡ଼ି ଦେଇଥିଲେ। ଆକ୍ରମଣରେ କାକଟପୁରରୁ ଆସିଥିବା ମିଟୁ ରଞ୍ଜନ ଦୀକ୍ଷିତ, ଶିବ ପ୍ରସାଦ ପାତ୍ର ଓ ମକରା ପଣ୍ଡା ଗୁରୁତର ହୋଇଥିଲେ। ଏହି ସମୟରେ ସେଠାରେ ବଣଭୋଜି ଲାଗି ପହଞ୍ଚି ଥିବା ଅନ୍ୟ ପର୍ଯ୍ୟଟକମାନେ ଭୟରେ ସ୍ଥାନ ଛାଡ଼ି ପଳାଇଯାଇଥିଲେ। ଗୁରୁତର ଶିବ ପ୍ରସାଦଙ୍କ ଅଭିଯୋଗକ୍ରମେ ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଘଟଣାର ତଦନ୍ତ ଚଳାଇଛି।

## ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୮।୧

କେନ୍ଦ୍ରୀୟ ସଙ୍ଗଠନର ଆହ୍ୱାନକ୍ରମେ ଖୋର୍ଦ୍ଧା ଜିଲା ସିଆଇଟିୟୁ ପକ୍ଷରୁ ଶୁକ୍ରବାର ୧୪ଦଫା ଦାବି ପୂରଣ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ୩ କୃଷି ଆଇନ ପ୍ରତ୍ୟାହାର, ବର୍ଦ୍ଧିତ ବିଦ୍ୟୁତ୍ ଦର ପ୍ରତ୍ୟାହାର, ଆୟକର ପରିସରଭୁକ୍ତ ନ ଥିବା ପରିବାରଙ୍କୁ ମାସିକ ୭୫୦୦ ଟଙ୍କା, ସମସ୍ତ ଅଭାବୀ ପରିବାରକୁ ମୁଣ୍ଡପିଛା ୧୦କେଜି ଖାଦ୍ୟଶସ୍ୟ, ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଦୈନିକ ୭୦୦ଟଙ୍କା ଲେଖାଏ ମଜୁରିରେ ୨ଶହ ଦିନର କାମ ଓ ସହରାଞ୍ଚଳରେ ନିଯୁକ୍ତି ଗ୍ୟାରେଣ୍ଟି ସମ୍ପ୍ରସାରିତ କରିବା ଆଦି ଅନ୍ତର୍ଭୁକ୍ତ। ଜିଲା କମିଟି ସମ୍ପାଦକ ଶୈଳେଶ ବଳିଆରସିଂଙ୍କ ନେତୃତ୍ୱରେ ଅନନ୍ତ ମଙ୍ଗରାଜ, କିଶୋରଚନ୍ଦ୍ର ପରମଗୁରୁ ଏବଂ ବହୁ ଶ୍ରମିକ ସଂଘର ପ୍ରତିନିଧିମାନେ ବିକ୍ଷୋଭରେ ସାମିଲ ହୋଇଥିଲେ।

## ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣ ପୂର୍ବାଭ୍ୟାସ

ଖୋର୍ଦ୍ଧା ଅଫିସ,୮।୧

ଖୋର୍ଦ୍ଧା ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣର ପୂର୍ବାଭ୍ୟାସ ଶୁକ୍ରବାର ୧୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମ ସଫଳତାର ସହିତ ଶେଷ ହୋଇଛି ବୋଲି ସିଡିଏମଓ ଡା. ବିଶ୍ୱରଞ୍ଜନ ପତି କହିଛନ୍ତି। ମେଣ୍ଢାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସିଡିଏମ୍‌ଓ ପତିଙ୍କ ସମେତ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡା.ଦ୍ୱାରିକାନାଥ ଶତପଥୀ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ମୋହନ ହେମ୍ବ୍ରମ, ପ୍ରଦ୍ୟୁମ୍ନ ମିଶ୍ର, ଗୀତାଞ୍ଜଳି ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଜଟଣୀ ବଡ଼ି ମସ୍‌ଜିଦରେ ଶୁକ୍ରବାର ସମୂହ ଜୁମେକା ନମାଜ ପାଠ କରାଯାଉଛି।

## ୯ ମାସ ପରେ ସମୂହ ନମାଜ ପାଠ

ଜଟଣୀ,୮।୧(ଡି.ଏନ୍.ଏ.)

କୋଭିଡ୍-୧୯ ପାଇଁ ଦୀର୍ଘ ୯ମାସ ଧରି ବନ୍ଦ ରହିଥିବା ଜଟଣୀର ବଡି ମସ୍‌ଜିଦ ଗୁରୁବାର ଖୋଲିଛି। ମସଜିଦ୍ ପରିସରକୁ ସାନିଟାଇଜ୍ କରାଯିବା ପରେ ଶୁକ୍ରବାର ସମୂହ ଜୁମେକା ନମାଜ ପାଠ କରାଯାଇଥିଲା। ପ୍ରବେଶ ପଥରେ ସାନିଟାଇଜ ଓ ଥର୍ମାଲ ସ୍କ୍ରିନଂ କରାଯିବା ପରେ ପ୍ରାର୍ଥନାସ୍ଥଳକୁ ଯିବା ପାଇଁ ଅନୁମତି ଦିଆଯାଇଥିଲା। ଦୀର୍ଘଦିନ ପରେ ସମୂହ ନମାଜ ପାଇଁ ସରକାର ଅନୁମତି ଦେଇଥିବାରୁ ରାଜ୍ୟ ସରକାର ଏବଂ ସ୍ଥାନୀୟ ପ୍ରଶାସନକୁ ମସଜିଦର ଧର୍ମଗୁରୁ ଜୁଲଫିକର ଅଲୀ ଧନ୍ୟବାଦ ଜଣାଇଛନ୍ତି। ଆଇନଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

## ଅବହେଳିତ ଅବସ୍ଥାରେ କଲ୍ୟାଣମଣ୍ଡପ

ନିରାକାରପୁର, ୮।୧(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅଧୀନ ମୁଳିଝର ଗଡ଼ଠାରେ ରହିଛି ମା’ ଉଗ୍ରତାରାଙ୍କ ପୀଠ। ପ୍ରତିଦିନ ଶହ ଶହ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଏଠାରେ ବଣଭୋଜି କରିବା ସହ ବିବାହ, ବ୍ରତ, ସୁନକ୍ଷତ୍ର ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବିଭୋର କରିଥାଏ। ଏହାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୦୫ ମେ’ ୫ରେ ଏକ କଲ୍ୟାଣ ମଣ୍ଡପ ଏଠାରେ ସ୍ଥାପନ କରାଯାଇଥିଲା। ଏହି କଲ୍ୟାଣମଣ୍ଡପ ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ଏହାର ତିନିପାର୍ଶ୍ୱରେ ଗଛଲତା ମାଡ଼ିଯାଇଥିବା ବେଳେ ପଛପଟ ମୁକ୍ତାକାଶ ଶୌଚାଳୟ ପାଲଟିଛି। ରକ୍ଷଣାବେକ୍ଷଣ ଅଭାବରୁ ଘରର କେତେକ ସ୍ଥାନ ଫାଟିଯାଇଥିବା ଦେଖିବାକୁ ମିଳିଛି। ଫଳରେ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ବାହାରେ ଲାଗିଥିବା ପାଣି ଟ୍ୟାପକୁ କେତେଜଣ ସ୍ଥାନୀୟ ଲୋକ ବ୍ୟବହାର କରୁଛନ୍ତି। ଏଥିସହ ମଣ୍ଡପ ଆଗରେ ଗାଡ଼ି ରଖିବା ପାଇଁ ଜାଗା ଥିବାରୁ ସ୍ଥାନୀୟ ଅଞ୍ଚଳରେ କେତେଜଣ ବ୍ୟବସାୟୀଙ୍କ ଗାଡ଼ି ୨୪ଘଣ୍ଟା ଏଠାରେ ରଖାଯାଉଥିବା ସାଧାରଣରେ ଅଭିଯୋଗ ହେଉଛି। ମଣ୍ଡପର କେୟାରଟେକରଭାବେ ଦାୟିତ୍ୱରେ ଥିବା ଏଣ୍ଡାଓମେଣ୍ଟ କମିଶନରଙ୍କ କର୍ମଚାରୀ କୁମର ପାତ୍ର କହିଛନ୍ତି, ମଣ୍ଡପ ଘର କିଛି ଖରାପ ହୋଇନାହିଁ। କରୋନା ଯୋଗୁ ଏହା ବନ୍ଦ ରହିଛି। ବିବାହ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମ ହେଉ ନ ଥିବାରୁ ସଫା କରାଯାଉ ନାହିଁ। ଏଠାରେ ଦୁଇଟି ଗାଡ଼ି ରହୁଛି ବୋଲି ସେ କହିଛନ୍ତି। ଅନ୍ୟପଟେ ମନ୍ଦିର ପରିଚାଳନାର ପୂର୍ବତନ ସମ୍ପାଦକ ବେଲେଶ୍ୱର ମଙ୍ଗରାଜ କୁହନ୍ତି, ଏହାକୁ ମହତ ଉଦ୍ଦେଶ୍ୟ ନେଇ ଓଟିଡିସି ପକ୍ଷରୁ କରାଯାଇଥିଲା। ଏବେ ବ୍ୟବହାର କରା ନ ଯିବାରୁ କବାଟ, ଝରକା ଭାଙ୍ଗିଗଲାଣି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି, କୋଭିଡ୍ ପାଇଁ ଏହି କଲ୍ୟାଣମଣ୍ଡପ ବନ୍ଦ ରହିଛି। ମଣ୍ଡପ ଖୋଲିବା ନେଇ ଅନୁମତି ମିଳିବା ପରେ ମଣ୍ଡପର ଆବଶ୍ୟକ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଭେଙ୍କଟ


@ ଅନିସ୍


@ ସବିତା


@ ଶୁଭଶ୍ରୀ


@ ମୁନା


@ ଦିଲ୍ଲୀପ


@ ରାଜକିଶୋର


@ ଅଭିଜିତ୍